ବୈଭବ-ଅଭିଷେକଙ୍କ ଡବଲ ବିଶ୍ୱରେକର୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-123 ♦WEDNESDAY ♦28 OCTOBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୨୩ ♦ବୁଧବାର ♦୨୮ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ଅତି ଭୀଷଣ 'ଅର୍ଣ୍ଣବ'

ଗର୍ଜୁଛି ପବନ, ସମୁଦ୍ର ଅଶାନ୍ତ

ରାତି ୩ଟାରେ ଆନ୍ଧ୍ରର ୟାନାମ୍ ନିକଟରେ ଲ୍ୟାଣ୍ଡଫଲ୍, ପବନର ବେଗ ୧୩୫ କିମି

■ ଭୁବନେଶ୍ୱର, ୨୭।୧୦ (ସମିସ): ବଙ୍ଗୋପସାଗରରେ ବଳ ଗୋଟାଇ ସ୍ଥଳଭାଗ ଆଡ଼କୁ ମାଡ଼ି ଆସୁଛି ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ'। ଏହା ଘଣ୍ଟାପ୍ରତି ୧୮ କିଲୋମିଟର ବେଗରେ ଗତି କରୁଥିବା ବେଳେ ବୁଧବାର ଭୋର୍ ୨ଟାରୁ ୪ଟା

- ■ ପ୍ରବଳ ବର୍ଷା ଆଶଙ୍କାରେ ଓଡ଼ିଶାର ୬ ଜିଲ୍ଲାକୁ ରେଡ୍, ୧୬ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ
- ■ ମାଲକାନଗିରିରେ ପ୍ରବଳ ବର୍ଷା, ୮୫ କିମି ଝଟ୍‌କା ପବନ
- ■ ୭ ଜିଲ୍ଲାରେ ଅଙ୍ଗନବାଡ଼ି, ସ୍କୁଲ, କଲେଜ ବନ୍ଦ

'ଅର୍ଣ୍ଣବ' ପ୍ରଭାବ: ବିଶାଖାପାଟଣା ବେଳାଭୂମିରେ ଉଚ୍ଚ ଜୁଆର (ଫଟୋ ସୌଜନ୍ୟ: କେ.ଆର୍. ଦୀପକ)

ମଧ୍ୟରେଆନ୍ଧ୍ରପ୍ରଦେଶରବାପଟଲାଓବିଶାଖାପାଟଣା ମଧ୍ୟବର୍ତ୍ତୀ ଅଞ୍ଚଳ ୟାନାମ୍‌ର ଦକ୍ଷିଣ ପାର୍ଶ୍ୱ ନିକଟରେ ସ୍ଥଳଭାଗ ଅତିକ୍ରମ କରିବାର ପୂର୍ବାନୁମାନ କରାଯାଇଛି। ସ୍ଥଳଭାଗ ଅତିକ୍ରମ ସମୟରେ ଏହାର ସର୍ବାଧିକ ବେଗ ଘଣ୍ଟାପ୍ରତି ୧୨୫ରୁ ୧୩୫ କିଲୋମିଟର ରହିପାରେ। ଝଟକା ପବନର ବେଗ ୧୫୦ କିଲୋମିଟର ଛୁଇଁବାର ଆଶଙ୍କା ରହିଛି।

ବାତ୍ୟା ପ୍ରଭାବରେ ଓଡ଼ିଶାରେ ମଧ୍ୟ ପାଗ ବଦଳିଛି। ବିଶେଷକରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଆଗାମୀ ଦିନରେ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସମ୍ଭାବନା ଥିବାରୁ ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ରେଡ୍ ଆଲର୍ଟ ଜାରି କରିଛି। ଏହି ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଏଥିସହ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ଆଶଙ୍କା ମଧ୍ୟ ରହିଛି।

ଗତ ୩୬ ଘଣ୍ଟା ମଧ୍ୟରେ ଛତ୍ରପୁରରେ ସର୍ବାଧିକ ୮୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ପୁରୀରେ ୬୮ ମିଲିମିଟର, ଗୋପାଳପୁର ଓ ଜଗତସିଂହପୁରରେ ୫୦ ମିଲିମିଟର ଲେଖାଏଁ ଏବଂ ଚାନ୍ଦବାଲିରେ ୪୦ ମିଲିମିଟର ବର୍ଷା ହୋଇଛି। ଅନ୍ୟପକ୍ଷରେ ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଜଏଣ୍ଟ ଟାଇଫୁନ୍ ୱାର୍ଣ୍ଣିଂ ସେଣ୍ଟର (ଜେଟିଡବ୍ଲ୍ୟୁସି)ର ମଡେଲ୍ ତଥ୍ୟ ବିଶ୍ଳେଷଣ କରି କହିଛନ୍ତି ଯେ, ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ପୂର୍ବରୁ ଗଞ୍ଜାମ ଜିଲ୍ଲା ଏହାର ଉତ୍ତର ପାର୍ଶ୍ୱର ବାହ୍ୟ ପବନ ବଳୟର ସବୁଠାରୁ ନିକଟରେ ରହିବ। ଗଜପତି ଜିଲ୍ଲା ମୁଖ୍ୟ ପବନ ବଳୟଠାରୁ ଦୂରରେ ରହିବାର ସମ୍ଭାବନା ରହିଛି। ପୁରୀ, ଖୋର୍ଦ୍ଧା ଓ ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ମଧ୍ୟ ମୁଖ୍ୟ ପବନ ବଳୟ ବାହାରେ ରହିବେ। ତାଙ୍କ ଆକଳନ ଅନୁଯାୟୀ, ବାତ୍ୟା ▶ପୃଷ୍ଠା-୭

ସ୍ଥାନାନ୍ତରିତ ହୋଇପାରନ୍ତି ୪୮ ହଜାର ଲୋକ

୮ ଜିଲ୍ଲାକୁ ୧୯ କୋଟି ଟଙ୍କାର ଅଗ୍ରିମ ପାଣ୍ଠି

■ ଭୁବନେଶ୍ୱର, ୨୭।୧୦ (ସମିସ): 'ଅର୍ଣ୍ଣବ'ର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଜୋରଦାର କରିଛନ୍ତି। ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ଆଠଟି ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ଥିବାରୁ ମୁକାବିଲା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକୁ ୧୯ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦିଆଯାଇଛି। ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ସୁବ୍ୟବସ୍ଥିତ କରିବା ସହ ଯେକୌଣସି ପ୍ରତିକୂଳ ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର 'ଶୂନ୍ୟ ଜୀବନହାନି' ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମଙ୍ଗଳବାର ରାଜୀବ ଭବନସ୍ଥିତ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷରେ ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ୱତନ୍ତ୍ର ରିଲିଫ୍ କମିସନର ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରି ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରିଥିଲେ। ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ଜରୁରୀ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ▶ପୃଷ୍ଠା-୭

ବାତ୍ୟା ପ୍ରଭାବ: କାନ୍ଥ ପଡ଼ି ମହିଳା ମୃତ

■ ଅସ୍ତରଙ୍ଗ, ୨୭।୧୦ (ସମିସ): ମଙ୍ଗଳବାର ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ସକାଳୁ କଳା ବାଦଲ ଢାଙ୍କିବା ସହ ତୁହାକୁ ତୁହା ବର୍ଷା ପୁରୀ ତଥା ଅସ୍ତରଙ୍ଗ ଉପକୂଳ ଅଞ୍ଚଳରେ ଆରମ୍ଭ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ଅସ୍ତରଙ୍ଗ ବ୍ଲକ୍ ସରିପୁର ପଞ୍ଚାୟତ ଜେନାପୁର ଗ୍ରାମରେ ଜଣେ ଦିନ ମଜୁରିଆ ମହିଳାଙ୍କ ଉପରେ କାନ୍ଥ ଭୁଶୁଡ଼ି ପଡ଼ିଛି। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଜେନାପୁର ଗ୍ରାମର ପ୍ରଶାନ୍ତ ମୁଦୁଲିଙ୍କ ସ୍ତ୍ରୀ ଲୋଭାବତୀ ମୁଦୁଲୀ(୪୧)।

ପ୍ରକାଶ ଯେ, ଲୋଭାବତୀ ଘରେ ରୋଷେଇ କରୁଥିବା ସମୟରେ ଲଗାଣ ବର୍ଷା ▶ପୃଷ୍ଠା-୭

କୋଟିଆ ପ୍ରସଙ୍ଗରେ ନବୀନଙ୍କ ଚିଠିର ଉତ୍ତର ଦେଲେ ମୁଖ୍ୟମନ୍ତ୍ରୀ

ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ସରକାର ପ୍ରତିବଦ୍ଧ

■ ଭୁବନେଶ୍ୱର,୨୭।୧୦(ସମିସ): କୋଟିଆ ଗ୍ରାମପୁଞ୍ଜକୁ ନେଇ ଆନ୍ଧ୍ର-ଓଡ଼ିଶା ସୀମା ବିବାଦ ପ୍ରସଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଚିଠିର ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କୋଟିଆ ପ୍ରସଙ୍ଗର ସମାଧାନ ପାଇଁ ଗଠନମୂଳକ ପ୍ରସ୍ତାବ ଦେବାକୁ ସେ ନବୀନଙ୍କୁ

- ■ ବିରୋଧୀଦଳ ନେତାଙ୍କଠାରୁ ଲୋଡ଼ିଲେ ଗଠନମୂଳକ ପରାମର୍ଶ
- ■ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିବାକୁ ଚିଠି ଲେଖିଥିଲେ ନବୀନ

ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ଦୀର୍ଘଦିନର ସୀମା ବିବାଦର ସମାଧାନ ପାଇଁ ଆଇନଗତ ଓ ସାମ୍ବିଧାନିକ ମାର୍ଗ ଅନୁସରଣ କରିବା ସହ କୋଟିଆ ଅଞ୍ଚଳର ବିକାଶକୁ ସରକାର ପ୍ରାଥମିକତା ଦେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗତ ୧୯ ତାରିଖରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିଲେ। ଉଭୟ ଆନ୍ଧ୍ର ଓ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଥିବା ବେଳେ ଓଡ଼ିଆ ସ୍ୱାଭିମାନ ଉପରେ ଏପରି ଆକ୍ରମଣ ତଥା ଓଡ଼ିଶାର ସ୍ୱାର୍ଥ ରକ୍ଷାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ କଡ଼ା ଉଦବେଗ ପ୍ରକାଶ କରିଥିଲେ ଶ୍ରୀ ପଟ୍ଟନାୟକ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିରୋଧୀଦଳ ନେତା ଶ୍ରୀ ପଟ୍ଟନାୟକଙ୍କୁ ପାଲଟା ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନ ୧୯୩୬ ମସିହାଠାରୁ କୋଟିଆ ଗ୍ରାମପୁଞ୍ଜ ଓଡ଼ିଶାର ଅବିଚ୍ଛେଦ୍ୟ ଅଂଶ ହୋଇ ରହିଆସିଛି। ରାଜ୍ୟର ଭୌଗୋଳିକ ଅଖଣ୍ଡତା ଓ ନ୍ୟାୟସଙ୍ଗତ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ଦୃଢ଼ ପ୍ରତିବଦ୍ଧ ଅଟନ୍ତି। କୋଟିଆ ଓ ଏହାର ଆଖପାଖ ଅଞ୍ଚଳର ବିକାଶ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏହି କମିଟି କୋଟିଆ ଗ୍ରାମପଞ୍ଚାୟତ ଅଞ୍ଚଳର ସମନ୍ୱିତ ବିକାଶ ଉପରେ ନଜର ରଖିବ। ଏଥିସହ ରାଜସ୍ୱ ମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ବରିଷ୍ଠ ଅଧିକାରୀଙ୍କ ସହ ଅଞ୍ଚଳକୁ ଗସ୍ତ କରି ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ସ୍ଥାନୀୟ ଲୋକଙ୍କୁ ଉନ୍ନତ ସରକାରୀ ସେବା ଯୋଗାଇବା ଓ ସେମାନଙ୍କ ଜୀବନଧାରଣର ମାନ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ସମ୍ବେଦନଶୀଳ ଓ ଦୀର୍ଘଦିନର ▶ପୃଷ୍ଠା-୭

ଔଷଧର ଏମ୍‌ଆର୍‌ପି ଓ ଖୁଚୁରା ମୂଲ୍ୟ ମଧ୍ୟରେ ପାର୍ଥକ୍ୟ

ବର୍ଷିଲେ ସୁପ୍ରିମକୋର୍ଟ

ସମଗ୍ର ବ୍ୟବସ୍ଥା ଔଷଧ ନିର୍ମାତାଙ୍କ ପାଇଁ କାମ କରୁଛି

■ ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି): ଦେଶରେ କ୍ୟାନସର ସମେତ ଅନ୍ୟାନ୍ୟ ଜରୁରୀ ଔଷଧ ମୂଲ୍ୟରେ ବଡ଼ ଅସଙ୍ଗତି। ଏହାକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। କୋର୍ଟ ପଚାରିଛନ୍ତି ଯେ ଦେଶରେ ବିକ୍ରି ହେଉଥିବା ଔଷଧର ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆର୍‌ପି) ଏବଂ ଖୁଚୁରା ବ୍ୟବସାୟୀଙ୍କର କ୍ରୟ ମୂଲ୍ୟ ମଧ୍ୟରେ ଏତେ ପାର୍ଥକ୍ୟ କାହିଁକି। ସମଗ୍ର ବ୍ୟବସ୍ଥା ଔଷଧ ନିର୍ମାତା ବା କମ୍ପାନୀଗୁଡ଼ିକର ଲାଭ ପାଇଁ ହିଁ କାମ କରୁଛନ୍ତି। ରୋଗୀମାନଙ୍କର ଚିକିତ୍ସା ଖର୍ଚ୍ଚର ୧୭% ଔଷଧ କିଣିବାରେ ଯାଉଥିବାବେଳେ ଏହି ଔଷଧ ମୂଲ୍ୟର ସିଂହ ଭାଗ ରିଟେଲର ହିଁ ଖାଇଯାଉଛନ୍ତି। ବାସ୍ତବ ମୂଲ୍ୟଠାରୁ ଔଷଧର ବିକ୍ରି ମୂଲ୍ୟ ୨୦୦ ଗୁଣ ଅଧିକ। ଷ୍ଟକିଷ୍ଟମାନେ କମ୍ ମୂଲ୍ୟରେ ଔଷଧ ପାଇଲେ ମଧ୍ୟ ରୋଗୀଙ୍କଠାରୁ କାହିଁକି ବହୁ ଗୁଣ ଅଧିକ ଟଙ୍କା ଆଦାୟ କରୁଛନ୍ତି। ଅପରପକ୍ଷେ ଦେଶରେ ଔଷଧ ▶ପୃଷ୍ଠା-୭

ଗଣମାଧ୍ୟମର କଣ୍ଠରୋଧ ପାଇଁ ଷଡ଼ଯନ୍ତ୍ର

ଅଦାଲତ ଗଲେ ୨୧ ମିଡ଼ିଆ ସଂସ୍ଥା

■ ନୂଆଦିଲ୍ଲୀ, ୨୭।୧୦: ଦେଶରେ ଗଣମାଧ୍ୟମର କଣ୍ଠରୋଧ ପାଇଁ ଆରମ୍ଭ ହୋଇଛି ଷଡ଼ଯନ୍ତ୍ର। ଏଣିକି ଖବର ପ୍ରକାଶନ ପୂର୍ବରୁ ନେବାକୁ ପଡ଼ିବ ଅନୁମତି। କେବଳ ଏତିକି ନୁହେଁ ଖବରର ସୂତ୍ର ମଧ୍ୟ ପ୍ରକାଶ କରିବାକୁ ପଡ଼ିବ। ଏମିତି ହେଲେ ଗଣମାଧ୍ୟମର ସ୍ୱାଧୀନତା ତ ଧ୍ୱଂସ ପାଇବ, ତା ସାଙ୍ଗକୁ ଅନୁସନ୍ଧାନମୂଳକ ସାମ୍ବାଦିକତା ମଧ୍ୟ ଲୋପ ପାଇବ। କେନ୍ଦ୍ର ସରକାରଙ୍କ ଗୋପନୀୟତା ଆଇନ ସଂଶୋଧନକୁ ନେଇ ଏଭଳି ଆଶଙ୍କା ପ୍ରକାଶ କରିଛନ୍ତି ଦେଶର ୨୧ଟି ପ୍ରମୁଖ ଡିଜିଟାଲ ଖବର ପ୍ରସାରଣ ସଂସ୍ଥା ଡିଜିଟାଲ ନ୍ୟୁଜ ପବ୍ଲିସର ଆସୋସିଏସନ (ଡିଏନପିଏ)। ସରକାରଙ୍କ ଦ୍ୱାରା ସଂଶୋଧିତ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆଇନରେ ସଂଶୋଧନକୁ ଚାଲେଞ୍ଜ କରି ଏହି ସଂସ୍ଥା ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁପ୍ରିମ କୋର୍ଟ ଏହାକୁ ବିଚାର ପାଇଁ ଗ୍ରହଣ କରିବା ସହିତ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

ଡିଏନ୍‌ପିଏରେ ୨୧ଟି ପ୍ରମୁଖ ଖବର ପ୍ରକାଶନ ସଂସ୍ଥା ରହିଛନ୍ତି। ଏଥିରେ ମୁକେଶ ଅମ୍ବାନୀଙ୍କ ସିଏନ୍‌ଏନ୍ ନ୍ୟୁଜ- ୧୮ ଏବଂ ଗୌତମ ଆଦାନୀଙ୍କ ଏନଡିଟିଭି ମଧ୍ୟ ରହିଛି। ସଂସ୍ଥା ପକ୍ଷରୁ ଦାଖଲ କରାଯାଇଥିବା ପିଟିସନରେ ଅଭିଯୋଗ କରାଯାଇଛି ଯେ ସଂଶୋଧିତ ସରକାରୀ

- ■ ଖବର ପ୍ରକାଶ ପୂର୍ବରୁ ଅନୁମତି ଲୋଡ଼ା
- ■ ନିୟମରେ ସଂଶୋଧନକୁ ଚ୍ୟାଲେଞ୍ଜ୍
- ■ ସଙ୍କୁଚିତ ହେବ ସାମ୍ବାଦିକତା

ନିୟମ ଅନୁଯାୟୀ ଖବରରେ ଯେଉଁ ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ପ୍ରକାଶ ପାଇବ, ତାଙ୍କଠାରୁ ସମ୍ମତି ନେବାର ବ୍ୟବସ୍ଥା ସାମ୍ବାଦିକତାକୁ ପରୋକ୍ଷ ସେନ୍ସରସିପ୍ ଆଡ଼କୁ ଠେଲିଦେବ। ଏହି ଆଇନ ଅନୁସନ୍ଧାନମୂଳକ ଖବର ପ୍ରକାଶନରେ ବାଧା ସୃଷ୍ଟି କରିବା ସହ ସାମ୍ବାଦିକଙ୍କ ସୂଚନା ଉତ୍ସର ଗୋପନୀୟତାକୁ ବିପଦରେ ପକାଇବ। ଡିଏନ୍‌ପିଏ ପକ୍ଷରୁ ଯୁକ୍ତି ରଖି ଆଇନଜୀବୀ ମାଧବୀ ଗୋରାଡ଼ିଆ ଦିୱାନ୍ କହିଛନ୍ତି, ଏହି ଆଇନ ଖବରର ସଂଜ୍ଞା ଓ ପ୍ରକାଶନ ପ୍ରକ୍ରିୟାକୁ ବଦଳାଇଦେବ। ପ୍ରତ୍ୟେକ ଖବର ▶ପୃଷ୍ଠା-୭

ଓଲଟ ପାଲଟ

ବିଜେଡି ଅମଳେ ନୂଆ କଳାକାର
ଭତ୍ତା ପାଇବା ପାଇଁ
ମସିହା ଅଠର ଘୋଷଣା କରିଲେ
ମୁଖିଆ ନବୀନ ସାଇଁ
ଦୁସ୍ଥ କଳାକାର ଆବେଦନ କଲେ
ପ୍ରମାଣ ପତ୍ର ଦେଇ
ସାତ ବର୍ଷ ଗଲା କିଛି ନ ହୋଇଲା
ଫାଇଲି ଖାଇଲା ଉଇ
ଜିଲ୍ଲାର ସଂସ୍କୃତି ବିଭାଗ ଏଠାରେ
କଣ କରୁଛି ବସି
ଭତ୍ତା ମିଳିବ ଦୁସ୍ଥ କଳାକାର
ବେକରେ ଭିଡ଼ିଲେ ରଶି ?

- ଯାଯାବର

ଜ୍ଞାନେଶଙ୍କ ପାଇଁ ବଢୁଛି ଅଡୁଆ

ଆମେ ସବୁ ଜାଣିଛୁ, ଅନୁଧ୍ୟାନ କରିବୁ: ସୁପ୍ରିମ କୋର୍ଟ

■ ନୂଆଦିଲ୍ଲୀ, ୨୭।୧୦: ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ଜରିଆରେ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ କାଟିବାକୁ ନେଇ ବିବାଦରେ ଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଅନ୍ୟ ଦୁଇ ଜଣ ନିର୍ବାଚନ କମିସନରଙ୍କ ବିରୋଧ ସତ୍ତ୍ୱେ ସେ ଏକତରଫା ନିଷ୍ପତ୍ତି ନେଇ ଭାରତୀୟ ଗଣତନ୍ତ୍ରକୁ ବିପଦରେ ପକାଇଥିବାରୁ ତାଙ୍କୁ ବହିଷ୍କାର କରିବା ଲାଗି ବିରୋଧୀ ଦଳ ଏବଂ ବିଭିନ୍ନ ସଂଗଠନ ରାସ୍ତା ଉପରେ ଆନ୍ଦୋଳନ ଚଳାଇଥିବା ବେଳେ ସୁପ୍ରିମ କୋର୍ଟରେ ମଧ୍ୟ ଲଢ଼େଇ ଜାରି ରହିଛି। ଏଭଳି ପରିସ୍ଥିତି ମଧ୍ୟରେ ସୁପ୍ରିମ କୋର୍ଟ ଆଜି କହିଛନ୍ତି ଯେ ଜ୍ଞାନେଶ କୁମାରଙ୍କ ବିରୋଧରେ ଆସିଥିବା ପିଟିସନ ଉପରେ ଆସନ୍ତା ନଭେମ୍ବର ୧୭ ତାରିଖରେ ଶୁଣାଣି କରାଯିବ। ଏହି ମାମଲାରେ ନିର୍ବାଚନ କମିସନ ଦାଖଲ କରିଥିବା ପିଟିସନ ଉପରେ ୧୦ ଦିନ ମଧ୍ୟରେ ଉତ୍ତର ଦାଖଲ କରିବା ଲାଗି କୋର୍ଟ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ କୋର୍ଟ କହିଛନ୍ତି ଯେ ଅଦାଲତ ସବୁ କଥା ଜାଣିଛନ୍ତି ଏବଂ ନିର୍ବାଚନ କମିସନଙ୍କ କାର୍ଯ୍ୟଶୈଳୀର ବିଭିନ୍ନ ଦିଗରୁ ଅନୁଧ୍ୟାନ କରାଯିବ।

ନଭେମ୍ବର ୧୭ରେ ଶୁଣାଣି

ଅନ୍ୟ ନିର୍ବାଚନ କମିସନରଙ୍କ ବିନା ସହମତିରେ ଏସ୍‌ଆଇଆର ସଂକ୍ରାନ୍ତାରେ ଜ୍ଞାନେଶ କୁମାର ଏକତରଫା ଭାବେ ଅନେକ ବିବାଦୀୟ ନିଷ୍ପତ୍ତି ନେଇଥିବାରୁ ଏହାକୁ ଚାଲେଞ୍ଜ କରି ଆଗତ ଏକାଧିକ ପିଟିସନ ଉପରେ ଶୁଣାଣି କରିବା ଅବସରରେ ପ୍ରଧାନ ବିଚାରପତି ଜଷ୍ଟିସ ▶ପୃଷ୍ଠା-୭

ମହାନଦୀ ବିବାଦ ସମାଧାନ ପାଇଁ ସିଡବ୍ଲ୍ୟୁସିର ଚିଠା ପ୍ରସ୍ତାବ

ମୌସୁମୀ ଓ ଅଣମୌସୁମୀ ଜଳ ବଣ୍ଟନ ନେଇ ଅସ୍ପଷ୍ଟତା

■ ଭୁବନେଶ୍ୱର, ୨୭।୧୦ (ସମିସ): ଦୀର୍ଘଦିନ ଧରି ଲାଗି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ପକ୍ଷରୁ ଏକ ଚିଠା ପ୍ରସ୍ତାବ ଦିଆଯାଇଛି। ସୋମବାର ଟ୍ରିବ୍ୟୁନାଲରେ ଅନୁଷ୍ଠିତ ଶୁଣାଣି ସମୟରେ ଏହି ପ୍ରସ୍ତାବ ଉପସ୍ଥାପନ କରାଯାଇଥିବା ଜଣାପଡ଼ିଛି। ବିଶ୍ୱସ୍ତ ସୂତ୍ରର ସୂଚନା ଅନୁଯାୟୀ, ପ୍ରସ୍ତାବରେ ଓଡ଼ିଶାକୁ ୨୪ ନିୟୁତ ଏକର ଫୁଟ୍ ଏବଂ ଛତିଶଗଡ଼କୁ ୨୨ ନିୟୁତ ଏକର ଫୁଟ୍ ଜଳ ଆବଣ୍ଟନ କରିବାକୁ କୁହାଯାଇଛି। ଏଥିସହ ଜଳ ବଣ୍ଟନକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ୨୫ ବର୍ଷ ପାଇଁ ଏକ ଚୁକ୍ତି କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ତେବେ ଅଣମୌସୁମୀ ଋତୁରେ ଓଡ଼ିଶାକୁ କେତେ ପରିମାଣର ଜଳ ମିଳିବ, ସେ ନେଇ ସ୍ପଷ୍ଟତା ନାହିଁ। ଏହାକୁ ନେଇ ପ୍ରସ୍ତାବର ବିଭିନ୍ନ ଦିଗକୁ ରାଜ୍ୟ ସରକାର ତର୍ଜମା କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଏଭଳି ଏକ ସ୍ପର୍ଶକାତର ଓ ରାଜ୍ୟ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗରେ ସରକାର ରାଜ୍ୟବାସୀଙ୍କୁ ଅନ୍ଧାରରେ ରଖୁଥିବା

- ■ ଦୁଇ ରାଜ୍ୟ ମଧ୍ୟରେ ୨୫ ବର୍ଷିଆ ଚୁକ୍ତି ପାଇଁ ପରାମର୍ଶ
- ■ ନଭେମ୍ବର ୭ରେ ଦିଲ୍ଲୀରେ ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ
- ■ ଟ୍ରିବ୍ୟୁନାଲରେ ଶୁଣାଣି ୧୬ରେ

ଅଭିଯୋଗ କରିଛନ୍ତି ଜଳ ବିଶେଷଜ୍ଞ। ସେମାନଙ୍କ ମତରେ, ସରକାରଙ୍କ ଆପୋସ ବୁଝାମଣା ଉଦ୍ୟମକୁ ବିରୋଧ କରାଯାଉନାହିଁ। ମାତ୍ର, ଏତେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟବାସୀଙ୍କୁ ବିଶ୍ୱାସକୁ ନ ନେବା ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନ ଉଠାଉଛି। ବୁଝାମଣା ପ୍ରକ୍ରିୟାରେ ଓଡ଼ିଶାର ସାମାନ୍ୟତମ ସ୍ୱାର୍ଥହାନି ହେଲେ ଏହାକୁ ଦୃଢ଼ ବିରୋଧ କରାଯିବ ବୋଲି ବିଶେଷଜ୍ଞ ମହଲରୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘବର୍ଷ ଧରି ମତଭେଦ ଲାଗି ରହିଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ପକ୍ଷରୁ ବ୍ୟାରେଜ୍ ଓ ଅନ୍ୟାନ୍ୟ ଜଳ ପ୍ରକଳ୍ପ ନିର୍ମାଣକୁ ଓଡ଼ିଶା ବିରୋଧ କରିଆସୁଛି। ଏହାଦ୍ୱାରା ନଦୀର ନିମ୍ନ ଅବବାହିକାରେ ଜଳପ୍ରବାହ ପ୍ରଭାବିତ ହେବା ସହ କୃଷି, ପାନୀୟ ଜଳ ଯୋଗାଣ ଓ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବା ନେଇ ରାଜ୍ୟ ଉଦ୍‌ବେଗ ପ୍ରକାଶ କରିଆସୁଛି। ଏଭଳି ସ୍ଥିତିରେ ସିଡବ୍ଲ୍ୟୁସିର ଚିଠା ପ୍ରସ୍ତାବକୁ ବିବାଦର ସମାଧାନ ▶ପୃଷ୍ଠା-୭

ମୋ ଆତ୍ମଜୀବନୀ ପ୍ରକାଶନ ପରେ 'ତମାସା' ନିଶ୍ଚିତ



ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି): କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବହୁପ୍ରତୀକ୍ଷିତ ଆତ୍ମଜୀବନୀ 'ବିଲଙ୍ଗିଙ୍ଗ୍: ଏ ଜର୍ନି ଅଫ୍ ଲଭ୍' ଆସନ୍ତା ନଭେମ୍ବର ୧୦ ତାରିଖରେ ସାରା ବିଶ୍ୱରେ ପ୍ରକାଶ ପାଇବାକୁ ଯାଉଛି। ଏହି ପୁସ୍ତକ ପ୍ରକାଶନକୁ ନେଇ ନିଜର ପ୍ରତିକ୍ରିୟା ରଖି ୭୯ ବର୍ଷୀୟା କଂଗ୍ରେସ ନେତ୍ରୀ କହିଛନ୍ତି ଯେ, ବହିଟି ବଜାରକୁ ଆସିବା ପରେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ 'ତାମ୍‌ସା' (ନାଟକ/ହଙ୍ଗାମା) ସୃଷ୍ଟି ହେବା ନିଶ୍ଚିତ। ସାମାଜିକ ଗଣମାଧ୍ୟମ ଏକ୍ସରେ ଜାରି କରାଯାଇଥିବା ଏକ ଭିଡିଓ ବାର୍ତ୍ତାରେ ସୋନିଆ ଗାନ୍ଧୀ ପ୍ରକାଶ କରିଛନ୍ତି ଯେ, ଗତ କିଛି ଦଶନ୍ଧି ଧରି ଅନ୍ୟମାନେ ତାଙ୍କ ବିଷୟରେ ଅନେକ କିଛି ଲେଖିଛନ୍ତି। ସେଥିରେ ଅଧିକାଂଶ ତଥ୍ୟ କାଳ୍ପନିକ କିମ୍ବା ଅତିରଞ୍ଜିତ ଥିଲା। ଏବେ ନିଜର କାହାଣୀ ଓ ପ୍ରକୃତ ସତ୍ୟକୁ ନିଜ ଭାଷାରେ ଉପସ୍ଥାପନ କରିବାର ସମୟ ଆସିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ, ଏହି ଆତ୍ମଜୀବନୀ ପଢ଼ିବା ପରେ କିଛି ଲୋକଙ୍କର ତାଙ୍କ ପ୍ରତି ଥିବା ଧାରଣା ବଦଳିପାରେ କିମ୍ବା ଆଉ କିଛି ଲୋକଙ୍କ ମନରେ ତାଙ୍କ ପ୍ରତି ଧାରଣା ଅଧିକ ଖରାପ ହୋଇପାରେ। ସାର୍ବଜନୀନ ଜୀବନରେ ଏବଂ ନିଜ କାହାଣୀ ଲେଖିବା ସମୟରେ ଏପରି ଘଟଣା ଘଟିବା ସ୍ୱାଭାବିକ ବୋଲି ସେ ମତ ଦେଇଛନ୍ତି। ଏହି ପୁସ୍ତକରେ ସୋନିଆ ଗାନ୍ଧୀଙ୍କ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଇଟାଲୀର ଶୈଶବ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହ ତାଙ୍କର ସମ୍ପର୍କ, ବ୍ୟକ୍ତିଗତ କ୍ଷତି ଏବଂ ଭାରତ ସହ ତାଙ୍କର ଗଭୀର ଆତ୍ମୀୟତା ବର୍ଣ୍ଣିତ ହୋଇଛି। ୧୯୬୫ ମସିହାରେ ଇଂଲଣ୍ଡର କେମ୍ବ୍ରିଜ୍ ସ୍ଥିତ 'ଦି ଭାର୍ସିଟି' ନାମକ ଏକ ଗ୍ରୀକ୍ ରେଷ୍ଟୁରାଣ୍ଟରେ ରାଜୀବ ଗାନ୍ଧୀଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତ ଓ ପ୍ରେମର ଆରମ୍ଭ ବିଷୟରେ ସେ ସ୍ମୃତିଚାରଣ କରିଛନ୍ତି। ଏହା ବ୍ୟତୀତ, ୧୯୮୪ରେ ଇନ୍ଦିରା ଗାନ୍ଧୀ ଓ ୧୯୯୧ରେ ରାଜୀବ ଗାନ୍ଧୀଙ୍କ ହତ୍ୟା ଭଳି ବ୍ୟକ୍ତିଗତ ବିପତ୍ତି ଏବଂ ରାଜନୀତିରେ ତାଙ୍କ ପ୍ରବେଶର ତଥ୍ୟ ସ୍ଥାନ ପାଇଛି। ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ନିଷ୍ପତ୍ତିକୁ ସେ ସମ୍ପୂର୍ଣ୍ଣ ବିରୋଧ କରୁଥିଲେ ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି। ଏହି ଆତ୍ମଜୀବନୀକୁ ଅନ୍ତର୍ଜାତୀୟ ସ୍ତରରେ 'ଅଲଫ୍ରେଡ୍ ଏ. ନଫ୍' ପ୍ରକାଶ କରୁଥିବା ବେଳେ ଭାରତରେ 'ହାର୍ପରକୋଲିନ୍ସ ଇଣ୍ଡିଆ' ଦ୍ୱାରା ଏହା ପ୍ରକାଶିତ ହେବ। ଦୀପାବଳିର ମାତ୍ର ଦୁଇ ଦିନ ପରେ, ନଭେମ୍ବର ୧୦ରେ ଏହା ବିଶ୍ୱବ୍ୟାପୀ ଉନ୍ମୋଚିତ ହେବ।

ଦୀର୍ଘ ବର୍ଷ ହେଲା ମୋ ବିଷୟରେ ବହୁତ କିଛି ଲେଖାଯାଉଛି। ସେଗୁଡ଼ିକରେ ଅନେକ ତଥ୍ୟ କାଳ୍ପନିକ ଓ ଅତିରଞ୍ଜିତ।

ବିଶେଷ ଟିପ୍ପଣୀ

ବିଜେପି ସରକାର ଦେଶରେ ସ୍ୱାଧୀନ ମତବ୍ୟକ୍ତର ଅଧିକାରକୁ ଛଡ଼ାଇ ନେଇଛି। ଏହା ବିରୁଦ୍ଧରେ ଆମେ ଲଢେଇ ଜାରି ରଖିଛୁ। ଯୁବପିଢ଼ି, ସାମାଜିକ ଗଣମାଧ୍ୟମର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଭଳି ନାଗରିକଙ୍କ ମତାଧିକାର ସହିତ ଆମେ ଠିଆ ହୋଇଛୁ। ଲୋକଙ୍କ ସ୍ୱରକୁ ଚାପିଦେବା ବଦଳରେ ସରକାର ଉତ୍ତର-ପୂର୍ବ ଭାରତ ସମେତ ସମଗ୍ର ଦେଶର ଜନସାଧାରଣଙ୍କ ସୁରକ୍ଷା ପ୍ରତି ଯତ୍ନଶୀଳ ହେବା ଉଚିତ୍।

- ମମତା ବାନାର୍ଜୀ (ଟିଏମ୍‌ସି ସଭାନେତ୍ରୀ)

ବିଶ୍ୱର କୌଣସି ଦେଶରେ ଏପରି ବିକାଶ ମଡେଲ ପାଇବା ବିରଳ। ଉତ୍ତର ପ୍ରଦେଶର ଏକ ଗରିବ ପରିବାରର ଜଣେ ଯୁବକଙ୍କୁ ତାଙ୍କ ଶିକ୍ଷା ଖର୍ଚ୍ଚ ଏବଂ ଘର ଚଳାଇବା ପାଇଁ ନିଜ ରକ୍ତ ବିକ୍ରି କରିବାକୁ ପଡ଼ିଛି। ଛାତ୍ର, ଗରିବ ଏବଂ ମହିଳାଙ୍କ ରକ୍ତରେ ପୋଷଣ କରୁଥିବା ବିଜେପି ସରକାରକୁ କ୍ଷମତାରୁ ବାହାର କରିବାର ଆବଶ୍ୟକତା ରହିଛି।

- ଡିମ୍ପଲ ଯାଦବ (ୟୁପି ସାଂସଦ)

ଜେନ୍ Z

ନିର୍ବାଚନ କମିସନ, ସାମ୍ବାଦିକତା ଏବଂ ସୁପ୍ରିମକୋର୍ଟର ଖ୍ୟାତି ଏବେ ଯେତେ ତଳକୁ ଖସିଛି, ତାହା କେବେ ବି ହୋଇନଥିଲା। ପୂର୍ବେ ସାମ୍ବାଦିକଙ୍କ ଆଗରେ କ୍ଷମତାଧାରୀ ମୁଣ୍ଡ ନୁଆଁଉଥିଲେ ଆଉ ଏବେ ସାମ୍ବାଦିକ ସବୁ କ୍ଷମତାର ଚାଟୁକାର।

- ଦୀନେଶ ମିନେଚ୍ଛା @DineshMinocha1

ଜେଲ୍‌ରୁ ୧୭ କଏଦୀ ଫେରାର୍

ଥେନୀ,୨୭।୧୦(ଏଜେନ୍ସି): ତାମିଲନାଡୁର ଥେନୀ ସବ୍-ଜେଲ୍‌ରୁ ସୋମବାର ବିଳମ୍ବିତ ରାତିରେ ୧୭ ଜଣ କଏଦୀ ଜେଲ୍ ରକ୍ଷୀଙ୍କୁ ଆକ୍ରମଣ କରି ଫେରାର୍ ହୋଇଯାଇଛନ୍ତି। କଏଦୀମାନେ ଜଣେ ସାଥୀଙ୍କର ବାତ ରୋଗ ବା ଅସୁସ୍ଥତାର ଅଭିନୟ କରି ଜେଲ୍ କର୍ମଚାରୀଙ୍କୁ ସେଲ୍ ଭିତରକୁ ଡାକିଥିଲେ। କର୍ମଚାରୀମାନେ ଭିତରକୁ ଯିବା ମାତ୍ରେ ସେମାନଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ଅନେକ ଜେଲ କର୍ମଚାରୀ ଆହତ ହୋଇଛନ୍ତି। ଘଟଣା ପରେ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ୨ ଜଣ ହେଡ୍ କନଷ୍ଟେବଲଙ୍କ ସମେତ ୯ ଜଣ ଜେଲ୍ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଫେରାର କଏଦୀଙ୍କୁ ଧରିବା ପାଇଁ ପୁଲିସ ୧୭ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଦିଣ୍ଡିଗୁଲ୍, ମଦୁରାଇ ଏବଂ ଇଡୁକ୍କି ଜିଲ୍ଲାରେ ଆଲର୍ଟ ଜାରି କରାଯାଇଛି। ଦିଣ୍ଡିଗୁଲ୍‌ର ୧୬ଟି ସ୍ଥାନରେ ଚେକ୍‌ପୋଷ୍ଟ ବସାଯାଇ ଗାଡ଼ି ଯାଞ୍ଚ କରାଯାଉଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୧୩ ଜଣ ଫେରାର କଏଦୀଙ୍କୁ ଗିରଫ କରାଯାଇସାରିଥିବା ବେଳେ ବାକି ୪ ଜଣଙ୍କୁ ଖୋଜିବା ପାଇଁ ବ୍ୟାପକ ସର୍ଚ୍ଚ ଅପରେସନ୍ ଚାଲିଛି।

ନାଇଜେରିଆରେ ଗୁଳିକାଣ୍ଡ; ୬୨ ମୃତ

ଅବୁଜା,୨୭।୧୦(ଏଜେନ୍ସି): ଉତ୍ତର-ପୂର୍ବ ନାଇଜେରିଆର ବିନ୍ନାରୀ ସମ୍ପ୍ରଦାୟ ଉପରେ ବନ୍ଧୁକଧାରୀ ଦୁର୍ବୃତ୍ତଙ୍କ ଆକ୍ରମଣ ଫଳରେ ପ୍ରାୟ ୬୨ ଜଣ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁଯାୟୀ, ଦୁର୍ବୃତ୍ତମାନେ ବିନ୍ନାରୀ ଅଞ୍ଚଳକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ। ଏହି ଆକ୍ରମଣ ବ୍ୟାଣ୍ଡିଟ୍ସ ନାମରେ ଜଣାଶୁଣା ଅପରାଧୀ ଗୋଷ୍ଠୀ ଦ୍ୱାରା ସଂଘଟିତ ହୋଇଥିବା ଅଭିଯୋଗ ହୋଇଛି। ଅପରାଧିକ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଥିବା ଶତ୍ରୁତା ଯୋଗୁଁ ଏହି ଘଟଣା ଘଟିଥିବା ଏବଂ ଏଥିରେ ବିନ୍ନାରୀ ସମ୍ପ୍ରଦାୟ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ସନ୍ଦେହ କରାଯାଉଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆଶଙ୍କା ଓ ଚାପା ଉତ୍ତେଜନା ଦେଖାଦେଇଛି। ଜରୁରୀକାଳୀନ ସେବା ସଂସ୍ଥାଗୁଡ଼ିକ ପକ୍ଷରୁ ଉଦ୍ଧାର ଓ ସହାୟତା କାର୍ଯ୍ୟ ଜାରି ରହିଛି।

ପ୍ରଶାନ୍ତ କିଶୋରଙ୍କ କର୍ମୀଙ୍କୁ ହତ୍ୟା!

ରାଞ୍ଚି,୨୭।୧୦(ଏଜେନ୍ସି): ପ୍ରଶାନ୍ତ କିଶୋରଙ୍କ ନେତୃତ୍ୱାଧୀନ ଜନ ସୁରାଜ ପାର୍ଟିର ୨୪ ବର୍ଷୀୟ ଡିଜିଟାଲ ମିଡିଆ ମ୍ୟାନେଜର ଦେବପାଲିକ କୁମାର ଗୁପ୍ତାଙ୍କ ମୃତଦେହ ମଙ୍ଗଳବାର ରାଞ୍ଚି ଜିଲ୍ଲାର ରେଳ ଧାରଣା ନିକଟସ୍ଥ ବୁଦା ଭିତରୁ ଉଦ୍ଧାର କରାଯାଇଛି। ସେ ପାଟନା ଯାଉଥିବା ଏକ ଟ୍ରେନରୁ ନିଖୋଜ ହେବାର ଗୋଟିଏ ଦିନ ପରେ ଏହି ମୃତଦେହ ମିଳିଛି। ରେଳ ସୁରକ୍ଷା ବଳର କର୍ମଚାରୀମାନେ ସନ୍ଧାନ ଅଭିଯାନ ଚଳାଇ ରାଞ୍ଚିଠାରୁ ପ୍ରାୟ ୩୦ କିଲୋମିଟର ଦୂର ବାରୱାଡାଗ ନିକଟରୁ ମୃତଦେହ ଉ ଦ୍ଧ । ର କରିଥିଲେ। ମୃତକଙ୍କ ପାଖରୁ ମିଳିଥିବା ଆଧାର କାର୍ଡ ସାହାଯ୍ୟରେ ତାଙ୍କର ପରିଚୟ ଚିହ୍ନଟ କରାଯାଇଛି। ଗୁପ୍ତା ଗତ ଚାରି ବର୍ଷ ଧରି ଏହି ଦଳ ସହିତ ଜଡ଼ିତ ଥିଲେ। ପ୍ରାଥମିକ ତଦନ୍ତରୁ ସେ ଟ୍ରେନରୁ ଖସିପଡ଼ି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଥିଲେ ବି ପୁଲିସ ସମସ୍ତ ଦିଗକୁ ନେଇ ଯାଞ୍ଚ ଚଳାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ହେବ।

ନଭେମ୍ବର ପହିଲା ପୂର୍ବରୁ ବଢୁଛି କମ୍ପନ

ରାମଲୀଳା ପାଇଁ ପୁଲିସ-କଂଗ୍ରେସ ମୁହାଁମୁହିଁ

ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି): ଇଣ୍ଡିଆ ମେଣ୍ଟର ନଭେମ୍ବର ୧ ରେ ଆୟୋଜିତ ହେବାକୁ ଥିବା ମହାସମାବେଶ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ କାର୍ଯ୍ୟକ୍ରମକୁ ନେଇ କଂଗ୍ରେସ ଓ ଦିଲ୍ଲୀ ପୁଲିସ ମଧ୍ୟରେ ଟଣାଓଟରା ଦେଖାଦେଇଛି। କଂଗ୍ରେସ ଅଭିଯୋଗ କରିଛି ଯେ ଜ୍ଞାନେଶ କୁମାରଙ୍କ ବିରୋଧରେ ଅକ୍ଟୋବର ୩୦ରେ ଆୟୋଜନ କରାଯିବାକୁ ଥିବା ପ୍ରତୀକାତ୍ମକ 'ମହାଭିଯୋଗ'

- ପ୍ରତୀକାତ୍ମକ ମହାଭିଯୋଗ ପାଇଁ ପୁଲିସ ଦେଉନି ଅନୁମତି
- ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଘରେ ହେବ ମହାଭିଯୋଗ ସଭା
- ଜ୍ଞାନେଶ ନହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ: ରାହୁଲ

କାର୍ଯ୍ୟକ୍ରମ ପାଇଁ ଅନୁମତି ଦେବାକୁ ମନା କରିଦେଇଛି ଦିଲ୍ଲୀ ପୁଲିସ। କଂଗ୍ରେସ ସାଧାରଣ ସମ୍ପାଦକ କେସି. ବେଣୁଗୋପାଳ କହିଛନ୍ତି ଯେ ୨୧ଟି ବିରୋଧୀ ଦଳ ଏହି ପ୍ରତିବାଦ ପାଇଁ ପ୍ରଥମେ ଅଶୋକ ହୋଟେଲ ଏବଂ ପରେ ରାମଲୀଳା ମଇଦାନରେ ପ୍ରସ୍ତୁତି କରୁଥିଲେ। କିନ୍ତୁ ଅନୁମତି ଥାଇ ମଧ୍ୟ ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଛି। ବେଣୁଗୋପାଳ ଚେତାବନୀ ଦେଇଛନ୍ତି ଯେ ଅନୁମତି ନ ମିଳିଲେ ବିରୋଧୀ ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବେ। ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ମହାଭିଯୋଗ ପାଇଁ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଘରେ ବୈଠକ କରାଯିବ। ଇଣ୍ଡିଆ ମେଣ୍ଟର ନେତା ଏକାଠି ହୋଇ ଜ୍ଞାନେଶ କୁମାରଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବେ।

ଅନ୍ୟପଟେ, ଦିଲ୍ଲୀ ପୁଲିସ କହିଛି ଯେ ନଭେମ୍ବର ୧ରେ ରାମଲୀଳା ମୈଦାନରେ ସକାଳ ୧୦ଟାରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଇଣ୍ଡିଆ ମେଣ୍ଟର ରାଲି ଆୟୋଜନ ପାଇଁ ଅନୁମତି ଦିଆଯାଇଛି। କିନ୍ତୁ ଏଥିପାଇଁ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ରଖାଯାଇଛି। ପୁଲିସ ଅନୁଯାୟୀ, ରାଲି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ, ଅପରାହ୍ନ ୫ ସୁଦ୍ଧା କାର୍ଯ୍ୟକ୍ରମ ଶେଷ ହେବା ଦରକାର ଏବଂ କୌଣସି ନେତା କିମ୍ବା କର୍ମୀ ରାମଲୀଳା ମୈଦାନରେ ରାତି ବିତାଇ ପାରିବେ ନାହିଁ। ରାମଲୀଳା ମୈଦାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନକୁ ଶୋଭାଯାତ୍ରା ଯାଇପାରିବ ନାହିଁ।

ଇତିମଧ୍ୟରେ କଂଗ୍ରେସ ନେତାର ରାହୁଲ ଗାନ୍ଧୀ ଚେତବନୀ ଦେଇଛନ୍ତି ଯେ ଜ୍ଞାନେଶ କୁମାର ହଟିବା ପର୍ଯ୍ୟନ୍ତ ତାଙ୍କ ବିରୋଧରେ ବିରୋଧୀ ଦଳଙ୍କ ଆନ୍ଦୋଳନ ଜାରି ରହିବ। ଜ୍ଞାନେଶ ନିଜ ଆଡୁ ଇସ୍ତଫା ଦିଅନ୍ତୁ, ନହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ହଟାନ୍ତୁ। ଏହି ଦାବିରୁ ବିରୋଧୀ ଦଳ ଓହରିବାର ପ୍ରଶ୍ନ ଉଠୁ ନାହିଁ। ସେ କହିଲେ ଯେ ବିବାଦୀୟ ଏସଆଇଆର ଜରିଆରେ ଜ୍ଞାନେଶ କୁମାର କୋଟି କୋଟି ଭୋଟରଙ୍କ ନାମ ବେଆଇନ ଭାବେ କାଟିବାରେ ଲାଗିଛନ୍ତି। ଗରିବ ଲୋକମାନଙ୍କର ନାମ କଟାଯାଉଛି ଏବଂ ସେମାନଙ୍କ ଠାରୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ଛଡ଼ାଇ ନିଆଯାଉଛି। ଜନତା ଏବେ ସଜାଗ ହୋଇଛି। ଏହି ସ୍ୱରକୁ କେହି ଚପାଇ ପାରିବେ ନାହିଁ।

ରାହୁଲଙ୍କୁ ଚିଠି ଲେଖିଲେ ଦିଲ୍ଲୀ ବ୍ୟବସାୟୀ

ରାଲି ଯୋଗୁଁ ୧୦ ହଜାର କୋଟିର କ୍ଷତି

ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି): ଦିଲ୍ଲୀର ରାମଲୀଳା ମୈଦାନଠାରେ ନଭେମ୍ବର ୧ ତାରିଖରେ କଂଗ୍ରେସ ପକ୍ଷରୁ ବିଶାଳ ରାଲି ଆୟୋଜିତ ହେବ। ତେବେ ରାଲି ପୂର୍ବରୁ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ପ୍ରାୟ ୧୦,୦୦୦ କୋଟି ଟଙ୍କାର ବ୍ୟବସାୟିକ କ୍ଷତି ହେବାର ଆଶଙ୍କା ପ୍ରକାଶ କରିଛନ୍ତି ଦିଲ୍ଲୀର ବ୍ୟବସାୟୀମାନେ। ଏହି ନେଇ ବ୍ୟବସାୟୀ ସଂଗଠନ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ) ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଚିଠି ଲେଖିଛି। ସେଥିରେ ରାଲିକୁ ସ୍ଥଗିତ ରଖିବାକୁ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିବାକୁ

ନିବେଦନ କରାଯାଇଛି। ସିଟିଆଇ ଅନୁଯାୟୀ, ପାର୍ବଣ ଋତୁର ଏହି ମୁଖ୍ୟ ବିକ୍ରି ସମୟରେ ରାଲି ଆୟୋଜିତ ହେଲେ ପୁରୁଣା ଓ କେନ୍ଦ୍ରୀୟ ଦିଲ୍ଲୀର ୨୧ଟି ମୁଖ୍ୟ ପାଇକାରୀ ଓ ଖୁଚୁରା ବଜାର ବିଶେଷ ଭାବେ ପ୍ରଭାବିତ ହେବ। ବ୍ୟବସାୟୀମାନେ ନଭେମ୍ବର ୧୦ (ଭାଇ ଦୂଜ) ପରେ ଏହି ରାଲି କରିବାକୁ ଦାବି କରିଛନ୍ତି। ସେପଟେ କଂଗ୍ରେସ ଏହି ରାଲିରେ ୧୦ ଲକ୍ଷ ଲୋକଙ୍କ ସମାଗମ ହେବ ବୋଲି ଦାବି କରିଛି। ସିଟିଆଇ ଅନୁମାନ ଅନୁଯାୟୀ, ଏହି ସମାଗମ ଯୋଗୁଁ ଦିଲ୍ଲୀକୁ ୧୫୦୦୦ ରୁ ୨୦୦୦୦ ଯାନବାହନ ପ୍ରବେଶ କରିବ। ସେଥିରୁ ୧୦,୦୦୦ ରୁ ୧୨,୦୦୦ ବସ୍ ଏବଂ ୫,୦୦୦ ରୁ ୭,୦୦୦ ଛୋଟ ଗାଡ଼ି ସାମିଲ ରହିବ। ତେବେ ରାମଲୀଳା ମୈଦାନ ନିକଟବର୍ତ୍ତୀ ଅଞ୍ଚଳରେ ୨୦୦ଟି ଗାଡ଼ି ପାର୍କିଂ ପାଇଁ ମଧ୍ୟ ସୁବିଧା ନାହିଁ ବୋଲି ସଂଗଠନ କହିଛି। ଅକ୍ଟୋବର ୩୧ ଓ ନଭେମ୍ବର ୧ରେ ସମ୍ଭାବ୍ୟ ରାସ୍ତା ବନ୍ଦ ଓ ବାରିକେଡିଂ ଯୋଗୁଁ ଗ୍ରାହକମାନେ ଦୋକାନରେ ପହଞ୍ଚିପାରିବେ ନାହିଁ। ପୂର୍ବ ଘଟଣାର ଉଦାହରଣ ଦେଇ ସିଟିଆଇ ଜଣାଇଛି ଯେ, ଗତ ଅକ୍ଟୋବର ୧୦ରେ ଯନ୍ତରମନ୍ତରଠାରେ ମାତ୍ର ୩,୦୦୦ ରୁ ୪,୦୦୦ ଲୋକଙ୍କ ସମାଗମ ଯୋଗୁଁ କେନ୍ଦ୍ରୀୟ ଦିଲ୍ଲୀରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେଥିରେ ବ୍ୟବସାୟୀଙ୍କର ୩,୦୦୦ କୋଟି ଟଙ୍କାର କ୍ଷତି ହୋଇଥିଲା। ସୂଚନାଯୋଗ୍ୟ ବ୍ୟବସାୟୀମାନେ ଏହା ପୂର୍ବରୁ ମଧ୍ୟ ରାହୁଲଙ୍କ ନିକଟରେ ଏଭଳି ଦାବି କରିଥିଲେ। କିନ୍ତୁ ରାହୁଲ କହିଥିଲେ ଯେ ବ୍ୟବସାୟୀମାନେ ଏସଂପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରନ୍ତୁ। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଦେଲେ ଜ୍ଞାନେଶ ଇସ୍ତଫା ଦେବେ। ଇସ୍ତଫା ଦେବା କ୍ଷଣି ରାଲି ବନ୍ଦ କରିଦିଆଯିବ।

କର୍ଣ୍ଣାଟକରେ କଟିଲେ କୋଟିଏ ଭୋଟର

ବେଙ୍ଗାଲୁରୁ,୨୭।୧୦(ଏଜେନ୍ସି): କର୍ଣ୍ଣାଟକରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଶେଷ ହେବା ପରେ ନିର୍ବାଚନ କମିସନଙ୍କ ଦ୍ୱାରା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ନୂତନ ତାଲିକା ଅନୁସାରେ ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୪.୫୪ କୋଟିକୁ ହ୍ରାସ ପାଇଥିବା ବେଳେ ୧.୦୮ କୋଟିରୁ ଅଧିକ (୧,୦୮,୭୬,୬୨୫) ନାମ ବାଦ୍ ପଡ଼ିଛି। ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ଅନୁଯାୟୀ, ଗତ ଜୁନ୍ ୩୦ରୁ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୦୨ ମସିହା ପରେ ରାଜ୍ୟରେ ପ୍ରଥମଥର ଭୋଟର ତାଲିକା ସଂଶୋଧନ କରାଯାଉଛି। ସଂଶୋଧନ ପୂର୍ବରୁ ରାଜ୍ୟରେ ମୋଟ ୫.୫୪ କୋଟି (୫,୫୪,୩୨,୩୧୪) ଭୋଟର ପଞ୍ଜୀକୃତ ଥିଲେ। ତେବେ ଘରକୁ ଘର ବୁଲି ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ମାନଙ୍କ ଦ୍ୱାରା ଯାଞ୍ଚ ପରେ ବହୁ ସଂଖ୍ୟକ ଭୋଟରଙ୍କ ନାମ କଟିଛି। ସେମାନେ ଅନୁପସ୍ଥିତ, ବାସସ୍ଥାନ ବଦଳାଇଥିବା, ମୃତ ଏବଂ ନକଲି ନାମ ରହିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିବା ୬୫.୪୫ ଲକ୍ଷରୁ ଅଧିକ ଭୋଟର, ୧୯ ଲକ୍ଷରୁ ଅଧିକ ଅନୁପସ୍ଥିତ, ୧୬.୩୯ ଲକ୍ଷ ମୃତକ ଏବଂ ୭.୦୯ ଲକ୍ଷ ନକଲି ପଞ୍ଜୀକୃତ ନାମ ବାଦ୍ ପଡ଼ିଛି। ଏହାବାଦ୍, ଯାଞ୍ଚ ପାଇଁ ୪୩.୮୨ ଲକ୍ଷରୁ ଅଧିକ ନୋଟିସ୍ ଜାରି କରାଯାଇ ଶୁଣାଣି କରାଯାଇଥିଲା। ଏହାପରେ ୬୧,୮୬୭ ଜଣଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଦାବି ଓ ଆପତ୍ତି ଗ୍ରହଣ ସମୟରେ ୧୦.୦୮ ଲକ୍ଷ ନୂତନ ଭୋଟର ଯୋଡ଼ି ହୋଇଥିବା ବେଳେ ୮.୯୬ ଲକ୍ଷ ନାମ ସଂଶୋଧିତ ହୋଇଥିଲା। ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ୨.୨୫ କୋଟି ପୁରୁଷ, ୨.୨୯ କୋଟି ମହିଳା ଏବଂ ୨,୮୪୧ ଜଣ ତୃତୀୟ ଲିଙ୍ଗୀ ଭୋଟର ସାମିଲ ଅଛନ୍ତି। ଏହାସହ ୧୮-୧୯ ବର୍ଷ ବୟସ୍କ ନୂତନ ଭୋଟରଙ୍କ ସଂଖ୍ୟା ୬.୮୩ ଲକ୍ଷରୁ ଅଧିକ ରହିଛି।

ଏସ୍‌ଆଇଆର୍ ପରେ ଭୋଟର ସଂଖ୍ୟା ୪.୫ କୋଟିକୁ ଖସିଲା

ବିବାଦୀୟ ସୋସିଆଲ ମିଡିଆ ପୋଷ୍ଟ ପାଇଁ କ୍ଷମା ପ୍ରାର୍ଥନା କଲେ ଉତ୍ତର ପ୍ରଦେଶ ନିର୍ବାଚନ ଆୟୋଗ

ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି): ଭୋଟର ତାଲିକାରେ ତ୍ରୁଟି ଏବଂ ସୋସିଆଲ ମିଡିଆରେ କରାଯାଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ତୀବ୍ର ସମାଲୋଚନା ପରେ ଉତ୍ତର ପ୍ରଦେଶ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ (ସିଇଓ) କାର୍ଯ୍ୟାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ କ୍ଷମା ପ୍ରାର୍ଥନା କରାଯାଇଛି। ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲରୁ ପ୍ରକାଶିତ ପୋଷ୍ଟର ଭାଷା ଓ ଶୈଳୀ ସରକାରୀ ଯୋଗାଯୋଗ ପାଇଁ ଉପଯୁକ୍ତ ନଥିଲା ବୋଲି ଆୟୋଗ ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ଉତ୍ତର ପ୍ରଦେଶ ବିଧାନ ପରିଷଦ ନିର୍ବାଚନ ପାଇଁ ପ୍ରସ୍ତୁତ ଭୋଟର ତାଲିକାରେ 'ରାମହିତ ଯାଦବ'ଙ୍କ ନାମ ଭୁଲବଶତଃ 'ରାମ ନେ ଯାଦବ କୋ ମାରା' (ରାମ ଯାଦବଙ୍କୁ ମାରିଲେ) ବୋଲି ଲେଖାଯାଇଥିଲା। ଏହାକୁ ନେଇ ଆମ୍ ଆଦମୀ ପାର୍ଟି (ଆପ୍) ସାଂସଦ ସଞ୍ଜୟ ସିଂହ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଶ୍ନ କରିଥିଲେ। ସେ କମ୍ପ୍ୟୁଟର ସଫ୍ଟୱେର୍‌ରେ ଜାତିଗତ ପକ୍ଷପାତିତା ଓ ରାଜନୈତିକ ଉଦ୍ଦେଶ୍ୟ ଥିବା ଅଭିଯୋଗ ଆଣିଥିଲେ। ଜବାବରେ ଉତ୍ତର ପ୍ରଦେଶ ସିଇଓ ନବଦୀପ ରିନୱାଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବ୍ୟଙ୍ଗାତ୍ମକ ପୋଷ୍ଟ କରାଯାଇଥିଲା। ସେଥିରେ ଦର୍ଶାଯାଇଥିଲା ଯେ ଅନ୍ୟ ଜଣେ ଭୋଟରଙ୍କ କ୍ଷେତ୍ରରେ 'ରାମ ନେ ଶର୍ମା କୋ ମାରା' ବୋଲି ମଧ୍ୟ ଭୁଲ୍ ହୋଇଛି, ଯାହା ଦର୍ଶାଉଛି ଯେ ଏଥିରେ କୌଣସି ଜାତିଗତ ପକ୍ଷପାତିତା ନାହିଁ। ତେବେ ପୋଷ୍ଟରେ ଆହୁରି ଲେଖାଯାଇଥିଲା ଯେ, ଭାଗ୍ୟବଶତଃ ରାମ କୌଣସି ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ମାରିନାହାନ୍ତି, ନଚେତ୍ ଆମକୁ ସାମ୍ପ୍ରଦାୟିକ ବୋଲି ମଧ୍ୟ କୁହାଯାଇଥାନ୍ତା। ଏହି ମନ୍ତବ୍ୟ ପରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ କଠୋର ସମାଲୋଚନା କରାଯାଇଥିଲା ଏବଂ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା। ବିବାଦ ବଢ଼ିବାରୁ ସିଇଓ କାର୍ଯ୍ୟାଳୟ ନିଜର ଆଭିମୁଖ୍ୟ ବଦଳାଇ ସ୍ପଷ୍ଟୀକରଣ ଦେଇଛି। ସରକାରୀ ହ୍ୟାଣ୍ଡେଲରୁ ଏପରି ଭାଷା ପ୍ରୟୋଗ ଅନୁଚିତ ଏବଂ ଆଗାମୀ ଦିନରେ କେବଳ ଆନୁଷ୍ଠାନିକ ଓ ଶାଳୀନ ଯୋଗାଯୋଗ କରାଯିବ ବୋଲି ଆୟୋଗ କହିଛି। ସଫ୍ଟୱେର୍‌ର ଇଂରାଜୀରୁ ହିନ୍ଦୀ ଅନୁବାଦଗତ ତ୍ରୁଟି ଯୋଗୁଁ ଏହି ନାମଗୁଡ଼ିକ ବିକୃତ ହୋଇଥିଲା ବୋଲି ସ୍ପଷ୍ଟ କରାଯାଇଛି।

ହୁତିକୁ ୯ ୫୦୦ କୋଟି ଯାଚିଲା ସାଉଦୀ

ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି): ସାଉଦୀ ଆରବ ଓ ହୁତି ବିଦ୍ରୋହୀଙ୍କ ମଧ୍ୟରେ ଯୁଦ୍ଧ ବିରତି ଆଲୋଚନା ଚାଲିଥିବା ବେଳେ ମଙ୍ଗଳବାର ସାଉଦୀ ଆରବ ଉପରେ ପ୍ରବଳ ହୁତି ଆକ୍ରମଣ ହୋଇଛି। ହୁତିଙ୍କ ୩ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ୪ଟି ଡ୍ରୋନକୁ ଅଟକାଇ ଦେଇଥିବା ସାଉଦୀ କହିଛି। ଆକ୍ରମଣ ଦାବିକୁ ହୁତି ବିଦ୍ରୋହୀଙ୍କ ପକ୍ଷରୁ ସ୍ୱୀକାର କରାଯାଇଛି। ହୁତି ପ୍ରବକ୍ତାଙ୍କ ଅନୁଯାୟୀ, ସାଉଦୀ ରାଜଧାନୀ ରିୟାଦରେ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ଉପରେ ଆକ୍ରମଣ କରାଯାଇଛି।

ସାଉଦୀ ପ୍ରତିରକ୍ଷା ବିଭାଗ ଉପରେ ପୁଣି ଆକ୍ରମଣ କଲା ହୁତି

ସେପଟେ ସାଉଦୀ ଆରବ ନିଜ ଭୂଖଣ୍ଡ ଉପରେ ହେଉଥିବା ଆକ୍ରମଣ ବନ୍ଦ କରିବା ବଦଳରେ ହୁତି ବିଦ୍ରୋହୀମାନଙ୍କୁ ୯୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଦେବାକୁ ପ୍ରସ୍ତାବ ଦେଇଛି। ଏହି କୂଟନୈତିକ ଯୁଦ୍ଧବିରତି ଚୁକ୍ତିରେ ଇରାନ ମଧ୍ୟସ୍ଥତା କରୁଥିବା ରିପୋର୍ଟରେ କୁହାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ସାଉଦୀ ପ୍ରତିରକ୍ଷା ମନ୍ତ୍ରୀ ଶାହଜାଦା ଖାଲିଦ ବିନ୍ ସଲମାନ ତେହେରାନରେ ପହଞ୍ଚିଛନ୍ତି। ତେହେରାନରେ ଅନୁଷ୍ଠିତ ବୈଠକରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସକିଆନ, ପାକିସ୍ତାନର ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ଏବଂ ତୁର୍କୀର ଗୁପ୍ତଚର ମୁଖ୍ୟ ଇବ୍ରାହିମ କାଲିନ ମଧ୍ୟ ଯୋଗ ଦେଇଥିଲେ। ସାଉଦୀ ଆରବ ଚାହୁଁଛି ଯେ ହୁତି ବିଦ୍ରୋହୀମାନେ ପ୍ରଥମେ ୟେମେନ ସରକାରଙ୍କଠାରୁ ଦଖଲ କରିଥିବା ଅଞ୍ଚଳଗୁଡ଼ିକୁ ଫେରାଇ ଦିଅନ୍ତୁ। ହୁତିମାନଙ୍କ ନିରନ୍ତର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ସାଉଦୀ ଆରବର ବିମାନବନ୍ଦର, ତୈଳ ପ୍ରକଳ୍ପ ଏବଂ ବାବ୍ ଏଲ-ମାନ୍ଦେବ ପ୍ରଣାଳୀ ଦେଇ ହେଉଥିବା ତୈଳ ରପ୍ତାନି ପ୍ରଭାବିତ ହୋଇଛି। ରିପୋର୍ଟ ଅନୁଯାୟୀ, ପ୍ରାୟ ତିନି ବର୍ଷ ପୂର୍ବେ ହୋଇଥିବା ଏକ ଅସମ୍ପୂର୍ଣ୍ଣ ଚୁକ୍ତିକୁ ନେଇ ଏହି ବିବାଦ ବୃଦ୍ଧି ପାଇଛି। ତେଣୁ ହୁତିମାନେ ଆକ୍ରମଣ ଜାରି ରଖିଛନ୍ତି। ୨୦୧୫ରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷରେ ଆମେରିକାର ସାମରିକ ସହାୟତା ଓ ଆଧୁନିକ ଅସ୍ତ୍ରଶସ୍ତ୍ର ସତ୍ତ୍ୱେ ସାଉଦୀ ହୁତିମାନଙ୍କୁ ସମ୍ପୂର୍ଣ୍ଣ ପରାସ୍ତ କରିପାରି ନାହିଁ।



ସ୍ୱିସ୍ ମଡେଲଙ୍କ ଅଭିଯୋଗ

ମୋତେ ଦୁଷ୍କର୍ମ କରିଛନ୍ତି ଟ୍ରମ୍ପ

ନ୍ୟୁୟର୍କ,୨୭।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଜଣେ ସ୍ୱିସ୍ ମଡେଲ୍ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି। ସ୍ୱିଜରଲ୍ୟାଣ୍ଡର ପୂର୍ବତନ ସୁନ୍ଦରୀ ପ୍ରତିଯୋଗୀ ବ୍ରିଆଟ୍ରିସ୍ କିଉଲ୍ ଦାବି କରିଛନ୍ତି ଯେ ୧୯୯୩ ମସିହାରେ ନ୍ୟୁୟର୍କର ପ୍ଲାଜା ହୋଟେଲରେ ଟ୍ରମ୍ପ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ଆମେରିକା କଂଗ୍ରେସର ଡେମୋକ୍ରାଟିକ୍ ସଦସ୍ୟମାନଙ୍କ ଦ୍ୱାରା ପ୍ରକାଶିତ ଏକ ନୂତନ ରିପୋର୍ଟରେ ଏହି ଅଭିଯୋଗ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ୧୯୯୩ ମସିହା ନଭେମ୍ବର ମାସରେ ୨୪ ବର୍ଷୀୟା କିଉଲ୍ 'ଆମେରିକାନ୍ ଡ୍ରିମ୍ ପେଜେଣ୍ଟ' ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆମେରିକା ଯାଇଥିଲେ। ଏହି ପ୍ରତିଯୋଗିତା ଟ୍ରମ୍ପଙ୍କ ସହଭାଗିତାରେ ଆୟୋଜିତ ହୋଇଥିଲା। ନ୍ୟୁୟର୍କର ପ୍ଲାଜା ହୋଟେଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟ୍ରମ୍ପଙ୍କ ଜଣେ ସହଯୋଗୀ କିଉଲଙ୍କୁ ଜଣାଇଥିଲେ ଯେ ଟ୍ରମ୍ପ ତାଙ୍କୁ ଏକାନ୍ତରେ ଭେଟିବାକୁ ଚାହୁଁଛନ୍ତି। କିଉଲ୍ ସାକ୍ଷାତ ପାଇଁ ହୋଟେଲ ରୁମକୁ ଯିବା ପରେ ଟ୍ରମ୍ପ ତାଙ୍କ ସହ ଜୋରଜବରଦସ୍ତି କରିଥିଲେ ଏବଂ ଦୁଷ୍କର୍ମ କରିଥିଲେ। କିଉଲ୍ ପ୍ରକାଶ କରିଛନ୍ତି ଯେ ସେହି ସମୟରେ ସେ ପ୍ରତିରୋଧ କରିବାକୁ ଚେଷ୍ଟା କରିଥିଲେ। ଘଟଣା ପରେ ତାଙ୍କ ଶରୀରର ଅନେକ ସ୍ଥାନ କ୍ଷତକ୍ଷତାକ୍ତ ହୋଇଥିଲା ଏବଂ ରକ୍ତସ୍ରାବ ହୋଇଥିଲା। ପୂର୍ବରୁ ୨୦୨୪ରେ କିଉଲ୍ ଟ୍ରମ୍ପଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ। କିନ୍ତୁ ବର୍ତ୍ତମାନ ଆମେରିକୀୟ ସଂସଦୀୟ କମିଟି ସମ୍ମୁଖରେ ସେ ଏହାକୁ ଦୁଷ୍କର୍ମ ବୋଲି ବର୍ଣ୍ଣନା କରିଛନ୍ତି।

ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬

ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ

● ଦୁର୍ନୀତି ମୁକାବିଲା ପାଇଁ ସରକାର ଆପଣାଇଛନ୍ତି ୩ ରଣକୌଶଳ

● ୪୧ ବହିଷ୍କୃତ ଓ ୯୧ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବନ୍ଦ

ଭୁବନେଶ୍ୱର,୨୭।୧୦(ସମିସ): ଦୁର୍ନୀତି ମୁକାବିଲା ପାଇଁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ଏହାସହ ଇଣ୍ଟେଲିଜେନ୍ସ ଆଧାରରେ ପଦ, କାର୍ଯ୍ୟକାଳ ନିର୍ବିଶେଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଦୁର୍ନୀତି ପାଇଁ ଗିରଫ ହୋଇଥିବା ଅଧିକାରୀଙ୍କ ଦଣ୍ଡ ବିଧାନ ଭଳି ତିନୋଟି ରଣକୌଶଳ ଆପଣାଇଛନ୍ତି। ଭିଜିଲାନ୍ସ ବିଭାଗ ଏହି ରଣକୌଶଳକୁ ନିର୍ଭିକତାର ସହିତ ଏବଂ ବୃତ୍ତିଗତ ଭାବେ କାର୍ଯ୍ୟକାରୀ କରୁଛନ୍ତି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ କାର୍ଯ୍ୟକ୍ରମ ଅବସରରେ ମତବ୍ୟକ୍ତ କରିଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ପଦାଧିକାରୀ ଓ ଅତିଥିମାନଙ୍କୁ ଦୁର୍ନୀତି ବିରୁଦ୍ଧରେ ସାଧୁତାର ଶପଥ ପାଠ କରାଇଥିଲେ। ସେ କହିଥିଲେ ଯେ ଭିଜିଲାନ୍ସ ବିଭାଗ ହେଉଛି ଗୁଡ୍ ଗଭର୍ଣ୍ଣାନ୍ସର ଆଖି ଓ କାନ। ଗୁଡ୍ ଗଭର୍ଣ୍ଣାନ୍ସ ମାନେ କେବଳ ନୀତି ଓ ଯୋଜନା ପ୍ରଣୟନ କରିବା ନୁହେଁ, ଏହାର ପ୍ରକୃତ ଅର୍ଥ ହେଉଛି ଦୁର୍ନୀତିକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇ ଉଦ୍ଦିଷ୍ଟ ଅର୍ଥ ଯେଉଁ କାରଣ ପାଇଁ ପ୍ରାବଧାନ କରାଯାଇଛି, ଯାହାଙ୍କ ପାଇଁ କରାଯାଇଛି, ତାଙ୍କ ପାଖରେ ପହଞ୍ଚିବାକୁ ଶତପ୍ରତିଶତ ସୁନିଶ୍ଚିତ କରିବା। ତେଣୁ ରାଜ୍ୟର ପ୍ରଗତି ସହିତ ତାଳ ମିଳାଇ ଆମ ସରକାର ଓଡ଼ିଶା ଭିଜିଲାନ୍ସକୁ ଅଧିକ ଦକ୍ଷ ଓ ଶକ୍ତିଶାଳୀ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ଅଢେଇ ବର୍ଷ ମଧ୍ୟରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଜଣେ ଆଇଏଏସ୍, ୮ ଜଣ ମୁଖ୍ୟ ଯନ୍ତ୍ରୀ ପାହ୍ୟାର ଅଧିକାରୀ, ୨ ଜଣ ବିଭାଗୀୟ ବନ ଅଧିକାରୀ, ଅବକାରୀ ଏବଂ ଏସ୍‌ଟିଏର ଯୁଗ୍ମ କମିଶନର, ୩ ଜଣ ଖଣି ଉପନିର୍ଦ୍ଦେଶକ, ୫ ଜଣ ତହସିଲଦାର, ୪ ଜଣ ବିଡିଓ ଏବଂ ଅନେକ ସରକାରୀ ପଦାଧିକାରୀଙ୍କ ବିରୁଦ୍ଧରେ ଦୃଢ ପଦକ୍ଷେପ ଗ୍ରହଣ କରାଯାଇଛି। ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୪୧ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବରଖାସ୍ତ କରାଯାଇଛି ଏବଂ ୯୧ ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନସନ ବନ୍ଦ କରାଯାଇଛି। ୨୦୨୫ରେ ଦଣ୍ଡବିଧାନ ହାର ୫୦ ପ୍ରତିଶତ ଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ସର୍ବାଧିକ ୬୫ ପ୍ରତିଶତରେ ପହଞ୍ଚିଛି। ଦୁର୍ନୀତି କ୍ଷେତ୍ରରେ ଏଭଳି ଉଚ୍ଚ ଦଣ୍ଡବିଧାନ ହାର ପାଇଁ ଓଡ଼ିଶା ଭିଜିଲାନ୍ସ ରାଜ୍ୟ ଭିତରେ ଓ ବାହାରେ ପ୍ରଶଂସିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୦୨୫ ବର୍ଷ ପାଇଁ ଶ୍ରେଷ୍ଠ ଭିଜିଲାନ୍ସ ଡିଭିଜନ ଭାବେ କୋରାପୁଟ ଡିଭିଜନ, ଶ୍ରେଷ୍ଠ ୟୁନିଟ ଭାବେ ଅନୁଗୋଳ ୟୁନିଟ, ଶ୍ରେଷ୍ଠ ଆଇ.ଓ ଭାବେ ମାଲକାନଗିରି ଭିଜିଲାନ୍ସ ଡିଏସପି ସଦାନନ୍ଦ ପାଣି, ଶ୍ରେଷ୍ଠ ମହିଳା ଆଇଓ ଭାବେ ଭୁବନେଶ୍ୱର ଡିଭିଜନର ବୈଭବମାଳା ସ୍ୱାଇଁ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ଭୁବନେଶ୍ୱର ଭିଜିଲାନ୍ସ ସ୍ପେସାଲ ଜଜ୍ କୋର୍ଟର ସଲିଳ କୁମାର ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠୱା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଡୁଙ୍ଗୁରିପାଲିରେ ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା

ବିଜେପି ସରକାର ବିରୋଧରେ ଗର୍ଜିଲେ ସୁଜାତା

● ସମସ୍ୟା ଦୂର କରିବା ପରିବର୍ତ୍ତେ ଚାଷୀଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି ଡବଲ ଇଞ୍ଜିନ ସରକାର

● ପ୍ରହସନ ପାଲଟିଛି ଧାନ ବିକ୍ରି, ଖୋଲା ଆକାଶ ତଳେ ମଣ୍ଡିରେ ନିଜ ଧାନ ଜଗି ରହୁଛି ଚାଷୀ

ଡୁଙ୍ଗୁରିପାଲି,୨୭।୧୦(ସମିସ): ବିଜେପିର ଡବଲ ଇଞ୍ଜିନ ସରକାର ଚାଷୀଙ୍କ ସମସ୍ୟା ଦୂର କରିବା ପରିବର୍ତ୍ତେ ଅକଥନୀୟ ଦୁର୍ଦ୍ଦଶାରେ ଠେଲି ଦେଇଛି। ଧାନ ବିକ୍ରି ପ୍ରହସନ ପାଲଟିଛି। ଖୋଲା ଆକାଶ ତଳେ ମଣ୍ଡିରେ ଚାଷୀ ନିଜ ଧାନ ଜଗି ରହୁଛି ବୋଲି ଅଭିଯୋଗ କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ କାତ୍ରିକେୟନ। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ଅନୁଷ୍ଠିତ ବିଜେଡିର ଜନ ସମ୍ପର୍କ ପଦଯାତ୍ରାରେ ସୁଜାତା ରାଜ୍ୟ ବିଜେପି ସରକାରକୁ କାଠଗଡ଼ାରେ ଠିଆ କରିଛନ୍ତି।

ସେ କହିଛନ୍ତି ଯେ ଚାଷୀ ନିଜର କଷ୍ଟୋପାର୍ଜିତ ଧାନ ବିକିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛି। ଖୋଲା ଆକାଶ ତଳେ ଧାନ ବସ୍ତା ରଖି ଜଗି ରହୁଛି। ନବୀନ ସରକାର ବେଳେ ମିଶନ ଶକ୍ତି ମହିଳାମାନଙ୍କୁ ଧାନ କ୍ରୟ ଅଧିକାର ଦେଇଥିଲେ; କିନ୍ତୁ ବିଜେପି ସରକାର ମିଶନ ଶକ୍ତି ମହିଳାମାନଙ୍କୁ ପ୍ରତାରଣା କରି କାଠଗଡ଼ାକୁ ଟାଣି ନେଇଛି। ବିଜେପି ସରକାରର ଲକ୍ଷପତି ଦିଦି ବିଫଳ ହୋଇଛି। ଖଣି ସଂଶୋଧନ ଆଇନ କରି ଓଡ଼ିଶାର ଖଣି କେନ୍ଦ୍ର ସରକାରକୁ ଟେକି ଦେଇଛନ୍ତି। ବୃଦ୍ଧବୃଦ୍ଧାଙ୍କ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବ ଚିନ୍ତାଜନକ ବୋଲି ଉଲ୍ଲେଖ କରି ଆଗାମୀ ଦିନରେ ରାଜ୍ୟବାସୀ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ସୁଜାତା କହିଛନ୍ତି।

ସୁବର୍ଣ୍ଣପୁର ବିଧାୟକ ନିରଂଜନ ପୂଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଶାଳ ଜନ ସମ୍ପର୍କ ପଦଯାତ୍ରାରେ ୧୦ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ହଜାର ହଜାର ଲୋକ ସ୍ଥାନୀୟ ଶିବ ମନ୍ଦିରଠାରୁ ଆରଏମସି ପର୍ଯ୍ୟନ୍ତ ଜୟ ନବୀନ, ଜୟ ବିଜେଡି ଧ୍ୱନି ଦେଇ ପଦଯାତ୍ରାରେ ସାମିଲ ହୋଇଥିଲେ। ଆରଏମସିଠାରେ ଅନୁଷ୍ଠିତ ସଭାରେ ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସଭାପତି ସରୋଜ କମ୍ପ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ରାଜ୍ୟ ସାଧାରଣ ସଂପାଦକ ସୁବ୍ରତ ସିଂ, ବିଜେଡି ରାଜ୍ୟ ଉପ ସଭାପତି ମନ୍ମଥ ରାଉତରାୟ, ବିଜେଡି କର୍ମୀ ଆକାଶ ମିଶ୍ର, ରାଜୁ ଘିବେଲା, ବିଜେଡି ରାଜ୍ୟ ସାଧାରଣ ସଂପାଦକ ନାରାୟଣ ଲୁହା, ବରଗଡ଼ ଜିଲ୍ଲା ପରିଷଦ ସଭାପତି ମାମିନୀ ଭୋଇ, ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ସଭାପତି ସୁପାର ଠେଲା, ବରଗଡ଼ ଏନଏସି ଚେୟାରମ୍ୟାନ କଳ୍ପନା ମାଝି, ଗୁଣନିଧି ମିଶ୍ର, ସୁବ୍ରତ ସିଂ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଉପାଧ୍ୟକ୍ଷ ବେଲାର ସାହୁ, ସୁବର୍ଣ୍ଣପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ଯୁବ ବିଜେଡି ଜିଲ୍ଲା ସଭାପତି ଅଶୋକ ନନ୍ଦ, ଯୁବ ବିଜେଡି ସାଧାରଣ ସଂପାଦକ ଶାଶ୍ୱତ ମିଶ୍ର, ବ୍ଲକ ଯୁବ ବିଜେଡି ସଭାପତି ଧର୍ମେନ୍ଦ୍ର ବିଶ୍ୱାଳ, ବିଜେଡି ଛାତ୍ର ଜିଲ୍ଲା ସଭାପତି ଅଭିଷେକ ଶର୍ମାଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଉପସ୍ଥିତ ଥିଲେ।

ଆଇଏଏସ୍ ସ୍ତରରେ ବଡ଼ ଅଦଳବଦଳ

ବିଡିଏ ଉପାଧ୍ୟକ୍ଷ ପଦରୁ ହଟିଲେ ଚଞ୍ଚଳ ରାଣା

ଭୁବନେଶ୍ୱର, ୨୭।୧୦ (ସମିସ): ରାଜ୍ୟ ସରକାର ମଙ୍ଗଳବାର ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ମୋଟ ୮ ଜଣ ଆଇଏଏସ୍ ଅଧିକାରୀଙ୍କୁ ନୂଆ ନିଯୁକ୍ତି ସହ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ବରିଷ୍ଠ ଆଇଏଏସ୍? ଅଧିକାରୀ ସଞ୍ଜୟ କୁମାର ସିଂହ ଇଣ୍ଟର-କ୍ୟାଡର ପ୍ରତିନିଯୁକ୍ତିରେ ନିଜ ରାଜ୍ୟ ବିହାରକୁ ଫେରିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।

ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ୨୦୧୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଡ. ପୋମା ଟୁଡୁଙ୍କୁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏଥିସହ ସେ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ତୁଲାଇବେ। ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଭାବେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ଆର୍‌ଡିସି ଭାବେ ବଦଳି କରାଯାଇଛି। ଏଥିସହ ସେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧ୍ୟକ୍ଷ ପଦରୁ ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଚଞ୍ଚଳ ରାଣାଙ୍କୁ ଅବ୍ୟାହତି ଦିଆଯାଇଛି। ତାଙ୍କ ସ୍ଥାନରେ ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଶୁଭମ ସାକସେନାଙ୍କୁ ଅବସ୍ଥାପିତ କରାଯାଇଛି।

ଦକ୍ଷିଣାଞ୍ଚଳ ଆର୍‌ଡିସି ହେଲେ ବି.ଏ. କୁଲାଙ୍ଗେ

ଇଣ୍ଟର-କ୍ୟାଡରରେ ବିହାର ଫେରିବେ ସଞ୍ଜୟ ସିଂହ

ଡ. ଗାଭାଲି ପରାଗ ହର୍ଷଦଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍)ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ, ଆଇଏଏସ୍ ଅଧିକାରୀ ବିଜୟ ଅମୃତ କୁଲାଙ୍ଗେଙ୍କୁ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆର୍‌ଡିସି ଭାବେ ନିଯୁକ୍ତ କରାଯାଇଛି। ସେ ପୂର୍ବରୁ ପଶୁପାଳନ ଓ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶକ ସହ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ। ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦାୟିତ୍ୱ ଅତିରିକ୍ତ ଭାବେ ପ୍ରଦାନ କରାଯାଇଛି। ସେ ବର୍ତ୍ତମାନ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ପ୍ରଣତୀ ଛୋଟରାୟଙ୍କୁ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି। ସେ ପୂର୍ବରୁ ଗୃହ ବିଭାଗର ଅତିରିକ୍ତ ସଚିବ ଥିଲେ। ଅନ୍ୟପକ୍ଷରେ, ଶୁଭ୍ର କୁମାର ପଣ୍ଡା ଓଡ଼ିଶା ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଅତିରିକ୍ତ ଭାବେ ତୁଲାଇବେ। ସେ ବର୍ତ୍ତମାନ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ଅଛନ୍ତି। ଅନ୍ୟପକ୍ଷରେ, ରାଜ୍ୟ ନିର୍ମାଣ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ବରିଷ୍ଠ ଆଇଏଏସ୍‌ଅଧିକାରୀ ସଞ୍ଜୟ କୁମାର ସିଂହ ଇଣ୍ଟର-କ୍ୟାଡର ପ୍ରତିନିଯୁକ୍ତିରେ ବିହାର ଫେରିପାରନ୍ତି। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। କେନ୍ଦ୍ର ସରକାର ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କୁ ଚିଠି ଲେଖି ତାଙ୍କର ଭିଜିଲାନ୍ସ ରିପୋର୍ଟ ମାଗିଛନ୍ତି। ୧୯୯୭ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀ ପୂର୍ବରୁ ପ୍ରାୟ ସାତ ବର୍ଷ ଧରି ଇଣ୍ଟର-କ୍ୟାଡର ପ୍ରତିନିଯୁକ୍ତିରେ ବିହାରରେ କାର୍ଯ୍ୟ କରିଥିଲେ। ସେ ୨୦୦୮ ଫେବୃଆରୀରୁ ୨୦୧୫ ଫେବୃଆରୀ ପର୍ଯ୍ୟନ୍ତ ବିହାରରେ ନିଯୁକ୍ତ ଥିଲେ।

ବାର୍‌ହା ଫାଶରେ ପଡ଼ି ଦନ୍ତା ମୃତ, ୩ ଶିକାରୀ ଗିରଫ

କିଶୋରନଗର/ବଇଣ୍ଡା, ୨୭।୧୦ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ରେଞ୍ଜର ଝିଲ୍ଲୀମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ସୋମବାର ରାତିରେ ବାର୍‌ହା ଶିକାର ପାଇଁ ବସାଯାଇଥିବା ବିଦ୍ୟୁତ ଫାଶରେ ପଡ଼ି ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। ମୃତ ହାତୀର ବୟସ ୧୦ ବର୍ଷ ହେବ ବୋଲି ବନ ବିଭାଗ ଆକଳନ କରିଛି। ଏହି ଶିକାରରେ ସମ୍ପୃକ୍ତ ୪ ଜଣ ଶିକାରୀଙ୍କ ମଧ୍ୟରୁ ସୋମବାର ବିଳମ୍ବିତ ରାତିରେ ୩ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା କରି ବିଭାଗ ପକ୍ଷରୁ ସେମାନଙ୍କର ନାମ ଗୋପନ ରଖାଯାଇଛି। ଝିଲ୍ଲୀମୁଣ୍ଡା ଦେଇ ପାଇକସାହି ଅଞ୍ଚଳକୁ ଯାଇଥିବା ବିଦ୍ୟୁତ୍ ତାରରୁ ହୁକ ପକାଇ ବାର୍‌ହା ଶିକାର ପାଇଁ ବିଦ୍ୟୁତ ଫାଶ ବସାଇଥିଲେ। ଏହି ବାଟ ଦେଇ ଆସୁଥିବା ଦନ୍ତା ହାତୀଟି ଫାଶରେ ପଡ଼ି ପ୍ରାଣହରାଇଥିଲା। ଏହି ଖବର ଜଣାପଡ଼ିବା ପରେ ଆଠମଲ୍ଲିକ ଡିଏଫ୍‌ଓ ସନ୍ତୋଷ କପୁଲା, ହଣ୍ଡପା ରେଞ୍ଜର ମିନତୀ ନାୟକ, ଫରେଷ୍ଟର ଆଲୋକ ମିଶ୍ର, ଲିଙ୍ଗରାଜ ବେହେରା, ଅଞ୍ଜଳି ବେହେରା, ଅନୁପମା ନାୟକ, ପି ପ୍ରୀତିଶ ରଞ୍ଜନ, ଅନ୍ତର୍ଯାମୀ ସାହୁଙ୍କ ସହ ଏକ ଟିମ୍ ଉକ୍ତ ସ୍ଥାନକୁ ଯାଇ ମୃତ ହାତୀର ଶବକୁ ଜବତ କରିଥିଲେ। କିଶୋରନଗର ବ୍ଲକ୍ ଅତିରିକ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ବିଜ୍ଞା ବୈଦେନ୍ତିକା, ଆଠମଲ୍ଲିକ ବ୍ଲକ୍ ପ୍ରାଣୀଧନ ଚିକିତ୍ସା ଅଧିକାରୀ ସରିତା ବେହେରା, ଠାକୁରଗଡ଼ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଲିପ୍ସା ଲିନା ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତଦେହକୁ ବ୍ୟବଚ୍ଛେଦ କରିବା ସହ ନିକଟରେ ପୋତି ଦିଆଯାଇଛି। ଗିରଫ ଶିକାରୀଙ୍କୁ ହଣ୍ଡପା ରେଞ୍ଜ କାର୍ଯ୍ୟାଳୟକୁ ନେଇ ତଦନ୍ତ ଚଳାଇଛନ୍ତି। ଏହି ଘଟଣା ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ଜଙ୍ଗଲରେ ବନ ବିଭାଗର ରାତ୍ରିକାଳୀନ ପାଟ୍ରୋଲିଂକୁ ନେଇ ପ୍ରଶ୍ନ ଉଠାଇଛି।

୫୩ ନମ୍ବର ଏନ୍‌ଏଚ୍‌ରେ ଦୁର୍ଘଟଣା; ୨ ମୃତ

କାମାକ୍ଷାନଗର,୨୭।୧୦(ସମିସ): କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ମୁକ୍ତାପଶି ମେଡିକାଲ ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଦୁଇ ଜଣ ପଥରଖମ୍ବର ଅଜିତ ନାୟକ ଓ ଅନୀଲ ନାୟକ। ସୁମନ୍ତ ନାୟକ ନାମକ ଯୁବକ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ୩ଜଣ ଯାକ ଭୋର ସମୟରେ ପୂଜା ସାମଗ୍ରୀ ପାଇଁ ଏକ ବାଇକ୍ ଯୋଗେ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ପଥରଖମ୍ବ ଗ୍ରାମରେ ଲକ୍ଷ୍ମୀ ପୂଜା ଚାଲିଥିବା ବେଳେ ପୂଜା ସାମଗ୍ରୀ ଆଣିବା ପାଇଁ ତିନି ଜଣ ମୁକ୍ତାପଶି ଆସୁଥିଲେ। ୫୩ ନଂ ଜାତୀୟ ରାଜପଥରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ଅର୍ଜିତ ଓ ଅନିଲଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ସୁମନ୍ତଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁଇଜଣଙ୍କ ମୃତ୍ୟୁରେ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

ହାଇ ଆଲର୍ଟରେ କେନ୍ଦ୍ରାଞ୍ଚଳର ୭ ଜିଲ୍ଲା

୪ଟି ଓଡ୍ରାଫ୍ ଟିମ୍ ମୁତୟନ; ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

ଭୁବନେଶ୍ୱର, ୨୭।୧୦ (ସମିସ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା, ଝଡ଼ ପବନ ଓ ଜଳବନ୍ଦୀ ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ପୁଲିସ ପକ୍ଷରୁ କେନ୍ଦ୍ରାଞ୍ଚଳ ଅଧୀନସ୍ଥ କଟକ , ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀକୁ ହାଇ ଆଲର୍ଟରେ ରଖାଯାଇଛି।

କେନ୍ଦ୍ରାଞ୍ଚଳ ଆଇଜି ଡ. ସତ୍ୟଜିତ ନାୟକ ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରିବା ସହ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କୁ ଜିଲ୍ଲା ପ୍ରଶାସନ, ଓଡ୍ରାଫ୍, ଅଗ୍ନିଶମ ସେବା, ଓସଡମା ଏବଂ ଅନ୍ୟାନ୍ୟ ସଂସ୍ଥା ସହ ସମନ୍ୱୟ ରକ୍ଷା କରି ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବିପଦସଙ୍କୁଳ, ତଳିଆ, ବନ୍ୟାପ୍ରବଣ ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ପୁଲିସ କର୍ମଚାରୀ ମୁତୟନ ହୋଇଛନ୍ତି। ଆବଶ୍ୟକ ସମୟରେ ଲୋକଙ୍କ ନିକଟରେ ଯେପରି ତୁରନ୍ତ ସହାୟତା ପହଞ୍ଚିପାରିବ, ସେଥିପାଇଁ ବ୍ୟବସ୍ଥା କରାଯାଇଛି। ପୁରୀ, ଜଗତସିଂହପୁର, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ୪ଟି ଓଡ୍ରାଫ୍‌ଟିମ୍ ମୁତୟନ କରାଯାଇଛି। ବିପଦସଙ୍କୁଳ ଅଞ୍ଚଳରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାରେ ପୁଲିସ ସହଯୋଗ କରୁଛି। ଏହି ପ୍ରକ୍ରିୟାରେ ବୟସ୍କ, ଶିଶୁ, ମହିଳା, ଗର୍ଭବତୀ ଓ ଦିବ୍ୟାଙ୍ଗଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି।

ରାସ୍ତାଘାଟକୁ ଯାତାୟାତ ଉପଯୋଗୀ ରଖିବା ପାଇଁ ଟ୍ରାଫିକ୍ ନିୟନ୍ତ୍ରଣ, ଜଳବନ୍ଦୀ ରାସ୍ତାରୁ ଜଳ ନିଷ୍କାସନ ଏବଂ ରାସ୍ତା ଉପରେ ପଡ଼ିଥିବା ଗଛଗୁଡ଼ିକୁ ତୁରନ୍ତ ହଟାଇବା ଲାଗି ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରଖାଯିବ। ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି, ରିଲିଫ୍ ଯାନ ଓ ଅନ୍ୟ ଜରୁରୀକାଳୀନ ସେବାର ଯାତାୟାତ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପ୍ରତି ନଜର ରଖାଯିବ। ଜିଲ୍ଲା ପୁଲିସର କଣ୍ଟ୍ରୋଲ ରୁମ୍‌ଗୁଡ଼ିକ ୨୪ ଘଣ୍ଟା ସକ୍ରିୟ ରହିବ। ଜରୁରୀକାଳୀନ ସହାୟତା ପାଇଁ ଆସୁଥିବା ଅନୁରୋଧ ଗ୍ରହଣ କରି ତୁରନ୍ତ ପଦକ୍ଷେପ ନିଆଯିବ। ବାତ୍ୟା ପରେ ଅତ୍ୟାବଶ୍ୟକ ସେବାର ଶୀଘ୍ର ପୁନରୁଦ୍ଧାର ନିମନ୍ତେ ପୁଲିସ ପକ୍ଷରୁ ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପୂର୍ତ୍ତ ଓ ଅନ୍ୟାନ୍ୟ ବିଭାଗ ସହ ନିରନ୍ତର ସମନ୍ୱୟ ରଖାଯାଉଛି। ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ଉପକୂଳ ସତର୍କତା ଜାରି କରାଯାଇଛି। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁରକ୍ଷା ସହ ସମୁଦ୍ରତଟ ଓ ସମୁଦ୍ର ନିକଟକୁ ଲୋକଙ୍କ ଯାତାୟାତ ରୋକିବା ଉପରେ ପୁଲିସ ଗୁରୁତ୍ୱ ଦେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

୬ ଦିନରୁ ଦିନଟିଏ ଧାର୍ଯ୍ୟ ସମୟରେ ହୋଇନି ବାଳ ଧୂପ

ପୁରୀ,୨୭।୧୦(ସମିସ): ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ ଶ୍ରୀମନ୍ଦିରରେ ବାଳଧୂପ ନୀତି ଆରମ୍ଭ ହୋଇଛି। ଏହା ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ତେବେ ଏହି ନୀତି କିପରି ଶୃଙ୍ଖଳିତ ହେବ ସେଥିଲାଗି ଗତ ୧୪ ତାରିଖରେ ଛତିଶା ନିଯୋଗ ବୈଠକ ବସି ନୀତିନିର୍ଘଣ୍ଟ ହୋଇଛି। ଧାର୍ଯ୍ୟ ସମୟ ଅନୁଯାୟୀ, ପ୍ରତିଦିନ ଭୋର୍ ୪ଟାରେ ଦ୍ୱାର ଫିଟାଯାଇ ୫ଟାରେ ମଙ୍ଗଳ ଆଳତି ଏବଂ ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୦ଟା ମଧ୍ୟରେ ବାଳଧୂପ ହେବା କଥା। ଇତିମଧ୍ୟରେ ବାଳଧୂପ ନୀତି ୬ ଦିନ ବିତିଗଲାଣି। ହେଲେ ଦିନଟିଏ ମଙ୍ଗଳ ଆଳତି କିମ୍ବା ବାଳଧୂପ ନୀତି ଠିକ୍ ସମୟରେ ହୋଇପାରିନାହିଁ। ପ୍ରଥମ ଦିନରୁ ହିଁ ବିଳମ୍ବ ହୋଇଚାଲିଛି। ପ୍ରଥମ ଦିନ ଅର୍ଥାତ୍ ଗତ ୨୨ ତାରିଖରେ ସକାଳ ୭ଟା ୫ରେ ଠାକୁରଙ୍କ ମଙ୍ଗଳ ଆଳତି ହୋଇଥିଲା। ଅପରାହ୍ନ ୧ଟା ୪୦ରେ ବାଳଧୂପ ଶେଷ ହୋଇଥିଲା। ଅର୍ଥାତ୍ ମଙ୍ଗଳ ଆଳତିରେ ୨ ଘଣ୍ଟା ଏବଂ ବାଳଧୂପରେ ୩ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଥିଲା। ସେହିପରି ୨୩ ତାରିଖରେ ମଙ୍ଗଳ ଆଳତି ସକାଳ ୭ଟା ୩୫ ଓ ବାଳଧୂପ ଅପରାହ୍ନ ୨ଟା ୧୦, ୨୪ରେ ମଙ୍ଗଳ ଆଳତି ସକାଳ ୬ଟା ୨୫ ଏବଂ ବାଳଧୂପ ଅପରାହ୍ନ ୧ଟା ୧୫, ୨୫ ତାରିଖରେ ସକାଳ ୬ଟା ୨୦ରେ ମଙ୍ଗଳ ଆଳତି ଏବଂ ମଧ୍ୟାହ୍ନ ୧୨ଟା ୫୦ରେ ବାଳଧୂପ ନୀତି ଶେଷ ହୋଇଥିଲା। ସେହିପରି ୨୬ ତାରିଖରେ ସକାଳ ୬ଟା ୧୫ରେ ମଙ୍ଗଳ ଆଳତି, ଅପରାହ୍ନ ୧ଟା ୧୫ରେ ବାଳଧୂପ ଏବଂ ମଙ୍ଗଳବାର ସକାଳ ୬ଟା ୫୫ରେ ମଙ୍ଗଳ ଆଳତି କରାଯାଇଥିବା ବେଳେ ଅପରାହ୍ନ ୧ଟା ୩୦ରେ ବାଳଧୂପ ନୀତି ଶେଷ ହୋଇଛି। ତେବେ ଉକ୍ତ ୬ ଦିନରେ କୌଣସି ଗୋଟିଏ ଦିନ ମଙ୍ଗଳ ଆଳତି ଏବଂ ବାଳଧୂପ ନୀତି ଧାର୍ଯ୍ୟ ସମୟରେ ହୋଇପାରିନାହିଁ।

ନୀତି ବିଳମ୍ବ ପାଇଁ ଦାୟୀ କିଏ?

ଏଭଳି ବିଳମ୍ବକୁ ଦେଖିବା ପରେ ନୀତିକାନ୍ତିର ତଦାରଖ ଠିକ୍ ଭାବେ ହେଉଛି ତ ବୋଲି ପ୍ରଶ୍ନ ଉଠୁଛି। ଏମିତି କି ଆରମ୍ଭରୁ ନୀତି ବିଳମ୍ବ ହେଉଥିବାବେଳେ ଏହା ଅନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରୁଛି। ଏହାଦ୍ୱାରା ଭକ୍ତଙ୍କ ଦର୍ଶନ ପ୍ରଭାବିତ ହେଉଥିବାବେଳେ ମହାପ୍ରସାଦ ପାଇବାରେ ମଧ୍ୟ ବିଳମ୍ବ ହେଉଛି। ସେହିପରି ଏବେ କାର୍ତ୍ତିକ ମାସ ଯୋଗୁଁ ଶ୍ରୀମନ୍ଦିରରେ ହବିଷ୍ୟାଳୀ ମା'ମାନଙ୍କ ଭିଡ଼ ହେଉଛି। ତେଣୁ ଭକ୍ତ ଏବଂ ହବିଷ୍ୟାଳୀମାନେ ଯେପରି ସୁରୁଖୁରୁରେ ମହାପ୍ରଭୁଙ୍କ ଦର୍ଶନ କରି ଠିକ୍ ସମୟରେ ମହାପ୍ରସାଦ ପାଇପାରିବେ ସେ ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେବା ଦରକାର ବୋଲି ଶ୍ରଦ୍ଧାଳୁମାନେ ମତ ଦେଇଛନ୍ତି।

୬ ଦିନ ପରେ କୋଟିଆରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ

ଓଡିଆ ଅସ୍ମିତାର ପରିଚୟ ଦେଉ ବିଜେପି ସରକାର: ବିଜେଡି

କୋଟିଆ ଉନ୍ନତି ପାଇଁ ପ୍ରତିବଦ୍ଧ ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଟ୍ରିପଲ୍ ଇଞ୍ଜିନ ସରକାର ଥାଇ ମଧ୍ୟ କୋଟିଆ ସମସ୍ୟାର ସମାଧାନ ହୋଇପାରୁନି

ଭୁବନେଶ୍ୱର,୨୭।୧୦(ସମିସ): କିଛି ଦିନ ପରେ କୋଟିଆରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରିବାକୁ ଯାଉଛନ୍ତି। ମାତ୍ର ଓଡ଼ିଶା ସରକାର ଆନ୍ଧ୍ର ଆଗରେ ଆତ୍ମସମର୍ପଣ କରିଛନ୍ତି। ଏହା ଓଡ଼ିଶା ପାଇଁ ବଡ଼ ଅପମାନ। କୋଟିଆ ପ୍ରସଙ୍ଗରେ ଡବଲ ଇଞ୍ଜିନ ସରକାରଙ୍କ ଅସହାୟତାକୁ ବିଜୁ ଜନତା ଦଳ ପକ୍ଷରୁ ନେଇ ଆଜି କଡ଼ା ଭାଷାରେ ନିନ୍ଦା କରାଯାଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ଦଳର ଉପସଭାପତି ଡ. ଅରୁଣ କୁମାର ସାହୁ ଓ ପୂର୍ବତନ ସାଂସଦ ତଥା ଜାତୀୟ ମୁଖପାତ୍ର ପ୍ରଦୀପ ମାଝୀ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି।

ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ, ଟ୍ରିପଲ୍ ଇଞ୍ଜିନ ସରକାର ଥାଇ ମଧ୍ୟ କୋଟିଆ ସୀମା ବିବାଦର ସ୍ଥାୟୀ ସମାଧାନ ହେଉନାହିଁ। ଗତ ଅଢେଇ ବର୍ଷରେ ବିବାଦ ସମାଧାନ ହେବା ବଦଳରେ ଆହୁରି ଜଟିଳ ହେଉଛି। କୋଟିଆରେ ପଞ୍ଚାୟତ ନିର୍ବାଚନ କରିବା ପାଇଁ ଆନ୍ଧ୍ର ସରକାର ଗତ ୧୦ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିବା ବେଳେ ନିର୍ବାଚନ ରୋକିବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। କୋଟିଆର ସୁରକ୍ଷା ନେଇ ଗତ ୧୯ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖିଥିଲେ। ୨୧ ରେ ଅଦାଲତ ଅବମାନନା ମାମଲା ସ୍ଥିତି ଯାଞ୍ଚ ନେଇ ମୁଖ୍ୟମନ୍ତ୍ରୀ ଏଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୩ରେ ଅଦାଲତ ଅବମାନନା ନେଇ ପୁଣି ଏକ ମାମଲା ସୁପ୍ରିମକୋର୍ଟରେ ଦାୟର ହୋଇଥିଲା। ୮ ଦିନ ପରେ ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିଠିର ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ସରକାର ଚୁପ ହୋଇ ରହିଗଲେ। ଓଡ଼ିଶା, ଆନ୍ଧ୍ର ଓ କେନ୍ଦ୍ରରେ ବିଜେପି ସରକାର ଥିବା ସତ୍ତ୍ୱେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ଚୁପ ରହିବା ନିନ୍ଦନୀୟ। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର କୋଟିଆ ପ୍ରସଙ୍ଗରେ ତିଳେ ମାତ୍ର ଆନ୍ତରିକତା ଦେଖାଉ ନାହାଁନ୍ତି। କୋଟିଆ ପ୍ରସଙ୍ଗରେ ବିଜେପି ସରକାର ଦୃଢ଼ ପଦକ୍ଷେପ ନେଇ ଓଡ଼ିଆ ଅସ୍ମିତାର ପରିଚୟ ଦିଅନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ ଯୋଗୁଁ କେନ୍ଦ୍ରରେ ବିଜେପି ସରକାର ତିଷ୍ଠି ରହିଛି। କାଳେ ଆନ୍ଧ୍ର ସମର୍ଥନ ପ୍ରତ୍ୟାହାର କରିନେବ, ସେଥିପାଇଁ ଆନ୍ଧ୍ରପ୍ରଦେଶକୁ କେନ୍ଦ୍ର ସରକାର ସହଯୋଗ କରୁଥିବା ଅଭିଯୋଗ କରିଛନ୍ତି।

ପୂର୍ବତନ ସାଂସଦ ପ୍ରଦୀପ ମାଝୀ କହିଥିଲେ ଯେ, କୋଟିଆକୁ ବିଜେଡ଼ି ବାରମ୍ବାର ଗସ୍ତ କରି ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିଛି। ଅନେକ ଅବ୍ୟବସ୍ଥା ସତ୍ତ୍ୱେ ରାଜ୍ୟ ସରକାର ଚୁପ ବସିଛନ୍ତି। ବିଜେପି ସାଂସଦ ଓ ବିଧାୟକ ମାନେ କେବଳ ମିଛ ବୟାନ ବାଜିରେ ସୀମିତ ରହିଛନ୍ତି। କୋଟିଆର ସର୍ବକାଳୀନ ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିବଦ୍ଧ ଥିଲେ। ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ ଜଗମୋହନ ରେଡ୍ଡୀ ମଧ୍ୟ ଏ ସମ୍ପର୍କରେ ନବୀନଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ କୋଟିଆର ବିକାଶ ଓ ବିବାଦର ସ୍ଥାୟୀ ସମାଧାନ ପାଇଁ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ସହ କେତେଥର ଆଲୋଚନା କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। କୋଟିଆରେ ୯୫ ପ୍ରତିଶତ ଲୋକ ଆଦିବାସୀ। ୪ ମାସ ହେଲା ଭତ୍ତା ପାଇନାହାଁନ୍ତି। କୋଟିଆରେ ଆନ୍ଧ୍ର ସରକାର ୪ଟି ପଞ୍ଚାୟତ ଗଠନ କରିଛନ୍ତି। ନେରିଡି ଭାଲସାରେ ଆନ୍ଧ୍ର ସରକାର ପୁଲିଂ ବୁଥ କରିଥିବା ବେଳେ ଓଡ଼ିଶା ସରକାର ତାହାକୁ ରୋକି ପାରି ନାହାନ୍ତି। କୋଟିଆ ପ୍ରସଙ୍ଗରେ ବିଜେପି ସରକାର ସ୍ଥାଣୁ ପାଲଟିଥିବା ବେଳେ ବିଜେଡି ଲଢେଇ କରିବ। ବିଜେଡିର ସମସ୍ତ ବର୍ତ୍ତମାନ ଓ ପୂର୍ବତନ ସାଂସଦ, ବିଧାୟକ, ଅଧ୍ୟକ୍ଷ ଏବଂ ସମସ୍ତ କର୍ମକର୍ତ୍ତା ନେରିଡି ଭାଲସାରେ ଆନ୍ଦୋଳନ କରିବେ। ଆନ୍ଧ୍ର ସରକାରଙ୍କୁ ସେଠାରେ ବୁଥ କରାଇବାକୁ ଦେବେ ନାହିଁ। ବିଜେପି ସରକାର ଦଳୀୟ ସ୍ୱାର୍ଥ ପାଇଁ ଚୁପ ରହୁଥିଲେ ମଧ୍ୟ ବିଜେଡି ଚୁପ୍ ରହିବ ନାହିଁ ବୋଲି ସେ କହିଛନ୍ତି।

୧୮ ମଣ୍ଡପରେ ପୂଜା ପାଉଛନ୍ତି ମା' ଧନଦାତ୍ରୀ

ତାଳଚେର ସହର,୨୭।୧୦(ସମିସ):

ତାଳଚେର ବ୍ଲକ୍ ଘଣ୍ଟପଡ଼ା ଗ୍ରାମରେ ଆରମ୍ଭ ହୋଇଛି ମା' ଲକ୍ଷ୍ମୀଙ୍କ ୬୬ତମ ପୂଜା ମହୋତ୍ସବ। ଗ୍ରାମର ୧୮ଟି ପୂଜା ମଣ୍ଡପରେ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଥିବା ବେଳେ ସମଗ୍ର ଗ୍ରାମ ଭକ୍ତିମୟ ପରିବେଶରେ ଉତ୍ସବ ମୁଖର ହୋଇଉଠିଛି। ଗ୍ରାମର ସ୍କୁଲ ସାହି, ବର ସାହି, ବାଲି ସାହି, ଶବର ସାହି, ମଣ୍ଡପ ସାହି, ଡିଅର ସାହି, ବଉଳ ଛକ, ମହାନ୍ତି ସାହି, ସାମନ୍ତ ସାହିର ଦୁଇଟି, ମହାପାତ୍ର ସାହି, ମଣ୍ଡପ ସାହି ବଡ଼ ସାହିର ତିନୋଟି ମଣ୍ଡପ, ନାକଟି ସାହି, ଭାଗବତ ସାହି, ଗୋଛାୟତ ସାହି ଓ ଡାବା ମାର୍କେଟ ଆଦି ସ୍ଥାନରେ ଗ୍ରାମର ଥିବା ବିଭିନ୍ନ ପୋଖରୀରୁ ଜଳ କଳସ ଆଣି ମା'ଙ୍କ ପୂଜା ଆୟୋଜିତ ହେଉଛି। ପ୍ରତ୍ୟେକ ପୂଜା ମଣ୍ଡପକୁ ଆକର୍ଷଣୀୟ ଭାବେ ସଜାଯାଇଛି। ସୁନ୍ଦର ମୂର୍ତ୍ତି, ରଙ୍ଗୀନ ଆଲୋକମାଳା, ଆକର୍ଷଣୀୟ ତୋରଣ ଓ ମନୋରମ ସାଜସଜ୍ଜାରେ ପୂଜା ମଣ୍ଡପଗୁଡ଼ିକ ଝଲସି ଉଠୁଛି। ନିଜ ନିଜ ସାହିର ପୂଜା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପୂଜା କମିଟି ମଧ୍ୟରେ ଏକ ପ୍ରକାର ସୁସ୍ଥ ପ୍ରତିଯୋଗିତା ଦେଖିବାକୁ ମିଳୁଛି। ଦଶଦିନ ଧରି ଚାଲିଥିବା ଏହି ପୂଜା ମହୋତ୍ସବରେ ମା' ଲକ୍ଷ୍ମୀଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ

● ଶୋଭା ବଢ଼ାଉଛି ଆକର୍ଷଣୀୟ ତୋରଣ
● ରଙ୍ଗୀନ ଆଲୋକମାଳାରେ ଝଲସୁଛି ଗାଁ

ସମାଗମ ହେଉଛି। ପୂଜା ମଣ୍ଡପଗୁଡ଼ିକରେ ମା'ଙ୍କ ନିକଟରେ କାକରା ପିଠା, କ୍ଷୀରି, ଜିଲାପି, ଆରିସା ପିଠା ଓ ଅନ୍ନପ୍ରସାଦ ଭୋଗ ଲାଗି କରାଯାଉଛି। ପରେ ଏହି ପ୍ରସାଦ ଭକ୍ତମାନଙ୍କୁ ବଣ୍ଟନ କରାଯାଉଛି କ୍ଷ ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ପୂଜା ମଣ୍ଡପ ସମ୍ମୁଖରେ ନାମ ସଂକୀର୍ତ୍ତନ ପରିବେଷଣ କରାଯାଉଥିବାରୁ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ମା' ଲକ୍ଷ୍ମୀଙ୍କ ଆରାଧନା, ଆଲୋକସଜ୍ଜା ଓ ପାରମ୍ପରିକ ଭୋଗରାଗରେ ଘଣ୍ଟପଡ଼ା ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି।

ବଅଁରପାଳର ୧୩ ମଣ୍ଡପରେ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା

ରାବଣ ଦରବାରରେ ଦର୍ଶକଙ୍କ ଭିଡ଼

ବଅଁରପାଳ,୨୭।୧୦(ସମିସ): ଧନ, ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ଦେବୀ ମା' ମହାଲକ୍ଷ୍ମୀଙ୍କ ଆରାଧନାରେ ଉତ୍ସବମୁଖର ହୋଇଉଠିଛି ଅନୁଗୋଳ ଜିଲ୍ଲାର

ବଅଁରପାଳ ଅଞ୍ଚଳ। ଏଠାରେ ୧୩ଟି ପୂଜା ମଣ୍ଡପରେ ମା' ମହାଲକ୍ଷ୍ମୀଙ୍କ ପୂଜା ଧୁମ୍‌ଧାମରେ ପାଳନ କରାଯାଉଛି। ପୂଜା ମଣ୍ଡପଗୁଡ଼ିକରେ ଭକ୍ତିମୟ ପରିବେଶ ସହ ଆଧ୍ୟାତ୍ମିକ ଉତ୍ସାହ ଦେଖିବାକୁ ମିଳୁଛି। ବଅଁରପାଳରେ ଆୟୋଜିତ ଏହି ୧୩ଟି ପୂଜାକୁ ବଅଁରପାଳ ବଣିକ ମହାସଂଘ ପକ୍ଷରୁ ପରିଚାଳନା କରାଯାଉଛି। ମା'ଙ୍କ ପୂଜାକୁ ସୁସଂଗଠିତ ଭାବେ ଆୟୋଜନ କରିବା ସହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି।ଟାମଡା ମାର୍କେଟ, ଶାନ୍ତି ବଜାର, ସନ୍ତ୍ରୀ ଛକ (କ), ଡେଲି

ମାର୍କେଟ, ସିଦ୍ଧେଶ୍ୱର ବଜାର, ଥାନା ଛକ, ଲକ୍ଷ୍ମୀନାରାୟଣ ବଜାର, ନୂଆ ବଜାର ସାନ୍ତ୍ରି ଛକ (ଖ), ଦୁର୍ଗା ବଜାର, ଲାଲ୍ ବାଗ ପୂଜା କମିଟି, ସନ୍ତ୍ରୀ ଛକ (ଗ), ଶୁଭଲକ୍ଷ୍ମୀ ପୂଜା କମିଟି ଓ ପଞ୍ଚ ଶ୍ରୀକ୍ଷେତ୍ର ପୂଜା କମିଟି ପୂଜା ମଣ୍ଡପରେ ମା' ପୂଜା ପାଉଛନ୍ତି। ଏହି ବଣିକ ମହାସଂଘ ପରିଚାଳନା କମିଟିର ସଭାପତି ଉପେନ୍ଦ୍ର ସାହୁ, ସମ୍ପାଦକ ଅଖିଳ କୁମାର ମାହାପାତ୍ର, ଉପଦେଷ୍ଟା ଖଗେଶ୍ୱର ପରିଡ଼ା ଓ କୋଷାଧ୍ୟକ୍ଷ ବିଜୟ କୁମାର ସାମଲ ପୂଜାକୁ ଶୃଙ୍ଖଳାର ସହ ପରିଚାଳନା କରୁଛନ୍ତି। ପ୍ରତିଦିନ ପୂଜା ମଣ୍ଡପଗୁଡ଼ିକରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ନପ୍ରସାଦ ବଣ୍ଟନ କରାଯାଉଛି। ଏଥିରେ ଶ୍ରଦ୍ଧାଳୁମାନେ ଯୋଗଦେଇ ମା'ଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରୁଛନ୍ତି। ପୂଜା ଅବସରରେ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ଓ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଚଳିତ ବର୍ଷ ବଅଁରପାଳରେ ମା' ମହାଲକ୍ଷ୍ମୀଙ୍କ ପୂଜା ପ୍ରାଥମିକ ଭାବେ ୯ ଦିନ ଧରି ପାଳନ କରିବାକୁ ସ୍ଥିର କରାଯାଇଛି। ଅନୁଗୋଳ ଓ କୁଲାଡ଼ ଅଞ୍ଚଳରେ ଆୟୋଜିତ ମା'ଙ୍କ ପୂଜାକୁ ଦୃଷ୍ଟିରେ ରଖି ବଅଁରପାଳରେ ମଧ୍ୟ ୯ ଦିନିଆ ପୂଜାର ଯୋଜନା କରାଯାଇଛି। ତେବେ ଶ୍ରଦ୍ଧାଳୁଙ୍କ ଉତ୍ସାହ ଓ ପୂଜା କମିଟିଗୁଡ଼ିକର ନିଷ୍ପତ୍ତି ଅନୁଯାୟୀ ପୂଜା ଅବଧି ଆଉ ଦୁଇ ଦିନ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ୧୩ଟି ପୂଜା ମଣ୍ଡପରେ ଚାଲିଥିବା ଧାର୍ମିକ ଓ ସାଂସ୍କୃତିକ ଆୟୋଜନ ଅଞ୍ଚଳବାସୀଙ୍କ ମଧ୍ୟରେ ଏକତା ଓ ଭାଇଚାରାର ବାର୍ତ୍ତା ଦେଉଛି। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଛନ୍ତି। ପୁଲିସ ପ୍ରଶାସନ ପକ୍ଷରୁ ବଅଁରପାଳକୁ ଏକ ନମ୍ବର ସେକ୍ଟରରେ ବିଭକ୍ତ କରି ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ସାଇକଲରୁ ପଡ଼ି ବୃଦ୍ଧ ମୃତ

କଣିହାଁ,୨୭ ।୧୦(ପିପିଏସ୍): ଏନ୍‌ଟିପିସି ଟାଉନ ଥାନା ଅନ୍ତର୍ଗତ ରଙ୍ଗବେଡା ହଟିଂରେ ରହୁଥିବା ଅଜୟ ଚାତର (୭୦) ନାମକ ଜଣେ ବୃଦ୍ଧ ସାଇକେଲରୁ ପଡ଼ି ମୃତ୍ୟୁ ହୋଇଥିବା ଜଣାଯାଇଛି। ଏଥିନେଇ ଏନ୍‌ଟିପିସି ଏକ ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଜାରି ରଖିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଅଜୟ ଚାତର ଗତକାଲି ତାର ଝିଅ ଘରକୁ ଯାଇ ସାଇକଲ ଯୋଗେ ଫେରୁଥିବା ବେଳେ ନିଶାଗ୍ରସ୍ତ ଅବସ୍ଥାରେ କରଡେଇ ବ୍ରିଜ୍ ନିକଟରେ ଏକ ପୋଲରେ ପିଟିହୋଇ ଖସି ପଡ଼ିଥିଲା। ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଆସିଥିଲେ ମଧ୍ୟ ପରେ ଗୁରୁତର ହେବାରୁ ଆଜି ପରିବାର ଲୋକେ ଏନ୍‌ଟିପିସି ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଚୋରି ସୁନା ଗହଣା ଓ ଟଙ୍କା ଉଦ୍ଧାର; ମୁଖ୍ୟ ଅଭିଯୁକ୍ତ ଗିରଫ

ଅନୁଗୋଳ,୨୭।୧୦(ସମିସ): ଅନୁଗୋଳ ପୁଲିସ ଗତ ୨୪ ତାରିଖରେ ସ୍ଥାନୀୟ ଗୀତାଗ୍ରାମ ଅଞ୍ଚଳରୁ ଜନୈକ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ସୁନା ଗହଣା ଏବଂ ନଗଦ ଟଙ୍କାକୁ ଉଦ୍ଧାର କରିବାସହ ଏହି ଚୋରିର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଜି. କିରଣ କୁମାର ନାମକ ଜଣେ ବ୍ୟକ୍ତି ଓ ତାଙ୍କ ପରିବାର, ଅନୁଗୋଳ ଗୀତାଗ୍ରାମରେ ଭଡାରେ ରୁହନ୍ତି। ଗତ ୧୭ ତାରିଖଠାରୁ, ସେ ତାଙ୍କ ପରିବାର ସହିତ ତାଙ୍କର ନିଜ ଗ୍ରାମ ତୁଳସୀପୁର, ଗଞ୍ଜାମକୁ ଯାଇଥିଲେ। ୨୪ତାରିଖ ସକାଳେ ଘର ମାଲିକଙ୍କ ଠାରୁ ଘରୁ ଚୋରି ହୋଇଥିବା ବିଷୟରେ ଜାଣିବାକୁ ପାଇଥିଲେ ଏବଂ ସେହି ଦିନ ଅପରାହ୍ଣରେ ଅନୁଗୋଳ ଫେରିଆସିଥିଲେ। ଘରେ ପହଞ୍ଚି ଜାଣିବାକୁ ପାଇଲେ ଯେ ଆଲମୀରା ଭାଙ୍ଗି ବିଭିନ୍ନ ସୁନା ଅଳଙ୍କାର ଓ ନଗଦ ୫୧ ହଜାର ଟଙ୍କା ଚୋରମାନେ ନେଇଯାଇଛନ୍ତି। ଏ ନେଇ ସେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଫଳରେ ପୁଲିସ ଏହି ଘଟଣାର ତଦନ୍ତ କରି ବିଭିନ୍ନ ଜାଗାରେ ସିସି କ୍ୟାମେରା ଯାଞ୍ଚ ବେଳେ, ସମ୍ପୃକ୍ତ ବ୍ୟକ୍ତିଙ୍କ ବିଷୟରେ ଜଣାପଡ଼ିଲା। ଫଳରେ ପୁଲିସ ଢେଙ୍କାନାଳ ଟାଉନସ୍ଥିତ ଗୀତାଗ୍ରାମ ଅଞ୍ଚଳରେ ଚଢ଼ଉ କରି ଅଭିଯୁକ୍ତ କାହ୍ନୁ ଚରଣ ବାରିକକୁ ଗିରଫ କରିବା ସହ ତା' ଠାରୁ ନଗଦ ୪୫ ହଜାର ଟଙ୍କା, ଗୋଟିଏ ମୋବାଇଲ ଫୋନ, ୭୯ ଗ୍ରାମର ସୁନା ଅଳଙ୍କାର ଜବତ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ବ୍ୟବସାୟୀଙ୍କୁ ଚୂନ ଲଗାଇ ଯୁବକ ଗିରଫ

ବଅଁରପାଳ,୨୭।୧୦(ସମିସ): ବଅଁରପାଳ ବଜାରରେ ବ୍ୟବସାୟୀ ମାନଙ୍କୁ ଚୂନ ଲଗାଇ ଟଙ୍କା ଠକି ନେଇଥିବା ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି। ସୂଚନା ଯୋଗ୍ୟ ଯେ ସୋନପୁର ଜିଲ୍ଲାର ଗୋକକର୍ଣ୍ଣେଶ୍ୱର ଗ୍ରାମର କନ୍ଦର୍ପ ଦାସଙ୍କ ପୁଅ ବିଶ୍ୱଜିତ୍ (୩୩) ଗତ ୨୫ ତାରିଖରେ ବଅଁରପାଳ ସନ୍ତ୍ରି ଛକ ଆଶା ଟକିଜ ପାଖରେ ଚିତ୍ତରଞ୍ଜନ ରାଉଳଙ୍କ ଠାରୁ ଡ୍ରେସ କିଣିଥିଲେ ଏଥିସହ ନଗଦ ୫ ହଜାର ଟଙ୍କା ନେଇଥିଲେ। ସେ ବାବଦକୁ ତାଙ୍କୁ ୨୧ ହଜାର ଟଙ୍କା ଏନ୍‌ଇଏଫ୍‌ଟି କରିଛି ବୋଲି କହିଥିଲେ। ସେହିଭଳି ଭାବରେ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ଠାରୁ ୫ ହଜାର ଟଙ୍କା, ବିପିନ ସାହୁଙ୍କ ଠାରୁ ୫ ହଜାର ଟଙ୍କା, ନବ କୁମାର ରାଉତଙ୍କ ଠାରୁ ୩ ହଜାର ଟଙ୍କା ଓ ମନୋଜ ବେହେରାଙ୍କ ଠାରୁ ୫୦ ହଜାର ଟଙ୍କା ନଗଦ ଟଙ୍କା ନେଇ ୨୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଏନ୍‌ଇଏଫ୍‌ଟି କରିଛି ବୋଲି କହି ନକଲି ମେସେଜ ଦେଖାଇଥିଲେ। ତେବେ ୨୫ତାରିଖ ସୁଦ୍ଧା ଟଙ୍କା ସଂପୃକ୍ତ ବ୍ୟବସାୟୀଙ୍କ ଆକାଉଣ୍ଟକୁ ନ ଆସିବାରୁ ବିଶ୍ୱଜିତ୍ ଖୋଜିଥିଲେ। ୨୬ ତାରିଖ ସନ୍ଧ୍ୟା ସମୟରେ ଦୋକାନରେ ଚା' ପିଉଥିବା ଦେଖି ଦୋକାନୀ ମାନେ କାବୁ କରି ନିସ୍ତୁକ ମାଡ଼ ମାରି ପୁଲିସ ଜିମା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତାକୁ ଥାନାକୁ ନେଇଥିଲେ। ଆଜି ବିଶ୍ୱଜିତ୍‌କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ କହିଛି।

ବିଜେପିର ଲୋକତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ କର୍ମଶାଳା

ଅନୁଗୋଳ,୨୭।୧୦(ସମିସ): ବିଜେପି ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟରେ ମଙ୍ଗଳବାର 'ଲୋକତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଦେଶରେ ବିଜେପି ପକ୍ଷରୁ ଏଭଳି କର୍ମଶାଳା ଆୟୋଜନ କରାଯାଉଛି। ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ଉପ ସଭାପତି ଡ଼ଃ ଯତୀନ ମହାନ୍ତି ଯୋଗଦେଇ ଆମ ଦେଶକୁ ଦୁର୍ବଳ କରିବା ପାଇଁ ସାମ୍ବିଧାନିକ ଅଧିକାର ନାମରେ ବିରୋଧୀ ଦଳ ଅରାଜକତା ସୃଷ୍ଟି କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ବିରୋଧୀଙ୍କର ଦେଶ ବିରୋଧୀ ମାନସିକତାକୁ ପ୍ରତିହତ କରିବା ପାଇଁ ବିଜେପି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଶକ୍ତି ତଥା ଲୋକଙ୍କ ନିକଟକୁ ଯିବ, ପ୍ରକୃତ ସତ୍ୟତା ବୁଝାଇବ ବୋଲି କହିଥିଲେ। କର୍ମଶାଳାରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସମେତ ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ ଏବଂ ଜିଲ୍ଲା ସାଧାରଣ ସମ୍ପାଦିକା ବସନ୍ତ ମଞ୍ଜରୀ ପ୍ରଧାନ, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ, ଜିଲ୍ଲା ଓ ରାଜ୍ୟ ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର ସଭାପତି, ବିଧାନସଭା ସଂଯୋଜକ, ମଣ୍ଡଳ ସଭାପତି ଓ ପ୍ରଭାରୀ ତଥା ଆଗାମୀ କାର୍ଯ୍ୟକ୍ରମର ସଂଯୋଜକ ଓ ସହ-ସଂଯୋଜକ ମାନେ ଉପସ୍ଥିତ ରହିଥିଲେ।

ଖଣ୍ଡହତା-ପିପଳବାହାଳରେ ଜମୁଛି ଗଜଲକ୍ଷ୍ମୀ ପୂଜା

କିଶୋରନଗର,୨୭।୧୦(ସମିସ): ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ କିଶୋରନଗର ବ୍ଲକ୍ ଖଣ୍ଡହତା-ପିପଳବାହାଳ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ହୋଇଛି ରାବଣ ଦରବାର। ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଧନୁଯାତ୍ରା କାର୍ଯ୍ୟକ୍ରମ ଆସନ୍ତା ୨୯ ତାରିଖ ଯାଏଁ ଚାଲିବ। ପ୍ରଥମ ଦିବସରେ ସୀତା ବିବାହ ଓ ପର୍ଶୁରାମ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରାଜ ଅତିଥି ଭାବେ କିଶୋରନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଂଶୁ ଶେଖର ପ୍ରଧାନ, ଧଉରାପାଲି ସରପଞ୍ଚ ଜ୍ୟୋସ୍ନାରାଣୀ ଦେହୁରୀ, ଖଣ୍ଡହତା ଗ୍ରାମ ସଭାପତି କିଶୋର ଚନ୍ଦ୍ର ପ୍ରଧାନ, ପୂଜା କମିଟି ସଭାପତି ପ୍ରଦୀପ ପ୍ରଧାନ ଓ ସମ୍ପାଦକ ରାକେଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଦରବାରରେ ଅନୁଷ୍ଠିତ ହୋଇଥିଲା ରାମ ବନବାସ ଗୀତିନାଟ୍ୟ। ରାବଣ ଦରବାରରେ ରାଜ ଅତିଥି ଭାବେ ଭାରତୀୟ ଜନତା ପାର୍ଟି, ଆଠମଲ୍ଲିକର ସଂଯୋଜକ ଡ଼ା ଅଲେଖ କୁମାର ପ୍ରଧାନ, ଓଡ଼ିଶା ଚଷା ସମାଜ ସଭାପତି ସୁରେନ୍ଦ୍ର ନାରାୟଣ ପ୍ରଧାନ, କିଶୋରନଗର ଥାନା ଅଧିକାରୀ ହରିକୃଷ୍ଣ ପ୍ରଧାନ, ଶିକ୍ଷାବିତ ସୁଶାନ୍ତ କୁମାର ପ୍ରଧାନ ଓ ସମାଜସେବୀ କାଳନ୍ଦୀ ଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କୌଣସି ବ୍ୟକ୍ତି ମଦ୍ୟପାନ କରି ଗାଡ଼ି ନ ଚଳାଇବାକୁ ଓ ସର୍ବଦା ହେଲମେଟ ବ୍ୟବହାର କରିବାକୁ ମହାରାଜ ରାବଣ ପ୍ରଜାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟହ ରାଜ ଦରବାରରୁ ମହାରାଜ ରାବଣଙ୍କ ସଚେତନତା ବାର୍ତ୍ତା ଦର୍ଶକଙ୍କ ମନରେ ବିଶେଷ ପ୍ରଭାବ ପକାଉଥିବାର ଲକ୍ଷ୍ୟ କରାଯାଉଛି। ରାଜନର୍ତ୍ତକୀ ତଥା ସ୍ଥାନୀୟ ଆମ୍ବପାଳ ଛାତ୍ରାବାସ କଳାକାରଙ୍କ ମନୋଜ୍ଞ ନୃତ୍ୟ ପରିବେଷଣ ବେଶ୍ ଉପଭୋଗ୍ୟ ହୋଇପାରିଥିଲା। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ମଞ୍ଚ ପରିଚାଳନା କରିଥିଲେ। ଲକ୍ଷ୍ମୀ ପୂଜା ଅବସରରେ ପୌରାଣିକ ତଥ୍ୟ ଆଧାରରେ ମନୋଜ୍ଞ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧିରଖି ପାରିଛି। ମହାରାଜ ରାବଣଙ୍କ ଦରବାରରେ ପ୍ରତ୍ୟହ ବିଶିଷ୍ଟ ଅତିଥିମାନେ ସାମିଲ ହେବା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ଓ ଅନ୍ନପ୍ରସାଦ ବ୍ୟବସ୍ଥା ଅଛି ବୋଲି ପୂଜା କମିଟିର କର୍ମକର୍ତ୍ତା ଜଣାଇଥିଲେ।

ମନମୋହୁଛି ରାବଣ ଦରବାର

ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଶପଥ ପାଠ

ଅନୁଗୋଳ,୨୭।୧୦(ସମିସ): ସମାଜର ବିଭିନ୍ନ କ୍ଷେତ୍ରରୁ ଦୁର୍ନୀତି ହଟାଇ ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା

ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବାକୁ ନେଇ ଅକ୍ଟୋବର ୨୬ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି। ଚଳିତବର୍ଷର ବାର୍ତ୍ତା ହେଉଛି 'ସାଧୁତାରୁ ସମୃଦ୍ଧି'। ସମାଜର ପ୍ରତ୍ୟେକସ୍ତରରୁ ଦୁର୍ନୀତିର ମୁଳୋତ୍ପାଟନ ନିମନ୍ତେ ସମସ୍ତେ ଆଗେଇ ଆସିବା ସହ ଜୀବନର ସବୁ କ୍ଷେତ୍ରରେ ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରି ରାଜ୍ୟକୁ ଦୁର୍ନୀତିମୁକ୍ତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଭିଡିଓ କନଫରେନ୍ସ ମାଧ୍ୟମରେ ଆଜି ପୂର୍ବାହ୍ନରେ ଶପଥ ପାଠ କରାଇଥିଲେ। ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ଓସୱାନ ହଲ୍‌ଠାରେ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂହ ଓ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ଯୋଗଦେଇ ଶପଥ ପାଠ କରିଥିଲେ। ଶପଥ ପାଠ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥି, ଡେପୁଟିକଲେକ୍ଟର ମଧୁସ୍ମିତା ବିଶି, ଡେପୁଟି କଲେକ୍ଟର ଜୟଜିତ ଧଳଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାର ସମସ୍ତ ଉପଖଣ୍ଡ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଗ୍ରାମପଞ୍ଚାୟତ, ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡ଼ିକରେ ଶପଥ ପାଠ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି।

କଂଗ୍ରେସ ପକ୍ଷରୁ 'ଭୋଟ ବଞ୍ଚାଅ ଦେଶ ବଞ୍ଚାଅ' ଆନ୍ଦୋଳନ

ଅନୁଗୋଳ,୨୭।୧୦(ସମିସ): ଭାରତର ଗଣତନ୍ତ୍ରକୁ ବିପଦରେ ପକାଇଥିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସାରାରେ ବିଜେପି ଦଳର କାର୍ଯ୍ୟ କରୁଥିବା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଅନୁଗୋଳ ଜିଲ୍ଲା କଂଗ୍ରେସ ଭବନଠାରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ସି ପି ମିତ୍ତଲ କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ଅବୈଧ ଏସ୍‌ଆଇଆର୍ ବାତିଲ, କଟିଥିବା ସମସ୍ତ ଭୋଟରଙ୍କ ନାମ ତୁରନ୍ତ ଯୋଡ଼ିବା, ପୂର୍ବଭଳି ନିୟମିତ ବ୍ୟବଧାନରେ ଭୋଟର ତାଲିକାକୁ ସଂଶୋଧନ, ନିର୍ବାଚନ ଆୟୁକ୍ତଙ୍କ

ନିଯୁକ୍ତି ସମ୍ପର୍କିତ ଆଇନ ବାତିଲ, ନିର୍ବାଚନ ଆୟୋଗଙ୍କ ସ୍ୱାଧୀନତା ଓ ବିଶ୍ୱାସନୀୟତା ସୁନିଶ୍ଚିତ କରିବା ଉଚିତ। ଏହି ଅବସରରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ସମ୍ବିଧାନର ଅନୁଚ୍ଛେଦ ୩୨୬ ପାଠ କରିବା ସହ ସେବା ଦଳ ତରଫରୁ ଜିଲ୍ଲା ଅଧ୍ୟକ୍ଷ ସୌମ୍ୟ ସଞ୍ଜିତ ମିଶ୍ର ଓ ରାଜ୍ୟ ସେବା ଦଳ ସମ୍ପାଦକ ସଞ୍ଜୀବ ନାଏକଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ବନ୍ଦେ ମାତରଂ ଗାନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବରିଷ୍ଠ ନେତା ଉମେଶ ଚନ୍ଦ୍ର ସାହୁ, ଦିଗାମ୍ବର ଗଡ଼ନାୟକ, ତପନ ପ୍ରଧାନ, ଦାଶରଥି ସାହୁ, ଗୋବିନ୍ଦ ନାଏକ, ଟିକନ ବେହେରା, ପ୍ରଫୁଲ୍ଲ ଦାସ, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ଅମୂଲ୍ୟ ବେହେରା, ବିରଞ୍ଚି ନାରାୟଣ ଧର, ବଳବୀର ସିଂ, ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ରାକେଶ ମିଶ୍ର, ବଅଁରପାଳ ବ୍ଲକ ସଭାପତି ବିନୋଦ ମାଝୀ, କଣିହାଁ ବ୍ଲକ ସଭାପତି ମାନସ ରଞ୍ଜନ ପ୍ରଧାନ, ଛେଣ୍ଡିପଦା ବ୍ଲକ୍ ସଭାପତି ଅଜୟ ବେହେରା, ନଗର ମହିଳା ସଭାନେତ୍ରୀ କସିଦା ଖାନ, ଭଜମନ ଦାସ, ସୁବାସ ସାହୁ, ଅଳକା ରାଣୀ ମହାପାତ୍ର, ମାନିନୀ ପ୍ରଧାନ, ସଂଗ୍ରାମ ବେହେରା, ପଦ୍ମିନୀ ଗଡ଼ନାୟକ, ଅରୁପ ସାମଲ, ଅରୁଣ ଦାସ, ଅବିନାଶ ଦଳବେହେରା, ଜିତେନ୍ଦ୍ର କୁମାର ସାହୁ, ମନୋଜ ସାହୁ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

୯୦ କିଲୋ ଗଞ୍ଜେଇ, ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ; ୨ ଗିରଫ

ଛେଣ୍ଡିପଦା,୨୭।୧୦(ସମିସ): ଅନୁଗୋଳ ଜିଲ୍ଲା ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା। ଦୁଇଟି ପୃଥକ ଏନଡିପିଏସ୍ ମାମଲାରେ ମୋଟ ୯୦ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଏଥିସହ ୨ ଲକ୍ଷ ୩୦ ହଜାର ଟଙ୍କା ନଗଦ ଏବଂ ଗୋଟିଏ ମୋଟରସାଇକଲ ମଧ୍ୟ ଜବତ କରାଯାଇଛି। ଏହି ଦୁଇଟି ମାମଲାରେ ଦୁଇ ଅଭିଯୁକ୍ତ ଲିଟୁନ ନାଏକ ଓ ଟୁକୁନା ନାଏକଙ୍କୁ ଗିରଫ କରାଯାଇଛି। ପ୍ରଥମ ଘଟଣାରେ ଅନୁଗୋଳ ନମ୍ବର-୨ ଅବକାରୀ ଥାନା ପକ୍ଷରୁ ବାଗଡ଼ିଆ ଥାନା ଅନ୍ତର୍ଗତ ନୂଆଗାଁରେ ଚଢ଼ଉ କରାଯାଇ ୮୨ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଓ ୨ ଲକ୍ଷ ୩୦ ହଜାର ଟଙ୍କା ଜବତ ହୋଇଛି। ସେହିପରି ଜିଲ୍ଲା ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ନୂଆଗାଁର ତାରିଣୀ ପୀଠ ନିକଟରେ ଚଢ଼ଉ କରାଯାଇ ୮ କିଲୋ ଗଞ୍ଜେଇ ସହ ଗୋଟିଏ ମୋଟରସାଇକଲ ଜବତ କରାଯାଇଛି। ଗଞ୍ଜେଇ ଚୋରା ଚାଲାଣ ରୋକିବା ଦିଗରେ ଅବକାରୀ ବିଭାଗର ଏହି ଚଢ଼ଉକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।

ଆଦିବାସୀ ମୁକ୍ତି ସଂଗଠନ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

କାମାକ୍ଷାନଗର,୨୭।୧୦(ସମିସ):

କଙ୍କଡ଼ାହାଡ଼ ତହସିଲ ଅନ୍ତର୍ଗତ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଆଦିବାସୀ ମୁକ୍ତି ସଂଗଠନ ପକ୍ଷରୁ ୭ ଦଫା ଦାବିପତ୍ର ନେଇ ତହସିଲଦାର ସୌଦାମିନୀ ନାୟକଙ୍କୁ ଦିଆଯାଇଛି। ଆଜି ଆଦିବାସୀ ମୁକ୍ତି ସଂଗଠନ ପକ୍ଷରୁ ସମ୍ପାଦକ ପ୍ରତାପ ଚନ୍ଦ୍ର ମାରାଣ୍ଡିଙ୍କ ନେତୃତ୍ୱରେ ଏକ ଟିମ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ୭ ଦଫା ଦାବିପତ୍ର ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ସରକାର କୌଣସି ଉଚିତ ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି। ସେମାନଙ୍କ ଦାବିପତ୍ରରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ଏହାର ସଂଶୋଧିତ ନିୟମାବଳୀ ୨୦୧୨କୁ

ସଠିକ ଭାବେ କାର୍ଯ୍ୟକାରୀ କରାଯାଉ, ରାଜ୍ୟରେ ପେସା ଆଇନ ୧୯୯୬ ପାଇଁ ଉପଯୁକ୍ତ ନିୟମାବଳୀ ପ୍ରଣୟନ ଓ କାର୍ଯ୍ୟକାରୀ କରି ଗ୍ରାମସଭାଗୁଡ଼ିକୁ ଉପଯୁକ୍ତ କ୍ଷମତା ଓ ଅଧିକାର ଦିଆଯାଉ, ରାଜ୍ୟର ଅଣ ଅନୁସୂଚିତ ଜିଲ୍ଲାରେ ଥିବା ଆଦିବାସୀବହୁଳ ପଡ଼ା, ଗ୍ରାମ, ବ୍ଲକ୍ ଅଞ୍ଚଳକୁ ଚିହ୍ନଟ କରାଯାଇ ଅନୁସୂଚିତ ଅଞ୍ଚଳ ଭାବେ ଘୋଷଣା କରିବା ଓ ସେଠାରେ ପେସା ଆଇନ ଲାଗୁ କରିବା, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଖଣି, କଳ କାରଖାନା ପ୍ରତିଷ୍ଠା ପାଇଁ ଜଙ୍ଗଲ, ଜମି, ଜଳ ଓ ପ୍ରାକୃତିକ ସମ୍ପଦ ତଥା ଆଦିବାସୀଙ୍କ ଜୀବନ ଜୀବିକାର ବିନାଶକୁ ରୋକ ଲଗାଯିବା, ଜଙ୍ଗଲ, ଜମି, ଜଳ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଆନ୍ଦୋଳନ କରୁଥିବା ନେତା, ଜନ ସାଧାରଣଙ୍କ ଉପରେ ହୋଇଥିବା ମାମଲାକୁ ରଦ୍ଦ କରାଯାଇ ଜେଲରେ ଥିବା ନେତାଙ୍କୁ ମୁକ୍ତ କରିବାକୁ ଦାବି କରାଯାଇଛି। ଖଣି, ଖଣିଜ ସମ୍ପଦ ବିକାଶ ଓ ନିୟନ୍ତ୍ରଣ ଆଇନ ୧୯୫୭ର ୨୦୨୬ରେ କରାଯାଇଥିବା ସଂଶୋଧନକୁ ରଦ୍ଦ କରିବା, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଓ ଯେଉଁମାନେ ଭୂମିହୀନ ସେମାନଙ୍କୁ ଜମିପଟ୍ଟା ପ୍ରଦାନ ଆଦି ଦାବି ନେଇ ଦାବିପତ୍ର ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ଆଦିବାସୀ ନେତା ସାଲୁଖ ମୁର୍ମୁ, ଶଙ୍କର୍ଷଣ ସାୟା, ମୋହନ ମୁର୍ମୁ, ନରେନ୍ଦ୍ର ହେମ୍ବ୍ରମ, ଚରଣ ବାରୀ, ଚକ୍ରଧର ମୁଣ୍ଡା, ନରସିଂହ ମାଝୀ ପ୍ରମୁଖ ନେତାଙ୍କ ସହିତ ସାମିଲ ହୋଇଥିଲେ। ଆଦିବାସୀଙ୍କ ଥିବା ୭ ଦଫା ଦାବି ଉପରେ ରାଜ୍ୟ ସରକାର ଦୃଷ୍ଟି ନ ଦେଲେ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବା ପାଇଁ ଚେତାବନୀ ଦିଆଯାଇଛି।

ହାଇଆଲର୍ଟରେ ରାଜନଗର, ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ

ରାଜନଗର, ୨୭।୧୦(ସମିସ): ବାତ୍ୟା ଅର୍ଣ୍ଣବ ବଙ୍ଗୋପସାଗରରେ ସୃଷ୍ଟି ହୋଇସାରିଛି । ବାତ୍ୟା ଭୟଙ୍କର ହୋଇ ସ୍ଥଳ ଭାଗକୁ ମାଡ଼ି ଆସୁଛି । ଆଜି ରାତିଠାରୁ ଲ୍ୟାଣ୍ଡଫଲ ପ୍ରକ୍ରିୟା ଆରମ୍ଭ ହୋଇ ଆସନ୍ତାକାଲି ଉପକୂଳ ଯାଏଁ ତାଣ୍ଡବ ରଚିବ । କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ବାତ୍ୟା ସେଭଳି ପ୍ରଭାବ ପକାଇବନି ବୋଲି କୁହାଯାଉଛି । କାଳେ ବାତ୍ୟା ଗତିପଥ ବଦଳାଇବ ଓ ପ୍ରଭାବ ପଡିବ ସେଥିପାଇଁ ପ୍ରଶାସନ ତା'ର ପ୍ରସ୍ତୁତି କରିଛି । ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲାପାଳ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ । ଅସଜଡା ଥିବା ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ରାଜସ୍ୱ ମନ୍ତ୍ରୀ ଏନେଇ ତାଗିଦା କରିଥିଲେ । ଗତକାଲି ରାତି ଓ ଆଜି ସକାଳେ ଯୁଦ୍ଧକାଳୀନ ଭିତ୍ତିରେ ବାତ୍ୟା ଆଶ୍ରୟସ୍ଥଳକୁ ବ୍ୟବସ୍ଥିତ କରାଯାଇଛି । ଆଜି ବିଡିଓ ଅଶୋକ ମହାନ୍ତି ଓ ତହସିଲଦାର ଯାଜ୍ଞକୃଷ୍ଣ ଦାସ କଡ଼ାପାଙ୍ଗିଆ, ପେଣ୍ଠ ଓ ଅନ୍ୟ ବାତ୍ୟା ଆଶ୍ରୟସ୍ଥଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଜନଗର ପାଇଁ ସେପରି କିଛି ଭୟର କାରଣ ନାହିଁ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯାଇଛି । ଯଦି ବାତ୍ୟା ଗତିପଥ ବଦଳାଏ, ତେବେ ବିପନ୍ନ ଲୋକଙ୍କୁ ଆଶ୍ରୟସ୍ଥଳକୁ ଆଣିବା ପାଇଁ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଶ୍ରୀ ଦାସ କହିଛନ୍ତି ।

୧୩ ଗର୍ଭବତୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଗଲା

ରାଜନଗର, ୨୭।୧୦(ସମିସ): ବାତ୍ୟା ଅର୍ଣ୍ଣବ ଯୋଗୁ ବର୍ଷା ଆରମ୍ଭ ହୋଇଯାଇଛି । ବାତ୍ୟା ରାଜନଗରରେ ସେଭଳି କିଛି ପ୍ରଭାବ ପକାଇବନି ବୋଲି କୁହାଯାଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାହାର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ରାଜନଗର ବ୍ଲକର ବିଭିନ୍ନ ସ୍ଥାନରୁ ୧୩ ଜଣ ଗର୍ଭବତୀ ମହିଳାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି । ୨୫ ତାରିଖରୁ ନଭେମ୍ବର ୫ ତାରିଖ ମଧ୍ୟରେ ପ୍ରସବ ତାରିଖ ଥିବା ୧୩ ଜଣ ଗର୍ଭବତୀ ମହିଳାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ୮ ଜଙ୍କ ଡେଲିଭରି ହୋଇ ସାରିଥିବାବେଳେ ୩ ଜଣଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । ଏଥିସହିତ ୪୫ ବାତ୍ୟା ଆଶ୍ରୟସ୍ଥଳରେ ଆଶା କର୍ମୀଙ୍କୁ ମେଡିସିନ ସହ ପ୍ରସ୍ତୁତ ରଖାଯାଇଛି । ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ପ୍ରସ୍ତୁତ ଥିବା ଶ୍ରୀ ମହାନ୍ତି କହିଛନ୍ତି ।

ବାତ୍ୟା ଅର୍ଣ୍ଣବ ପ୍ରଭାବ

ଧସିଲା ପେଣ୍ଠ ପୁରୁଣା ପଥର ବନ୍ଧ

ରାଜନଗର, ୨୭।୧୦(ସମିସ): ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ ଅର୍ଣ୍ଣବର ତାଣ୍ଡବକୁ ନେଇ ଭାରତୀୟ ପାଣିପାଗ ସୂଚନା ଅନୁସାରେ ଅର୍ଣ୍ଣବ ତା'ର ତାଣ୍ଡବକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲାର ସମୁଦ୍ର କୁଳିଆ ଗାଁରେ ଛନକା ପଶିଛି । ଅଶାନ୍ତ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ଏବେ ପେଣ୍ଠ ଗାଁ ନିକଟରେ ପୂର୍ବରୁ ନିର୍ମାଣ ହୋଇଥିବା ପଥର ବନ୍ଧ ୨୦୦ ଫୁଟ ଲମ୍ବର ଧସିଯାଇଛି । ସମୁଦ୍ର ଢାଉରୁ ରକ୍ଷା କରିବା ପାଇଁ ଏହି ଲୁଣା ଘେରି ବନ୍ଧ ନିର୍ମାଣ କରାଯାଇଥିଲା । ଏତେ ଲମ୍ବର ବନ୍ଧ ଧସିଯାଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଆଗକୁ ବାତ୍ୟାର ପ୍ରକୋପ ବଢ଼ିବାକୁ ଥିବାବେଳେ ବନ୍ଧର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ପୁରୁଣା ପଥର ବନ୍ଧରେ ମାଡ଼ ହେବା ଦ୍ୱାରା ପଥର ବନ୍ଧ ବିପଦସଙ୍କୁଳ ସ୍ଥିତିରେ ପହଞ୍ଚିଛି । ଯାହାକୁ ନେଇ ପେଣ୍ଠ ଗାଁର ଲୋକେ ଏକପ୍ରକାର ଆତଙ୍କିତ ହୋଇପଡିଛନ୍ତି । ରାଜନଗର ତଟବନ୍ଧ ସବଡିଭିଜନର ସହକାରୀ ଯନ୍ତ୍ରୀ ଙ୍କ ନିର୍ଦ୍ଦେଶାନ୍ତ ମଲ୍ଲ କହିଛନ୍ତି, ଆମେ ଏଥିପ୍ରତି ସଜାଗ ରହିଛୁ । ଏହି ପୁରୁଣା ବନ୍ଧ ମରାମତି ପାଇଁ ଟେଣ୍ଡର ସରିଛି । ବାତ୍ୟା ପରେ କାମ ଆରମ୍ଭ ହେବ ବୋଲି କହିଛନ୍ତି ।

ଡେରାବିଶ ବ୍ଲକ୍ ପ୍ରଶାସନର ବ୍ୟାପକ ପ୍ରସ୍ତୁତି

ଡେରାବିଶ,୨୭।୧୦(ସମିସ): ବାତ୍ୟା ଅର୍ଣ୍ଣବ ଏବେ ବଙ୍ଗୋପସାଗର ଭିତରେ ତା'ର ତାଣ୍ଡବ ଜାରି ରଖିଥିବାବେଳେ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆସନ୍ତାକାଲି ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହାର ପ୍ରଭାବ ଦେଖାଦେବ । ଫଳରେ ଜିଲ୍ଲାରେ ପ୍ରବଳ ବର୍ଷା ହେବା ସହିତ ପବନ ବହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ସରକାରଙ୍କ ଶୂନ୍ୟ ମୃତ୍ୟୁହାରକୁ ଦୃଷ୍ଟିରେ ରଖି ଡେରାବିଶ ବ୍ଲକ୍ ପ୍ରଶାସନ ପକ୍ଷରୁ ଏଥିନିମନ୍ତେ ପ୍ରସ୍ତୁତି ଜୋରଦାର କରାଯାଇଛି । ଡେରାବିଶ ବିଡିଓ ନମିତା ବାରିକଙ୍କ ଅଧ୍ୟକ୍ଷତାରେ ସୋମବାର ବ୍ଲକ୍ ସଭାଗୃହରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସମସ୍ତ ସମ୍ପ୍ରସାରଣ ଅଧିକାରୀଙ୍କ ସମେତ କର୍ମଚାରୀ ଓ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ । ପ୍ରତି ପଞ୍ଚାୟତର ନିର୍ବାହୀ ଅଧିକାରୀ ଓ ଏଇଓ ସେମାନଙ୍କ ପଞ୍ଚାୟତରେ ନୋଡାଲ ଅଧିକାରୀ ଭାବେ ଏହାକୁ ପରିଚାଳନା କରୁଛନ୍ତି । ବ୍ଲକ ଅଧୀନସ୍ଥ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି ପାଇଁ ଛୁଟି ଘୋଷଣା କରାଯାଇଥିବାବେଳେ ଏହି ବିଦ୍ୟାଳୟ ଗୃହ ଖୋଲି ଶିକ୍ଷକମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ରହିଛି । ଆବଶ୍ୟକ ସ୍ଥଳେ ଏହି ବିଦ୍ୟାଳୟ ଅସ୍ଥାୟୀ ଭାବେ ବାତ୍ୟା ଆଶ୍ରୟସ୍ଥଳ ଭାବେ ବ୍ୟବହାର କରାଯିବ । ନୋଡାଲ ଅଫିସର ପ୍ରସ୍ତୁତି ହେବାକୁ ଥିବା ପରିବାରଙ୍କୁ ଏହି ଆଶ୍ରୟସ୍ଥଳରେ ରହିବା ବ୍ୟବସ୍ଥା କିପରି କରାଯିବ ତା'ର ତଦାରଖ କରିବେ ବୋଲି ବିଡିଓ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆସନ୍ତାକାଲି ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଥିବା ଜଣାପଡ଼ିଛି ।

ବାବୁବାଲି, ହବାଳିଖିଟି, ଏକକୁଳାରୁ ଫେରିଲେ ବନ କର୍ମଚାରୀ

ରାଜନଗର, ୨୭।୧୦(ସମିସ): ବାତ୍ୟା ଦାନା ଭିତରକନିକାର ହାବାଳିଖିଟି ନିକଟରେ ମାଡ଼ ନେଇଥିଲା । ବାତ୍ୟା ରାଜନଗରବାସୀଙ୍କ ପାଇଁ ଦେହସୁହା ହୋଇଥିଲେ ମଧ୍ୟ ବାତ୍ୟା ଅର୍ଣ୍ଣବକୁ ନେଇ ଲୋକଙ୍କ ମଧ୍ୟରେ ଆଶା ଆଶଙ୍କା ସୃଷ୍ଟି ହୋଇଛି । ସମୁଦ୍ର କୂଳରେ ବନବିଭାଗର କାର୍ଯ୍ୟରତ କର୍ମଚାରୀଙ୍କୁ ବୁଲ୍ଲକ୍ ଫେରାଇ ଅଣାଯାଇଛି । ହବାଳିଖିଟିରେ ଥିବା ୩ ଜଣ, ଏକକୁଳାରେ ଥିବା ୩ ଜଣ ଓ ବାବୁବାଲିରେ ଥିବା ୭ ଜଣ କର୍ମଚାରୀଙ୍କୁ ଫେରାଇ ଅଣାଯାଇଛି । ହବାଳିଖିଟି ଓ ଏକକୁଳାର କର୍ମଚାରୀଙ୍କୁ ସାତଭାୟା ଚେକଗେଟ ଓ ବାବୁବାଲିରେ ଥିବା କର୍ମଚାରୀଙ୍କୁ ଗୁପ୍ତି ଷ୍ଟେସନ କାର୍ଯ୍ୟାଳୟକୁ ଫେରାଇ ଅଣାଯାଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

ସମୁଦ୍ରରୁ ଫେରିଲା ୧୧୭୧ ବୋଟ୍, ୪୦ ଟ୍ରଲର

ରାଜନଗର,୨୭।୧୦(ସମିସ): ରାଜନଗର ବ୍ଲକର ୪୮ଟି ଗାଁ ବଙ୍ଗୋପସାଗରର ଦେଢ଼ କିଲୋମିଟର ଭିତରେ ରହିଛି । ରାଜନଗରରେ ଥିବା ୧୧୭୧ ବୋଟ୍ ଓ ୪୦ ଟ୍ରଲର ସମୁଦ୍ରରୁ ବାତ୍ୟା ପାଇଁ ଫେରି ଆସିଛି । ରାଜନଗର ବ୍ଲକର ତାଳଚୁଆ, ଗୋପାଳପୁର, ବରୁଣେଇ, ପ୍ରତାପ, ବେଙ୍ଗମାରା, ହାତିଆଗଡ଼, ସାନକଣ୍ଡିଆ, କୋଠିଘାଟ, କେରୁଆଁପାଳ ମତ୍ସ୍ୟ ଅବତରଣ କେନ୍ଦ୍ରରୁ ଥିବା ୧୧୭୧ ବୋଟ୍ ଗତକାଲି ସନ୍ଧ୍ୟା ସୁଦ୍ଧା କୂଳକୁ ସୁରକ୍ଷିତ ଭାବେ ଫେରିଆସିଥିବା ରାଜନଗର ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରାଜନ ବେହେରା ସୂଚନା ଦେଇଛନ୍ତି । ସାଗରମିତ୍ର ମତ୍ସ୍ୟ ଅବତରଣ କେନ୍ଦ୍ରରେ ମତ୍ସ୍ୟଜୀବୀଙ୍କୁ ସଚେତନ କରିଥିଲେ । ଅନ୍ୟପକ୍ଷରେ ଧାମରା, କାରନାଳି, ତାଳଚୁଆରୁ ଯାଉଥିବା ପ୍ରାୟ ୪୦ ଟ୍ରଲର ଆଜି ସକାଳ ସୁଦ୍ଧା ତାଳଚୁଆ ଘାଟକୁ ଫେରି ଆସିଛି । ୨୯ ତାରିଖ ଯାଏଁ ସମୁଦ୍ର ଅଶାନ୍ତ ରହିବ । ଉଚ୍ଚ ଜୁଆର ସହିତ ମଝିରେ ମଝିରେ ୭୦ କିଲୋମିଟର ପବନ ବହିବାର ଆଶଙ୍କା ଥିବାରୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ଡାକବାଜି ଜନ୍ତ ଯୋଗେ ସଚେତନ କରାଯାଇଛି ।

କଷଣଅଣ୍ଟାରେ ସୁରକ୍ଷିତ ଶୈଶବ ଅଭିଯାନ

ପଟ୍ଟାମୁଣ୍ଡାଇ,୨୭।୧୦(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ସୁରକ୍ଷିତ ଶୈଶବ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ହାଇସ୍କୁଲରେ ସମିତି ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ନିର୍ଦ୍ଦେଶରେ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଜେଏମଏଫ୍‌ସି ବିଦ୍ୟୁତ୍‌ପ୍ରଭା ପ୍ରଧାନଙ୍କ ପୌରୋହିତ୍ୟରେ ସୁରକ୍ଷିତ ଶୈଶବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରକାରୀ ଓକିଲ ଘନଶ୍ୟାମ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁନୀତା ଦାଶ, ବରିଷ୍ଠ ଓକିଲ ବିଜୟ ରାଉତ, ପ୍ରଫୁଲ୍ଲ ଦାଶ, ପ୍ରଧାନଶିକ୍ଷକ ପ୍ରଭାସ ପ୍ରଧାନ ସୁରକ୍ଷିତ ଶୈଶବ ଅଭିଯାନ ଉପରେ ଆଲୋକପାତ କରିଥିଲେ । ରିଟେନର ମନୋଜ ନାୟକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତିର ଅର୍ଦ୍ଧ୍ୟ ସାମଲ ସମସ୍ତ ସଭ୍ୟଙ୍କ ସହିତ କଷଣଅଣ୍ଟା ହାଇସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟଙ୍କ ପରଲୋକ

ପଞ୍ଚୁପାଳ,୨୭।୧୦(ସମିସ): ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବାରଗାନ୍ଦାଳକଗ୍ରୂରୁ ଗ୍ରାମ ନିବାସୀ ତଥା ଆଦର୍ଶ ଶିକ୍ଷକ ବିଜୟଚନ୍ଦ୍ରବର୍ତ୍ତୀ (୮୪)ଙ୍କ ପରଲୋକ ହୋଇଛି । ସ୍ୱର୍ଗତ ବିଜୟ ରାଜନଗର ଗୁପ୍ତିରୁ ଶିକ୍ଷକତା ଜୀବନ ଆରମ୍ଭ କରି ବ୍ଲକ ଅଧୀନସ୍ଥ କୁରୁଡଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଅବସର ଗ୍ରହଣ କରିଥିଲେ । ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିବା ସମୟରେ ସୋମବାର ମଧ୍ୟାହ୍ନରେ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ଶତାଧିକ ଛାତ୍ରଛାତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସମର ସାମଲ, ନିକୁଞ୍ଜ ପୃଷ୍ଟି, କୁଞ୍ଜବିହାରୀ ସାହୁ, ଗରୁଡ଼ ଚନ୍ଦ୍ର ସାହୁ ଓ ଶତାଧିକ ଶିକ୍ଷକ ଶୋକ ପ୍ରକାଶ କରିଛନ୍ତି । ସାନପୁଅ ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ ।

'ଶ୍ରମିକ ଭାଇରେ ଶ୍ରମିକ ଭାଇ' ସଙ୍ଗୀତ ଉନ୍ମୋଚିତ

ରାଜନଗର,୨୭।୧୦(ସମିସ): ରାଜନଗର ବ୍ଲକସ୍ଥ ଜଗନ୍ନାଥପୁରଠାରେ କୁଆଁର ପୁନେଇଁ ପୂଜା ଅବସରରେ 'ଶ୍ରମିକ ଭାଇରେ ଶ୍ରମିକ ଭାଇ' ସଙ୍ଗୀତ ଗାଁର ବିଶିଷ୍ଟ ବ୍ୟକ୍ତି ଭାମସେନ ବଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । ଡାଇନାମିକ ପ୍ରୋ-ମ୍ୟୁଜିକ, କଟକ ବ୍ୟାନର ତଳେ ଏହା ପ୍ରସ୍ତୁତ କରାଯାଇଛି । କଣ୍ଠଶିଳ୍ପୀ ଦେବବ୍ରତ ରାଉତ, ପ୍ରତୀକ୍ଷା ବଳ, ଅର୍ଚ୍ଚିତା ପ୍ରଧାନ କଣ୍ଠ ଦେଇଥିବାବେଳେ ଗୀତ ଲେଖିଛନ୍ତି କବି ଶତ୍ରୁଘ୍ନ ରାଉ । ମ୍ୟୁଜିକ ସଂଗ୍ରାମ ଜିତ ଦେଇଛନ୍ତି । ପ୍ରଡ୍ୟୁସର ଦୁର୍ଗାପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୋନାଲିସା ବଳ, ସବିତା ପ୍ରଧାନ, ମୌସୁମୀ ବଳ, ସଂଗୀତ ବଳ, ପ୍ରତିଭା ବଳ, ବିନୋଦ ଜେନା, ଲିପି ପଣ୍ଡା, ରଶ୍ମିତା ମାଇତି, ଆରିୟାନ ବେହେରା, ସୁମନ ସେନାପତି, ସରୋଜ ପଣ୍ଡା, ବାବନ ମଲିକ ପ୍ରମୁଖ ସହଯୋଗ କରିଥିଲେ ।

ଦୁମୁକାହାଟରେ ଗଜଲକ୍ଷ୍ମୀ ପୂଜା

ଡେରାବିଶ, ୨୭।୧୦(ସମିସ): ଡେରାବିଶ ବ୍ଲକ୍ ଗୋଲରହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ଗ୍ରାମସ୍ଥ ତୁଳସୀ ବଜାରରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଚାଲିଛି । ଏହି ପୂଜା ପାଇଁ ଗ୍ରାମ ଉଲ୍ଲସିତ ହୋଇଛି । ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କୁ ବିଭୋର କରୁଛି । ସୋମବାର ସନ୍ଧ୍ୟାରେ ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବହୁଚର୍ଚ୍ଚିତ ମହାକାଳପଡ଼ା ବ୍ଲକ୍ ଡିଖିରା ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ଯୋଗ ଦେଇଥିଲେ । ଚାମେଲି ଧନବାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ସାମାଜିକ ସମ୍ପର୍କକୁ ସୁଦୃଢ଼ କରିବା ସହ ଲୋକଙ୍କ ଭିତରେ ଆଧ୍ୟାତ୍ମିକ ଭାବଧାରା ସୃଷ୍ଟି କରୁଥିବା କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁପ ରାଉତ, ରଞ୍ଜନ ସ୍ୱାଇଁ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ପୂଜା କମିଟି କର୍ମକର୍ତ୍ତା ଯୋଗ ଦେଇଥିଲେ ।

ଜମିବାଡ଼ି ବିବାଦକୁ ନେଇ ସଂଘର୍ଷ ଘଟଣାରେ ଜଣେ ଗିରଫ

ପଟ୍ଟାମୁଣ୍ଡାଇ,୨୭।୧୦(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜମିବାଡ଼ି ବିବାଦକୁ ନେଇ ଗତ ୨୩ ତାରିଖରେ ଘଟିଥିବା ସଂଘର୍ଷ ଘଟଣାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ୪୯୭/୨୬ ଓ ୪୯୮/୨୬ରେ ଦୁଇଟି ମାମଲା ରୁଜୁ କରିଛି । ଏହି ଘଟଣାରେ ତପନ ସାହୁ ଆହତ ହୋଇ କଟକରେ ଚିକିତ୍ସାଧୀନ ଥିବାବେଳେ ପ୍ରମିଳା ସାହୁଙ୍କ ଏତଲାକୁ ଭିତ୍ତି କରି ୪୯୮/୨୬ରେ ମାମଲା ରୁଜୁ ହେଇଛି । ଏହି ସଂପର୍କରେ ସମ୍ପୃକ୍ତ ସତ୍ୟନାରାୟଣ ସାହୁଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଥିବା ଗ୍ରାମାଞ୍ଚଳ ଥାନା ଆଇଆଇସି ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି । ବୋଷିଆ ପଞ୍ଚାୟତ ଚଢ଼େଇଆ ଗ୍ରାମର ଧନେଶ୍ୱର ସାହୁଙ୍କ ଦୁଇପୁଅ ନିର୍ମଳ ସାହୁ, ସତ୍ୟନାରାୟଣ ସାହୁ ଓ ସ୍ତ୍ରୀ ସତ୍ୟଭାମା ସାହୁଙ୍କ ସେହି ଗ୍ରାମର ପ୍ରମିଳା ସାହୁ, ସ୍ୱାମୀ ସ୍ୱର୍ଗତ ପ୍ରଫୁଲ୍ଲ ସାହୁଙ୍କ ସହିତ ଦୀର୍ଘଦିନ ଧରି ଜମିବାଡ଼ି ବିବାଦ ଲାଗି ରହିଥିଲା । ୨୩ ତାରିଖ ରାତି ୯ଟାରେ ପ୍ରମିଳାଙ୍କ ଦିଅର ତପନ ସାହୁ ମାଛ ପୋଖରୀ ପାଖକୁ ଯାଇଥିଲେ । ପୂର୍ବରୁ ପୋଖରୀ ନିକଟରେ ଲୁଚି ରହିଥିବା ନିର୍ମଳ ଓ ସତ୍ୟନାରାୟଣ ଲୁହା ରଡ଼୍ ଓ ଠେଙ୍ଗାରେ ତପନଙ୍କ ଆକ୍ରମଣ କରିଥିଲେ । ତପନଙ୍କ ମୁଣ୍ଡ ଫାଟିବା ସହିତ ଡାହାଣ ହାତ ପାପୁଲି ଭାଙ୍ଗିଯାଇଛି । ଏଥିସହିତ ନିର୍ମଳ ଓ ସତ୍ୟନାରାୟଣ ତପନଙ୍କ ଛାତିକୁ ଗୋଇଠା ମାରିବା ଦ୍ୱାରା ପ୍ରବଳ ରକ୍ତବାନ୍ତି ହୋଇଥିଲା । ଏହା ଦେଖି ପ୍ରମିଳା ଓ ତାଙ୍କ ଶଶୁର ଘରୁ ବାହାରକୁ ଯିବା ପାଇଁ ଉଦ୍ୟମ କଲାବେଳେ ନିର୍ମଳ ଓ ସତ୍ୟନାରାୟଣ ଘର ବାହାରପଟୁ ତାଲା ପକାଇ ଦେଇଥିଲେ । ପ୍ରମିଳା ଓ ତାଙ୍କ ଶଶୁର ବାଡ଼ି କବାଟ ଖୋଲି ବାହାରକୁ ଆସି ଚିତ୍କାର କରିବାରୁ ନିର୍ମଳ ଓ ସତ୍ୟନାରାୟଣ ଦୌଡ଼ି ପଳାଇଥିଲେ । ପରେ ଗୁରୁତର ଆହତ ତପନଙ୍କୁ ପ୍ରଥମେ କେନ୍ଦ୍ରାପଡା ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅନ୍ୟପକ୍ଷରେ ଗୋଷ୍ଠୀ ସଂଘର୍ଷରେ ଆହତ ସତ୍ୟନାରାୟଣଙ୍କୁ ଭୁବନେଶ୍ୱରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଏ ସମ୍ପର୍କରେ ଦୁଇ ଗୋଷ୍ଠୀ ପକ୍ଷରୁ ପ୍ରମିଳା ସାହୁ ଓ ସୋନାଲି ସାହୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଭିନ୍ନ ଭିନ୍ନ ଲିଖିତ ଅଭିଯୋଗ କରିଥିବାବେଳେ ସ୍ଥାନୀୟ ପୁଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ନୋଲସାହିରେ ଗଜଲକ୍ଷ୍ମୀ ପୂଜା

ପଞ୍ଚୁପାଳ,୨୭।୧୦(ସମିସ): ଋଷୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ଗ୍ରାମରେ ଜମୁଛି ଗଜଲକ୍ଷ୍ମୀ ପୂଜା । ମା'ଙ୍କ ପୂଜାକୁ ରାଜନଗର, ନୋଳସାହି ଓ ଋଷୁଦେଇପୁର ଗ୍ରାମର ଲୋକଙ୍କ ଦ୍ୱାରା ସାତଦିନ ଧରି ପାଳନ କରାଯାଉଛି । ମଙ୍ଗଳମୟ ପଣ୍ଡା ପୂଜକ ଭାବେ କାର୍ଯ୍ୟ କରୁଥିବାବେଳେ ରାଜେଶ ଦାସ କର୍ତ୍ତା ରହିଛନ୍ତି । ପ୍ରତିଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ବିଭିନ୍ନ କାର୍ଯ୍ୟକ୍ରମ ହେଉଛି । ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବାବେଳେ ତିନି ଗ୍ରାମର ଲୋକେ ସହଯୋଗ କରୁଛନ୍ତି ।

ମାଧ୍ୟମିକ ସ୍କୁଲରେ ହାଉସକିପିଂ, ରାତ୍ର ଜଗୁଆଳି, ୱାର୍ଡ ସେବକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ରାଜକନିକା,୨୭।୧୦(ସମିସ): ମାଧ୍ୟମିକ ସ୍କୁଲରେ ହାଉସକିପିଂ, ରାତ୍ର ଜଗୁଆଳି ଓ ୱାର୍ଡ ସେବକ ନିଯୁକ୍ତି ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଅଫିସର ମିଶନ ଶକ୍ତି ବିଭାଗ ପକ୍ଷରୁ ଗତ ୧୭ ତାରିଖରେ ଗାଇଡଲାଇନ ସହ ଆବେଦନ ଫର୍ମାଟ ପ୍ରକାଶ କରାଯାଇ ନିଯୁକ୍ତିକୁ ସ୍ୱଚ୍ଛ କରିବାକୁ ୧୫ ଦିନ ମଧ୍ୟରେ ଆବେଦନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଗତ ୧୨ ତାରିଖରେ ପ୍ରକାଶ ପାଇଥିବା ଏହି ନିଯୁକ୍ତି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାରେ ବ୍ଲକ୍ ମିଶନ ଶକ୍ତି ଭିତିରିଆ ନିଜ ଅନୁଗତଙ୍କ ଜଣାଇ ଆବେଦନର ଶେଷ ଦିନ ଅର୍ଥାତ ଆଜି ଏହାକୁ ବିଭିନ୍ନ ଗ୍ରୁପରେ ସାର୍ବଜନୀନ ପ୍ରକାଶ କରି ଦୋଷ ଛଡା ହେବାକୁ ଅଭିସନ୍ଧି କରିଥିବା ବହୁ ଆଶାୟୀ ପ୍ରାର୍ଥୀ ବ୍ଲକ ପରିସରରେ ଏ ନେଇ ବିକ୍ଷୋଭ କରିଛନ୍ତି ।

ଜିଲ୍ଲାପାଳଙ୍କ ଅଫିସ ଚିଠି ନମ୍ବର ୮୨୩୧।୧୨୧୦।୨୦୨୬ ଅନୁଯାୟୀ ବ୍ଲକ ମିଶନ ଶକ୍ତି ବିଏଲଏଫ, ବିଡିଓ, ବିଇଓ, ସିଡିପିଓଙ୍କ ଅଫିସରେ ଏହି ନିଯୁକ୍ତି ସମ୍ପର୍କିତ ବିଜ୍ଞାପନ ଲଗାଇବା, ଘୋଷଣା କରିବା ପାଇଁ ୧୫ ଦିନ ଆବେଦନ କରିବା ପାଇଁ ୨୭ ତାରିଖ ଶେଷ ଦିନ ଭାବେ ଉଲ୍ଲେଖ ରହିଛି । ଦୁର୍ଭାଗ୍ୟର ବିଷୟ ଏହି ନିଯୁକ୍ତିରେ ଅନିୟମିତତା କରି ଏହି ନିଯୁକ୍ତି ବିଜ୍ଞାପନକୁ ସାର୍ବଜନୀନ ନ କରି ଲୋକଦେଖାଣିଆ ତଥା ଦୋଷ ଛଡା ହେବାକୁ ୨୫ ତାରିଖରାତିରୁ ଏହି ବିଜ୍ଞାପନକୁ ଶେଷ ଦିନରେ ପ୍ରକାଶ କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଉଛି । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ବ୍ଲକ ମିଶନ ଶକ୍ତି କୋଅର୍ଡିନେଟରଙ୍କୁ ଏ ନେଇ ପଚାରିଲେ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ଆମେ ବିଭିନ୍ନ ଫୋନମାନେ ଜଣାଇଛୁ ବୋଲି କହିଥିଲେ । ବିଡିଓଙ୍କୁ ପଚାରିବାରୁ ପ୍ରକାଶିତ ୧୨ଟି ଗୋଷ୍ଠୀରେ ଏହି ନିଯୁକ୍ତି ନେଇ ମିଶନ ଶକ୍ତି ବିଭାଗ ଏସବୁକୁ ଏମବିକେ, ସିଆରପିଙ୍କୁ ଆମେ ଜୁମ ମିଟିଂରେ ଜଣାଇଛୁ । ଯେଉଁ ଗୋଷ୍ଠୀ ନିୟମ ମୁତାବକ ଯୋଗ୍ୟ ସେମାନେ ଆବେଦନ କରିବେ ବୋଲି କୁହାଯାଇଥିବା ସଫେଇ ଦେଇଛନ୍ତି । ବାସ୍ତବରେ ଏଭଳି ଚିଠିକୁ ଚାପି ନିଜ ପସନ୍ଦର ଗୋଷ୍ଠୀର ବ୍ୟକ୍ତିଙ୍କୁ ଏହି ନିଯୁକ୍ତି ଦେବାକୁ ମସୁଧା ଚାଲିଥିବା ସ୍ପଷ୍ଟ ହୋଇଛି । ଚାକିରି ନିଅଣ୍ଟିଆ ଥିବାବେଳେ ଏକ ଗୋଷ୍ଠୀ ଦ୍ୱାରା ନିଯୁକ୍ତି ହେବାର ଏକ ଧାରାକୁ ଅନିୟମିତ ଭାବେ ପରିଚାଳନା କରି ଯୋଗ୍ୟ ପ୍ରାର୍ଥୀଙ୍କୁ ଆବେଦନ କରିବା ଧାରାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ହେଉଥିବାରୁ ଜିଲ୍ଲାପାଳ ଏ ନେଇ ତଦନ୍ତ କରି ଅଧିକ ୧୫ ଦିନ ଦେବାକୁ ଦାବି ହେଉଛି ।

କେନ୍ଦ୍ରାପଡ଼ାର ଶତବାର୍ଷିକୀ ଲକ୍ଷ୍ମୀପୂଜା ଉପଲକ୍ଷେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

କେନ୍ଦ୍ରାପଡ଼ା, ୨୭।୧୦(ସମିସ)

କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଚଳିତବର୍ଷ ଶତବାର୍ଷିକୀ ପାଳନ କରୁଥିବାବେଳେ ଉତ୍ସବକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଓ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । କେନ୍ଦ୍ରୀୟ ରେଞ୍ଜ, କଟକର ଆଇଜିପି ଡକ୍ଟର ସତ୍ୟଜିତ ନାୟକ ନିଜେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଛନ୍ତି । ଲକ୍ଷ୍ମୀପୂଜା ଅବସରରେ ସମଗ୍ର ସହରରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ଏଥିରେ ୨୨ ପ୍ଲାଟୁନ୍ ପୁଲିସ ଫୋର୍ସ, ୨ ଜଣ ଅତିରିକ୍ତ ଏସ୍‌ପି, ୧୦ ଜଣ ଡିଏସ୍‌ପି ଓ ୨୦ ଜଣ ଥାନାଧିକାରୀଙ୍କ ସମେତ ୧୫୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୨୫୦ ଜଣ କନଷ୍ଟେବଲ, ୩୦୦ ଜଣ ହୋମଗାର୍ଡ ନିୟୋଜିତ ହୋଇଛନ୍ତି । ଭିଡ଼ ନିୟନ୍ତ୍ରଣ ଓ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଜଣେ ଇନ୍‌ସପେକ୍ଟର ଓ ଗୋଟିଏ ପ୍ଲାଟୁନ୍ ଫୋର୍ସଙ୍କ ନେତୃତ୍ୱରେ ୮ଟି ଷ୍ଟ୍ରାଇକିଂ ଟିମ୍ ଗଠନ କରାଯାଇଛି । ସହରର ପ୍ରମୁଖ ସ୍ଥାନରେ ୭ଟି ଅସ୍ଥାୟୀ ପୁଲିସ ଆଉଟପୋଷ୍ଟ ସ୍ଥାପନ କରାଯାଇଥିବାବେଳେ ଷ୍ଟ୍ରାଇକିଂ ଫୋର୍ସ ଓ ବାଇକ୍ ପାଟ୍ରୋଲିଂ ଟିମ୍ ନିରନ୍ତର ନଜର ରଖିଛନ୍ତି । ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଆଧୁନିକ ପ୍ରଯୁକ୍ତିର ଉପଯୋଗ କରାଯାଉଛି । ଏଥିପାଇଁ ୨୪ ଘଣ୍ଟିଆ ପୁଲିସ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ ରହିଛି । ଜନଗହଳିପୂର୍ଣ୍ଣ ସ୍ଥାନ ଉପରେ ନଜର ରଖିବାକୁ ସହରର ବିଭିନ୍ନ ସ୍ଥାନରେ ୩୨ଟି ସିସିଟିଭି କ୍ୟାମେରା ଲଗାଯାଇଛି । ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଏଥିସହ ଓ ଥାନା ଅଧିକାରୀଙ୍କୁ ବଡି-ୱର୍ଣ୍ଣ କ୍ୟାମେରା ଯୋଗାଇ ଦିଆଯାଇଛି । ଏଥିସହ ବଡ଼ ଜନସମାଗମ ଉପରେ ନଜର ରଖିବାକୁ ଡ୍ରୋନ୍ ମାଧ୍ୟମରେ ନିରୀକ୍ଷଣ କରାଯାଉଛି । ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀଙ୍କ ଯାତାୟାତ ସୁଗମ କରିବା ପାଇଁ ସ୍ୱତନ୍ତ୍ର ପାର୍କିଂ ଓ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି । ମହିଳାଙ୍କ ସୁରକ୍ଷା, ଛିନ୍‌ତାଇ ଓ ଅସଦାଚରଣ ଭଳି ଅପରାଧ ରୋକିବାକୁ ସାଧା ପୋଷାକରେ ଆଣ୍ଟି-ସ୍ନାଚିଂ ଟିମ୍ ଓ ଆଣ୍ଟି-ଇଭଟିଜିଂ ଟିମ୍ ନିୟୋଜିତ ହୋଇଛନ୍ତି । ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ପରେ କେନ୍ଦ୍ରୀୟ ରେଞ୍ଜର ଆଇଜିପି ଡକ୍ଟର ସତ୍ୟଜିତ ନାୟକ ଓ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କାଟେରିଆ, ଆଇପିଏସ୍‌ଙ୍କ ନେତୃତ୍ୱରେ ଏକ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା । ଏହା ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବନା ସୃଷ୍ଟି କରିବା ସହ ଅସାମାଜିକ ତତ୍ତ୍ୱଙ୍କୁ ଦୃଢ଼ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ କରାଯାଇଥିଲା । ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ସମୟରେ ଆଇନଶୃଙ୍ଖଳା ରକ୍ଷା ଓ ଉତ୍ସବ ସୁରୁଖୁରୁରେ ସମାପନ ପାଇଁ ୩୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ । ପୁଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପୁଲିସ ସହ ସହଯୋଗ କରିବା, ଟ୍ରାଫିକ୍ ଓ ପାର୍କିଂ ନିୟମ ପାଳନ କରିବା, ଗୁଜବ ପ୍ରଚାର ନ କରିବା, ଗୁଜବରେ ବିଶ୍ୱାସ ନ କରିବାକୁ ଅନୁରୋଧ କରାଯାଇଛି । ଏଥିସହ କୌଣସି ସନ୍ଦେହଜନକ ବ୍ୟକ୍ତି କିମ୍ବା କାର୍ଯ୍ୟକଳାପ ଦୃଷ୍ଟିକୁ ଆସିଲେ ତୁରନ୍ତ ପୋଲିସ କଣ୍ଟ୍ରୋଲ୍ ରୁମ୍ କିମ୍ବା ନିକଟସ୍ଥ ପୁଲିସ ଅଧିକାରୀଙ୍କୁ ସୂଚନା ଦେବାକୁ ନିବେଦନ କରାଯାଇଛି ।

ସକାଳ
THE SAKALA

ସମ୍ପାଦକୀୟ



ଧର୍ମ, ସତ୍ୟ ଓ ନ୍ୟାୟର ପଥରେ ପରିଚାଳିତ ହୁଅ।
-ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍

ହବିଷ୍ୟାଳୀଙ୍କ ହଟହଟା

ଅସୁମାରି ଆଶା, ଶ୍ରଦ୍ଧା ଓ ଭକ୍ତିଭାବ ସହିତ ଶ୍ରୀକ୍ଷେତ୍ର ଆସିଥିବା ହବିଷ୍ୟାଳୀମାନଙ୍କ ମଧ୍ୟରୁ ପ୍ରାୟ ଅଢ଼େଇଶହଙ୍କ ପ୍ରତି ପଞ୍ଜିକରଣ ଆଳ ଦେଖାଇ ପୁରୀ ଜିଲ୍ଲା ପ୍ରଶାସନ ଅଭୂତପୂର୍ବ ନିଷ୍ଠୁର ଆଚରଣ ପ୍ରଦର୍ଶନ କରିଛି। ସେମାନଙ୍କୁ ଉଦ୍ଦିଷ୍ଟ ସରକାରୀ ଧର୍ମଶାଳା ହତା ଭିତରକୁ ପଶିବାକୁ ଅନୁମତି ତ ମିଳିଲା ନାହିଁ; ଅଧିକନ୍ତୁ ପୁଲିସ୍ ସେମାନଙ୍କୁ ବଳପୂର୍ବକ ତଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏହା 'ଅତି ନିନ୍ଦନୀୟ' ଓ 'ଅମାନବୀୟ' ଭଳି ଶବ୍ଦ ସହିତ ତୁଳନୀୟ।

ହବିଷ୍ୟାଳୀଙ୍କ ପାଇଁ ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୪ ପର୍ଯ୍ୟନ୍ତ ବାଧାବିଘ୍ନ ରହିତ ଭାବେ ସମ୍ପନ୍ନ ହୋଇଆସୁଥିଲା। ସମସ୍ୟା ସେତେବେଳେ ଥିଲା ଏବେ ମଧ୍ୟ ରହିଛି। କିନ୍ତୁ ଗତ ତିନିବର୍ଷ ଧରି କୌଣସି ନା କୌଣସି ଅଘଟଣ ଅଭିଯୋଗ ଆସୁଛି। ଏହା ନିଶ୍ଚୟ ପରିଚାଳନାଗତ ଅପାରଗତା ବୋଲି କହିବାକୁ ହେବ। ଧର୍ମଶାଳାମାନଙ୍କର କ୍ଷମତା ଅନୁଯାୟୀ କେବଳ ପଞ୍ଜିକୃତ ଏବଂ ପ୍ରଥମ ଥର ଆସିଥିବା ହବିଷ୍ୟାଳୀଙ୍କୁ ରହିବାର ସୁଯୋଗ ଦେବା ପାଇଁ ପ୍ରଶାସନର ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ପଞ୍ଜିକରଣରେ ବିଫଳ ହୋଇଥିବା ଏବଂ ସେ ସୂଚନା ଠିକ୍ ସମୟରେ ପାଇ ନଥିବା ହବିଷ୍ୟାଳୀମାନଙ୍କ ପାଇଁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ସାମୟିକ ବିକଳ୍ପ ବ୍ୟବସ୍ଥା କରିବାରେ ପ୍ରଶାସନର ଅସୁବିଧା କିମ୍ବା ସାଧନର ଅଭାବ ନଥିଲା। ବିଡ଼ମ୍ବନା ହେଉଛି ଓଡ଼ିଶାର ନୂତନ ରାଜ୍ୟପାଳଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବା ପାଇଁ ଝାଡ଼ଖଣ୍ଡରୁ ଆସିଥିବା ପ୍ରାୟ ୩୦୦ ଅତିଥିଙ୍କୁ ଓଡ଼ିଶାର ରାଜକୋଷର ଅପଚୟରେ ଯେଭଳି ଭବ୍ୟ ଆତିଥେୟ ପ୍ରଦାନ କରାଗଲା ତାହାର କାଣିଚିଏ ତତ୍ପରତା ଯଦି ପୁରୀରେ ଦେଖାଯାଇଥା'ନ୍ତା ତେବେ ହବିଷ୍ୟାଳିମାନେ ନିଜ ରାଜ୍ୟରେ ନିଜ ସରକାର ଓ ପ୍ରଶାସନ ଦ୍ୱାରା ଏଭଳି ଅପମାନିତ ଓ ନିର୍ଯାତିତ ହେବା ଭଳି ଦୁର୍ଭାଗ୍ୟଜନକ ଘଟଣା ଗଣମାଧ୍ୟମର ଶିରୋନାମା ମଣ୍ଡନ କରି ନ ଥା'ନ୍ତା।

ଏଠାରେ ପୁରୀର ଜନସାଧାରଣ, ଧନାଢ଼୍ୟ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସମ୍ପର୍କରେ କିଞ୍ଚିତ ଦୃଷ୍ଟି ଆକର୍ଷଣ କରିବାର ଧୃଷ୍ଟତା କରୁଛୁ। ଏକଦା ଆତିଥେୟ ପାଇଁ ଶ୍ରୀକ୍ଷେତ୍ର ଭାରତବର୍ଷରେ ସୁନାମ ଅର୍ଜନ କରିଥିଲା। ବିନା ଦେୟରେ ଅସୀମିତ ଆତିଥେୟ ପ୍ରଦାନ କରିବାର ବଦାନ୍ୟ ଆକର୍ଷଣ ଓ ସହୃଦୟତାର ପରିଚାୟକ ଭାବେ ଶ୍ରୀକ୍ଷେତ୍ରରେ ମଠସଂସ୍କୃତି ଗଢ଼ି ଉଠିଥିଲା। ଅତିଥିମାନଙ୍କୁ ରହିବା, ଖାଇବା ସହିତ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ ବ୍ରତୀ କରାଇବାରେ ଯେଭଳି ଆର୍ଥିକ ପ୍ରତିବନ୍ଧକ ସୃଷ୍ଟି ନ ହୁଏ ସେଥିପାଇଁ ରାଜା, ମହାରାଜା, ମହାଜନ, ଧନାଢ଼୍ୟ ବଣିକମାନେ ମଠ ପାଇଁ ଜମି ଖଞ୍ଜି ଦେଇଥିଲେ। ସମୟସ୍ରୋତରେ ଶ୍ରୀକ୍ଷେତ୍ରରେ ହୋଟେଲ୍ ଶିଳ୍ପ ସମୃଦ୍ଧ ହୋଇଛି। ଧନାଢ଼୍ୟ ପ୍ରତିପତ୍ତି ବ୍ୟକ୍ତିଙ୍କର ଜମିବାଡ଼ି, ଘରଦ୍ୱାର ଏତେ ପ୍ରଚୁର ଯେ ସେମାନେ ମାସେ ପାଇଁ ସମୁଦାୟ ୩ହଜାର ହବିଷ୍ୟାଳିଙ୍କୁ ଆଶ୍ରୟ ଓ ଖାଇବା ଯୋଗାଇ ପାରିବେ। ମଠମାନଙ୍କର ଆୟ ମଧ୍ୟ କମ୍ ନୁହେଁ। କିନ୍ତୁ ପ୍ରଶାସନ ଦ୍ୱାରା ହବିଷ୍ୟାଳୀମାନଙ୍କର ହଟହଟାରେ ପ୍ରାୟ ସମସ୍ତେ ନିରବଦ୍ରଷ୍ଟା ସାଜିଲେ। ଏବେ ସରକାରୀ ଧର୍ମଶାଳାରେ ଆଶ୍ରୟ ପାଇ ନଥିବା ହବିଷ୍ୟାଳୀମାନଙ୍କ ପାଇଁ ଉପରୋକ୍ତ ଧନାଢ଼୍ୟ ବ୍ୟକ୍ତିବିଶେଷ/ଅନୁଷ୍ଠାନ/ସଂସ୍ଥାମାନେ ବିକଳ୍ପ ବ୍ୟବସ୍ଥା କରିବେ ବୋଲି ଆଶା। ଆନ୍ତରିକତା ଓ ସହୃଦୟତା ରହିଲେ ଏହି କାମଟି ସହଜ ଓ ଶୀଘ୍ର ହୋଇପାରିବ ଏବଂ ହବିଷ୍ୟାଳୀମାନଙ୍କ ମନର ସନ୍ତୋଷ ଅସୁମାରୀ ଆଶିଷରେ ରୂପାନ୍ତର ହେବ।

ଓଡ଼ିଶା ଭାବମୂର୍ତ୍ତି ମଉଳୁଛି

ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଥିବାରୁ ଏ ସମ୍ପର୍କିତ ସବିଶେଷ ବିବରଣୀ ଦାଖଲ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟରେ ଗତ ଅଢ଼େଇ ବର୍ଷ ଭିତରେ ଏଭଳି ଅନେକ ଅଘଟଣ ଘଟିଛି ଯେଉଁଥିରେ ରାଜ୍ୟର ଭାବମୂର୍ତ୍ତି ବିଶ୍ୱ ଦରବାରରେ ମଳିନ ହୋଇଛି। ତେଣୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ପତ୍ରରେ ଆଶ୍ଚର୍ଯ୍ୟ ହେବାର ନାହିଁ। ଅଧିକନ୍ତୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିରେ ସୁଧାର ପାଇଁ କେନ୍ଦ୍ର ସରକାରଙ୍କୁ ହସ୍ତକ୍ଷେପ କରିବା ପର୍ଯ୍ୟନ୍ତ କଥା ଯାଇଥିବାରୁ ରାଜ୍ୟର ବୁଦ୍ଧିଜୀବୀମାନଙ୍କର ଚିନ୍ତା ବଢ଼ିଛି। ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି, ଆଇନଶୃଙ୍ଖଳାର ଅବନତି ସଂକ୍ରାନ୍ତରେ ଜାତୀୟ ଅପରାଧ ଅନୁସନ୍ଧାନ ବ୍ୟୁରୋ (ଏନ୍‌ସିଆଇବି)ର ରାଜ୍ୟ ନିର୍ଦ୍ଦେଶକଙ୍କ ସମେତ ୧୦ ଜଣ ବ୍ୟକ୍ତି କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଉକ୍ତ ଚିଠିର ପ୍ରତିକ୍ରିୟାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ଶାସନ/ପ୍ରଶାସନଠାରୁ ଜବାବ ତଲବ କରିଛନ୍ତି।

ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଉଠୁଥିବା ପ୍ରଶ୍ନ ରାଜନୈତିକ ବିତର୍କରୁ ଊର୍ଦ୍ଧ୍ୱରେ ରାଜ୍ୟବାସୀଙ୍କ ସୁରକ୍ଷା, ଗଣତନ୍ତ୍ରର ମର୍ଯ୍ୟାଦା ଓ ପ୍ରଶାସନର ଦକ୍ଷତା ସହ ଯୋଡ଼ି ହୋଇଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ପତ୍ର ରାଜ୍ୟ ସରକାରଙ୍କ ପାଇଁ ଆତ୍ମସମୀକ୍ଷାର ସୁଯୋଗ ସୃଷ୍ଟି କରିଛି। ଏହାକୁ ରାଜ୍ୟ ସରକାର କିଭଳି ଗ୍ରହଣ କରିବେ ତାହା କିନ୍ତୁ ଭିନ୍ନ ଏକ ପ୍ରଶ୍ନ। ଲୋକେ ଯେତେବେଳେ ନିଜ ଘର, ରାସ୍ତା, ବଜାର କିମ୍ବା କର୍ମକ୍ଷେତ୍ରରେ ସୁରକ୍ଷିତ ଅନୁଭବ କରିପାରନ୍ତି ନାହିଁ, ସେତେବେଳେ ପ୍ରଶାସନର ଦୃଢ଼ୋକ୍ତି ଓ ବାସ୍ତବତା ମଧ୍ୟରେ ଥିବା ଦୂରତା ସ୍ପଷ୍ଟ ହୋଇଯାଏ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପତ୍ର ଏହି ଦୂରତ୍ୱ ଉପରେ ନିୟନ୍ ଆଲୋକ ପକାଇଛି।

ଆଇନଶୃଙ୍ଖଳାର ସଂଜ୍ଞା କେବଳ ଅପରାଧର ପରିଧି ଭିତରେ ସୀମିତ କରିଦେବା ଉଚିତ ନୁହେଁ। ଅପରାଧ ଘଟିବା ପରେ ପୁଲିସର ତତ୍ପରତା, ତଦନ୍ତରେ ନିରପେକ୍ଷତା ଓ ସ୍ୱଚ୍ଛତା, ନ୍ୟାୟିକ ସତ୍ୱରତା ଭଳି ବିଷୟ ମଧ୍ୟ ସେହି ସଂଜ୍ଞା ଅଧୀନରେ ଆସୁଛି। ଏବେ ଓଡ଼ିଶା ଶାସନ/ପ୍ରଶାସନ ଆଗରେ ଅନେକ ଆହ୍ୱାନ ରହିଛି। ଆଇନଶୃଙ୍ଖଳାର ପ୍ରକୃତ ସ୍ଥିତି ଏବଂ ସୁଧାରମୂଳକ ପଦକ୍ଷେପ ଏହି ଆହ୍ୱାନକୁ ସମ୍ମୁଖୀନ ହେବାର ପ୍ରଥମ ପାହାଚ। ଶାନ୍ତି ଓ ସୁରକ୍ଷା ରହିତ ଏକ ରାଜ୍ୟର ମଉଳା ଭାବମୂର୍ତ୍ତିରେ ନିବେଶ ଓ ବିକାଶର ସ୍ୱପ୍ନ ସାକାର ହେବ ନାହିଁ, ଏହା ସରକାର ସବୁବେଳେ ସ୍ମରଣ କରିବା ଦରକାର।

ଚେତନାର ଅପହରଣ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଧରନ୍ତୁ, ଆଜିଠାରୁ ପଚାଶ ବର୍ଷ ପରେ ଜଣେ ଇତିହାସକାର ଏକବିଂଶ ଶତାବ୍ଦୀର ଭାରତର ଇତିହାସ ଲେଖୁଛନ୍ତି। ଧରନ୍ତୁ, ସେ ପାରମ୍ପରିକ ପଦ୍ଧତିରେ ଅତୀତର ବର୍ଣ୍ଣନା ବା ରୂପାୟନ କରୁନାହାନ୍ତି, ଅର୍ଥାତ୍ ପୂର୍ବପ୍ରଚଳିତ ଐତିହାସିକ ଧାରା, ଯେଉଁଥିରେ ରାଜା, ଶାସକ, ଅଭିଜାତବର୍ଗ ଓ କ୍ଷମତାସଂପନ୍ନ ବ୍ୟକ୍ତିମାନଙ୍କ ଜୀବନ ଓ କାର୍ଯ୍ୟାବଳୀ ଉପରେ କେବଳ ଆଲୋକପାତ କରାଯାଇଥାଏ। ଧରନ୍ତୁ, ସେ 'ସବାଲ୍‌ଟର୍ନ' ବା ସମାଜର ବଞ୍ଚିତ, ସୀମାନ୍ତରିତ ମଣିଷ, ଯେଉଁମାନଙ୍କୁ ଇତିହାସ ଆଦୌ କେବେ ପ୍ରାଧାନ୍ୟ ଦେଇ ନ ଥାଏ, ସେହିମାନଙ୍କ ଜୀବନ ଓ ନୀତି, ଆଦର୍ଶ କିମ୍ବା ମାନବ ସଭ୍ୟତାର କ୍ରମୋନ୍ନତିରେ ସେହିମାନଙ୍କ ଅବଦାନ କଥା କହିବାକୁ ଚାହୁଁଛନ୍ତି ଏବଂ ସେ ଖୋଜୁଛନ୍ତି ସେହି ସାଧାରଣ ମଣିଷଙ୍କୁ, ଯାହାକୁ ଇତିହାସର ପୁରୁଣା ଗ୍ରନ୍ଥଗୁଡ଼ିକ ପ୍ରାୟତଃ ଅଦୃଶ୍ୟ କରିଦେଇଥିଲେ। ଏହି ଐତିହାସିକ ଅଙ୍ଗୀକାରବଦ୍ଧତା ଥିବା ଜଣେ ଇତିହାସକାର ଜାଣନ୍ତି - ଇତିହାସ କେବଳ ଶାସକମାନଙ୍କ ଦ୍ୱାରା ନିର୍ମାଣ ହୁଏ ନାହିଁ। କୃଷକ, ଶ୍ରମିକ, ଦଳିତ, ଆଦିବାସୀ, ନିମ୍ନବର୍ଗ, ପ୍ରବାସୀ ଶ୍ରମିକ, ନାରୀ - ଏମାନେ ମଧ୍ୟ ଇତିହାସର ନିର୍ମାତା ଏବଂ ଏମାନଙ୍କର ଅନୁଭବ, ପ୍ରତିରୋଧ, ଆଶା ଓ ଆକାଂକ୍ଷା ଇତିହାସର ଅବିଚ୍ଛିନ୍ନ ଅଂଶ।

ଭବିଷ୍ୟତର ଏହି ଇତିହାସକାର ଆଜିର ଭାରତର 'ସବାଲ୍‌ଟର୍ନ'ମାନଙ୍କ ଜୀବନ, ଜୀବନାଭିମୁଖ୍ୟ, ମନୋଭାବ ଓ ସେମାନଙ୍କ ଦ୍ୱାରା ଅନୁସୃତ ନିର୍ଦ୍ଦିଷ୍ଟ ଭାବନା ଓ ଚିନ୍ତନର ଧାରାକୁ ନିଶ୍ଚୟ ଅଧ୍ୟୟନ କରିବାକୁ ଚାହିଁବେ। କିନ୍ତୁ ସେ ଏକ ବିଷମ ସମସ୍ୟାରେ ପଡ଼ିବେ। ସେ ଦେଖିବେ ଯେଉଁ 'ସବାଲଟର୍ନ'ମାନଙ୍କ ଉପରେ ତାଙ୍କ ଐତିହାସିକ ଦୃଷ୍ଟି କେନ୍ଦ୍ରୀଭୂତ କରିବାକୁ ଯାଉଛନ୍ତି, ସେହିମାନଙ୍କ ଆଚରଣ, ଉଚ୍ଚାରଣ, ସେହିମାନଙ୍କ ଜୀବନଧାରା ଅବିଶ୍ୱସନୀୟଭାବରେ ବିଚିତ୍ର ଓ ଅଦ୍‌ଭୁତ। ସେ ଦେଖିବେ - ହଜାର ହଜାର ସୀମାନ୍ତରିତ ଲୋକେ ସେମାନଙ୍କୁ ସୀମାନ୍ତର କରି ସର୍ବଦା ରଖିଦେବାକୁ ନାନା ଫନ୍ଦିଫିକର କରୁଥିବା କ୍ଷମତାସଂପନ୍ନମାନଙ୍କ ଅନ୍ଧସ୍ତାବକ ପାଲଟି ଯାଇଛନ୍ତି। ସେ ଦେଖିବେ - ସେହି ଲୋକମାନଙ୍କ ମଧ୍ୟରୁ ଅନେକ ଏମିତି ସ୍ଲୋଗାନ ଦେଉଛନ୍ତି, ଯାହା ସମାଜର ଗୋଟିଏ ସଂପ୍ରଦାୟକୁ ଅନ୍ୟ ସଂପ୍ରଦାୟ ବିରୋଧରେ ଠିଆ କରିଦେଉଛି। ସେ ଦେଖିବେ - ରାଜନୈତିକ ନେତୃତ୍ୱ ଓ ରୂଢ଼ିବାଦୀ, ରକ୍ଷଣଶୀଳ ଚିନ୍ତାଧାରାର ପ୍ରଚାରକମାନଙ୍କ ଭାଷା ହୋଇଯାଇଛି 'ସବାଲ୍‌ଟର୍ନ'ଙ୍କ ଭାଷା। ସେ ଦେଖିବେ - ଯିଏ ଶୋଷିତ, ସିଏ ଶୋଷକର ବନ୍ଦନା କରିଚାଲିଛି; ଯିଏ ଧାର୍ମିକ ଅସହିଷ୍ଣୁତାର ବିଷ ପରିଣାମକୁ ପ୍ରାୟ ପ୍ରତ୍ୟହ ଦେଖୁଛି, ସିଏ ସେହି ଅସହିଷ୍ଣୁତାର ପ୍ରଚାରକ ଓ ପୃଷ୍ଠପୋଷକମାନଙ୍କୁ ଧର୍ମାବତାର ବୋଲି କହିଚାଲିଛି ଏବଂ ଯାହାର ସ୍ୱାଧୀନତା, ବିଶେଷକରି ବାକ୍‌ସ୍ୱାଧୀନତା, ସଂପୂର୍ଣ୍ଣ ବିପନ୍ନ, ସିଏ ତା'ର ସେହି ବିପନ୍ନତାକୁ ନେଇ ସାମାନ୍ୟତମ ବିଦ୍ରୋହର ସ୍ୱର ଉତ୍ତୋଳନ କରୁନାହିଁ, ବରଂ ସେ ଏକପ୍ରକାର ଅଭ୍ୟସ୍ତ ହୋଇଯାଇଛି ଯେ ବାକ୍ ସ୍ୱାଧୀନତା ରାଷ୍ଟ୍ରହିତର ପରିପନ୍ଥୀ ଓ କ୍ଷମତାଧାରୀକୁ ପ୍ରଶ୍ନ କରିବା ତେଣୁ ଦେଶଦ୍ରୋହ ସମାନ।

ବେକାରୀ, ଦାରିଦ୍ର୍ୟ, ଅଶିକ୍ଷା କିମ୍ବା ବ୍ୟୟବହୁଳ ଶିକ୍ଷା କି ସ୍ୱାସ୍ଥ୍ୟସେବା ଯୋଗୁଁ ନାନା ଭାବରେ ପ୍ରପୀଡ଼ିତ ଲୋକଙ୍କ ନିରବତା ଓ ନିସ୍ପୃହତା ଦେଖି ଭବିଷ୍ୟତର ଇତିହାସକାର ଯେତିକି ବିସ୍ମୟାଭିଭୂତ ହେବେ, ତାହାଠାରୁ କାହିଁ କେତେଗୁଣ ଅଧିକ ଚମତ୍କୃତ, ସ୍ତମ୍ଭୀଭୂତ ହେବେ ଯେତେବେଳେ ସେ ଦେଖିବେ ଏହି ପ୍ରପୀଡ଼ିତ ଲୋକମାନଙ୍କ ମଧ୍ୟରୁ ହଜାର ହଜାର ଅଦ୍‌ଭୁତ ମାନସିକତାକୁ ଆପଣାଇ ନେଇ ଧର୍ମୋତ୍ସବ, ତୀର୍ଥଯାତ୍ରା ଓ ଧର୍ମସମ୍ମିଳନୀମାନଙ୍କରେ ସକ୍ରିୟ ଯୋଗଦାନ କରି ଧର୍ମାଧିକାରୀ ଓ ତଥାକଥିତ ଧର୍ମବେତ୍ତାମାନଙ୍କ ହାତରେ ପୁତ୍ତଳିକା ପାଲଟି ଯାଇଛନ୍ତି। ଜଣେ ମଣିଷର ଧାର୍ମିକ ଆସ୍ଥା ଅବଶ୍ୟ ରହିବ; ମାତ୍ର ଯଦି ସେହି ଆସ୍ଥା ତା'ର ବୁଦ୍ଧି, ବିବେକ, ବିଚାରଶୀଳତା ଓ ବୈଜ୍ଞାନିକ ଦୃଷ୍ଟିକୋଣକୁ ନିଷ୍ପ୍ରଭ କରିଦିଏ, ତେବେ ତାହା ସବୁଦିଗରୁ ନିଶ୍ଚୟ ବିପଦ୍‌ଜନକ। ଏହି ବିପଦ୍‌ଜନକ ମାନସିକତାର ସହଜ ଶିକାର ହୋଇଯାଇଥିବା ଆଜିର ଭାରତର 'ସବାଲ୍‌ଟର୍ନ'ମାନଙ୍କୁ ଦେଖି ଭବିଷ୍ୟତରେ ଇତିହାସକାରଙ୍କର ଇତିହାସ ଲିଖନ କେଉଁ ରୂପ ନେବ, ତାହା ଭାବିବସିଲେ ଯେ କେହି ଘୋର ଅସ୍ୱସ୍ତି ଅନୁଭବ କରିବ। ଏଇଠି ସେ ଇତିହାସକାର ଅଟକି ରହି ଭାବିବସିବେ - ଏହି ଦରିଦ୍ର, ବଞ୍ଚିତ, ବେକାର ଓ ଅନ୍ଧଭକ୍ତ ବା ସ୍ତାବକମାନେ କିପରି ବା ଇତିହାସର କର୍ତ୍ତାର ମାନ୍ୟତା ପାଇପାରିବେ? ଏହି ପ୍ରଶ୍ନଟି ଆହୁରି ଗଭୀର ହୋଇଯିବ, ଯେତେବେଳେ ଇତିହାସକାର ଦେଖିବେ ଯେ ଯେଉଁ ଭାରତୀୟମାନଙ୍କ ଜୀବନରେ ଅସମାନତା, ଶୋଷଣ, ଅଧିକାର ହନନ ସବୁ ଦୈନନ୍ଦିନ ସତ୍ୟ। ସେମାନଙ୍କୁ ବୁଝାଇ ଦିଆଯାଇଛି ଯେ - ଦେଶ ପାଇଁ ସେମାନଙ୍କର ଏ ତ୍ୟାଗ ଆବଶ୍ୟକ ଏବଂ ସେମାନଙ୍କର ଦୁଃଖଠାରୁ ବଡ଼ ହେଉଛି ଧର୍ମ; ସେମାନଙ୍କ ଶୋଚନୀୟ ସ୍ଥିତିଠାରୁ ବଡ଼ ହେଉଛି ଏକ କଳ୍ପିତ ଗୌରବମୟ ଅତୀତ; ସେମାନଙ୍କର ମୌଳିକ ଅଧିକାର, ସାମ୍ବିଧାନିକ ଅନୁରକ୍ତି କିମ୍ବା ଗଣତାନ୍ତ୍ରିକ ବିଚାରଧାରାଠାରୁ ସେମାନଙ୍କର ଧାର୍ମିକ ପରିଚୟ ବହୁ ଅଧିକ ମହତ୍ତ୍ୱପୂର୍ଣ୍ଣ।

ଏହି ହେଉଛି ଆମ ସମୟର ଏକ ଭୟଙ୍କର ବିଡ଼ମ୍ବନା। ଯେଉଁ ଲୋକମାନଙ୍କ ଚିନ୍ତାଚେତନାର ଖିଅଗୁଡ଼ିକୁ ଭବିଷ୍ୟତର ଇତିହାସକାର ଖୋଜିବାକୁ ଯିବେ, ସେ ଦେଖିବେ ସେ ଚିନ୍ତାଚେତନାରେ ସଂକୀର୍ଣ୍ଣ ରାଜନୈତିକ, ସଂକୀର୍ଣ୍ଣ ସାମାଜିକ ଓ ସାଂସ୍କୃତିକ ଆଦର୍ଶର ଭିନ୍ନ ଭିନ୍ନ ପୁଟ। ଔପନ୍ୟାସିକ 'ଚିନୁଆ ଆଚ୍‌ବେ' କହିଥିଲେ - 'ଯେ ପର୍ଯ୍ୟନ୍ତ ସିଂହମାନେ ନିଜର ଇତିହାସ ଲେଖିବା ଶିଖିନାହାନ୍ତି, ସେ ପର୍ଯ୍ୟନ୍ତ ଶିକାରର ଇତିହାସ ସବୁବେଳେ ଶିକାରୀକୁ ମହିମାନ୍ୱିତ କରୁଥିବ।' ଭବିଷ୍ୟତରେ ଇତିହାସକାର ଯେତେବେଳେ ଏକବିଂଶ ଶତାବ୍ଦୀର ପ୍ରଥମ କେତୋଟି ଦଶକକୁ ଦେଖିବେ, ସେ ଅନୁଭବ କରିବେ - ଏଠାରେ ସିଂହମାନେ ନିଜର କାହାଣୀ କେବେ କହିନାହାନ୍ତି। କାରଣ ସେମାନେ ଅନ୍ୟ କାହାରି କାହାଣୀକୁ ନିଜର କାହାଣୀ ବୋଲି ଭାବିନେଇଛନ୍ତି। ସେମାନେ ସେମାନଙ୍କ ଶୋଷକ, ସେମାନଙ୍କ ଶିକାରୀକୁ ଖୋଜିବା ପରିବର୍ତ୍ତେ କଳ୍ପିତ ଶୋଷକ, ଶିକାରୀଙ୍କୁ ଖୋଜିବା ପାଇଁ ପ୍ରଶିକ୍ଷଣ ପାଇଯାଇଛନ୍ତି କିମ୍ବା ନିଜ ଭିତରର ଅନ୍ୟ ଜଣେ ସିଂହ ବା କେତେଜଣ ସିଂହଙ୍କୁ ଦାୟୀ କରିବା ଶିଖିଯାଇଛନ୍ତି। ଏହିପରି ଭାବରେ ଶୋଷିତ, ବଞ୍ଚିତ, ସୀମାନ୍ତରିତ ମଣିଷ ଜଣକ ନିଜ ଶୋଷଣକୁ ଭୁଲି ଅନ୍ୟ ଜଣେ ଶୋଷିତ, ବଞ୍ଚିତ ଓ ସୀମାନ୍ତରିତ ମଣିଷର ବିରୋଧରେ ଠିଆ ହେବା ତେଣୁ ଆଦୌ ଅସ୍ୱାଭାବିକ ନୁହେଁ। ଏହା ହିଁ ଚେତନାର ଅପହରଣର ଏକ ବିଚିତ୍ର ରୂପ। ଏହା ହିଁ ଆଜିର ସମୟର ଏକ ମର୍ମନ୍ତୁଦ ବିପର୍ଯ୍ୟୟ।

ଆସନ୍ତୁ, ଏଥର ଆମେ ପ୍ରାରମ୍ଭିକ ପ୍ରଶ୍ନ ପାଖକୁ ଫେରିଆସିବା। ପଚାଶ ବର୍ଷ ପରେ ଜଣେ ଇତିହାସକାର ଆଜିର ଭାରତରେ 'ସବାଲ୍‌ଟର୍ନ' ଜନସାଧାରଣଙ୍କୁ ଅଧ୍ୟୟନ କଲେ, ସେ କ'ଣ ଦେଖିବେ, କ'ଣ ପାଇବେ? ସେ ଦେଖିବେ - ଏକ ବିଶାଳ ଜନ ସମୁଦାୟ ଥିଲା, ଯାହା ଅତ୍ୟନ୍ତ ଧାର୍ମିକ ବା ଧର୍ମଭୀରୁ ଥିଲା; ଧାର୍ମିକତା ଓ ରାଜନୈତିକ ଆଜ୍ଞାପାଳନ ମଧ୍ୟରେ ଏକ ଜଟିଳ ସଂପର୍କ ତିଆରି ହୋଇଥିଲା; ଅନେକ ବଞ୍ଚିତ ଲୋକ ନିଜ ଅଧିକାର ପାଇଁ ନୁହେଁ, ଅନ୍ୟ ଏକ ସଂପ୍ରଦାୟ ବିରୋଧରେ ଠିଆ ହେବା ପାଇଁ ଅଧିକ ଉତ୍ସାହିତ ଥିଲେ; ଯେଉଁମାନେ ସାମାଜିକ ଓ ଆର୍ଥିକ ଅସମାନତାର ଶିକାର, ସେମାନେ ସେହି ଅସମାନତାକୁ ପ୍ରଶ୍ନ କରିବା ପରିବର୍ତ୍ତେ ଏକ ସାଂସ୍କୃତିକ ଜାତୀୟତାର ଉନ୍ମାଦନାରେ ବୁଦ୍ଧିଭ୍ରଷ୍ଟ ହୋଇଯାଇଛନ୍ତି। ଇତିହାସକାରଙ୍କ ପାଖରେ ସ୍ପଷ୍ଟ ହୋଇଯିବ ଯେ ଏକବିଂଶ ଶତାବ୍ଦୀର ଭାରତର 'ସବଲ୍‌ଟର୍ନ'ଙ୍କ ଚେତନା ସେ ସମୟର ତଥାକଥିତ ଗୁରୁ, ମହାଗୁରୁ ତଥା ବିତ୍ତଶାଳୀମାନଙ୍କ ଯୁଦ୍ଧକ୍ଷେତ୍ର, ନାନା ପରୀକ୍ଷାନୀରିକ୍ଷାର କ୍ଷେତ୍ର ଓ ସେମାନଙ୍କ ଦ୍ୱାରା ରୋପିତ ବିଷମଞ୍ଜି ସବୁର ଉର୍ବରତମ ମୃତ୍ତିକା ରୂପରେ ପରିଣତ ହୋଇଯାଇଥିଲା।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

ରାବଣ ପୋଡ଼ିର ଯଥାର୍ଥତା

ଡକ୍ଟର ଅଭିମନ୍ୟୁ ବରାଳ

ପୁଣ୍ୟଭୂମି ଭାରତ ବର୍ଷ ଏକ ସଂସ୍କୃତିସଂପନ୍ନ ଦେଶ। କିନ୍ତୁ କାଳଚକ୍ରର ଆବର୍ତ୍ତନ ଫଳରେ ଏହି ସଭ୍ୟ ଉପମହାଦେଶରେ କାଳକ୍ରମେ ଅନେକ ଅପସଂସ୍କୃତି ପ୍ରବେଶ କରିଯାଇଛି। ଫଳତଃ 'ସଂସ୍କୃତି' ନାମରେ ଅନେକ ଅଶାସ୍ତ୍ରୀୟ କଥା ସମାଜରେ ଘଟୁଛି। ଖୁବ୍ ନିକଟରେ ଭାରତବର୍ଷର ଏକ ମହାନ ପର୍ବ ଦଶହରା ପାଳିତ ହୋଇଯାଇଛି। ଏହିଦିନ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସର୍ବତ୍ର ରାବଣ ପୋଡ଼ି ମହାସମାରୋହରେ ପାଳନ କରାଯାଇଛି। ଦଶଶିର ବିଶିଷ୍ଟ ରାବଣର ଏକ କୃତ୍ରିମ ତଥା ବିଶାଳ କଳେବରକୁ ଅନଳ ସଂଯୋଗ କରି ପୋଡ଼ି ଦିଆଯାଉଛି। ଆଜିକାଲି ବହୁଅର୍ଥ ବ୍ୟୟରେ ବହୁ ଆଡ଼ମ୍ବରରେ ରାବଣ ପୋଡ଼ି ଉତ୍ସବ ପାଳନ ହେଉଛି। ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଗଣରାବଣର ନକଲି କଳେବରରେ ପ୍ରଥମେ ଅଗ୍ନି ସଂଯୋଗ କରୁଛନ୍ତି। ଦର୍ଶକମାନେ ରାବଣର ଶରୀର ପୋଡ଼ି ଯାଉଥିବା ବେଳେ ବେଶ୍ ଆନନ୍ଦିତ ହେଉଛନ୍ତି। ବାସ୍ତବରେ ଏହା ସଂସ୍କୃତି ନା ଅପସଂସ୍କୃତି?

ରାବଣ ବ୍ରାହ୍ମଣ ସନ୍ତାନ। ବ୍ରହ୍ମାଙ୍କର ସେ ଚତୁର୍ଥ ପୁରୁଷ। ଋଷି ପୌଲସ୍ତ୍ୟଙ୍କର ନାତି, ମହର୍ଷି ବିଶ୍ରବାଙ୍କ ପୁତ୍ର ଓ କୁଳଶ୍ରେଷ୍ଠ ବ୍ରାହ୍ମଣ। ସେ ବେଦବେଦାନ୍ତରେ ଅତ୍ୟନ୍ତ ବିଦ୍ୱାନ। ଶିବ ଓ ବ୍ରହ୍ମା ରାବଣଙ୍କର ଦୁଇଜଣ ଗୁରୁ। କେତେକ ରାମାୟଣରେ ଉଲ୍ଲେଖ ଅଛି, ଶ୍ରୀରାମଙ୍କ ନିମନ୍ତ୍ରଣ ରକ୍ଷା କରି ସ୍ୱୟଂ ରାବଣ ପୁରୋହିତ ଭାବରେ ସେତୁବନ୍ଧ ପ୍ରତିଷ୍ଠା କରିଥିଲେ। ଏହି ହେତୁ ବିଚାର କରନ୍ତୁ ସେ କିଭଳି ବ୍ୟକ୍ତିତ୍ୱ। ପୁନଶ୍ଚ ସେ ତ୍ରିପୁରବିଜୟୀ। ସେ ବୈକୁଣ୍ଠର ଦ୍ୱାରପାଳ। ଅଭିଶାପଗ୍ରସ୍ତ ହୋଇ ଅସୁର ଜନ୍ମ ପାଇଥିଲେ। ଇନ୍ଦ୍ରାଦିଦେବତାମାନେ ରାବଣ ପାଖରେ ସେବକ ଭାବରେ ନିଯୁକ୍ତି। ସେ ଅନେକ ବିଦ୍ୟାର ଅଧିକାରୀ। ସେ ଦଶମହାବିଦ୍ୟାର ସାଧକ। ରାବଣଙ୍କ ରାଜ୍ୟରେ ବିଜ୍ଞାନ ଉନ୍ନତିର ଚରମ ସୀମାରେ ପହଞ୍ଚିପାରିଥିଲା। ଉନ୍ନତ କୃଷି ହେତୁ ରାବଣ ପ୍ରତ୍ୟହ ନବାନ୍ନ ଭକ୍ଷଣ କରୁଥିଲେ। ରାବଣ ଉନ୍ନତ ବୌଜ୍ଞାନିକ ଶୈଳୀରେ ନିର୍ମିତ ପୁଷ୍ପକ ବିମାନରେ ଯାତାୟତ କରୁଥିଲେ। ସେ ସ୍ୱର୍ଣ୍ଣମୟୀ ଲଙ୍କର ଅଧୀଶ୍ୱର। ରାବଣଙ୍କ ସୈନ୍ୟବାହିନୀ ଅତ୍ୟନ୍ତ ଉନ୍ନତ ଏବଂ ବ୍ୟୂହଭେଦ କରିବାରେ ସକ୍ଷମ। ଅନେକ ଅଗ୍ନେୟାସ୍ତ୍ର ତଥା କ୍ଷେପଣାସ୍ତ୍ରରେ ସଜ୍ଜିତ।

ଏଭଳି ଏକ ମହାନ ଚରିତ୍ରକୁ ପୋଡ଼ି ଆମ୍ଭେମାନେ ଖୁସି ଓ ଆନନ୍ଦ ଅନୁଭବ କରିବା, ଉତ୍ସବ ପାଳନ କରିବା କେତେ ଉଚିତ? ଯଦି ତାହା ଉଚିତ ତେବେ ଆମ ସମାଜରେ ମହାମହା ରାବଣମାନେ ହରଣ, ଧର୍ଷଣ, ନରହତ୍ୟା କରି ଖୋଲା ଆକାଶ ତଳେ ଘୂରି ବୁଲୁଛନ୍ତି। ସମାଜର ବିଶିଷ୍ଟ ଲୋକ ବୋଲି ସବୁଠାରେ ସେମାନେ ସମ୍ମାନିତ ହେଉଛନ୍ତି। ଯେଉଁମାନେ ରାବଣ ଶରୀରରେ ଅଗ୍ନି-ସଂଯୋଗ କରୁଛନ୍ତି ସେମାନେ ନିଜକୁ ପ୍ରଶ୍ନକଲେ ଜାଣିପାରିବେ ସେମାନେ କେତେ ସଚ୍ଚୋଟ? ଏବେ ଆପଣମାନେ ବିଚାର କରନ୍ତୁ। ରାବଣକୁ ପୋଡ଼ିବା କୌଣସି ଶାସ୍ତ୍ରରେ ଅଛି କି ? ଭାରତବର୍ଷରେ ଅନେକ ବିଦ୍ୱାନ ଅଛନ୍ତି। ଯଦି କେହି ଶାସ୍ତ୍ରୀୟ ପ୍ରମାଣ ଦେଇ ରାବଣ ପୋଡ଼ିର ସତ୍ୟତା ପ୍ରମାଣ କରିପାରିବେ, ମୁଁ ତାଙ୍କ ନିକଟରେ କୃତାଞ୍ଜଳିପୁଟରେ କ୍ଷମାଭିକ୍ଷା କରିବା ସହିତ ଶାସ୍ତ୍ର ଆଲୋଚନା ଛାଡ଼ି ଦେବି। ମୁଁ ଆହ୍ୱାନ ଦେଉଛି ଯେ କୌଣସି ବିଦ୍ୱାନ, କୌଣସି ରାମାୟଣ କିମ୍ବା କୌଣସି ପୁରାଣରେ ଏହା ଯଦି ଅଛି, ତେବେ ଉଲ୍ଲେଖ କରନ୍ତୁ।

ସମାଜ ଆଜି ଅତ୍ୟନ୍ତ କଳୁଷିତ। ସ୍ନେହ, ପ୍ରେମ, ଆତ୍ମୀୟତା ତଥା ଆନ୍ତରିକତା ଦେଖିବାକୁ ସ୍ୱପ୍ନ। ସମସ୍ତେ ସ୍ୱାର୍ଥପର, ସ୍ୱାର୍ଥାନ୍ଧ। ତାଙ୍କଠାରୁ କ'ଣ ବା ଆଶା କରାଯାଇପାରେ? ଅନ୍ୟର କ୍ଷତି କରିବା, ପରଝିଅ ବୋହୂଙ୍କ ପ୍ରତି ଖରାପ ନଜର ପକାଇବା, ପରଧନ ହରଣ କରିବା ଆଜିର ସମାଜରେ ସର୍ବତ୍ର ସୁଲଭ। ଆମ ସମାଜରେ ଯେଉଁମାନେ ପରଧନ ହରଣକାରୀ, ମୁନାଫାଖୋର, ଲାଞ୍ଚୁଆ, ମିଛୁଆ - ସେହିମାନେ ସମାଜର ସମ୍ମାନିତ ତଥା ପ୍ରତିଷ୍ଠିତ ବ୍ୟକ୍ତି। ଦକ୍ଷିଣ ଭାରତରେ କେତେକ ସଂପ୍ରଦାୟ ନିଜକୁ ରାବଣ ବଂଶଧର ବୋଲି ବିଚାର କରନ୍ତି ଏବଂ ପୂର୍ବଜ ଜ୍ଞାନରେ ପୂଜା କରନ୍ତି। ଅତୀତରେ ସେମାନେ ଏହି ରାବଣପୋଡ଼ିକୁ ଘୋର ବିରୋଧ କରିଥିଲେ। ଯାହାହେଉ ସେତେବେଳେ ସେହି ଘଟଣାକୁ ସମାଧାନ କରିଦିଆଗଲା। ଜଣେ ମହାନ ଚରିତ୍ରଙ୍କୁ ଏପରି ଭାବରେ ଅସମ୍ମାନିତ କରିବା ଉଚିତ୍ ନୁହେଁ।

ବାଇବେଲରେ ଲେଖା ଅଛି - ଏକଦା ଯୀଶୁଖ୍ରୀଷ୍ଟ ଯାଉଥିବା ସମୟରେ ଦେଖିଲେ ଅନେକ ବ୍ୟକ୍ତି ସ୍ପଷ୍ଟ ଦିବାଲୋକରେ ଗୋଟିଏ ଝିଅକୁ ପଥର ଫିଙ୍ଗି ନିର୍ଯାତନା ଦେଉଛନ୍ତି। ଦୟାର ଅବତାର ଯୀଶୁ ଏହାର କାରଣ ପଚାରିବାରୁ ଲୋକମାନେ କହିଲେ, 'ସେ ବ୍ୟଭିଚାରିଣୀ। ତେଣୁ ତା'କୁ ଏ ଦଣ୍ଡ ଦିଆଯାଉଛି।' ଯୀଶୁ କହିଲେ ସମାଜର ନିୟମ ଅନୁସାରେ ତା'କୁ ଏପରି ଦଣ୍ଡ ଦେବା ଉଚିତ୍। କିନ୍ତୁ ଯେଉଁବ୍ୟକ୍ତି ପ୍ରଥମ ଟେକାଟି ପକାଇବ ସେ କୌଣସି ପାପ, ଅନ୍ୟାୟ କରିନାହିଁ ବୋଲି ଦୃଢ଼ୋକ୍ତି କରୁ। ଏକଥା ଶୁଣୁ ଶୁଣୁ ସମସ୍ତେ ଧୀରେ ଧୀରେ ସେଠାରୁ ଚାଲିଗଲେ। କେହି ନା କେହି କିଛି ନା କିଛି ପାପ ଓ ଅନ୍ୟାୟ କରିଥିଲେ। ଯୀଶୁ ସେହି ଝିଅଟିକୁ ଉଦ୍ଧାର କରି ଚାଲିଗଲେ। ସମାଜ ଏତେ ଦୁର୍ନୀତିରେ ବୁଡ଼ି ରହିଥିବା ବେଳେ ରାବଣଙ୍କୁ ଏତାଦୃଶ ଅସମ୍ମାନିତ କରିବା କଦାପି ସମୀଚୀନ ନୁହେଁ। ବାସ୍ତବରେ 'ରାବଣ ପୋଡ଼ି' ଏକ ଅଶାସ୍ତ୍ରୀୟ ଚିନ୍ତାଧାରା ଏବଂ ଅପସଂସ୍କୃତି। ସଚେତନଶୀଳ ବ୍ୟକ୍ତିମାନେ ଏହାକୁ ନିନ୍ଦା କରିବା ସହିତ ଏକ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଚେଷ୍ଟିତ ହୁଅନ୍ତୁ।

ସାକ୍ଷୀଗୋପାଳ(ପୁରୀ), ମୋ: ୯୯୩୭୮୩୫୨୩୦

ଓଡ଼ିଆଣୀ ଶ୍ରୀରାଧା

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଗଜପତି ପୁରୁଷୋତ୍ତମଦେବ କାଞ୍ଚିରାଜାଙ୍କ ସହ ଦ୍ୱିତୀୟ ଥର ଯୁଦ୍ଧରେ ବିପୁଳ ବିଜୟ ହାସଲ କଲେ ଏବଂ ବିଜୟର ସ୍ମାରକୀ ସ୍ୱରୂପ ଯେଉଁସବୁ ମହାର୍ଘ ପଦାର୍ଥ ସେଠାରୁ ଆଣିଥିଲେ, ସେମାନଙ୍କ ଭିତରେ ଅତ୍ୟନ୍ତ ମନୋମୁଗ୍ଧକର ସାକ୍ଷୀଗୋପାଳ ବିଗ୍ରହ ଥିଲେ। ସେ ବିଗ୍ରହ ପ୍ରଥମେ ବାରବାଟୀରେ ପ୍ରତିଷ୍ଠିତ ହୋଇ ଆରାଧିତ ହେଉଥିଲେ। ତା' ପରେ କେତେକ ଐତିହାସିକ କାରଣରୁ ରଥିପୁରଗଡ଼ ଏବଂ ପରେ କନ୍ତଲବାଇକୁ ସ୍ଥାନାନ୍ତରିତ ହେଲେ। ଭୋଇବଂଶର ଗଜପତି ରାମଚନ୍ଦ୍ର ଦେବଙ୍କ ଅମଳରେ ବିଗ୍ରହ ଶ୍ରୀମନ୍ଦିର ବେଢ଼ାରେ ସ୍ଥାପିତ ହେଲେ।

ଦିନେ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, 'ଗୋପାଳ ଉତ୍ତର ଭାରତରେ ବାଲ୍ୟ ଓ କୈଶୋର ଅତିବାହିତ କରିଥିଲେ। ବର୍ତ୍ତମାନ ତୁ ତାଙ୍କର ବିଗ୍ରହ ଆଣି ରୋଷଘର ରାସ୍ତା କଡ଼ରେ ସ୍ଥାପନା କଲୁ। ଉତ୍ତର ଭାରତରେ ଗହମରୁ ପ୍ରସ୍ତୁତ ଖାଦ୍ୟ ବହୁତ ଲୋକପ୍ରିୟ। ସୁଆରମାନେ ଗହମରୁ ପିଠା ତିଆରି କରି ସେହିବାଟ ଦେଇ ମୋ ମଣୋହି ପାଇଁ ଆଣିବା ବେଳେ ଗୋପାଳ ସେ ସବୁକୁ ଅଇଁଠା କରିଦେଉଛି। ଗୋପପୁରର ବାଲ୍ୟଚପଳତା ତା'ର ଏ ପର୍ଯ୍ୟନ୍ତ ଯାଇନାହିଁ। ତେଣୁ ତାଙ୍କୁ ସେ ଯାଗାରୁ ଅନ୍ୟତ୍ର ସ୍ଥାନାନ୍ତର କର।' ମହାପ୍ରଭୁଙ୍କ ଏ ଆଦେଶ ପରେ ରାଜା ଚିନ୍ତାରେ ପଡ଼ିଗଲେ। ତା'ପରଦିନ ସକାଳେ ଜଣେ ସାଧୁ ଆସି ସତ୍ୟବାଦୀର ରତ୍ନଚିରା ନଦୀ କୂଳକୁ ଗୋପାଳଙ୍କୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତାବ ଦେଲେ ଏବଂ ସେ ସେଠାରେ ମନ୍ଦିର ନିର୍ମାଣରେ ସହାୟତା ପ୍ରଦାନ ବୋଲି ପ୍ରତିଶ୍ରୁତି ଦେଇ ଅନ୍ତର୍ହିତ ହୋଇଗଲେ। ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବେ ସବୁ ଘଟିଯିବାରୁ ଏହା ମହାପ୍ରଭୁଙ୍କ ଇଚ୍ଛା ବୋଲି ରାଜା ବିଚାର କଲେ। ରତ୍ନଚିରା ନଦୀକୂଳରେ ମନ୍ଦିର ନିର୍ମାଣ ପରେ ଶ୍ରୀମନ୍ଦିରରୁ ସାକ୍ଷୀଗୋପାଳଙ୍କୁ ଆଣି ବୈଦିକ ବିଧିବିଧାନର ସହ ସ୍ଥାପନା କରାଗଲା ଏବଂ ରାଜାଙ୍କ ଦ୍ୱାରା ସେବାପୂଜା ପାଇଁ ଭୂସମ୍ପତ୍ତି ଦାନ କରାଗଲା। ଗୋପାଳଙ୍କ ପାଖରେ ଦୈନିକ ଗହମରୁ ପ୍ରସ୍ତୁତ ପ୍ରସାଦ ସମର୍ପଣ ପାଇଁ ରାଜାଜ୍ଞା ଜାରି ହେଲା।

ବୃନ୍ଦାବନ ଛାଡ଼ି ଆସିବା ପରେ ଗୋପାଳ ଓ ରାଧା ଉଭୟେ ଉଭୟଙ୍କୁ ଝୁରି ହେଉଥିଲେ। କ୍ରମଶଃ କୃଷ୍ଣଙ୍କ ବିରହ ରାଧାଙ୍କୁ ଅସହ୍ୟ ହେବାରୁ ସେ ସାକ୍ଷୀଗୋପାଳଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ ଗୋପାଳଙ୍କ ମୁଖ୍ୟପୂଜକ ବେଲେଶ୍ୱର ମହାପାତ୍ରଙ୍କ କନ୍ୟାରୂପେ କାର୍ତ୍ତିକ ଶୁକ୍ଳ ନବମୀ ତିଥିରେ ଜନ୍ମଗ୍ରହଣ କଲେ। ଅପରୂପା ସୁନ୍ଦରୀ କନ୍ୟାର ନାମ ମହାପାତ୍ର ଦମ୍ପତି 'ଲକ୍ଷ୍ମୀ' ରଖିଲେ। ମହାପାତ୍ରଙ୍କ ଘରେ ରାଧାଙ୍କ ଆବିର୍ଭାବ ପରେ ଗୋପାଳ ପ୍ରତିଦିନ ରାତିରେ ତାଙ୍କ ସହ ଗୋପନରେ ମିଳିତ ହେଉଥିଲେ ଏବଂ ମନ୍ଦିର ଖୋଲା ହେବା ପୂର୍ବରୁ ଫେରୁଥିଲେ। ଦିନେ ତରବର ହୋଇ ମନ୍ଦିରକୁ ଫେରିବା ବେଳେ ଗୋପାଳ ସୁନାର ବଂଶୀଟି ମହାପାତ୍ରଙ୍କ ଘରେ ଛାଡ଼ି ଆସିଲେ। ମନ୍ଦିରରେ ଠାକୁରଙ୍କ ସୁନାବଂଶୀ ତାଙ୍କ ହାତରେ ନ ଥିବାରୁ କେହି ଚୋରି କରିନେଇଛି ବୋଲି ସେମାନେ ଭାବିଲେ। ସକାଳେ ମହାପାତ୍ରେ ଝିଅର ଶେଯ ପାଖରୁ ଠାକୁରଙ୍କ ସୁନାର ବଂଶୀଟି ପାଇଲେ। ବଂଶୀ ସେଠାକୁ କିପରି ଆସିଲା ଭାବି ସେ ଆଶ୍ଚର୍ଯ୍ୟ ହେଲେ। କିନ୍ତୁ ସେ ବଂଶୀଟି ନେଇ ମନ୍ଦିରରେ ଦାଖଲ କଲେ। ପରେ ପରେ ଗୋପାଳଙ୍କ ପାଟ ଉତ୍ତରୀୟ, ରତ୍ନହାର ଆଦି ମହାପାତ୍ରଙ୍କ ଘରୁ ମିଳିବାରୁ ସେବକମାନେ ମହାପାତ୍ରଙ୍କ ବିରୁଦ୍ଧରେ ଗଜପତିଙ୍କୁ ଅଭିଯୋଗ କଲେ। ମହାପାତ୍ରେ ଗୋପାଳଙ୍କ ଶରଣାପନ୍ନ ହେଲେ। ସେ ଦିନ ରାତିରେ ଗୋପାଳ ଗଜପତିଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ରହସ୍ୟ ବିଷୟରେ ସୂଚନା ଦେବା ସହିତ ଲକ୍ଷ୍ମୀରୂପୀ ରାଧାଙ୍କର ସୁନାର ପ୍ରତିମା ମନ୍ଦିରରେ ତାଙ୍କ ନିକଟରେ ସ୍ଥାପନା ପାଇଁ ନିର୍ଦ୍ଦେଶ ଦେଲେ।

ସ୍ୱପ୍ନାଦେଶ ଅନୁଯାୟୀ ଗଜପତି ଏକ ସୁବର୍ଣ୍ଣ ପ୍ରତିମା ନିର୍ମାଣ ଆରମ୍ଭ କଲେ। ପ୍ରତିମା ନିର୍ମାଣ କାମ ଯେତିକି ଆଗକୁ ଯାଉଥିଲା, ଲକ୍ଷ୍ମୀଙ୍କର ଅସୁସ୍ଥତା ସେତିକି ବଢୁଥିଲା। କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଲକ୍ଷ୍ମୀ ପ୍ରତିମା ଗୋପାଳଙ୍କ ପାଖରେ ପ୍ରତିଷ୍ଠିତା ହେଲେ। ସେହିଦିନ ଲକ୍ଷ୍ମୀଙ୍କ ଆତ୍ମା ଶରୀର ତ୍ୟାଗ କରି ପ୍ରତିଷ୍ଠିତ ଲକ୍ଷ୍ମୀ ପ୍ରତିମାରେ ଲୀନ ହୋଇଗଲେ। ଗୋପାଳଙ୍କ ପାଖରେ ସେ ରାଧା ଭୂମିକାରେ ଅବତୀର୍ଣ୍ଣା ହୋଇଥିବାରୁ ବର୍ଷ ସାରା ସେ ଉତ୍ତର ଭାରତୀୟ ପୋଷାକରେ ଦର୍ଶନ ଦିଅନ୍ତି। ତେଣୁ ତାଙ୍କର ଆପାଦମସ୍ତକ ଘାଗରାଚୋଲିରେ ଘୋଡ଼େଇ ହୋଇଥାଏ। କିନ୍ତୁ ସେ ଓଡ଼ିଆ ଘରେ ଜନ୍ମଗ୍ରହଣ କରିଥିବାରୁ କାର୍ତ୍ତିକ ଶୁକ୍ଳ ନବମୀ ତିଥିରେ ଓଡ଼ିଆଣୀ ବେଶରେ ଦର୍ଶନ ଦିଅନ୍ତି। ଫଳରେ ସେହି ଗୋଟିଏ ଦିନ ଭକ୍ତମାନେ ତାଙ୍କର ପଦ ଦର୍ଶନର ସୌଭାଗ୍ୟପ୍ରାପ୍ତ ହୁଅନ୍ତି।

ମୋ: ୯୯୦୦୦୮୩୪୩୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଗର୍ଜୁଛି ପବନ...

ସ୍ଥଳଭାଗ ଅତିକ୍ରମ କରିବା ପୂର୍ବରୁ ଗଞ୍ଜାମରେ ଘଣ୍ଟାପ୍ରତି ୨୫ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ ଏବଂ ଝଟକା ପବନର ବେଗ ୬୦ କିଲୋମିଟର ରହିପାରେ। ଗଜପତିରେ ପବନର ବେଗ ୨୦ରୁ ୩୫ କିଲୋମିଟର ଓ ଝଟକା ପବନର ବେଗ ୫୦ କିଲୋମିଟର ହୋଇପାରେ। ମାଲକାନଗିରିରେ ପବନର ବେଗ ୨୦ରୁ ୩୫ କିଲୋମିଟର ଏବଂ ଝଟକା ପବନର ବେଗ ୫୫ କିଲୋମିଟର ରହିବା ସମ୍ଭାବନା ରହିଛି।

ତେବେ ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ପରେ ଅକ୍ଟୋବର ୨୯ ତାରିଖରେ ମାଲକାନଗିରିରେ ପବନର ପ୍ରଭାବ ବଢ଼ିପାରେ। ସେଠାରେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୬୫ କିଲୋମିଟର ଏବଂ ଝଟକା ପବନର ବେଗ ୬୫ରୁ ୮୫ କିଲୋମିଟର ରହିବାର ଆକଳନ କରାଯାଇଛି। କୋରାପୁଟ ଦୁର୍ବଳ ହେଉଥିବା ବାତ୍ୟାର ପୂର୍ବ ପାର୍ଶ୍ୱରେ ରହିବାବେଳେ ନବରଙ୍ଗପୁର ଏହାର ଉତ୍ତର ଦିଗକୁ ଗତିପଥର ନିକଟରେ ରହିବ। ଅପରପକ୍ଷେ ରାୟଗଡ଼ା ବାତ୍ୟା କେନ୍ଦ୍ରଠାରୁ ଅଧିକ ପୂର୍ବରେ ଏବଂ କଳାହାଣ୍ଡି ଓ ନୂଆପଡ଼ା ତୁଳନାତ୍ମକ ଭାବେ ଦୂରରେ ରହିବେ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଏବେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ରହିଛି। ଗତ ୬ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଘଣ୍ଟାପ୍ରତି ୧୮ କିଲୋମିଟର ବେଗରେ ଗତି କରିଛି। ଏହା କାକିନାଡ଼ାଠାରୁ ପ୍ରାୟ ୧୪୦ କିଲୋମିଟର ଦକ୍ଷିଣ-ପୂର୍ବରେ, ବିଶାଖାପାଟଣାଠାରୁ ୧୭୦ କିଲୋମିଟର ଦକ୍ଷିଣରେ, ମଛଲିପଟନମ୍‌ଠାରୁ ୨୩୦ କିଲୋମିଟର ପୂର୍ବରେ, ବାପଟଲାଠାରୁ ୩୦୦ କିଲୋମିଟର ପୂର୍ବ-ଉତ୍ତରପୂର୍ବରେ ଏବଂ ଗୋପାଳପୁରଠାରୁ ୩୮୦ କିଲୋମିଟର ଦକ୍ଷିଣ-ଦକ୍ଷିଣପଶ୍ଚିମରେ ଅବସ୍ଥିତ।

ପୂର୍ବାନୁମାନ ଅନୁଯାୟୀ, ସ୍ଥଳଭାଗ ଅତିକ୍ରମ ପରେ ବାତ୍ୟା ଆନ୍ଧ୍ରପ୍ରଦେଶ ଦେଇ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଦକ୍ଷିଣ ଛତିଶଗଡ଼ ଆଡ଼କୁ ଗତି କରି ଧୀରେଧୀରେ ଦୁର୍ବଳ ହେବ। ଏହାର କେନ୍ଦ୍ର ଓଡ଼ିଶା ଦେଇ ଅତିକ୍ରମ କରିବାର ପୂର୍ବାନୁମାନ ନାହିଁ। ତଥାପି ଦକ୍ଷିଣ ଓଡ଼ିଶା, ବିଶେଷକରି ମାଲକାନଗିରି ଜିଲ୍ଲାରେ ବାତ୍ୟାର ବାହ୍ୟ ପବନ ବଳୟର ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।

ବାତ୍ୟା ପ୍ରଭାବ: କାନ୍ଥ...

ପ୍ରଭାବରେ ରୋଷେଇ ଘର କାନ୍ଥଟି ତାଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ପକ୍ଷରୁ ଜଣାପଡ଼ିଛି। ତାଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସ୍ୱାମୀ-ସ୍ତ୍ରୀ ଦୁହେଁ ଦିନ ମଜୁରିଆ ଭାବେ କାମ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ଲୋଭାବତୀଙ୍କ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି। ଏହି ଘଟଣା ଘଟିବା ପରେ ସମ୍ପୂର୍ଣ୍ଣ ଅସ୍ତରଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବୁଦ୍ଧିଜୀବୀମାନେ ଉକ୍ତ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି।

ସ୍ଥାନାନ୍ତରିତ ହୋଇପାରନ୍ତି...

ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ଏହି ଜିଲ୍ଲାଗୁଡ଼ିକର ସମ୍ବେଦନଶୀଳ ଅଞ୍ଚଳରେ ଏବେ ସୁଦ୍ଧା ୪୮ ହଜାର ଲୋକଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ସୁରକ୍ଷିତ ରହଣି ପାଇଁ ୪୬୬ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି।

ବାତ୍ୟାର ମୁକାବିଲା ପାଇଁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନ୍‌ଡିଆର୍‌ଏଫ୍), ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟବାହିନୀ (ଓଡ୍ରାଫ୍) ଓ ଅଗ୍ନିଶମ ବାହିନୀକୁ ନିୟୋଜିତ କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳ ଓ ଅନ୍ୟ ପ୍ରମୁଖ ଅଧିକାରୀଙ୍କ ଛୁଟି ବାତିଲ କରାଯାଇ ସେମାନଙ୍କୁ ମୁଖ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ପ୍ରଭାବିତ ହେବାର ଆଶଙ୍କା ଥିବା ଜିଲ୍ଲାଗୁଡ଼ିକରେ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି।

ଅଦାଲତ ଗଲେ...

ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କ ଅନୁମତି ନେବାକୁ ପଡ଼ିଲେ ସମ୍ବାଦ ସଂସ୍ଥାଗୁଡ଼ିକର କାର୍ଯ୍ୟ ଅସମ୍ଭବ ହୋଇପଡ଼ିବ ଏବଂ ଶେଷରେ ଅନେକ ନ୍ୟୁଜ୍‌ରୁମ୍ ବନ୍ଦ ହେବାକୁ ବାଧ୍ୟ ହେବେ।

ଆବେଦନକାରୀଙ୍କ ମୁଖ୍ୟ ଆପତ୍ତି ହେଉଛି, ଖବର ପ୍ରକାଶ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ମତି ନେବାର ସର୍ତ୍ତ ଦୁର୍ନୀତି, କର୍ପୋରେଟ୍ ଅନିୟମିତତା ଓ ନିର୍ବାଚନୀ ଅପବ୍ୟବହାର ଭଳି ସମ୍ବେଦନଶୀଳ ଘଟଣାର ତଦନ୍ତକୁ ବାଧା ଦେବ। ଜଣେ ସାମ୍ବାଦିକ ଯଦି ତଦନ୍ତରେ ଜଡ଼ିତ ବ୍ୟକ୍ତିଙ୍କୁ ଆଗୁଆ ଜଣାଇ ସମ୍ମତି ମାଗନ୍ତି, ତେବେ ସେହି ବ୍ୟକ୍ତି ପ୍ରମାଣ ନଷ୍ଟ କରିବା କିମ୍ବା ସାକ୍ଷୀଙ୍କୁ ଧମକାଇବାର ସୁଯୋଗ ପାଇପାରନ୍ତି। ଏହାଦ୍ୱାରା ଦୁର୍ନୀତି ଓ ଅନ୍ୟାୟ ସମ୍ପର୍କରେ ତଥ୍ୟ ଦେଉଥିବା ହ୍ୱିସିଲ୍‌ବ୍ଲୋୟର୍‌ମାନେ ମଧ୍ୟ ନିରୁତ୍ସାହିତ ହେବେ। ଆହୁରି ଚିନ୍ତାର ବିଷୟ ହେଉଛି, ଆଇନ ଅନୁଯାୟୀ ବ୍ୟକ୍ତି ଯେକୌଣସି ସମୟରେ ନିଜ ସମ୍ମତି ପ୍ରତ୍ୟାହାର କରିବା ସହ ତାଙ୍କ ବ୍ୟକ୍ତିଗତ ତଥ୍ୟ ହଟାଇବାକୁ ଦାବି କରିପାରିବେ। ଏଥିରେ ଜନସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସ୍ପଷ୍ଟ ବ୍ୟତିକ୍ରମ ନଥିବାରୁ ପୂର୍ବରୁ ପ୍ରକାଶିତ ତଥ୍ୟଭିତ୍ତିକ ଖବରକୁ ହଟାଇବା କିମ୍ବା ତାହାର କିଛି ଅଂଶ କାଟିବାକୁ ଗଣମାଧ୍ୟମ ବାଧ୍ୟ ହୋଇପାରେ ବୋଲି ଡିଏନ୍‌ପିଏ ଯୁକ୍ତି ଦର୍ଶାଇଛି।

ଆଇନ ଅଧୀନରେ ଗଠିତ କର୍ତ୍ତୃପକ୍ଷ ନିୟମ ଉଲ୍ଲଂଘନ ପାଇଁ ଜରିମାନା ଲଗାଇପାରିବେ। ଏଥିସହ ସାଧାରଣ ଜନତାଙ୍କ ସ୍ୱାର୍ଥ ନାମରେ କେନ୍ଦ୍ର ସରକାର ଯେକୌଣସି ସୂଚନାର ପ୍ରବେଶକୁ ଅବରୋଧ କରିବାର କ୍ଷମତା ପାଇଥିବାରୁ ଏହାର ଅପବ୍ୟବହାର ହେବା ଆଶଙ୍କା ରହିଛି। ଆସନ୍ତା ବର୍ଷଠାରୁ ବ୍ୟକ୍ତିଗତ ତଥ୍ୟ ପରିଚାଳନା କରୁଥିବା ସଂସ୍ଥାଠାରୁ ସରକାର ଆବଶ୍ୟକ ମନେକରୁଥିବା ସୂଚନା ମାଗିପାରିବେ। ଏହାଦ୍ୱାରା ସାମ୍ବାଦିକଙ୍କୁ ନିଜ ସୂଚନାଦାତାଙ୍କ ପରିଚୟ ପ୍ରକାଶ କରିବାକୁ ପଡ଼ିପାରେ ବୋଲି ଆବେଦନରେ ଉଲ୍ଲେଖ ରହିଛି।

ରିଲାଏନ୍ସ ଗ୍ରୁପ୍‌ର ନେଟୱର୍କ୧୮, ଆଦାନୀ ଗ୍ରୁପ୍‌ର ଏନ୍‌ଡିଟିଭି ସମେତ ଇଣ୍ଡିଆନ୍ ଏକ୍ସପ୍ରେସ୍ ଓ ଟାଇମ୍ସ ଇଣ୍ଟରନେଟ୍ ସମେତ ୨୧ଟି ପ୍ରକାଶନ ସଂସ୍ଥା ଏହି ଆବେଦନରେ ସାମିଲ ଅଛନ୍ତି। ସୁପ୍ରିମକୋର୍ଟ ଆସନ୍ତା ମାସ ୧୭ ତାରିଖରେ ମାମଲାର ଶୁଣାଣି କରିବେ ବୋଲି କହିଛନ୍ତି।

ରାଜ୍ୟର ସ୍ୱାର୍ଥ ରକ୍ଷା...

ବିବାଦରେ ସମସ୍ତ ପକ୍ଷ ସଂଯମ, ଦାୟିତ୍ୱବୋଧ ଓ ନ୍ୟାୟିକ ପ୍ରକ୍ରିୟା ପ୍ରତି ସମ୍ମାନ ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପଯୁକ୍ତ ଆଇନଗତ ଓ ସାମ୍ବିଧାନିକ ମଞ୍ଚରେ ରାଜ୍ୟର ସ୍ୱାର୍ଥର ସୁରକ୍ଷା କରାଯିବା ସହ କୋଟିଆ ଓ ଆଖପାଖ ଅଞ୍ଚଳର ଲୋକଙ୍କ ସାମାଜିକ-ଆର୍ଥିକ ବିକାଶ ଜାରି ରହିବ। ଏଥିସହ କୋଟିଆ ବିବାଦର ସମାଧାନ ପାଇଁ ନବୀନଙ୍କଠାରୁ ଗଠନମୂଳକ ପରାମର୍ଶ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ଦୀର୍ଘଦିନ ଧରି ଲାଗିରହିଥିବା ଏହି ସମସ୍ୟାର ସମାଧାନ ଦିଗରେ ତାଙ୍କର ପ୍ରସ୍ତାବକୁ ସରକାର ବିଚାର କରିବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି।

ଜ୍ଞାନେଶଙ୍କ ପାଇଁ...

ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ନିର୍ବାଚନ କମିସନଙ୍କ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ସବୁଦିଗରୁ ଅନୁଧ୍ୟାନ କରାଯିବ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ, ଆମେ ସବୁ ଜାଣିଛୁ ଏବଂ ଅନୁଧ୍ୟାନ କରିବୁ। ଏହି ଖଣ୍ଡପୀଠରେ ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି ମୋହନା ଅଛନ୍ତି। ଖଣ୍ଡପୀଠ କହିଲେ ଯେ କମିସନ ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି, ତାହାର ଉତ୍ତର ଆବେଦନକାରୀ ୧୦ ଦିନ ମଧ୍ୟରେ ଦାଖଲ କରନ୍ତୁ। ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂହଭୀ କହିଲେ ଯେ କମିସନ ଯେଉଁ ସବୁ ନିଷ୍ପତ୍ତି ନେଇଛନ୍ତି, ତାହାର ନୋଟିଂ ଏବଂ ଆଭ୍ୟନ୍ତରୀଣ ସୂଚନା ଆଦାନପ୍ରଦାନ ସଂପର୍କରେ ସମସ୍ତ ରେକର୍ଡ ସୁରକ୍ଷିତ ରଖିବା ଲାଗି କମିସନଙ୍କୁ କୁହାଯାଉ। ସେ ଯୁକ୍ତି କରିଥିଲେ ଯେ କମିସନ ଯେଉଁ ସବୁ ନିଷ୍ପତ୍ତି ନେଇଛନ୍ତି, ତାହା ସହମତିରେ ଥିଲା ନା ଏକତରଫା, ତାହା ଜାଣିବାକୁ ହେଲେ ଏହିସବୁ ରେକର୍ଡ ସୁରକ୍ଷିତ ରଖାଯିବା ଆବଶ୍ୟକ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୧୭ ତାରିଖରେ ହେବ।

ସୂଚନାଯୋଗ୍ୟ ଯେ ଏହି ପିଟିସନ ଉପରେ ନିର୍ବାଚନ କମିସନର ଗତକାଲି ସୁପ୍ରିମ କୋର୍ଟରେ ୨୪୮ ପୃଷ୍ଠା ବିଶିଷ୍ଟ ଏକ ସତ୍ୟପାଠ ଦାଖଲ କରିଥିଲେ। ଏହି ସତ୍ୟପାଠରେ ନିର୍ବାଚନ କମିସନ ଏହା ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଫାଙ୍କି ଉଡ଼ାଇ ଦେଇଥିଲେ। କହିଥିଲେ ଯେ ସବୁ ନିଷ୍ପତ୍ତି ତିନି ଜଣ କମିସନରଙ୍କ ସହମତିରେ ହୋଇଥିଲା। କୌଣସି ନିଷ୍ପତ୍ତି ଏକତରଫା ନଥିଲା। ଲୋକ ପ୍ରତିନିଧି ଆଇନରେ ମିଳିଥିବା କ୍ଷମତା ଆଧାରରେ ନିଷ୍ପତ୍ତି ନିଆଯାଇଛି। ତେବେ ପରିସ୍ଥିତିର ପରିବର୍ତ୍ତନ ପରିପ୍ରେକ୍ଷୀରେ କିଛି ଆବଶ୍ୟକ ସଂଶୋଧନ କରାଯାଇଥିଲା। ମୃତ, ସ୍ଥାନାନ୍ତରିତ ଏବଂ ଜାଲ ଭୋଟରଙ୍କୁ ତାଲିକାରୁ ହଟାଇବା ଲାଗି ଏଭଳି ସଂଶୋଧନ ଜରୁରି ବୋଲି କମିସନ ଯୁକ୍ତି କରିଛନ୍ତି।

ବର୍ଷିଲେ ସୁପ୍ରିମକୋର୍ଟ...

ମୂଲ୍ୟ ନିୟନ୍ତ୍ରଣ କରିବା ପାଇଁ ରହିଥିବା ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏନ୍‌ପିପିଏ) ସମ୍ପୂର୍ଣ୍ଣ ନିଷ୍କ୍ରିୟ। ତେଣୁ ସରକାର ଦେଶରେ ଔଷଧ ମୂଲ୍ୟ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା କୋର୍ଟ କହିଛନ୍ତି।

ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ଔଷଧର ମୂଲ୍ୟକୁ ଅଧିକ ପ୍ରଭାବଶାଳୀ ଢ଼ଙ୍ଗରେ ନିୟନ୍ତ୍ରଣ ନ କରିବା ନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏନ୍‌ପିପିଏ) ସମ୍ପୂର୍ଣ୍ଣ ନିଷ୍କ୍ରିୟ ଦେଖାଯାଉଛି। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ଯୁକ୍ତି ଦର୍ଶାଇଥିଲେ ଯେ, ଭାରତରେ ଔଷଧର ମୂଲ୍ୟ ଅନେକ ଦେଶ ତୁଳନାରେ କମ୍। ଏଥିରେ ଅସନ୍ତୋଷ ବ୍ୟକ୍ତ କରି କୋର୍ଟ କହିଛନ୍ତି ଯେ ଦେଶର କମ୍ ମୁଣ୍ଡପିଛା ଆୟକୁ ବିଚାର ନ କରି ଔଷଧ ଶସ୍ତା ବୋଲି କୁହାଯାଇପାରିବ ନାହିଁ। ଜଷ୍ଟିସ ମେହେଟ୍ଟା କହିଛନ୍ତି, ବ୍ୟବସାୟ ସହିତ ରୋଗୀଙ୍କ ତୁଳନା କରା ନ ଯାଉ। କ୍ୟାନସର ଔଷଧ ଉପରେ ଲାଭ ସୀମା ଲାଗୁ କରିବାକୁ ସରକାରଙ୍କୁ ଏତେ ସମୟ କାହିଁକି ଲାଗିଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର କହିଛନ୍ତି ଯେ ନିରନ୍ତର ଔଷଧ ମୂଲ୍ୟ ନୀତିର ସମୀକ୍ଷା କରାଯାଉଛି ଏବଂ ବିଭିନ୍ନ ଦିଗ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଛି। ତଥାପି, ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ ବାରମ୍ବାର ଅନୁରୋଧ ସତ୍ତ୍ୱେ, ସରକାର ଏତେ ବଡ଼ ମୂଲ୍ୟ ପାର୍ଥକ୍ୟର କାରଣ ବୁଝାଇବାରେ ବିଫଳ ହୋଇଛନ୍ତି। ଖଣ୍ଡପୀଠ ସରକାରଙ୍କ ଆଭିମୁଖ୍ୟକୁ "ଅତ୍ୟନ୍ତ ମନମୁଖୀ" ବୋଲି ବର୍ଣ୍ଣନା କରିଛନ୍ତି ଏବଂ ମୂଲ୍ୟ ସମାୟୋଜନ ନାମରେ ୧୧ ହଜାର ମୂଲ୍ୟର ଔଷଧ କିପରି ୧.୩୯୦ ଲକ୍ଷ ଟଙ୍କା ହେବ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଔଷଧର ମୂଲ୍ୟ ମନମୁଖୀ ଭାବରେ ବୃଦ୍ଧି ପାଇବାକୁ ଅନୁମତି ଦିଆଯାଇପାରିବ ନାହିଁ ଏବଂ ସରକାର ଏହି ମାମଲାକୁ କେବଳ ଏକ ଅର୍ଥନୈତିକ ନୀତି ପ୍ରସଙ୍ଗ ଭାବରେ ଗ୍ରହଣ କରିପାରିବେ ନାହିଁ।

ହସ୍ପିଟାଲଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ ମୁକୁଲ ରୋହତଗି ଯୁକ୍ତି ଦେଇଛନ୍ତି ଯେ ଘରୋଇ ହସ୍ପିଟାଲଗୁଡ଼ିକୁ ୨୪ ଘଣ୍ଟା ସୁବିଧା ବଜାୟ ରଖିବାକୁ ପଡିଥାଏ। ସେମାନେ ରୋଗୀଙ୍କୁ ବାହାରୁ ଔଷଧ କିଣିବାକୁ କହିପାରିବେ ନାହିଁ, କାରଣ ନକଲି ଔଷଧର ବିପଦ ଏବଂ ଏଥିରେ ହସ୍ପିଟାଲ ପରିଚାଳନା ଖର୍ଚ୍ଚ ରହିଛି। ଏହି ଯୁକ୍ତିକୁ ଖାରଜ କରି ଖଣ୍ଡପୀଠ କହିଛନ୍ତି ଯେ ହସ୍ପିଟାଲଗୁଡ଼ିକ ଅନ୍ୟ ଉପାୟରେ ସେମାନଙ୍କର ଖର୍ଚ୍ଚ ପୂରଣ କରିପାରିବେ ଏବଂ ଔଷଧ ପାଇଁ ଅତ୍ୟଧିକ ଦେୟ ନେବାର ଆବଶ୍ୟକତା ନାହିଁ। କୋର୍ଟ କହିଛନ୍ତି, ବାଣିଜ୍ୟିକ ହସ୍ପିଟାଲ ଭାବେ ସବୁକିଛି ପାଇଁ ଦେୟ ନିଉଛନ୍ତି। କିନ୍ତୁ ଔଷଧର ମୂଲ୍ୟ କାହିଁକି ୨୦୦ ଗୁଣ ଅଧିକ ହେବ। ତେଣୁ ହସ୍ପିଟାଲଗୁଡ଼ିକ ସେମାନଙ୍କର ପରିଚାଳନା ଖର୍ଚ୍ଚକୁ ଉଲ୍ଲେଖ କରି ଔଷଧ ପାଇଁ ଅତ୍ୟଧିକ ମୂଲ୍ୟ ଆଦାୟକୁ ଯଥାର୍ଥ କହିପାରିବେ ନାହିଁ। କୋର୍ଟଙ୍କ ଅନୁଯାୟୀ, ହସ୍ପିଟାଲଗୁଡ଼ିକ ରୋଗୀଙ୍କଠାରୁ ଲୁଟ୍ କରିବା ଭରସାରେ ବଞ୍ଚିପାରିବେନାହିଁ। ପୀଠ ଏହି ମାମଲାରେ ତାଙ୍କର ଆଦେଶ ସଂରକ୍ଷିତ ରଖିଛନ୍ତି।

ସୁପ୍ରିମକୋର୍ଟ ଅଣ-ସୂଚୀତ ଔଷଧର ପ୍ରବେଶ ମୂଲ୍ୟ ନିୟନ୍ତ୍ରଣ ଏବଂ ଚିକିତ୍ସା ଉପକରଣ ପାଇଁ ମୂଲ୍ୟ ସୀମା ସ୍ଥିର କରିବା ପାଇଁ ଦୁଇଟି ଆବେଦନର ଶୁଣାଣି କରିଛନ୍ତି। ପୂର୍ବରୁ, ସୁପ୍ରିମକୋର୍ଟ ଜୀବନ ରକ୍ଷାକାରୀ ଔଷଧ, ବିଶେଷକରି କର୍କଟ ଔଷଧର ଖୁଚୁରା ବିକ୍ରି ମୂଲ୍ୟ ଏବଂ ଏମ୍‌ଆର୍‌ପି ମଧ୍ୟରେ ବଡ଼ ବ୍ୟବଧାନକୁ ନେଇ ଚିନ୍ତା ବ୍ୟକ୍ତ କରିଥିଲେ।

ମୌସୁମୀ ଓ ଅଣମୌସୁମୀ...

ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି। ତେବେ ପ୍ରସ୍ତାବରେ ଉଲ୍ଲେଖିତ ଜଳର ପରିମାଣ ସହ ଋତୁଭିତ୍ତିକ ଜଳ ଉପଲବ୍ଧତା, ଅଣମୌସୁମୀ ପ୍ରବାହ ଓ ବଣ୍ଟନର ବ୍ୟବହାରିକ ଦିଗ ଓଡ଼ିଶା ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ବିଶେଷକରି, ଅଣମୌସୁମୀ ସମୟରେ ମହାନଦୀର ନିମ୍ନ ଅବବାହିକାରେ ଜଳପ୍ରବାହ ହ୍ରାସ ପାଉଥିବାରୁ ଏହି ସମୟରେ ରାଜ୍ୟର ଆବଶ୍ୟକତା କିପରି ପୂରଣ ହେବ, ତାହା ଏକ ପ୍ରମୁଖ ପ୍ରଶ୍ନ ହୋଇ ରହିଛି। ପ୍ରସ୍ତାବର ସର୍ତ୍ତାବଳୀ ଓ ରାଜ୍ୟର ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ଦିଗକୁ ସରକାର ଅନୁଧ୍ୟାନ କରୁଛନ୍ତି। ଏହା ଆଧାରରେ ଓଡ଼ିଶା ନିଜର ଆଭିମୁଖ୍ୟ ସ୍ପଷ୍ଟ କରିପାରେ।

ମିଳିଥିବା ସୂଚନା ଅନୁଯାୟୀ, ଜଳ ବିବାଦର ସମାଧାନ ପାଇଁ ନଭେମ୍ବର ୭ ତାରିଖରେ ଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ ବସିବ। କେନ୍ଦ୍ର ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ଓଡ଼ିଶା ଓ ଛତିଶଗଡ଼ ସମେତ ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ରର ପ୍ରତିନିଧିମାନେ ଯୋଗଦେବେ। ବୈଠକରେ ସିଡବ୍ଲ୍ୟୁସିର ଚିଠା ପ୍ରସ୍ତାବ ଉପରେ ସହମତି ଆଣିବାକୁ ଆଲୋଚନା ହେବାର ସମ୍ଭାବନା ରହିଛି। ସେହିପରି, ଟ୍ରିବ୍ୟୁନାଲରେ ଏହି ବିବାଦର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୬ ତାରିଖରେ ହେବ। ଏହି ଶୁଣାଣି ପରବର୍ତ୍ତୀ ପ୍ରକ୍ରିୟା ଓ ବିବାଦର ସମାଧାନ ଦିଗ ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି କୁହାଯାଉଛି।

ହାଇକୋର୍ଟରେ ଏମବିବିଏସ ନାମ ଲେଖା ପାଇଁ ଭିନ୍ନକ୍ଷମତା ପୁନଃଯାଞ୍ଚ ପ୍ରସଂଗ

ସତ୍ୟପାଠ ଦାଖଲ ପାଇଁ ସମୟ ନେଲା ଏନ୍‌ଏମ୍‌ସି

କଟକ,୨୭ ।୧୦(ସମିସ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)୨୦୨୬ ଅଧୀନରେ ଏମବିବିଏସ ନାମଲେଖା ପାଇଁ ଆବେଦନ କରିଥିବା ଭିନ୍ନକ୍ଷମ ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରମାଣପତ୍ର ଓ ଭିନ୍ନକ୍ଷମତା ପରିମାଣ ପୁନଃଯାଞ୍ଚ ନିୟମକୁ ଚାଲେଞ୍ଜ କରି ଦାୟର ଆବେଦନଗୁଡ଼ିକର ଶୁଣାଣି କରିଛନ୍ତି ହାଇକୋର୍ଟ। ଓଜେଇଇ କର୍ତ୍ତୃପକ୍ଷ ଏମବିବିଏସ ନାମଲେଖା ପାଇଁ ପରୀକ୍ଷାର୍ଥୀଙ୍କ ଭିନ୍ନକ୍ଷମତାର ପରିମାଣ ପୁନଃଯାଞ୍ଚ କରିପାରିବେ କି ନାହିଁ, ସେନେଇ ଜାତୀୟ ମେଡିକାଲ କମିସନ(ଏନଏମସି) ତରଫରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସତ୍ୟପାଠ ଦାଖଲ ପାଇଁ ଅଦାଲତଙ୍କ ନିକଟରୁ ସମୟ ନେଇଛନ୍ତି। ହାଇକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୧କୁ ଧାର୍ଯ୍ୟ କରିଛନ୍ତି। ଜଷ୍ଟିସ ବି.ପି. ରାଉତରାୟ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଲଗ୍ନଜିତ ନାୟକ ଓ ଅନ୍ୟ ମାନଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ମାମଲାରେ ଓଜେଇଇ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ 'ଦିବ୍ୟାଙ୍ଗ ଅଧିକାର ଅଧିନିୟମ, ୨୦୧୬' ଅନୁଯାୟୀ ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ଭିନ୍ନକ୍ଷମତା ମୂଲ୍ୟାଙ୍କନ ପାଇଁ ଜାତୀୟ ମେଡିକାଲ କମିସନ (ଏନଏମସି) ଦ୍ୱାରା ଜାରି ନିର୍ଦ୍ଦେଶାବଳୀ କଡାକଡି ପାଳନ କରିବା କଥା; ହେଲେ ଓଜେଇଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗଠିତ ମେଡିକାଲ ବୋର୍ଡ ଭିନ୍ନକ୍ଷମତା ପୁନଃନିର୍ଦ୍ଧାରଣ କରିବା ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ବାଲି ସଇରାତ ନିଲାମ ପାଇ ନଥିବା ଅଂଶଗ୍ରହଣକାରୀଙ୍କ ଜମାଅର୍ଥ ମାମଲା

ସୁଧ ସହ ତହସିଲ୍‌ଦାରଙ୍କ ପାଖରେ ଫେରସ୍ତ ନିର୍ଦ୍ଦେଶ

ଦାୟୀ ଅଧିକାରୀଙ୍କ ଦରମାରୁ ଭରଣା ହେବ

କଟକ,୨୭ ।୧୦(ସମିସ): ବାଲିସଇରାତ ଉତ୍ସ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ନିଲାମ ପାଇ ନଥିବା ଆବେଦନକାରୀଙ୍କ ଜମାରାଶି ୫ବର୍ଷ ପରେ ବି ଫେରସ୍ତ କରାଯାଇ ନଥିବା ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ତିନି ସପ୍ତାହ ଭିତରେ ଆବେଦନକାରୀଙ୍କୁ ସଂପୃକ୍ତ ଜମା ରାଶି ୬ ପ୍ରତିଶତ ସୁଧ ସହିତ ଫେରାଇବାକୁ ରାୟଗଡ଼ା ଜିଲ୍ଲା କାଶୀନଗର ତହସିଲଦାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ତ୍ରୁଟି କରିଥିବା ଅଧିକାରୀଙ୍କ ଦରମାରୁ ସୁଧ ବାବଦ ଅର୍ଥ ଭରଣା କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧, ସେପ୍‌ଟେମ୍ବର ୨୦ରେ କେତେକ ବାଲି ଓ ପଥର ସଇରାତ ଉତ୍ସ ଦୀର୍ଘମିଆଦି ଲିଜ ପ୍ରଦାନ ନିମନ୍ତେ ନିଲାମ ଇସ୍ତହାର କାଶୀନଗର ତହସିଲଦାରଙ୍କ ତରଫରୁ ପ୍ରକାଶ ପାଇଥିଲା। ସର୍ତ୍ତ ଅନୁସାରେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଆବେଦନକରୀ ୭ଲକ୍ଷ ଟଙ୍କା ତହସିଲ କାର୍ଯ୍ୟାଳୟରେ ଜମା କରିଥିଲେ। ନିଲାମ ପ୍ରକ୍ରିୟାରେ ଆବେଦନକାରୀ ସଫଳ ହୋଇ ନ ଥିଲେ ବୋଲି ତହସିଲଦାରଙ୍କ ୨୦୨୧, ନଭେମ୍ବର ୫ର ଚିଠିରେ ସ୍ପଷ୍ଟ କରାଯାଇଥିଲା। କିନ୍ତୁ ଏହାପରେ ମଧ୍ୟ ଆବେଦନକାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଜମା କରିଥିବା ରାଶି ତାଙ୍କୁ ଫେରସ୍ତ କରାଯାଇ ନଥିଲା। ଏଭଳି ସ୍ଥିତିରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

AFFIDAVIT

By virtue of an affidavit C.F. No. 124, Dt.25.08.2026, Sworn before the Executive Magistrate, Bhubaneswar, I Smt. CH. GOURISREE, W/o-Sujit Halder, At-Qtr No. E/31/F, Chandrasekharpur Rail Vihar, Vill-RI-Circle/PS-Chandrasekharpur, Po-Chandrasekharpur Rail Vihar, Sub. R/Block/Tahasil-Bhubaneswar, Dist - Khordha, Odisha, Pin-751023, declare that my correct name is CH. GOURISREE but in my elder daughter's birth Certificate bearing Regd. No. 13315/2011 my name has been wrongly mentioned as RANI HALDER. CH. GOURISREE AND RANI HALDER being one and same person this affidavit is to be produced before the concerned authority for necessary action when it is required.

Ch. Gourisree
Deponent

AFFIDAVIT

By virtue of an affidavit sworn before the Executive Magistrate, Sukruli, Mayurbhanj, vide Sl. No. 92, dated 16-10-2026, I, Mama Ho, D/o Balema Ho, permanent resident of Village-Sadangi, PO-Anandapur, PS-Anandapur, Dist-Kendujhar, Pin-758021, Odisha, declare that I have changed my name from Mama Deogam to Mama Ho. Henceforth, I shall be known as **Mama Ho** for all purposes.

Mama Ho

AFFIDAVIT

I, Ravi Kumar Agrawal, S/o Sriram Agrawal resident of At-Madhusudan Marg Rourkela PO/PS: Plant Site Dist:Sundergarh Pincode 769001 Odisha declare by this affidavit No-A/12 dated-23.10.2026 that now onwards I shall be known as **RAVI KUMAR AGARWAL** for all purposes.

AFFIDAVIT

By virtue of an affidavit before Executive Magistrate, Bhubaneswar, dtd. 15.10.2026 I, **Sushree Sucharita Pattanaik,** W/o. Bishnu Prasad Pattanaik, resident of Plot No. N1/259, IRC Village, Bhubaneswar-751015 declare that my actual name is **Sushree Sucharita Pattanaik** but in my son **Tarun Pattanaik's** school records my name has been wrongly mentioned as **Sushree Pattanaik** & his father's name is **Bishnu Prasad Pattnaik.** So, **Sushree Sucharita Pattanaik** and **Sushree Pattanaik** & **Bishnu Prasad Pattanaik** and **Bishnu Prasad Pattnaik** is one and same person for all purposes.

Sushree Sucharita Pattanaik

AFFIDAVIT

By virtue of an affidavit before the Executive Magistrate, Cuttack, I Indrani Nayak, W/o. Bishnu Charan Moharana, D/o- Padmanava Nayak, At/Po- Nayabazar, P.S-Chauliaganj, Dist. Kataka- 753004, Odisha declare that, I have passed +3 (Science) from Ravenshaw University, Kataka, year-2003, bearing Roll No. FD01/CH-008. That the original College Leaving cum Conduct certificate and Migration certificate has been totally damaged by white ants. Despite my best effort, I could not save the same.

Indrani Nayak

AFFIDAVIT

By virtue of an affidavit (SL No. 3402, dt- 01.10.2026) sworn before The Executive Magistrate, Badabil, Kendujhar. I, **Kaisar Khan**, S/o Khalil Khan, resident of At-Ward No-9, Masjid Complex, New Market, PO/PS: Badabil, Dist-Kendujhar, Odisha, PIN-758035 declare that I have changed my name from **Papu Khan** (old name) to **Kaisar Khan** (new name). Henceforth, I shall be known as **Kaisar Khan**, S/o- Khalil Khan for all purposes.

Kaisar Khan

ପୂର୍ବ ତଟ ରେଳପଥ

ବିଜ୍ଞପ୍ତି ସଂ. GEM/2026/B/8177234
ତା.17.10.2026ରିଖ

କାର୍ଯ୍ୟର ନାମ: ରାୟଗଡ଼ା ମଣ୍ଡଳ ଅନ୍ତର୍ଗତ ସହକାରୀ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ାଙ୍କ ପରିସୀମା ଅଧୀନରେ ଥିବା NG ଲାଇନ୍‌ର 30ଟି ଲେଭଲ୍ କ୍ରସିଂ (LC) ଗେଟ୍‌ରେ, ଟ୍ରେନ୍ ଓ ସଡ଼କ ଯାନବାହନର ନିରାପଦ ଚଳାଚଳ ପାଇଁ ଗେଟ୍ ବୁମ୍ ଖୋଲିବା ଓ ବନ୍ଦ କରିବା କାର୍ଯ୍ୟ ନିମନ୍ତେ ଏବଂ ଜରୁରୀକାଳୀନ ପରିସ୍ଥିତିରେ ରେଳ ଟ୍ରାକ୍‌ର ସୁରକ୍ଷା ପାଇଁ ଆଉଟସୋର୍ସିଂ ଭିତ୍ତିରେ ଦୁଇ ବର୍ଷ (730 ଦିନ)ର ଅବଧି ପାଇଁ ପୂର୍ବତନ ସେନା କର୍ମଚାରୀଙ୍କୁ (Ex-servicemen) ଗେଟ ମ୍ୟାନ୍ ଭାବେ ନିୟୋଜିତ କରିବା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 4,69,25,130.00, EMD : ₹ 3,84,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹11,800/-

କାର୍ଯ୍ୟ ଶେଷ ହେବା ଅବଧି : 02 (ଦୁଇ) ବର୍ଷ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 11.11.2026, 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକୁ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.gem.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ରାୟଗଡ଼ା
PR-511/R/26-27

ପଶ୍ଚିମ ରେଳବାଇ
ବଡୋଦରା ଡିଭିଜନ୍

ଇ-ଟେଣ୍ଡର ବିଜ୍ଞପ୍ତି

OFC ଫାଇବର ବ୍ୟାକବୋନ୍ ଏବଂ Kavach ଓ MTRC ଟାୱାରର ରକ୍ଷଣାବେକ୍ଷଣ ପାଇଁ Comprehensive Annual Maintenance Contract (CAMC)

ଟେଣ୍ଡର ବିଜ୍ଞପ୍ତି ନଂ.: S&T/BRC/26-27/23/TEL, ତାରିଖ: ୨୨.୧୦.୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ Sr. DSTE/Vadodara, ଟେଣ୍ଡର ନଂ. SandT_BRC_26-27_23_TEL ବିରୋଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଡରମାନେ କେବଳ ନିର୍ଦ୍ଧାରିତ ଶେଷ ତାରିଖ ଓ ସମୟ ପର୍ଯ୍ୟନ୍ତ ମୂଳ/ସଂଶୋଧିତ ବିଡ୍ ଦାଖଲ କରିପାରିବେ। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଗ୍ରହଣ କରାଯିବ ନାହିଁ ଏବଂ ଏପରି କୌଣସି ମାନୁଆଲ୍ ଅଫର୍ ମିଳିଲେ ତାହାକୁ ଅଗ୍ରାହ୍ୟ କରାଯିବ। କାର୍ଯ୍ୟର ନାମ ଓ ସ୍ଥାନ: ଟ୍ରେନ୍ ଚଳାଚଳକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ S & T ସ୍ଥାପନଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକ୍ଷମତା ପାଇଁ OFC ଫାଇବର ବ୍ୟାକବୋନ୍ ଏବଂ Kavach ଓ MTRC ଟାୱାରଗୁଡ଼ିକର ୫ ବର୍ଷିଆ Comprehensive Annual Maintenance Contract (CAMC)। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ. ୧୦,୬୧,୭୬,୭୧୨/-। ବିଡ୍ ସିକ୍ୟୁରିଟି ଡିପୋଜିଟ୍: ଟ. ୨୧,୨୩,୫୦୦/-। ଇ-ଟେଣ୍ଡର ଦାଖଲ ଓ ଖୋଲିବାର ତାରିଖ ଏବଂ ସମୟ: ୧୮.୧୧.୨୦୨୬ ଦିନ ୧୫:୦୦ ଘଣ୍ଟାରେ ଦାଖଲ ଏବଂ ୧୫:୩୦ ଘଣ୍ଟାରେ ଖୋଲାଯିବ। ୱେବସାଇଟ୍: www.ireps.gov.in। ସମ୍ପୂର୍ଣ୍ଣ ବିବରଣୀ ଏବଂ ଅନ୍ୟାନ୍ୟ ସୂଚନା Senior Divisional Signal & Telecommunication Engineer, ୨ୟ ମହଲା–Annex Building, DRM's Office, Western Railway, Pratapnagar, Vadodara-390004 ଠାରେ ଉପଲବ୍ଧ। BRC 286

Like us on: facebook.com/WesternRly

32001/1144/2627

OFFICE OF THE CHIEF ENGINEER & BASIN MANAGER, RUSHIKULYA BAHUDA VANSADHARA & NAGAVALI BASIN, BRAHMAPUR.
e-mail id: ce_rvn@yahoo.co.in

e-procurement Notice No. CE & BM-RBVN-EOI-2/2026-27

1. Type of Work :- Irrigation Work (Instream Storage Structure).
2. Total No of Works :- 01 (One) No.
3. Period of completion :- 36 (Thirty Six) Calendar months.

Procurement Officer	Bid Identification No.	Availability & Submission of Bid On-line
Chief Engineer & Basin Manager RBVN Basin, Brahmapur	CE & BM-RBVN-EOI-2/2026-27	From Dt.29.10.2026, 11.30 A.M. to Dt.23.11.2026, 5.00 P.M.

Date of opening of the Technical Bid : **25.11.2026 at 11.30 A.M.**
Further details can be seen from the Govt. web site **www.dowrodisha.gov.in**

OIPR-32001/32459/1/26-27/0002

Chief Engineer & Basin Manager
RBVN Basin, Brahmapur

32001/1138/2627
E-mail : eemisundargarh@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SUNDARAGADA.

'e' Procurement Notice
Bid Reference No. SE MID SNG08/2026-27

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in.**

1	Name of the works: -	Civil Construction work.
2	No of Works: -	03(Three) Nos.
3	Estimated cost: -	Varies from Rs. 50.77 lakh to Rs. 75.05 lakh (Approximately)
4	Period of completion	04 (Four) to 06 (Six) Calendar months
5	Date and Time of availability of bid documents in the portal: -	From dt. **30.10.2026** at 10.00 AM to dt. **13.11.2026** up to 5.30 PM.
6	Last date / time of receipt of bids in the portal: -	Dt. **13.11.2026** up to 5.30 PM.
7	Date of opening of Technical Bid (Cover-I): -	Dt. **16.11.2026** at 11.00 AM onwards.
8	Name and address of the OIT: -	Superintending Engineer, Minor Irrigation Division, Sundaragada.

** Further details can be seen from the e-Procurement market place http://tendersodisha.gov.in.

Sd/-
Superintending Engineer
M.I.Division, Sundaragada.

OIPR-32001/32124/1/26-27/0008

25001/1380/2627
E-Mail ID: eerw_blgr@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: BALANGIR

e-Procurement Notice
IFB IDENTIFICATION NO. EEBLGR-Online-05-2026-27

1.	Name of work	:	Building Works
2.	Total no of works	:	25 (Twenty Five) nos
3.	Approximate Estimated Cost	:	Rs. 2.52 to 6.72 Lakh
4.	Time for completion	:	2 (Two) calendar months
5.	Mode of Submission of tender	:	Tender should be submitted online in www.tendersodisha.gov.in
6.	Other details are as follow	:	As per TCN No. EEBLGR-Online-05/2026-27

Procurement Officer	Bid Identification No.	Availability of Tender online for bidding		Last date and time of seeking tender clarification	Date & time of opening of tender
		From	To		
Superintending Engineer, R.W. Division. Balangir	EEBLGR-online-05/2026-27	27.10.2026 at 11.00 A.M	04.11.2026 upto 5.00PM	03.11.2026 upto 1.00PM	05.11.2026 at 11.00A.M

- Further details can be seen from the website **www.tendersodisha.gov.in**
- Any Corrigendum/Addendum will be displayed in the above e tender website only.

Superintending Engineer
R.W. Division, Balangir.

OIPR-25001/25068/1/26-27/0009

Kataka Municipal Corporation
Biju Bhawan, Choudhary Bazaar,
Kataka-753001
13001/2254/2627

Ref. No. 1317/SANI **E-Tender Id -** **Date:** 26.10.2026

Notice for Inviting for "Request for Proposal (RFP) For Selection of Agency for Providing Comprehensive Facility Management Services (Sanitation Works) at the Lower Ground (Tala Padia) of Balijatra-2026, Kataka, for Kataka Municipal Corporation.".

The Commissioner, kataka Municipal Corporation (KMC), Kataka, Government of Odisha invites technical and financial proposals from reputed Agency/Firms for **"Request for Proposal (RFP) For Selection of Agency for Providing Comprehensive Facility Management Services (Sanitation Works) at the Lower Ground (Tala Padia) of Balijatra-2026, Kataka, for Kataka Municipal Corporation"** The interested and eligible Agency/Firms, as specified in Detailed Tender Call Notice (DTCN), may apply for the same in ON-LINE mode. (For details visit **https://tendersodisha.gov.in**)

Sl. No.	List of Key Events	Critical Dates
1	Date of availability of RFP document in web site	From **04:00 P.M.** of **28.10.2026** to **09.11.2026** up to **02:00 P.M.**
2	Last date of online receipt of Bid	**09.11.2026 up to 02:00 P.M.**
3	Last date and Time for submission of Pre bid queries **(Email id- desanitationcmc@gmail.com)**	**31.10.2026 up to 05:00 P.M.**
4	Time, Date and Place of pre bid meeting	**12:00 P.M.** of **02.11.2026** at Mini Conference Hall, Biju Bhawan, Choudhury Bazar, Kataka
5	Uploading of Answers to the Query raised in the Pre Bid Meeting	**04.11.2026 at 05:00 P.M.**
6	Last date of Hardcopy receipt of Bid	**09.11.2026 up to 04:00 P.M.**
7	Date of opening of Technical Bid	**09.11.2026 at 04:30 P.M.**
8	Date of opening Financial Bid	**To be Intimated later.**

The complete bidding documents, fee details, descriptions of items and key dates can be viewed/downloaded from the website: **https://tendersodisha.gov.in** Please note that KMC reserves the right to accept or reject the Bid process at any stage without assigning any reason whatsoever.

Commissioner,
Kataka Municipal Corporation

OIPR-13001/13031/1/26-27/0072

ସକାଳ THE SAKALA

‘ଅର୍ଣ୍ଣବ’ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ

ଜଗତସିଂହପୁର,୨୭।୧୦(ସମିସ)

ବଙ୍ଗୋସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ‘ଅର୍ଣ୍ଣବ’ ପ୍ରଭାବରେ ଜିଲ୍ଲାରେ ତୁହାକୁ ତୁହା ବର୍ଷା ଆରମ୍ଭ ହୋଇଯାଇଛି। ଜିଲ୍ଲାରେ ବାତ୍ୟା ପ୍ରଭାବର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି। ଜଗତସିଂହପୁର ଜିଲ୍ଲାରେ ଆସନ୍ତାକାଲି ଅରେଞ୍ଜ ୱାର୍ଣ୍ଣିଂ ସହ ବର୍ଷା ଏବଂ ଘଣ୍ଟା ପ୍ରତି ୪୦ କିମିରୁ ୫୦ କିମି ବେଗରେ ପବନ ସହ ଘଡଘଡି ଓ ବର୍ଷା ହେବାର ସମ୍ଭାବନା ରହିଥିବା ବେଳେ ୨୯ ତାରିଖ ୟେଲୋ ଜୋନ ରେ ରହିଛି। ଏଥିପାଇଁ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ, ଏଡେଡ, ବିଦ୍ୟାଳୟ ଓ ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଆଜି ଓ ଆସନ୍ତାକାଲି ଛୁଟି ଘୋଷଣା କରିଛନ୍ତି। ଜିଲ୍ଲାର ସମସ୍ତ ବ୍ଲକ୍, ଲାଇନ୍ ବିଭାଗ ଆଦି ସତର୍କ ରହିଛନ୍ତି। ସମସ୍ତ ଆଶ୍ରୟସ୍ଥଳୀକୁ ଅତ୍ୟାବଶ୍ୟକ ସୁବିଧା ସହ ପ୍ରସ୍ତୁତ ରଖାଯାଇଛି। ଜିଲ୍ଲାରେ ଗୋଟିଏ ଏନ୍‌ଡିଆରଏଫ ଟିମ୍ ଜଗତସିଂହପୁରରେ, ୩ଟି ଓଡ୍ରାଫ୍ ଟିମ୍ ପାରାଦୀପ, ଏରସମା ଓ ଜଗତସିଂହପୁରରେ ଆଲର୍ଟ ରହିଛନ୍ତି। ଏଥି ସହିତ ୮ଟି ଫାୟାର ଟିମ୍ ସଜାଗ ରହିଛି ବୋଲି ଜିଲ୍ଲା ଜରୁରକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି ଓ ସମସ୍ତ ବିଭାଗୀୟ ଅଧିକାରୀ ମାନେ ମଧ୍ୟ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନର ପରିସ୍ଥିତ ଓ ସୂଚନା ଅନୁଯାୟୀ ଜିଲ୍ଲା ପ୍ରତି ସେପରି କିଛି ବିପଦ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ଜନସାଧାରଣଙ୍କୁ ଏଥିପାଇଁ ଭୟଭୀତ ନ ହୋଇ, ଗୁଜବର ଶୀକାର ନ ହୋଇ ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

ବାତ୍ୟା ପାଇଁ ଅଶାନ୍ତ ସମୁଦ୍ର

ପାରାଦୀପରେ ଆଶ୍ରୟ ନେଇଛନ୍ତି ୩୫ ବୋଟ୍

ପାରାଦୀପ,୨୭।୧୦(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଅର୍ଣ୍ଣବ ପାଇଁ ଅଶାନ୍ତ ହୋଇପନିଛି ସମୁଦ୍ର। ଫଳରେ ପାରାଦୀପ ଉପକୂଳରେ ମାଛ ଧରୁଥିବା ବୋଟ୍‌ଗୁଡିକ ସୁରକ୍ଷିତ ଭାବେ ବନ୍ଦରରେ ଆଶ୍ରୟ ନେଇଛନ୍ତି। ସେମାନଙ୍କ ଆଶ୍ରୟ ଓ ସୁରକ୍ଷା ସହାୟତା ପ୍ରଦାନ କରିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଜରୁରୀକାଳୀନ ବ୍ୟବସ୍ଥା ଯୋଗାଇ ଦେଇଛନ୍ତି। ଆଜି ୩୫ଟି ମାଛଧରା ବୋଟ ବନ୍ଦର ବର୍ଥରେ ସୁରକ୍ଷିତ ଆଶ୍ରୟ ନେଇଛନ୍ତି। ତେବେ ଏହି ୩୫ଟି ବୋଟ୍‌ରେ ଥିବା ୩୦୫ ଜଣ ମତ୍ସ୍ୟଜୀବୀ ମଧ୍ୟ ସୁରକ୍ଷିତ ଭାବେ ଆଶ୍ରୟ ନେଇଛନ୍ତି। ସେହି ବୋଟ୍‌ଗୁଡିକ ମଧ୍ୟରେ କେତେକ ଆନ୍ଧ୍ର ପ୍ରଦେଶ ଏବଂ ଅନ୍ୟ ରାଜ୍ୟର ବୋଲି ଅନୁମାନ କରାଯାଉଛି। ସମୁଦ୍ରରେ ପ୍ରତିକୂଳ ପାଗ ପରିସ୍ଥିତି ଜାରି ରହିବାରୁ ଆହୁରି କେତେ ବୋର୍ଟ ଆସି ପାରନ୍ତି ବୋଲି ଅନୁମାନ କରାଯାଉଛି। ସେହିପରି ପାରାଦୀପ ମାଛଧରା ବନ୍ଦରର ୪ଟି ବୋର୍ଟ ଗତକାଲି ଆନ୍ଧ୍ରପ୍ରଦେଶ ବନ୍ଦରରେ ମଧ୍ୟ ଆଶ୍ରୟ ନେଇଥିବା ଜଣାପଡିଥିଲା। ମତ୍ସ୍ୟଜୀବୀଙ୍କ ଜୀବନ ପ୍ରତି ସମ୍ଭାବ୍ୟ ବିପଦକୁ ଚିହ୍ନଟ କରି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ସେମାନଙ୍କୁ ଆଶ୍ରୟ ପାଇଁ ଅନୁମତି ଦେଇଥିଲେ। ସେଗୁଡିକୁ ସୁରକ୍ଷିତ ବର୍ଥ କରି ଏବଂ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଛନ୍ତି।

୨୭ ବର୍ଷ ଧରି ପୂଜା ପାଉଛନ୍ତି ଗଜଲକ୍ଷ୍ମୀ

ମଣିଜଙ୍ଗା,୨୭।୧୦(ସମିସ): ତିର୍ତ୍ତୋଲ ଜଡ଼ତିରା ଗ୍ରାମପଞ୍ଚାୟତର ବନ୍ଧବାଟି, ପଞ୍ଚେଇ ଗ୍ରାମରେ ୨୭ ବର୍ଷ ଧରି ମା’ ଗଜଲକ୍ଷ୍ମୀ ପୂଜା ପାଇ ଆସୁଛନ୍ତି। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସମାରୋହ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେଉଅଛି। ପୂଜାରେ କର୍ତ୍ତା ବିମଳ କୃଷ୍ଣ ସ୍ୱାଇଁ ଓ ଲକ୍ଷ୍ମୀପ୍ରିୟା ସ୍ୱାଇଁ ସଂକଳ୍ପ କରିଥିବା ବେଳେ ଆୟୋଜକ ସ୍ୱାଇଁ ପରିବାର ପ୍ରଫୁଲ୍ଲ ଭାଇ, ନିର୍ମଳ ଭାଇ, ପ୍ରତୀକ୍ଷା ସ୍ୱାଇଁ, ପ୍ରତ୍ୟୁଷ କୁମାର ସ୍ୱାଇଁ, ପବିତ୍ର, ପ୍ରଭାତ ସ୍ୱାମୀ ଓ ଅନୁଭବ ସହଯୋଗ କରୁଛନ୍ତି।

୫୭ ବର୍ଷ ଧରି ପୂଜା ପାଉଛନ୍ତି ମା’

ମଣିଜଙ୍ଗା,୨୭।୧୦(ସମିସ): ରାହାମା ବଡ଼ବଜାରରେ ଦୀର୍ଘ ୫୭ ବର୍ଷ ଧରି ମହାସମାରୋହରେ ମା’ ଗଜଲକ୍ଷ୍ମୀ ପୂଜା ପାଇଆସୁଛନ୍ତ। ରାହାମା, ଖୁଣ୍ଟାଳ, ହୁକୁଟେଲ, ତାଳପଡ଼ା, ସାଇଲୋ ଗ୍ରାମର ଜନସାଧାରଣ ଏଥିରେ ସହଯୋଗ କରିଛନ୍ତି। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସମାରୋହ, ପ୍ରବଚନ ଇତ୍ୟାଦି ଅନୁଷ୍ଠିତ ହେଉଅଛ। ପୂଜା କମିଟିର ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ରାଜକିଶୋର ସାହୁ, କୋଷାଧକ୍ଷ ଦିଲୀପ କୁମାର ନାୟକ, ମୁଖ୍ୟ ଉପଦେଷ୍ଟା ଅନିରୁଦ୍ଧ ସାହୁ, ହେମନ୍ତ କୁମାର ଦାସ, ଶରତ କୁମାର ସାହୁ, ଶଙ୍କର୍ଷଣ ସାହୁ, କୁଲୁ ପରିଜା, ସୁଜିତ୍ କୁମାର ପ୍ରଧାନ, ରୁଦ୍ରାଶିଷ ସିଂ, ଅସିତ୍ କୁମାର ଦାସ, ଶ୍ରୀନିବାସ ସାହୁ, ମହେଶ୍ୱର ଦାସ, ସୁରେନ୍ଦ୍ର ସାହୁ, ବିଜୟ କୁମାର ଦାସ ଓ ବିକ୍ରମ ଦାସ ପ୍ରମୁଖ ସହଯୋଗ କରୁଛନ୍ତି।

ଅଣଚାଶ ବର୍ଷରେ ପହଞ୍ଚିଲା ସମଙ୍ଗ ଗଜଲକ୍ଷ୍ମୀ ପୂଜା

ଜଗତସିଂହପୁର,୨୭।୧୦(ସମିସ): ଚଳିତ ବର୍ଷକୁ ନେଇ ୪୯ବର୍ଷରେ ପହଞ୍ଚିଛି ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ସମଙ୍ଗ ଠାରେ ପାଳିତ ହୋଇ ଆସୁଥିବା ଗଜଲକ୍ଷ୍ମୀ ପୂଜା। ସମଙ୍ଗ ସ୍ଥିତ ମହାଲକ୍ଷ୍ମୀ ପୂଜାକମିଟି ଦ୍ୱାରା ଆରମ୍ଭ ହୋଇଥିବା ମା’ ଗଜଲକ୍ଷ୍ମୀଙ୍କ ପୂଜା ବହୁ ଆଡମ୍ବର ସହକାରେ ଓ ବିଧି ବିଧାନ ପୂର୍ବକ ପାଳିତ ହୋଇ ଆସୁଛି। ମା’ଙ୍କ ପୂଜାରେ ଅନ୍ନ ପ୍ରସନ୍ନ ବ୍ୟବସ୍ଥା ଜଗତସିଂହପୁର ଜିଲ୍ଲା ରେ ପ୍ରଥମ କରି ଏଠାରୁ ଆରମ୍ଭ ହୋଇଥିଲା। କୁମାର ପୂର୍ଣ୍ଣିମା ଦିନ ସନ୍ଧ୍ୟାରେ ମା’ଙ୍କର ଚକ୍ଷୁ ଦାନ ଓ ପୂଜା ବିଧି ଆରମ୍ଭ ହୋଇଥାଏ। ଏହା ସାତଦିନ ଧରି ବିଧିବିଧାନ ଅନୁସାରେ ପାଳନ କରାଯାଏ। ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ ହୋଇଥାଏ। ଚଳିତ ବର୍ଷ ବାତ୍ୟା ସମ୍ଭାବନା ଥିବାରୁ ପ୍ରଶାସନ ରୋଡ଼ କ୍ରସ ତୋରଣ ନିର୍ମାଣର ଅଙ୍କୁଶ ଲଗାଇଥିଲେ ମଧ୍ୟ ସାଜସଜା ପୂଜା ବିଧାନ ଓ ବିସର୍ଜନ ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ପ୍ରତେହ ସନ୍ଧ୍ୟାରେ ଭକ୍ତ ମାନଙ୍କର ଭିଡ଼ ପୂଜାମଣ୍ଡପରେ ଲାଗି ରହିଥିବାର ଦେଖିବାକୁ ମିଳୁଛି।

ବନ୍ଦର ପକ୍ଷରୁ ସତର୍କତା ସଚେତନତା ସପ୍ତାହ

ପାରାଦୀପ,୨୭।୧୦(ସମିସ): ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ପାରାଦୀପ ବନ୍ଦର ପକ୍ଷରୁ ସଚ୍ଚୋଟତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ “ସଚ୍ଚୋଟତା ପାଇଁ ପଦଯାତ୍ରା’, ସତର୍କତା ରଥ ଓ ପଥପ୍ରାନ୍ତ ନାଟକ ଭଳି ବିଭିନ୍ନ ଜନସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ଓ ମୁଖ୍ୟ ସତର୍କତା ଅଧିକାରୀ ଆର୍.ଏନ୍ ଅବନିକାନ୍ତ ପରିଡ଼ାଙ୍କ ଭିଡିଓ ବାର୍ତ୍ତାକୁ ନେଇ ସତର୍କତା ରଥ ସହ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ପଦଯାତ୍ରା ବଡପଡ଼ିଆ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ଅଫିସର୍ସ କ୍ଲବ୍ ଓ ଟାଉନସିପ୍ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ପିପିଏର ଅଧିକାରୀ ଓ କର୍ମଚାରୀ, ସିଆଇଏସ୍‌ଏଫ୍ ଯବାନ, ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ଅଂଶଗ୍ରହଣ କରିଥିଲେ। ପଦଯାତ୍ରାରେ ସାମିଲ ହୋଇ ସମସ୍ତେ ନୈତିକ ଆଚରଣ, ସ୍ୱଚ୍ଛତା ଏବଂ ଦୁର୍ନୀତି ବିରୋଧୀ ଲଢ଼େଇରେ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଚାର କରିଥିଲେ। ଏହି ଜନସଚେତନତା କାର୍ଯ୍ୟକ୍ରମର ଅଂଶସ୍ୱରୂପ ସାଂସ୍କୃତିକ ଅନୁଷ୍ଠାନ ‘କାନମାସ୍’ ପକ୍ଷରୁ ପ୍ରସ୍ତୁତ ପଥପ୍ରାନ୍ତ ନାଟକ ‘ଏପଟ ଦେଖ୍, ସେପଟ ଦେଖ୍’ ବସ୍‌ଷ୍ଟାଣ୍ଡ ନିକଟ ଏବଂ କବରଖାନା ବଜାରଠାରେ ପରିବେଷଣ କରାଯାଇଥିଲା। ଆକର୍ଷଣୀୟ ନାଟକ ମାଧ୍ୟମରେ କଳାକାରମାନେ ଦୁର୍ନୀତିର କୁପରିଣାମକୁ ସାମ୍ନାକୁ ଆଣିବା ସହ ନୈତିକ ଆଚରଣ, ଉତ୍ତରଦାୟିତ୍ୱ ଏବଂ ଦୁର୍ନୀତି ନିବାରଣରେ ସାମୂହିକ ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଅଧାପିକା ମାନସୀ ସାହୁଙ୍କ ବିୟୋଗ

ଜଗତସଂହପୁର,୨୭।୧୦(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମହିଳୋ ସ୍ଥିତ ଉତ୍କଳ ଭାରତୀ ଉଚ୍ଚ ମାଧମିକ ବିଦ୍ୟାଳୟର ଗଣିତ ବିଭାଗ ଅଧାପିକା ମାନସୀ ସାହୁଙ୍କ (୫୦)ଙ୍କ ବିୟୋଗରେ ବିଦ୍ୟାଳୟ ପରିସରରେ ଏକ ଶୋକାକୁଳ ପରିବେଶରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଡ. ସୁଧୀର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସ୍ୱର୍ଗତା ଅଧାପିକାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ କର୍ମଚାରୀ ଓ ଛାତ୍ରଛାତ୍ରୀ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଶୋକ ସଭାରେ ଅଧାପକ ସୁରେନ୍ଦ୍ର କୁମାର ରଥ, ପ୍ରସନ୍ନ କୁମାର ସ୍ୱାଇଁ, ବୈକୁଣ୍ଠ ନାଥ ଜେନା, ବିଭୂତି ଭୂଷଣ ଦାସ, ରଞ୍ଜିତ ପରିଡ଼ା, ସମ୍ବିତ୍ ରଥ, ପ୍ରତିମା ଦାସ, ଅନନ୍ତ ନାରାୟଣ ଚୌଧୁରୀ, ସନ୍ତୋଷ କୁମାର କାନୁନଗୋ, ବସନ୍ତ କୁମାର ପରିଡ଼ା, ପ୍ରବୀଣ ମହାନ୍ତି, ସୁଶାନ୍ତ ସାହୁ, ଅର୍ଘ୍ୟରୂପା ମିଶ୍ର, ପ୍ରଦିପ୍ତା ସେନାପତି, ସୁବ୍ରତ ହୋତା, କ୍ଷେତ୍ରମୋହନ ସ୍ୱାଇଁଙ୍କ ସମେତ ଛାତ୍ରଛାତ୍ରୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

ଚାଷୀଙ୍କୁ ଘାରିଛି ରୋଗପୋକ ନିୟନ୍ତ୍ରଣ ଚିନ୍ତା

କୁଜଙ୍ଗ,୨୭।୧୦(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ପୋତାନଇ ପଞ୍ଚାୟତର ଚନ୍ଦାପାଟ, ଦରଦିଆ, ପୋତାନଇ, ଓକଲା, ଗଭଡି, ବାଇଲୋ ଆଦି ଅଞ୍ଚଳରେ ଧାନ ଚାଷକୁ ରୋଗ ପୋକ ଖାଇ ସଫା କରିଦେଲେଣି। ଧାନ ଥୋଡ଼ ବାହାରିବା ପୂର୍ବରୁ କାଳମୁଣ୍ଡି, ଝୋଟିଆ ଓ ପାରା ପୋକ ଧାନ ଗଛର ପତ୍ର ସବୁ ଖାଇ ଯାଉଛନ୍ତି। ଚାଷୀ ବିଭିନ୍ନ ପ୍ରକାର କୀଟନାଶକ ଔଷଧ ପ୍ରୟୋଗ କଲେ ମଧ୍ୟ କିଛି ସୁଫଳ ମିଳୁନି ବୋଲି ଅଭିଯୋଗ କରିଛନ୍ତି ସରପଞ୍ଚ ବ୍ରଜ କିଶୋର ମହାରାଜ। ଅଗଷ୍ଟ ମାସର ଲଗାଣ ବର୍ଷା ଦୁଇ ଦୁଇ ଥର ଉଦ୍‌ବୃତ ଜଳ କ୍ଷେତରେ ଆଠ ଦିନ ଜମି ରହିବା ଫଳରେ ତଳି ନଷ୍ଟ ହୋଇଯାଇଥିଲା। ପରେ ଚାଷୀ ବିଭିନ୍ନ ଅଞ୍ଚଳରୁ ଧାନ ତଳି କିଣି ରୁଆପୋତା କରିଥିଲେ। ବର୍ଷା ଦାଉ ସାଜିଲା ପରେ ଏବେ ରୋଗ ପୋକକୁ ନେଇ ଚିନ୍ତା ରେ ଚାଷୀ। ଗୋଟିଏ ରାତିରେ ପୋକ ପ୍ରାୟ ଅଢ଼େଇ ମାଣ ଚାଷ କ୍ଷେତ ନଷ୍ଟ କରୁଛନ୍ତି। ତୁରନ୍ତ କୃଷି ବିଭାଗ ଏଥିପ୍ରତି ଦୃଷ୍ଟି ଦେବ ଦେବାକୁ ଚାଷୀ ଦାବି କରିଛନ୍ତି।

କଂଗ୍ରେସ ଓବିସି ସେଲ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ବିରିଡ଼ି,୨୭।୧୦(ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ ଓବିସି ସେଲର ନବ ନିଯୁକ୍ତ ଜିଲ୍ଲା ସଭାପତି ଭାଗ୍ୟଧର ଜେନାଙ୍କୁ ବିରିଡ଼ି ବ୍ଲକ କଂଗ୍ରେସ ରାହୁଲ ସେନା ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମୀର ଖୁଣ୍ଟିଆ ନେତୃତ୍ୱରେ ରୁନ ପଡିଆ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶ୍ରୀକାନ୍ତ ପଣ୍ଡା, ପବିତ୍ର ପ୍ରଧାନ, ଗୁରୁ ଚରଣ ବାରିକ, ଚିତ୍ରସେନ ସାହୁ, ସୁରେଶ ନାୟକ, କାହ୍ନୁ ମଲ୍ଲିକ, ଦିପୁ ନାଥ, କିଶୋର ବାଗୀ, ପବିତ୍ର ମୋହନ ଦାସ, ଅମୂଲ୍ୟ ମହାନ୍ତି, ଧୀରେନ୍ଦ୍ର ସ୍ୱାଇଁ, ପ୍ରାଣକୃଷ୍ଣ ପଶାୟତ, ଜୟନ୍ତ ବସ୍ତିଆ, ନିହାର ବସ୍ତିଆ, ପ୍ରମୋଦ ରାୟ, ବିଶ୍ୱ ରଞ୍ଜନ ରାୟ, ପ୍ରଶାନ୍ତ ମହାପାତ୍ର, ପଞ୍ଚାନନ ଭୋଇ, ପ୍ରଶାନ୍ତ ସାହୁ, ରଞ୍ଜନ ପ୍ରଧାନ, ପ୍ରଶାନ୍ତ ବିଶ୍ୱାଳ, ବଳରାମ ମଲ୍ଲିକ, କମଳାକାନ୍ତ ସ୍ୱାଇଁ, ପ୍ରତାପ ଦାଶ, ବିଜୟ ସ୍ୱାଇଁ, ବଂଶୀଧର ଲେଙ୍କା, ଯୁବରାଜ ସ୍ୱାଇଁ, ଅଭୟ ମଲ୍ଲ, ବ୍ରହ୍ମାନନ୍ଦ ସାହୁ, ତାପସ ବୋଷ, ଆବିଦ ହୁସେନ, କ୍ଷୀରୋଦ ଘଡେଇ, ରମାକାନ୍ତ ମଲ୍ଲିକ, କୃଷ୍ଣଚନ୍ଦ୍ର ରାଉତରାୟ ମନୋଜ ରାଇତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

ବରିଷ୍ଠ ନାଗରିକଙ୍କ ବାରଣାସୀ-ଅଯୋଧ୍ୟା ତୀର୍ଥଯାତ୍ରା

ଜଗତସିଂହପୁର,୨୭।୧୦(ସମିସ): ଆଜି ଅପରାହ୍ନରେ ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସାମିଲ ହୋଇ ବାରଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଅଛନ୍ତି। ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ ଗୋଟି ବସ୍ ଓ ଏକ ବୋଲେରୋ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଂସଦ ବିଭୁ ପ୍ରସାଦ ତରାଇ, ପୌରପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିଥିଲେ। ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ଭାବେ ଜୟନ୍ତ କୁମାର ନାୟକ, ଯୁଧିଷ୍ଠିର ମହାରଣା ଓ ରାଧାମୋହନ ଜେନା ଗସ୍ତ କରିଛନ୍ତି। ପୂର୍ବାହ୍ନ ୧୧.୩୦ ସମୟରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ବାରଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ଆଜି ସକାଳେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପର୍ଯ୍ୟଟନ ବିକାଶ ଅଧିକାରୀ ମୀରାବାଈ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା।

ସ୍ୱର ସଙ୍ଗମରେ ଭାଗ ନେଲା କୁଜଙ୍ଗ ଖଣ୍ଡ

କୁଜଙ୍ଗ,୨୬/୧୦(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କଟକ ବିଭାଗ ତରଫରୁ ସଂଘ ଶତାବ୍ଦୀ ବର୍ଷ ଅବସରରେ ରାଷ୍ଟ୍ରଭକ୍ତି ଗୀତର ଏକ ଅନନ୍ୟ କାର୍ଯ୍ୟକ୍ରମ “ଶତକଣ୍ଠ ଗାୟନ ସ୍ୱର ସଙ୍ଗମ’ ଆୟୋଜିତ ହୋଯାଇଛି। ଏହି କାର୍ଯ୍ୟକ୍ରମରେ ଶହେ ସ୍ୱୟଂସେବକଙ୍କ ଦ୍ୱାରା ଶହେଟି ଦେଶଭକ୍ତିପୂର୍ଣ୍ଣ ଗୀତ ପରିବେଷଣ କରାଯାଇ ଥିଲା। ଏହି ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ରୂପେ ଗୀତିକାର ଦିଲ୍ଲୀପ ଜେନା, ମୁଖ୍ୟବକ୍ତା ରୂପେ ପ୍ରାନ୍ତ କାର୍ଯ୍ୟବାହ ଡ. ଅନିଲ କୁମାର ମିଶ୍ର, ବିଭାଗ ସଂଘଚାଳକ ଡ. ଗୌତମ ମହାରଣା ପ୍ରମୁଖ ଉପସ୍ଥିତ ରହି ସ୍ୱୟଂସେବକମାନକୁ ପ୍ରେରଣା ଦେଇଥିଲେ। ସାରଳା ଭବନ କଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତସିଂପୁର ଜିଲ୍ଲାର କୁଜଙ୍ଗ ଖଣ୍ଡ ସ୍ୱୟଂ ସେବକ ମାନେ ଖଣ୍ଡ କାର୍ଯ୍ୟବାହ ବିପିନ କୁମାର ମିଶ୍ର ଓ ସହ ଖଣ୍ଡ କାର୍ଯ୍ୟ ବାହ ପ୍ରତ୍ୟୁଷ କୁମାର ମହାନ୍ତି ପ୍ରମୁଖ ସଂଯୋଜନାରେ ଗିରି ବର ହିମାଳୟ ମୁକୁଟ ଯାହାର ରାଷ୍ଟ୍ର ଭକ୍ତି ସଙ୍ଗୀତ ଗାନ କରିଥିଲେ।

ଅୟର ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଜଗତସିଂହପୁର,୨୭।୧୦(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଅୟର ସ୍ଥିତ ସାମଲ ସାହିରେ କ୍ରିଷ୍ଣା କଲଚରାଲ ଗ୍ରୁପ ଓ ସୁଦୀପ୍ତା ଦତ୍ତ କଳା ନିକେତନର ମିଳିତ ତତ୍ତ୍ୱାବଧାନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୌରାଙ୍ଗ ସାମଲଙ୍କ ପ୍ରତ୍ୟେକ୍ଷ ସହଯୋଗରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀଙ୍କର ସମାଗମ ହୋଇଥିଲା। କ୍ରିଷ୍ଣା କଲଚରାଲ ଗ୍ରୁପର ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷିତ ହେବା ସହିତ ସମ୍ପୃକ୍ତ ପରିବେଶ ଉତ୍ସବ ମୁଖରିତ ହୋଇଥିଲା।

ଗ୍ରାମ୍ୟ ମୁରବୀ ଭାସ୍କର ଓଝାଙ୍କ ସ୍ମୃତିସଭା

ବାଲିକୁଦା,୨୭।୧୦(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ତିତିରା ପଞ୍ଚାୟତର ରାମତୋଳ ଗ୍ରାମର ଗ୍ରାମ୍ୟ ମୁରବି ତଥା ଚାରି ଚାରି ଥର ୱାର୍ଡ ମେମ୍ବର ହୋଇଥିବା ଭାସ୍କର ଓଝାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଦୁର୍ଯ୍ୟୋଧନ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସ୍ମୃତିଚାରଣ ସଭାରେ ନାରାୟଣ ଓଝା, ଲକ୍ଷ୍ମୀ ପ୍ରିୟା ଓଝା, ପ୍ରଭାତୀ ମହାରଣା, ମଧୁସ୍ମିତା ଓଝା, ଜୟନ୍ତୀ ଓଝା, ଅଞ୍ଜନା ମହାରଣା, ସତୀ ମହାରଣା, ସାବିତ୍ରୀ ମହାରଣା, କିଶନ ଓଝା, ଅନୀଲ ଓଝା, ଶୁଭସ୍ମିତା ମହାରଣା, ଜ୍ୟୋତିରଞ୍ଜନ ଦାସ, ସୁଦୀପ୍ ମହାରଣା, ଦୁର୍ଗା ପ୍ରସାଦ ମହାରଣା, ହରିଶଙ୍କର ରାଉତ, ସ୍ମୃତିପ୍ରଜ୍ଞା ମହାରଣା, ସୁଜାତା ମହାରଣା, ପ୍ରମୋଦ ମହାରଣା, ସରୋଜ ମହାରଣା, ଉମେଶ ଓଝା, ଅଭିଷେକ ଓଝା, କ୍ଷେତ୍ରମୋହନ ଓଝା, ସୁବାସ ଓଝା, ସଚିନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଜ୍ଞାନରଞ୍ଜନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ବିଶୋଧନାଗାର ଆଗରେ ଶ୍ରମିକଙ୍କ ଆନ୍ଦୋଳନ

୮୦ ଶ୍ରମିକଙ୍କୁ ଉଠାଇନେଲା ପୁଲିସ

ଶେଷରେ କମ୍ପାନୀ ମାନିଲା ସବୁ ଦାବି

ପାରାଦୀପ,୨୭।୧୦(ସମିସ)

ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ୍)ର ପାରାଦୀପ ରିଫାଇନାରୀ ବାହାରେ ଉତ୍ତେଜନା ଦେଖାଦେଇଛି। ପ୍ରାୟ ୨,୦୦୦ ଶ୍ରମିକ ନିଜର ଦରମା ବୃଦ୍ଧି ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଜି ସକାଳୁ ଶ୍ରମିକ ମାନେ ଆନ୍ଦୋଳନ ଆରମ୍ଭ କରିଥିବା ବେଳେ ପୁଲିସ ୮୦ ଜଣ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିଲା। ଫଳରେ ଏହାର ପ୍ରତିବାଦରେ ଶ୍ରମିକମାନେ କାର୍ଯ୍ୟରେ ଯୋଗ ନଦେଇ ଆନ୍ଦୋଳନରେ ବସିଥିବା ଦେଖିବାକୁ ମିଳିଥିଲା। ଜମି ହରାଇ ଜମି ହରା ପରିବାର ଭାବେ କାର୍ଯ୍ୟରତ ଶ୍ରମିକ ଦୀର୍ଘ ବର୍ଷ ହେବ ସେମାନଙ୍କ ଦରମା ଓ ଆନୁଷଙ୍ଗିକ ଅନୁଦାନ ବୃଦ୍ଧି ନିମନ୍ତେ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ସେମାନଙ୍କ ଦାବି ଉପସ୍ଥାପନ କରୁଥିବା ବେଳେ ସେଟେଲମେଣ୍ଟ ନିମନ୍ତେ କମ୍ପାନୀ କର୍ତ୍ତୃପକ୍ଷ ଆଜି କାଲି କହି ତାରିଖ ପରେ ତାରିଖ ଗଡ଼ାଇ ଚାଲିଛନ୍ତି। ଏହାର ପ୍ରତିବାଦରେ ଗତ ୫ ଦିନ ହେବ ଶ୍ରମିକ ମାନେ ସେମାନଙ୍କ ଦାବିକୁ ନେଇ ଗେଟ ପାଖରେ ସ୍ଲୋଗାନ ଦେଇ ଚାଲିଥିବା ବେଳେ ଗତକାଲି ଭୁବନେଶ୍ୱରରେ ଶ୍ରମ ଅଧିକାରୀଙ୍କ ନିକଟରେ ଆଲୋଚନା ପାଇଁ ବସିଥିଲେ। ସେଠାରେ କମ୍ପାନୀ ଶ୍ରମିକ ମାନଙ୍କ ଦାବିକୁ ଉଚିତ ଭାବେ ଗ୍ରହଣ କରି ନଥିବା ବେଳେ ଶ୍ରମିକ ମାନେ ରାତିରୁ ଆସି ତୈଳ ବିଶୋଧନାଗାର ଫାଟକ ଆଗରେ ଧାରଣା ଦେଇଥିଲେ। ପୁଲିସ ଆସି କିଛି ଶ୍ରମିକ ଓ ଶ୍ରମିକ ନେତା ମାନଙ୍କୁ ଉଠାଇ ନେଇଥିବା ବେଳେ ଲକ୍ ଥାନାରେ ଶ୍ରମିକ ମାନେ ଅନଶନ ଆରମ୍ଭ କରି ଦେଇଥିଲେ। ଦିନତମାମ ଶ୍ରମିକ ମାନେ ଆନ୍ଦୋଳନ ଚଳାଇଥିବା ବେଳେ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ଇଉନିୟନର ସାଧାରଣ ସମ୍ପାଦକ ସନାତନ ବେହେରାଙ୍କୁ ପୁଲିସ କାର୍ଯ୍ୟାଳୟରୁ ଉଠାଇ ନେଇଥିଲା। ଏହାପରେ ଆନ୍ଦୋଳନ ତୀବ୍ର ହେବାରୁ ଏଫ୍‌ସିଆଇ ୟୁନିୟନର ସଭାପତି ତନ୍ମୟ ଜେନା ଆସି ଶ୍ରମିକମାନଙ୍କ ନିକଟରେ ପହଞ୍ଚିଥିଲେ। ଶେଷରେ ତୈଳ ବିଶୋଧନାଗାର ସହ ଶ୍ରମିକ ନେତା ତନ୍ମୟ ଜେନା ଦୀର୍ଘ ୬ ଘଣ୍ଟା ଆଲୋଚନା କରିବା ପରେ ଶ୍ରମିକ ମାନଙ୍କ ଦୈନିକ ମଜୁରିରେ ୧୩୨ ଟଙ୍କା ବୃଦ୍ଧି ସହ ଏହା ୨୫/୨୬ ମସିହାରୁ ଲାଗୁ କରାଯିବା, ଶ୍ରମିକ ମାନଙ୍କୁ ବାର୍ଷିକ ୧୬ଟି ଛୁଟି ମିଳୁଥିବା ବେଳେ ତାହା ୧୮ ଦିନ ଛୁଟି, ଦୁର୍ଘଟଣାରେ ଶ୍ରମିକ ମୃତ୍ୟୁବରଣ କଲେ ୬ ଲକ୍ଷ ଟଙ୍କା ମିଳୁଥିବା ବେଳେ ତାହା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଏବଂ ଦୁଇଦିନ ଆନ୍ଦୋଳନରତ ଶ୍ରମିକମାନଙ୍କ ଦରମା ନ କାଟିବା ଆଦି ଦାବିକୁ କମ୍ପାନୀ ମାନି ନେଇଥିବା ୟୁନିୟନ ପକ୍ଷରୁ ଘୋଷଣା କରାଯିବା ପରେ ଶ୍ରମିକ ମାନେ ଆନ୍ଦୋଳନରୁ ଓହରିଛନ୍ତି। ଥାନାରେ ଅଟକ ଥିବା ସମସ୍ତ ଶ୍ରମିକ ମାନେ ମୁକୁଳିଥିବା ଜଣାପଡିଛି।

ପୃଥକ୍ ଦୁର୍ଘଟଣାରେ ୩ ମୃତ, ରାସ୍ତା ଅବରୋଧ

ପରଜଙ୍ଗ,୨୭ ।୧୦(ସମିସ):

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ମୁକ୍ତାପଶି ମେଡିକାଲ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତକ ଦ୍ୱୟ ହେଲେ ପରଜଙ୍ଗ ବ୍ଲକ ପଥରଖମ୍ବ ଗ୍ରାମର ଅଜିତ ନାଏକ ଓ ଅନିଲ ନାଏକ। ସେହି ଗ୍ରାମର ସୁମନ୍ତ ନାଏକ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି ।ସୂଚନା ଅନୁଯାୟୀ, ତିନି ଜଣ ଗୋଟିଏ ବାଇକ୍‌ରେ ଲକ୍ଷ୍ମୀପୂଜା ଦେଖି ଘରକୁ ଫେରୁଥିଲେ। ଏହି ସମୟରେ ମୁକ୍ତାପଶି ମେଡିକାଲ ଛକ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଅଜିତ ଓ ଅନିଲଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ଗୁରୁତର ଆହତ ସୁମନ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଘଟଣାର ଖବର ପାଇ କାମାକ୍ଷାନଗର ଥାନାର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଅନ୍ୟ ଏକ ଘଟଣାରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ବଡ଼କମର -ପଙ୍ଗାତିରା ପୂର୍ତ୍ତ ବିଭାଗ ରୋଡ଼ରେ ରାସ୍ତାରୋକ କରିଛନ୍ତି। ଆମ୍ବପଳାଶ ଗ୍ରାମର ମହୁରା ସାହୁଙ୍କ ପୁଅ ସୁନୀଲ ନିଜ ସ୍ତ୍ରୀକୁ ବସାଇ ଆସୁଥିବା ବେଳେ ବସ ଧକ୍କା ହୋଇଛି।

କାର୍ତ୍ତିକ ମାସର ନିଆରା ପରମ୍ପରା ଆକାଶ ଦୀପ

ଗଁଦିଆ ୨୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅଞ୍ଚଳର ସମସ୍ତ ଦେବାଳୟ ଓ ଗ୍ରାମାଞ୍ଚଳ ତୁଳସୀ ଚଉରା ମୂଳରେ ଏକ ଲମ୍ବା ବାଉଁଶ ପୋତା ଯାଇ ଆକାଶ ଦୀପ ଭଳି ନିଆରା ପରମ୍ପରାକୁ ବଜାୟ ରଖାଯାଇଛି। କାର୍ତିକ ପରି ମାସ ନାହିଁ କି ବିଷ୍ଣୁଙ୍କ ପରି ଦେବତା ନାହାନ୍ତି । ବିଭିନ୍ନ ପୁରାଣର ବର୍ଣନା ଅନୁସାରେ, ମନୁଷ୍ୟ ତାର ସମଗ୍ର ଜୀବନରେ ଯେତେ ପାପ କରିଥାଏ, ତାହା କାର୍ତିକ ମାସରେ ସ୍ନାନ, ହବିଷ୍ୟାନ୍ନ ଭୋଜନ, ବିଷ୍ଣୁଙ୍କୁ ତୁଳସୀ ଅର୍ପଣ ଏବଂ ଆକାଶଦୀପ ଦାନରେ ନଷ୍ଟ ହୋଇଥାଏ । ଦୀପ ଭଗଦାନ ବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟ । ଏହା ସ୍ୱୟଂ" ଜ୍ୟୋତିସ୍ୱରୂପ ମହାଲକ୍ଷ୍ମୀ ଦୀପଲକ୍ଷ୍ମୀ ସ୍ୱରୂପିଣୀ। ଦୀପ ଅଜ୍ଞାନତା ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନରୂପକ ଆଲୋକ ଦେଇଥାଏ। ଜ୍ଞାନ ଉଦୟ ହେଲେ ପାପ ନଷ୍ଟ ହୋଇଯାଏ। କାର୍ତ୍ତିକ ରେ ପ୍ରଦତ୍ତ ଦୀପକୁ 'ଆକାଶଦୀପ' କହିବା ଯଥାର୍ଥ। ପରମ୍ପରା ଅନୁସାରେ, ଏକ ଛିଦ୍ରଯୁକ୍ତ ହାଣ୍ଡିରେ କିଛି ବାଲି ଓ ତା' ଉପରେ ଏକ ପ୍ରଜ୍ୱଳିତ ଦୀପ ରଖି ତାର ଉପରିଭାଗକୁ ଏକ ପଲମରେ ଢାଙ୍କି, ତାହାକୁ ଏକ ସୁରଳ ବାଉଁଶ ଦଣ୍ଡର ଅଗ୍ର ଭାଗରେ ବାନ୍ଧି ଦିଆଯାଏ । ଏହାକୁ ସରା ମାସ ଜଳାଇ ରଖିବାକୁ ହୋଇଥାଏ । ଅନେକ ସ୍ଥାନରେ ପଞ୍ଚୁକ ରୁ ହିଁ ଚରରା ମୂଳରେ ଆରମ୍ଭ ହୋଇଥାଏ । ଏହାର କାରଣ ସ୍ୱରୂପ କୁହାଯାଇଛି, ସମଗ୍ର ବିଶ୍ୱରେ ରହିଛି ଚଉଦଟି ବ୍ରହ୍ମାଣ୍ଡ। ଉପରେ ସାତଟି ଓ ତଳେ ସାତଟି। ମଝିରେ ରହିଛି ଭୂଗୋଳ; ଯାହା ମନୁଷ୍ୟମାନଙ୍କର ନିବାସ ସ୍ଥାନ। ଉର୍ଦ୍ଧ୍ୱଲୋକରେ ରହିଛି ପ୍ରେତଲୋକ, ଦେବଲୋକ, ଯମଲୋକ, ପିତୃଲୋକ ଓ ବିଷ୍ଣୁଲୋକ ଆଦି । ଏହି ଆକାଶଦୀପ ଆପାତତଃ, ଦେବତା, ପିତୃ, ଯମ, ବିଷ୍ଣୁ ଓ ରୁଦ୍ର ଆଦିଙ୍କର ଆଶୀର୍ବାଦ ତଥା ପ୍ରୀତିପାଇଁ ପ୍ରଜ୍ୱଳନ କରାଯାଇଥାଏ ।ତେଣୁ ପ୍ରଥମେ ଏହି ଦୀପ ପ୍ରଜ୍ୱଳନ ସମୟରେ ପ୍ରାର୍ଥନା କରାଯାଏ ମୁଁ ସର୍ବରୂପ ଏବଂ ବିଶ୍ୱରୂପଧରୀ ଭଗବାନ ଦାମୋଦରଙ୍କୁ ପ୍ରଣାମ କରି ଏହି ଆକାଶଦୀପ ପ୍ରଦାନ କରୁଛି ।ଯାହା ଭଗବାନଙ୍କର ପରମପ୍ରିୟ ଅଟେ । ଏହା ପରେ କୁହାଯାଏ ପିତୃପୁରୁଷଙ୍କୁ ପ୍ରଣାମ, ପ୍ରେତମାନଙ୍କୁ ପ୍ରଣାମ, ଧର୍ମସ୍ୱରୂପ ବିଷ୍ଣୁଙ୍କୁ ପ୍ରଣାମ, ଯମରାଜଙ୍କୁ ପ୍ରଣାମ ଏବଂ ଦୁର୍ଗମ ମାର୍ଗରେ ରକ୍ଷା କରୁଥିବା ଭଗବାନ ରୁଦ୍ରଙ୍କୁ ପ୍ରଣାମ। ମନ୍ତ୍ର ଜପ କରି ବା ଏହା ଉଚ୍ଚାରଣ କରି ଯେଉଁ ମନୁଷ୍ୟ ଆକାଶଦୀପ ଦାନ କରେ, ତାହାକୁ ଭଗବାନଙ୍କର ଆଶୀର୍ବାଦ ମିଳିବା ସହିତ ତାର ପିତୃପୁରୁଷ ନର୍କରେ ଥିଲେ ମଧ୍ୟ ପରମ ଗତି ଲାଭ କରନ୍ତି। ଏହି ଦୀପ ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ଏକ ସଙ୍କେତ ପ୍ରଦାନ କରି ଏକ ମୂକସାକ୍ଷୀ ପାଲଟି ଯାଇଛି । ଅତୀତରେ ସାଧବପୁଅ ମାନେ ବୋଇତରେ ଜାଭା, ସୁମାତ୍ରା ଦେଶକୁ ବେପାର ବଣିଜ କରି ସ୍ୱଦେଶ ପ୍ରତ୍ୟାବର୍ତନ କରି ସମୟରେ ଆକାଶ ଦୀପ ସାହାଯ୍ୟରେ ଦିଗ ଚିହ୍ନଟ ସହଜରେ ଜାଣି ପାରୁଥିଲେ । ସେହିପରି କାର୍ତିକ ମାସରେ ବିଭିନ୍ନ ତୀର୍ଥକ୍ଷେତ୍ରକୁ ଯାତ୍ରା କରୁଥିବା ତୀର୍ଥଯାତ୍ରା ଆକାଶଦୀପକୁ ଲକ୍ଷ୍ୟ କରି ନିଜର ଲକ୍ଷ୍ୟସ୍ଥଳରେ ସୁବିଧାରେ ପହଞ୍ଚିପାରୁଥିଲେ । କାର୍ତିକ ମାସରେ ଗଁଦିଆ ବ୍ଲକ ଅଂଚଳର ବିଭିନ୍ନ ଦେବାଳୟରେ ଆକାଶ ଦୀପର ଜ୍ୟୋତି ଦୃଶ୍ୟମାନ ହେଉଛି ।

ମୋଟରସାଇକଲ ଚୋରି: ୨ ଗିରଫ

ଭୁବନ,୨୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ଦଶହରା ଦେଖିବାକୁ ଆସିଥିବା ଜଣେ ବ୍ୟକ୍ତିଙ୍କ ମୋଟରସାଇକଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ଅଚ୍ଛୁତପୁର ଗ୍ରାମର ପ୍ରମୋଦ ବାରିକ (୩୭) ଗତ ୨୨ ତାରିଖରେ ନିଜର ଟିଭିଏସ୍ ସ୍ପୋର୍ଟସ୍ ମୋଟରସାଇକେଲଓଡି୦୪ ଆର୨୫୯୭ ଯୋଗେ କାମାକ୍ଷାନଗରକୁ ଦଶହରା ଦେଖିବାକୁ ଆସିଥିଲେ। ସେ ସାରଙ୍ଗଧର ଷ୍ଟାଡିୟମ ନିକଟରେ ଗାଡ଼ି ରଖି ଦଶହରା ରାବଣପୋଡି ଦେଖୁଥିବା ବେଳେ ରାତି ପ୍ରାୟ ୮ଟା ୩୦ରୁ ୯ଟା ମଧ୍ୟରେ କେହି ଦୁର୍ବୃତ୍ତ ଗାଡ଼ିଟିକୁ ଚୋରି କରି ନେଇଥିବା ସେ ଅଭିଯୋଗ କରିଛନ୍ତି ।ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଗାଡ଼ିର ସନ୍ଧାନ ନ ପାଇବାରୁ ସେ ଅକ୍ଟୋବର ୨୩ ତାରିଖ ରାତିରେ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ କେସ୍ ନଂ. ୬୫୭/୨୦୨୬ ରୁଜୁ କରି ବିଏନ୍ଏସ୍‌ର ଧାରା ୩୦୩(୨) ଅନୁଯାୟୀ ମାମଲା ରୁଜୁ କରିଛି। ଏସ୍ଆଇ ରେଶମା ଲାକ୍ରାଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ତେବେ ତଦନ୍ତ କରି ୨ ଚୋରଙ୍କୁ ଧରି ବିଚାର ବିଭାଗୀୟ ହାଜତ କୁ ପଠାଯାଇଛି। ୨ ଚୋରଙ୍କ ମଧ୍ୟରୁ ଜଣେ ଭୁବନ ବ୍ଲକ ଦିଗି ପଞ୍ଚାୟତ ସରଦେଇପୁର ଗ୍ରାମର ଶ୍ରୀକାନ୍ତ ମଲିକଙ୍କ ପୁଅ ବିକାଶ (୨୫) ଓ ତାଙ୍କ ସାଥୀ ଗାଲୁକାଟେଣୀ ଗ୍ରାମର ସ୍ୱର୍ଗତ କାଳିଆ ସାହୁଙ୍କ ପୁଅ ବିକାଶ (୨୧) ବୋଲି ଥାନାଧିକାରୀ ଜିତେନ୍ଦ୍ର ମଲ୍ଲିକଙ୍କ ସୂତ୍ରରୁ ଜଣାଯାଇଛି।

୪ବର୍ଷ ହେବ ମିଳୁନି ବାତ୍ସଲ୍ୟ ଯୋଜନା ସହାୟତା ରାଶି

ଭୁବନ୨୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନରେଚାରି ବର୍ଷ ହେଲା ମିଳୁନି ବାତ୍ସଲ୍ୟ ଯୋଜନା ସହାୟତା ମିଳନଥିବାର ଅଭିଯୋଗ ହୋଇଛି। ସରକାର ଯୋଜନା ପରେ ଯୋଜନା ତିଆରି କରୁଛନ୍ତି। ହେଲେ ଏହାର ଲାଭ ତଳ ସ୍ତରରେ କେତେବେଳେ ମିଳୁଛି ତାହା କିଏ ବୁଝୁଚି। ଏଭଳି ଏକ ଘଟଣା ମଙ୍ଗଳବାର ଦିନ ଆମ ପ୍ରତିନିଧିଙ୍କ ନଜର କୁ ଆସିଥିଲା। ତୁରନ୍ତ ବିଡ଼ିଓଙ୍କ ଯୋଗାଯୋଗ କରାଯାଇଥିଲା। ଘଟଣାଟି ଥିଲା ଏଭଳି କି ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୧ ପୃଷ୍ଟି ପାଟଣା ଅଞ୍ଚଳ କଂସାରୀ ସାହିର ସ୍ୱର୍ଗତ ଆନନ୍ଦ ମେହେଣାଙ୍କ ପତ୍ନୀ କବିତା ମେହେଣା ନିଜ ପୁଅ ଆଶୁତୋଷ ମହାରଣାଙ୍କ ପାଠ ପଢା ପାଇଁ ୨୦୨୩ରେ ବାତ୍ସଲ୍ୟ ଯୋଜନାରେ ଦରଖାସ୍ତ କରିଥିଲେ। ଏହି ଦରଖାସ୍ତ କେଉଁ ଆଡ଼େ ଜିଲ୍ଲା ଶିଶୁ କଲ୍ୟାଣ କାର୍ଯ୍ୟାଳୟରୁ ହଜିଯାଇଥିଲା। ପରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ କଙ୍କଡ଼ାହାଡ଼ ଠାରେ ଅଭିଯୋଗ କରିବା ପରେ ପୁନଃ କାଗଜାତ ଯୋଗାଡ଼ କରି ଦରଖାସ୍ତ ଦେବାକୁ କହିଥିଲେ ଢେଙ୍କାନାଳର ଡି ସି ପି ଓ କାର୍ଯ୍ୟାଳୟର କର୍ମଚାରୀ। କବିତା ପୁଣି ଖର୍ଚ୍ଚାନ୍ତ ହୋଇ ଦରଖାସ୍ତ କରିଥିଲେ ବି ଆଜି ପର୍ଯ୍ୟନ୍ତ ସୁବିଧା ମିଳୁନି। ଦରଖାସ୍ତ ପରେ ଅଧିକାରୀ ଆସି ବାରମ୍ବାର ତଦନ୍ତ କରି ଯାଇଛନ୍ତି ।ସୂଚନାଯୋଗ୍ୟ ଭୁବନ କଂସା ପିତଳ କାରିଗରୀ ପାଇଁ ପ୍ରସିଦ୍ଧ ଥିଲା। ଧୀରେ ଧୀରେ କଂସା ପିତଳ ବାସନ କେବଳ ଇତିହାସ ହୋଇଗଲା। ବ୍ୟବସାୟ ପାଇଁ କବିତାଙ୍କ ସ୍ୱାମୀ ଆନନ୍ଦ ସମ୍ବଲପୁର ଜିଲ୍ଲା ଲଫଙ୍ଗାଠାରେ କାରିଗରୀ କାମ କରୁଥିଲେ। ବ୍ୟବସାୟିକ କ୍ଷତି ଯୋଗୁଁ ସେଠାରେ ୩୦.୦୬.୨୦୧୫ ଆତ୍ମହତ୍ୟା କରିଥିଲେ। ତାଙ୍କର ଏକ ମାତ୍ର ପୁଅ ୨୧.୧୨.୨୦୧୪ ମସିହାରେ ଜନ୍ମ ହୋଇଥିଲେ। ଏକ ମାତ୍ର ପୁଅ ପଢ଼ା ପାଇଁ ସରକାରଙ୍କ ବାତ୍ସଲ୍ୟ ଯୋଜନାରେ ସହାୟତା ପାଇଁ ସ୍ଥାନୀୟ ଅଙ୍ଗନବାଡି କର୍ମୀଙ୍କ ଠାରୁ ସୂଚନା ଓ ସହଯୋଗ ପାଇ ଭୁବନ ଶିଶୁ ବିକାଶ କାର୍ଯ୍ୟାଳୟ ଜରିଆରେ ଦରଖାସ୍ତ କରିଥିଲେ। ତେବେ ଇତି ମଧ୍ୟରେ ଚାରି ବର୍ଷ ବିତିଲାଣି। ପୁଅ ଆଶୁତୋଷ ଏବେ ସପ୍ତମ ପଢ଼ିଲାଣି। ଅନ୍ୟ ଉପାୟ ନପାଇ ଭୁବନ ସିଡିପିଓ ଦାୟିତ୍ୱରେ ଥିବା ବିଡିଓ ଆୟୁଷି ମହାପାତ୍ରଙ୍କ ସାକ୍ଷାତ କରି ଗୁହାରି କରିଥିଲେ। ଏନେଇ ବିଡ଼ିଓ କୁହନ୍ତିଏ ସଂପର୍କରେ ଜିଲ୍ଲା କାର୍ଯ୍ୟାଳୟର ଉଚ୍ଚ ଅଧିକାରୀଙ୍କ ଜଣାଇବେ। ତେବେ ଢେଙ୍କାନାଳ ଡିସିପି ଓ ଅନୁରାଧା ଗୋସ୍ୱାମୀଙ୍କ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ କହିଲେ ଏ ସଂପର୍କରେ ତଦନ୍ତ କରିବେ।

ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟରେ ସୁରକ୍ଷିତ ବଚପନ ଅଭିଯାନ

ଖଜୁରିଆକଟା,୨୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟ କୁରୁମିଠା ପରିସରରେ ସୁରକ୍ଷିତ ବଚପନ ଅଭିଯାନ ପାଳିତ ହୋଇଯାଇଅଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ମୁଖ୍ୟ ବକ୍ତା ତଥା ସଚେତକ ପାରା ଲିଗାଲ ସ୍ୱେଚ୍ଛାସେବୀ ଶ୍ରୀକାନ୍ତ କୁମାର ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ତାଲୁକ ଆଇନ ସେବା ସମିତି ହିନ୍ଦୋଳ ଆୟୋଜନ କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସୁବଳ ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ୱର୍ଷାରାଣୀ ସାହୁ, ଅନିତା ପୃଷ୍ଟି, ଆକାଙ୍କ୍ଷିକା ରାଉତରାୟ, ଶିବାନୀ ସାହୁ, ସାଗରିକା ଭୋଇ, ସ୍ୱର୍ଣ୍ଣଲତା ପାଲ ଶିକ୍ଷକ ରଞ୍ଜିତ ମହାଲିକ, ପ୍ରଦ୍ୟୁଶ କୁମାର ସାହୁ, ସିପୁନ ମହାନ୍ତି, ଶ୍ରୀତମ ପ୍ରଧାନ, ବିକ୍ରମ କେଶରୀ ନାଥ, ସୁଶୀଲ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏକ ଶହରୁ ଅଧିକ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଶିଶୁ ମାନଙ୍କର ସୁରକ୍ଷା, ଅଧିକାର ଏବଂ ସେମାନଙ୍କୁ ଶୋଷଣ ମୁକ୍ତ କରିବା ପାଇଁ ଜାଗରଣ କରାଯାଇଥିଲା। ପୋକ୍ସୋ ଆକ୍ଟ, ଗୁଡ ଟଚ ଆଣ୍ଡ ବ୍ୟାଡ ଟଚ୍ ଓ ସାଇବର ସୁରକ୍ଷା ଆଦି ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଯାଇଥିଲା।

ବ୍ରାହ୍ମଣୀ ନଦୀରେ ଭାସୁଥିବା ଶବ ଚିହ୍ନଟ

ଭୁବନ୨୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ବ୍ରାହ୍ମଣୀ ନଦୀରେ ଭାସୁଥିବା ବଚିହ୍ନଟ ହୋଇଛି। ନିଖୋଜ ହେବାର ୯ ଦିନପରେ ଗାଁ ଶ୍ମଶାନରେ ମୃତ ବାଇଧରର ଶବସଂସ୍କାର କରାଯାଇଛି। ଘଟଣାରୁ ଜଣାଯାଇଛି ଯେ ବ୍ରାହ୍ମଣୀରେ ଭାସି ଆସିଥିବା ଏକ ଗଳିତ ଶବକୁ ଖରସ୍ରୋତା ନଦୀରୁ ଠାବ କରାଯାଇଛି। କୁଆଖିଆ ଥାନା ନରସିଂହପୁର ପଞ୍ଚାୟତ ଘୋଳପୁର ନିକଟ ଖରସ୍ରୋତା ନଦୀରୁ ଗଳିତ ଶବକୁ ପୁଲିସ ଉଦ୍ଧାର କରିଛି। ପୁଲିସ ଥାନା କେସ୍ ନଂ. ୨୮/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୁଲିସ ପ୍ରାଥମିକ ତଦନ୍ତରୁ ଶବ ବ୍ରାହ୍ମଣୀ ନଦୀରେ ଭାସି ଆସିଥିବା ଜାଣିବାକୁ ପାଇଛି। ପୁଲିସ ତଦନ୍ତ ବଳରେ ମୃତକର ପରିଚୟ ପାଇଛି। ମୃତକ ଢେଙ୍କାନାଳ ଜିଲ୍ଲା ଭୁବନ ପୌରାଞ୍ଚଳ ୧୧ନଂ ୱାର୍ଡର ବାଇଧର ପୃଷ୍ଟି(୪୫) ବୋଲି ଜଣାପଡ଼ିଛି ।ପରିବାରର କହି ବାନୁଯାୟୀ, ବାଇଧର ରାଜମିସ୍ତ୍ରୀ ଭାବେ କାମ କରନ୍ତି। ୮ଦିନ ପୂର୍ବରୁ ଭୁବନେଶ୍ୱର କାମ କରିବାକୁ ଯାଇଥିଲେ। ବାଇଧରଙ୍କ ପାଖରେ ମୋବାଇଲ ନଥିବାରୁ ତାଙ୍କଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନଥିଲା ।ରବିବାର ସୁକିନ୍ଦା ଥାନା ବର୍ଲଣ୍ଡା ଗାଁ ପାଖ ବ୍ରାହ୍ମଣୀ ନଦୀରେ ଏକ ଗଳିତ ଶବ ଭାସୁଥିବା ସ୍ଥାନୀୟଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ସୁକିନ୍ଦା ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ ଆଇ ଉଦୟନାଥ ମଙ୍ଗରାଜ ସଦଳବଳେ ଘଟଣାସ୍ଥଳରେ ପହଂଚିବା ବେଳକୁ ଶବଟି ଭାସି ତଳଆଡ଼କୁ ପଳାଇଥିଲା। ପୁଲିସ ଗ୍ରାମବାସୀ ଓ ସୁକିନ୍ଦା ଅଗ୍ନିଶମ ବାହିନୀଙ୍କ ସହ?ଯୋଗରେ ନଦୀକୂଳରେ ବର୍ଲଣ୍ଡା ଠାରୁ କବାଟବନ୍ଧ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀରେ ଖୋଜାଖୋଜି କରିଥିଲେ ହେଁ ସନ୍ଧାନ ପାଇ ନ ଥିଲେ। ଅନ୍ୟପଟେ ମୃତକର ଫଟୋଟି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ପରିବାର ଲୋକ ଦେଖି ଏହା ବାଇଧରଙ୍କ ବୋଲି ଜାଣିପାରି ଭୁବନ ଥାନାରେ ରବିବାର ଏତଲା ଦେଇଥିଲେ। ଘୋଳପୁର ସ୍ଥିତ ଖରସ୍ରୋତା ନଦୀରେ ଏକ ଅଜଣା ଶବ ଭାସୁଥିବା ସୋମବାର ସକାଳେ ସ୍ଥାନୀୟଲୋକ ଦେଖିଥିଲେ। ଶବଟି ସମ୍ପୂର୍ଣ୍ଣ ପଚିସଡ଼ି ଯାଇଥିବା ବେଳେ ମୁଣ୍ଡର ଅର୍ଦ୍ଧାଧିକ ଭାଗ ନଷ୍ଟ ହୋଇଯାଇଥିଲା। ଖବରପାଇ କୁଆଖିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପ୍ରାଥମିକ ତଦନ୍ତରୁ ପୁଲିସ ମୃତକ ବାଇଧରଙ୍କର ବୋଲି ଜାଣିବାକୁ ପାଇଥିଲା। ଖବରପାଇ ପରିବାରଲୋକ ପହଞ୍ଚି ଶବ ଚିହ୍ନଟ କରିଥିଲେ। ଏ ସମ୍ପର୍କରେ କୁଆଖିଆ ଥାନାଧିକାରୀ ସୁଶାନ୍ତ କୁମାର ସେଠୀଙ୍କୁ ପଚାରିବାରେ ସେ କହିଥିଲେ, ମୃତକଙ୍କ ପରିବାରଲୋକ ଶବ ଚିହ୍ନଟ କରିଥିଲେ ହେଁ ସେ ସନ୍ଦେହରେ ରେ ରହିଛନ୍ତି। ତେଣୁ ଏହାକୁ ନେଇ ଏସ୍ଆଇ ସୂର୍ଯ୍ୟ ସାହୁ ତଦନ୍ତ କରୁଛନ୍ତି ।ମଙ୍ଗଳବାର ବ୍ୟବଚ୍ଛେଦ ପରେ ଭୁବନ ତୃପ୍ତି ପାଠାଗାର ସହାୟତା ଓ ଯାଜପୁର ପ୍ରଶାସନ ସହଯୋଗ ରେ ଶବ ପହଞ୍ଚିଥିଲା। ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ଆମ୍ କମିଟି ଅଧକ୍ଷ ଜଗବନ୍ଧୁ ପୃଷ୍ଟି ଙ୍କ ସମେତ ଶହ ଶହ ଲୋକ ଶେଷ ଦର୍ଶନ ନିମନ୍ତେ ପହଂଚିଥିଲେ। ବିଧାୟକ ଶତ୍ରୁଘ୍ନ ଜେନା, ସାଂସଦ ରୁଦ୍ରନାରାୟଣ ପାଣି ଶୋକ ପ୍ରକାଶ କରିଛନ୍ତି। ବାଇଧର ଜଣେ ଗରିବ ପରିବାର ବ୍ୟକ୍ତି ହୋଇଥିବାରୁ ତାଙ୍କୁ କିଭଳି ସରକାରୀ ସହାୟତା ମିଳିପାରିବ ସେ ନେଇ ସାଂସଦ ଫୋନ ଯୋଗେ ବାଇଧରଙ୍କ ପରିବାର ସହ କଥା ହୋଇଥିବା ଜଣାଯାଇଛି। ତେବେ ବାଇଧର ୯ ଦିନ ପୂର୍ବେ ରାଜ ମିସ୍ତ୍ରୀ କାମ କରିବାକୁ ଯାଇ ଆଉ ଫେରି ନଥିଲେ। ସାବଧାନଗର ଲକ୍ଷ୍ମୀ ଛକ ଦଶରା କମିଟିର ୫୦ରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ଶବ ସଂସ୍କାରରେ ସକ୍ରିୟ ସହଯୋଗ କରିଥିଲେ। ଗଜା ତୋଟା ଶ୍ମଶାନରେ ଦାହ କରାଯାଇଥିଲା।

● ହିନ୍ଦୋଳ ଉପଖଣ୍ଡରେ ଅବକାରୀ ବିଭାଗ ନିରବଦ୍ରଷ୍ଟା

ଗାଁ ଗାଁ ରେ ଲହଡ଼ି ମାରୁଛି ମଦ, କାର୍ଯ୍ୟାଳୟରେ ଝୁଲୁଛି ତାଲା

ହିନ୍ଦୋଳ,୨୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଅଞ୍ଚଳରେ ବେଆଇନ ମଦ ବିକ୍ରି ବଢ଼ିଥିବାବେଳେ ଅବକାରୀ ବଭାଗ କିନ୍ତୁ ଚୁପ୍ ବସିଛି। ଏଠାରେ କାର୍ଯ୍ୟାଳୟ ରହିଛି, କିନ୍ତୁ ତାଲା ଝୁଲୁଛି। ଗାଁ ଗାଁରେ ମଦ ବିକ୍ରି ବଢ଼ିବା ଯୋଗୁଁ ଅନେକ ସଂସାର ଉଜୁଡ଼ିଯାଉଛି। ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗ୍ରାମରେ ଚୋରା ପାଉଚ ମଦ ସାଙ୍ଗକୁ ବିଦେଶୀ ମଦର ଆସର ଜମୁଥିବାବେଳେ ନିଶା କାରବାର ଉପରେ ଲଗାମ ଲାଗୁନଥିବା ଦେଖିବାକୁ ମିଳୁଛି। ତେଣୁ କଥାରେ ଅଛି ଡେଇଁ ସୋଇଥିବ ଯିଏ ତାକୁ ଉଠେଇବ କିଏ, ଏଭଳି ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହାରାଞ୍ଚଳ ପର୍ଯ୍ୟନ୍ତ, ଉପଖଣ୍ଡର ବିଭିନ୍ନ ଗ୍ରାମରେ ଚୋରା ପାଉଚ ମଦ ଏବେ ଖୋଲମ ଖୋଲା ବିକ୍ରୟ କରାଯାଉଥିବା ବେଳେ ଉପଖଣ୍ଡରେ ୩ଟି ଦେଶୀ ପାଉଚ ମଦର ଲାଇସେନ୍ସ ଦୋକାନ ରହିଛି। ହେଲେ ସେହି ଲାଇସେନ୍ସ ଦୋକାନରୁ ଗାଡ଼ି ସାହାଯ୍ୟରେ ଉପଖଣ୍ଡରେ ପ୍ରତ୍ୟେକ ଗ୍ରାମରେ ଖୁଚୁରା ବେପାରୀ ରଖି ପ୍ରତେକ ଗ୍ରାମକୁ ମଦ ଯୋଗାଇ ଦିଆଯାଉଛି, ଗାଁ ଗାଁରେ ପାଉଚ ମଦ ପିଇ ସାଧାରଣ ଲୋକଙ୍କ କିଡ୍‌ନୀ ଖରାପ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ରୋଗରେ ସାଧାରଣ ଲୋକ ପଡୁଛନ୍ତି। ସେହି ମଦ୍ୟ ପାନ କରି ଗାଁ ଗାଁରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ହେଲେ ବିଭଗୀୟ ଅଧିକାରୀ ମାନେ ସବୁ ଜାଣି ନଜାଣିଲା ପରି ଅଭିନୟ କରୁଥିବା ଦେଖିବାକୁ ମିଳୁଛି। ସ୍ୱଷ୍ଟ ଦିବାଲୋକ ରେ ଗାଁ ଗାଁରେ ମଦ ବଣ୍ଟନ ଗାଡ଼ି ବୁଲୁଥିବା ବେଳେ ଏହା କିପରି ଅଧିକାରୀଙ୍କ ନଜରକୁ ଆସୁନାହିଁ ନାଁ ସବୁଜାଣି ମୋଟା ଅଙ୍କର ହାତଗୁଂଜା ନେଇ ନିରବ ଦର୍ଶକ ସାଜିଛନ୍ତି ଅବକାରୀ ବିଭାଗ, ଏହାକୁ ରୋକିବା ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିଷ୍କ୍ରିୟତା ପାଇଁ ଉପଖଣ୍ଡରେ ନିଶା କାରବାର ଦିନକୁ ଦିନ କମିବା ପରିବର୍ତ୍ତେ ବଢିଚାଲିଛି। ନାମକୁ ମାତ୍ର ବିଭାଗ ଦ୍ୱାରା ଚଢ଼ାଉ କରାଯାଉଥିବା ଦେଖିବାକୁ ମିଳୁଛି। ଚଢ଼ାଉ ବେଳେ ବହୁ ମାତ୍ରାରେ ମଦ ଜବତ କରାଯାଉଥିବା ବେଳେ ତାହାକୁ ପରବର୍ତୀ ସମୟରେ ଖୁବ୍ କମ ଧରାପଡ଼ିଥିବା ଦର୍ଶା ଯାଇ କେଶକୁ କୋହଳ କରାଯାଉଛି ଯାହାକି ନିଶା କାରବାର କରୁଥିବା ଚୋରା ବେପାରୀ ମାନଙ୍କର ଭୟ ରହୁନଥିବା ଦେଖିବାକୁ ମିଳୁଛି ।ସାଧାରଣ ଲୋକଟିଏ ଯଦି ଏ ବିଷୟରେ କାର୍ଯ୍ୟଳୟରେ ଅଭିଯୋଗ କରିବା ପାଇଁ ଯାଉଛି ତାହେଲେ କାର୍ଯ୍ୟାଳୟ ଗେଟରେ ଅଧିକାଂଶ ସମୟ ତାଲା ପଡୁଥିବାରୁ କାର୍ଯ୍ୟଳୟରେ ଅଧିକାରୀଙ୍କ ସହିତ ଦେଖା ହେବା କଷ୍ଟକର ଘଟଣା ପାଲଟି ଯାଉଛି। ଯାହାକି ହିନ୍ଦୋଳ ଉପଖଣ୍ଡ ଚୋରା ମଦ ବେପାରୀଙ୍କ ଭୁସର୍ଗ ପାଲଟି ଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି।

ଅନ୍ତଃରାଜ୍ୟ କୁସ୍ତି ପ୍ରତିଯୋଗିତାରେ ୩ ବାଳିକା

ଢେଙ୍କାନାଳ,୨୭।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଜିଲ୍ଲାର ୩ ଜଣ ଝିଅ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଯାଉଥିବା ଅନ୍ତଃ ବିଦ୍ୟାଳୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଭାଗନେବେ। ଏହି ପ୍ରତିଯୋଗିତା ଚଳିତ ମାସ ୩୧ ତାରିଖ ରୁ ୫ ତାରିଖ ପର୍ଯ୍ୟନ୍ତ ହେବ । ନୂଆଦିଲ୍ଲୀରେ ଭାଗ ନେବା ପାଇଁ ଉଦୟ ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ନାଠୁଆର ୩ ଜଣ ଛାତ୍ରୀ ଯଥା ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ବୈଷ୍ଣବୀ ନାୟକ ୩୩ କିଲୋ ବର୍ଗ ଓ ସୁସ୍ମିତା ପୃଷ୍ଟି ୩୯ କିଲୋ ବର୍ଗରେ ବୟସ ସୀମା ୧୭ ବର୍ଷ ରୁ କମ ବାଳିକା ବିଭାଗରେ ସାଇ ପ୍ରିୟା ନାୟକ ୪୦ କିଲୋ ବର୍ଗରେ ରାଜ୍ୟ ପାଇଁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବା ପାଇଁ ଆଜି ଗସ୍ତ କରିଛନ୍ତି । ରାଜ୍ୟ ବିଦ୍ୟାଳୟ ସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗୋଲ୍ଡ ମେଡାଲ ପାଇ ୩ ଜଣ କୁସ୍ତି ଖେଳାଳୀ ଜାତୀୟସ୍ତରକୁ ମନୋନୀତ ହେଇଛନ୍ତି । ଏହି ଖେଳାଳିଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁ, କୁସ୍ତି ଗୁରୁ ଆର୍ଯ୍ୟ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଓପନ ଜୁନିଅର ଓ ଦଙ୍ଗଲ କୁସ୍ତି ପାଇଁ ଢେଙ୍କାନାଳ ଜିଲ୍ଲାରୁ ବାଳକ ଓ ବାଳିକା ୧୯ ଜଣିଆ ଦଳ ଆଜି ସମ୍ବଲପୁର ଗସ୍ତ କରିଛନ୍ତି । କୋଚ୍ ଆର୍ଯ୍ୟ ପଟ୍ଟନାୟକ ଟିମକୁ ନେଇ ଯାତ୍ରା କରିଛନ୍ତି।

ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

ଢେଙ୍କାନା.୨୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍ ବିଡୋ ପଂଚାୟତ ଅନ୍ତର୍ଗତ ଉପରପାଳ ଠାରେ ବିଶ୍ୱ ଯୁବ କେନ୍ଦ୍ର,ଜଷ୍ଟ ରାଇଟ ଫର୍ ଚିଲ୍ଡ୍ରେନ୍ ପ୍ରକଳ୍ପ ତରଫରୁ ଗ୍ରାମ ସ୍ତରୀୟ ଶିଶୁ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ଉକ୍ତ ବୈଠକରେ ଅଙ୍ଗୱାର୍ଡ କର୍ମୀ ଆଶା, ସ୍ୱୟଂ ସହାୟକ ଗୋଷ୍ଠୀ,ଏବଂ କମିଟି ର ସଦସ୍ୟ,ସଦସ୍ୟା ଉପସ୍ଥିତ ଥିଲେ। କର୍ଯ୍ୟକ୍ରମରେବିଶ୍ୱ ଯୁବ କେନ୍ଦ୍ରରପ୍ରକଳ୍ପ ସହୟିକା କୁମୁଦିନୀ ସ୍ୱାଇଁ ସ୍ୱାଗତ କରିଥିବା ବେଳେ ମନସ୍ମିତା ନାୟକ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ବିଷୟରେ ସଚେତନତା, ବାଲ୍ୟ ବିବାହ ପାଇଁ ଝିଅ ଉପରେ ପଡୁଥିବା ଶାରୀରିକ, ମାନସିକ, ତଥା ଆର୍ଠଥକ ଚାପ ଶିକ୍ଷା ତଥା ଆତ୍ମ ନିର୍ଭରଶୀଳତା ଅଭାବ ସାମାଜିକ କୁପରିଣାମ ବାଲ୍ୟ ବିବାହ କ୍ଷେତ୍ରରେ ଆୟୋଜିନକରିଥିଲେ ।ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି, ବିଭିନ୍ନ ସହଯୋଗୀଙ୍କୁ ଦଣ୍ଡ ବିଧାନ ନିରାକରଣ ଉପରେ ଆଲୋଚନା କରିଥିଲେ। ଏହା ବ୍ୟତୀତ ବାଲ୍ୟ ବିବାହ ରୋକିବା ସହ ଶିଶୁ ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ନାମ ଲେଖାଇବା ଓ ସଚେତନତା ଅଭିଯାନରେ ଆୟୋଜନ କରାଯାଇଛି। ବିଦ୍ୟାଳୟରୁ ବାହାରେ ଥିବା ଶିଶୁ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ନାମଲେଖା ଓ ନିୟମିତ ଉପସ୍ଥାନ ନିଶ୍ଚିନ୍ତ କରିବା ପାଇଁ ବିଶ୍ୱ ଯୁବ କେନ୍ଦ୍ର, ଶିକ୍ଷକ ଓ ଅଭିଭାବକଙ୍କ ସହିଯୋଗ ନିଆଯାଉଛ ।ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁ ମାନଙ୍କ ଉପରେ ହେଉଥିବା ଯୌନ ନର୍ଯାତନା ଉପରେ ଆଲୋଚନା କରାଯାଇଥିଲା।

ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ଅଭିଯାନ

ଢେଙ୍କାନାଳ,୨୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅକୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଉପସଭାପତି ଡ. ଯତିନ୍ ମହାନ୍ତି, ଜିଲ୍ଲା ସଂଗଠନ ପ୍ରଭାରୀ ସ୍ମୃତି ପଟ୍ଟନାୟକ ଏହି କର୍ମଶାଳାରେ ଯୋଗଦେଇ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡିକର ବିଶ୍ୱସନିୟତା, ସାମ୍ବିଧାନ ମୂଲ୍ୟବୋଧ, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ମତଦାତା ତାଲିକା ପ୍ରସ୍ତୁତିର ସମର୍ଥନରେ ସଚେତନତା ଜାଗ୍ରତ କରିବା ପାଇଁ ଦଳର କାର୍ଯ୍ୟକର୍ତ୍ତାମାନେ ତୃଣମୂଳ ସ୍ତରରେ ରାଷ୍ଟ୍ରର ସଫଳତା ଓ ବିକାଶ ଯାତ୍ରାକୁ ପ୍ରମୁଖତାର ସହ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନା କରିବା ଓ ଜନକଲ୍ୟାଣ କ୍ଷେତ୍ରରେ ଭାରତର ସଫଳତାକୁ ରେଖାଙ୍କିତ କରାଇବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା। କର୍ମଶାଳାରେ ଜିଲ୍ଲା ଉପସଭାପତି ନିରୋଦ କୁମାର ସାହୁ, ସହଦେବ ପୃଷ୍ଟି, ଜିଲ୍ଲା ସଂପାଦକ ଅଞ୍ଜନ ପାଣି, ପ୍ରଣତି ସାହୁ, ପ୍ରଶାନ୍ତ ପ୍ରଧାନ, ଯୁବମୋର୍ଚ୍ଚା ସଭାପତି ସଂଜିବ କୁମାର ପଣ୍ଡା, ସଂଖ୍ୟାଲଘୁ ମୋର୍ଚ୍ଚା ଶେକ୍ ସର୍ଫରାଜ, ନଗରମଣ୍ଡଳ ସଭାପତି ବିକାଶ ସାହୁ, ପ୍ରମୁଖ ଅଂଶଗ୍ରହଣ କରିଥିଲେ ।ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ।

ଭତ୍ତାରୁ ବଞ୍ଚିତ ବୃଦ୍ଧବୃଦ୍ଧା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଖଜୁରିଆକଟା ୨୭ ।୧୦(ସମିସ):

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାବନ୍ଧ ପଞ୍ଚାୟତ ଅନ୍ତର୍ଗତ ବାବନ୍ଧ ଗ୍ରାମର ଚାରି ଜଣ ବୃଦ୍ଧ ବୃଦ୍ଧା ହିନ୍ଦୋଳ ବ୍ଲକରେ ଆୟୋଜିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଶହ ମୌଖିକ ଭାବେ ଭତ୍ତା ସଂକ୍ରାନ୍ତୀୟ ସମସ୍ୟା ଭୋଗୁଥିବାର ଜଣାଇ ଥିଲେ। ତନ୍ମଧ୍ୟରୁ ସୁଦାମ ସାହୁ (୮୪) ନାମକ ବୃଦ୍ଧ ବ୍ୟକ୍ତି ୮ ମାସ ଧରି ଭତ୍ତାରୁ ବଞ୍ଚିତ ରହିଥିବାରୁ ମାଗି ଯାଚି ଚଳୁଥିବାର ଅଭିଯୋଗ ରଖି ଥିଲେ। ସେହିଭଳି ଦୁହିତା ସାହୁ ନାମ୍ନୀ ବୃଦ୍ଧା ତାଙ୍କ ପରିବାରର କେହି ନଥିବା ଅଭିଯୋଗ କରି ବଳ ବୟସ ଥିବା ବେଳେ କାମ ମୂଲ ଚାଲ କରି ଚଳୁଥିଲେ ଏବେ ବୟସାଧିକ ଯୋଗୁଁ କାମ କରି ନପାରି ଭୋକ ଉପାସରେ ଦିନ କାଟୁ ଥିବା କହି ଥିଲେ। ଭତ୍ତା ପଇସାକୁ ଭରସା କରି ଚଳୁଥିଲେ ତେବେ ୬ ମାସରୁ ଉର୍ଦ୍ଧ ହେବ ଆଉ ମିଳୁ ନଥିବାରୁ ଦୁଃଖ କଷ୍ଟରେ ବଞ୍ଚା ଥିବାର ଜିଲ୍ଲାପାଳଙ୍କୁ କହି ଥିଲେ। ଗ୍ରାମର ଅଭିଯୋଗକାରିଣୀ ଅନ୍ୟ ଦୁଇ ବୃଦ୍ଧା ମାଳତୀ ସାହୁ ଓ ଛୋଟି ସାହୁ ବୟସର ଅପରାହ୍ନରେ ଉପନୀତ ହୋଇବି ସରାକରଙ୍କ ପ୍ରାପ୍ୟ ଭତ୍ତା ଅର୍ଥରୁ ଦୀର୍ଘ ମାସ ଧରି ବଞ୍ଚିତ ରହିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ବୃଦ୍ଧ ବୃଦ୍ଧାଙ୍କ ଅଭିଯୋଗ ଶୁଣି ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏ ସଂକ୍ରାନ୍ତୀୟ ସମସ୍ୟା ସମାଧାନ ପାଇଁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିକଟକୁ ଅଭିଯୋଗ ଫର୍ଦ୍ଦ ଦସ୍ତଖତ ସହ ପଠାଇ ଦେଇଛନ୍ତି। ଏ ସମ୍ପର୍କିତ ସମସ୍ୟା ସମ୍ପର୍କରେ ଅଭିଯୋଗ କରିବାକୁ ଆସି ଥିବା ଚାରି ବୃଦ୍ଧ ବୃଦ୍ଧାଙ୍କୁ ପଚାରିବାରେ ସେମାନେ ବିଡିଓ ଓ ଜିଲ୍ଲାପାଳଙ୍କୁ ଜଣାଇ ଥିଲେ ମଧ୍ୟ ସମସ୍ୟା କେବଳ କାଗଜ କଲମରେ ରହି ଯାଉଥିବାର ଅସନ୍ତୋଷ ବ୍ୟକ୍ତ କରିଥିଲେ।

ସକାଳ
THE SAKALA

ପ୍ରଶାସନିକ ନିଷ୍କ୍ରିୟତା
ସମସ୍ୟା ଘେରରେ ଛନ୍ଦି ହୋଇପଡିଛି ଅଣ୍ଟରା ପଞ୍ଚାୟତ

ପଟ୍ଟାମୁଣ୍ଡାଇ,୨୭।୧୦(ସମିସ): ଏକଦା ଶ୍ରେଷ୍ଠ ପଞ୍ଚାୟତ ଭାବେ ପୁରସ୍କୃତ ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଟରା ପଞ୍ଚାୟତ ଏବେ ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ ସମସ୍ୟାରେ ଛନ୍ଦି ହୋଇପଡ଼ିଛି। ଏହି ପଞ୍ଚାୟତର ପ୍ରତିନିଧିତ୍ୱ କରି ପୂର୍ବତନ ସରପଞ୍ଚ ସ୍ୱର୍ଗତ ଗଣେଶ ଚନ୍ଦ୍ର ମହାନ୍ତି ଓ ବର୍ଷିଆନ ନେତା ବସନ୍ତ କୁମାର ମଲ୍ଲିକ ପଞ୍ଚାୟତର ଗୌରବ ଓ ଗରିମା ବୃଦ୍ଧି କରିବା ସହିତ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରି ବହୁ ସରକାରୀ ଅଫିସ ଦପ୍ତର ପ୍ରତିଷ୍ଠା କରିଥିଲେ। ରାଜ୍ୟ ସରକାରଙ୍କ ପ୍ରତି ୫ ବର୍ଷରେ ପଞ୍ଚାୟତ ସଂରକ୍ଷଣ କରିବା ଫଳରେ ଧୋୟାଞ୍ଚଳର ଅନ୍ୟାନ୍ୟ ପଞ୍ଚାୟତ ଭଳି ମର୍ଯ୍ୟାଦା ସମ୍ପନ୍ନ ଅଣ୍ଟରା ପଞ୍ଚାୟତରେ ବସ୍ତୁତଃ ବଳିଷ୍ଠ ନେତୃତ୍ୱ ସଙ୍କଟ ଦେଖାଦେଇଛି। ସମ୍ପ୍ରତି ଉକ୍ତ ପଞ୍ଚାୟତ ର ଉଭୟ ସରପଞ୍ଚ ଓ ସମିତି ସଭ୍ୟ ପଦରେ ଅନୁସୂଚିତ ଜାତିର ମହିଳା ନିର୍ବାଚିତ ହୋଇଛନ୍ତି। ଏମାନଙ୍କ କାର୍ଯ୍ୟକାଳ ଶେଷ ହେବାକୁ ବସିଥିବାବେଳେ ଉପଯୁକ୍ତ ସମନ୍ୱୟ ଅଭାବରୁ ଅଣ୍ଟରା ପଞ୍ଚାୟତକୁ ବିଭିନ୍ନ ସମୟରେ ସରକାରୀ ସହାୟତା ମିଳିବାରେ ଅବହେଳା କରାଯାଉଛି। ସମୟେ ସମୟେ ବିଳମ୍ବ ଘଟୁଛି। ସରପଞ୍ଚ ସ୍ୱାମୀଙ୍କ ଅସୁସ୍ଥତା ଯୋଗୁଁ ନିଜେ ନିୟମିତ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିପାରୁନାହାନ୍ତି। ଗତ ବନ୍ୟା ସମୟରୁ ପଞ୍ଚାୟତ ସମସ୍ୟା ବଢ଼ିଚାଲିଛି। ରିଲିଫ ବଣ୍ଟନ ସହିତ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଠିକଣା ସମୟରେ ଦିଆଯାଇପାରି ନ ଥିବା ଦେଖାଯାଇଛି। ଅଣ୍ଟରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ଜେନା ଏହି ପଞ୍ଚାୟତ ସହିତ ଅନ୍ୟ ପଞ୍ଚାୟତ ଦାୟିତ୍ୱରେ ଥିବାରୁ ନିୟମିତ ଅଣ୍ଟରା ପଞ୍ଚାୟତ କାର୍ଯ୍ୟାଳୟକୁ ସମ୍ଭବ ହେଉନାହିଁ। ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ସହିତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ଠିକଣା ସମୟରେ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଅଣ୍ଟରା ପଞ୍ଚାୟତ ୧୫ଟି ୱାର୍ଡକୁ ନେଇ ଗଠିତ ଜନସଂଖ୍ୟା ଦୃଷ୍ଟିରୁ ପଟ୍ଟାମୁଣ୍ଡାଇ ବ୍ଲକର ଅନ୍ୟତମ ବଡ଼ ପଞ୍ଚାୟତ। ଏହି ପଞ୍ଚାୟତର ୬ନଂ ୱାର୍ଡ ବ୍ରାହ୍ମଣସାହି ଓ ଗିରିସାହି ରାସ୍ତାରେ ଥିବା କଲଭର୍ଟ ୨୦୨୫ ବନ୍ୟାରେ ଭୁଶୁଡି ଥିବାବେଳେ ଅଦ୍ୟାବଧି ନିର୍ମାଣ ହୋଇନାହିଁ। ଫଳରେ ଚଳିତ ବର୍ଷ ବନ୍ୟା ପରେ ବନ୍ୟା ଆସିବା ଯୋଗୁଁ ଏହି ୱାର୍ଡର ଲୋକେ ଦୀର୍ଘ ୨ ମାସ ଧରି ଯାତାୟାତ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧା ଭୋଗ କରିଥିଲେ। ଏହାଛଡ଼ା ଚଳିତ ବନ୍ୟାରେ ପୂର୍ତ୍ତ ବିଭାଗ ସଡ଼କଠାରୁ ଗାଁ ଭିତର ରାସ୍ତା ଗୋବିନ୍ଦ ମଲିକଙ୍କ ଘର ନିକଟରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ଗତ ୩ ଦିନ ତଳେ ଏହି ରାସ୍ତାରେ ଏକ ୪ଚକିଆ ଯାନ ଫସିଯିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଯାତାୟାତ ପ୍ରାୟତଃ ବନ୍ଦ ହୋଇଯାଇଥିଲା। ଏପରିକି ଆମ୍ବୁଲାନ୍ସ, ସାଧାରଣ ବଣ୍ଟନ ବ୍ୟବସ୍ଥାର ଚାଉଳ ଗାଡ଼ି, ସ୍କୁଲ ଗାଡ଼ି ବନ୍ଦ ରହିଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଏହି ରାସ୍ତାର ସାମୟିକ ମରାମତି କରିବାର ପୂର୍ଣ୍ଣ କ୍ଷମତା ରହିଛି। ଏହି ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟ କରିବା ପାଇଁ ବିଭିନ୍ନ ଫଣ୍ଡ ରହିଛି। ପଟ୍ଟାମୁଣ୍ଡାଇ ବିଡିଓଙ୍କ ଅନୁମତି ନେଇ ଅତ୍ୟାବଶ୍ୟକ ରାସ୍ତା ମରାମତି କରାଯାଇପାରିବ। ମାତ୍ର ତାହା କରାଯାଉନାହିଁ। ମୋଟାମୋଟି ଭାବେ ଅଣ୍ଟରା ପଞ୍ଚାୟତର ବିକାଶ ଠପ ହୋଇଯାଇଛି। ଏହି ପଞ୍ଚାୟତର ଏଭଳି ସ୍ଥିତି ଯୋଗୁଁ ଲୋକମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅବିଳମ୍ବେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ କରିବାକୁ ଦାବି

ଜଗତସିଂହପୁର,୨୭।୧୦(ସମିସ): ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୁଡ଼ିକ ବିଭିନ୍ନ କାରଣରୁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହାକୁ ଦୃଷ୍ଟିରେ ରଖି ଆଶୀର୍ବାଦ ସେବା ସଂଗଠନର ପକ୍ଷରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ କାର୍ଯ୍ୟକ୍ଷମ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଜଗତସିଂହପୁର ଜିଲ୍ଲାର ଅନେକ ପଞ୍ଚାୟତରେ ନିର୍ମାଣ ସରିଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୁଡ଼ିକ ଦୀର୍ଘ ଦିନ ଧରି ବନ୍ଦ ପଡିଛି। ଆଶୀର୍ବାଦ ସଂଗଠନର ସଭାପତି ଜଗନ୍ନାଥ ବେହେରା ଏବଂ ଅନ୍ୟ କର୍ମକର୍ତ୍ତା ମାନେ ଦାବି ପତ୍ରରେ ଦର୍ଶାଇଛନ୍ତି ଯେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି। ମାତ୍ର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ହେଁ ଏଠାରେ ସିଏଚଓ ଏବଂ ଆବଶ୍ୟକୀୟ ସ୍ୱାସ୍ଥ୍ୟ କର୍ମ ଚାରୀ ପଦବୀ ଖାଲି ପଡ଼ିଥିବାରୁ ଏଗୁଡ଼ିକ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ସ୍ଥାନୀୟ ସାଧାରଣ ଜନତା ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇପାରୁ ବଞ୍ଚିତ ହୋଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ସମ୍ବେଦନଶୀଳ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ଦେବା ସହ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ବିହିତ ପଦ କ୍ଷେପ ନେବାକୁ ସଂଗଠନ ପକ୍ଷରୁ ଦାବି କରା ଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଗଠନର ସଭାପତି ଶ୍ରୀ ବେହେରା ସମେତ ସଦସ୍ୟ ସରୋଜ ସ୍ୱାଇଁ, ଦୈତାରୀ ଭୋଇ, ତୁଷାର ଦାସ, ଧରଣୀଧର ଦାସ, ସନ୍ତୋଷ କରଣ ପ୍ରମୁଖ ଉପସ୍ଥିତ ଥିଲେ।

- ପୂର୍ତ୍ତ ବିଭାଗ ରାସ୍ତାରେ ଉଡୁଛି ଡଷ୍ଟଗୁଣ୍ଡ

ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ଲୋକେ

ରାଜନଗର,୨୭।୧୦(ସମିସ): ରାଜନଗର ବ୍ଲକର ମଦନପୁରଠାରୁ ଗୋପାଳପୁର ଭାୟା କେରଡାଗଡ଼ ପୂର୍ତ୍ତ ବିଭାଗ ରାସ୍ତା। ଏହି ରାସ୍ତା ଦେଇ ସାନବଡଗୋପାଳପୁର, ବାଲିସାହିପାଟଣା, କେରଡାଗଡ, ରାଜପୁର, ବେଲପାଳ, ଓସ୍ତିଆ ପଞ୍ଚାୟତର ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ଯାତାୟାତ କରିଥା'ନ୍ତି। ଏହି ରାସ୍ତାର ୯ କିଲୋମିଟର ୬୨୬ ମିଟର ରାସ୍ତା ପାଇଁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ପୁନଃନିର୍ମାଣ କାମ ଆରମ୍ଭ ହୋଇଛି। ଗୋଲପୁରଠାରୁ ବାଲିସାହିପାଟଣା ଗାଁ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତାରୁ ପିଚୁକୁ

କାଢି ସମତୁଲ କରାଯାଇଛି। ରାସ୍ତା ଉପରେ ନାମକୁ ମାତ୍ର ଡଷ୍ଟଗୁଣ୍ଡ ଛିଞ୍ଚାଯାଇଛି। ରାସ୍ତାରେ ପଡିଥିବା ଡଷ୍ଟଗୁଣ୍ଡ ଉଡ଼ିଯାଇ ପୁନର୍ବାର ଖାଲଖମା ସୃଷ୍ଟି ହୋଇଛି। ବସ ଓ ଟ୍ରକ ତ ଦୂରର କଥା, ସାମାନ୍ୟ ବାଇକ୍ ଗଲେ ଧୂଳି ଉଡ଼ି ଧୂମାଳିଆ ପରିବେଶ ସୃଷ୍ଟି ହେଉଛି। ଫଳରେ ଲୋକମାନେ ଧୂଳିରେ ଅକଥନୀୟ ଯନ୍ତ୍ରଣା ଭୋଗୁଥିବାବେଳେ ବିଭାଗୀୟ ଯନ୍ତ୍ରୀ ଚୁପ ରହିଥିବା ଅଭିଯୋଗ ହେଉଛି। ଏ ନେଇ କେନ୍ଦ୍ରାପଡା ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର ପ୍ରଦାନ

ବାଲିକୁଦା,୨୭।୧୦(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ବାହାରଣା ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ସେବା ଅନୁଷ୍ଠାନ ମା' ଅଲେଇ ସେବା ଫାଉଣ୍ଡେସନ ପକ୍ଷରୁ ବରିଷ୍ଠ ନାଗରିକ, ବିଧବା ଓ ଦିବ୍ୟାଙ୍ଗମାନଙ୍କୁ ଶୀତକାଳୀନ ବସ୍ତ୍ର (ଶାଲ) ଉପହାର ସ୍ୱରୂପ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଗନ୍ଧର୍ବ ଚରଣ ସାଉ , କୈଳାସ ଚନ୍ଦ୍ର ବିଶ୍ୱାଳ, ସମାଜସେବୀ ସମରେନ୍ଦ୍ର ମହାପାତ୍ର, ସୋମନାଥ ସାହାଣୀ, ରାମାକାନ୍ତ ବାରିକ, ଯୋଗେନ୍ଦ୍ର ସାହୁ ଓ ରମେଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବାରେ ଅନୁଷ୍ଠାନର ସଭାପତି ଅଞ୍ଜନ କୁମାର ପରିଡ଼ା, ସମ୍ପାଦକ ଉମେଶ ଚନ୍ଦ୍ର ଗୋଚ୍ଛାୟତ, ନିମାଇଁ ଚରଣ ତରାଇ, ଅଶୋକ କୁମାର ରାଉତ, ଜାମେଶ ଚନ୍ଦ୍ର ଗୋଚ୍ଛାୟତ, ମୋନାଲିସା ରାଉତ, ଲକ୍ଷ୍ମୀରାଣୀ ସେଠୀ, ସୁଧାଂଶୁବାଳା ସାହୁ, ଦେବେନ୍ଦ୍ର ରାଉତ, ରାଜେନ୍ଦ୍ର ପାଣି, ଧୀରେନ୍ଦ୍ର ନାଥ ସାହୁ, ଜିତେନ୍ଦ୍ର ମହାନ୍ତି, ନିରଞ୍ଜନ ମହାରଣା, ତପନ କୁମାର ମହାନ୍ତି, ପ୍ରଭୁ ପ୍ରସାଦ ବିଶ୍ୱାଳ, ରାଜକିଶୋର ରାଉତଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦର ଲୋକକଳା ମହୋତ୍ସବ

ତିର୍ତ୍ତୋଲ,୨୭।୧୦(ସମିସ): ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦର ଅଷ୍ଟମ ବାର୍ଷିକ ଲୋକ କଳା ମହୋତ୍ସବ ତିର୍ତ୍ତୋଲ କୁମାରୋତ୍ସବ ସମିତି ବାର୍ଷିକୋତ୍ସବ ମଞ୍ଚରେ ଆଜି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅକ୍ଷୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବକୁ ବିଶ୍ୱ କଲ୍ୟାଣ ବ୍ରାହ୍ମଣ ପରିଷଦ ଚାରିଟେବୁଲ୍ ଟ୍ରଷ୍ଟ ସଭାପତି ବଲ୍ଲଭ ପାଣି ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଓପିଜିସିର ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁ, ମୁଖ୍ୟବକ୍ତା ବିଜୁ ପଟ୍ଟନାୟକ ଫିଲ୍ମ ଓ ଇନଷ୍ଟିଚ୍ୟୁଟ ଭୁବନେଶ୍ୱରର ଅଧ୍ୟକ୍ଷ ଡ. ହିମାଂଶୁ ଖଟୁଆ, ସମ୍ମାନିତ ଅତିଥି ପ୍ରଫେସର ଶୁଭେନ୍ଦୁ ମହାନ୍ତି, ଉତ୍କଳ ପରିବର୍ତ୍ତନ ଫାଉଣ୍ଡେସନ ଭୁବନେଶ୍ୱରର ଅଧ୍ୟକ୍ଷା ସୋନୁ ମଲ୍ଲିକ, ରେଡକ୍ରସ ଆଲୁମନି ଆସୋସିଏସନ୍ ଓଡ଼ିଶାର ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି, ସାହିତ୍ୟକ ଇଂ. ପାର୍ଥ ସାରଥୀ ପାଣିଗ୍ରାହୀ, ପୂର୍ବତନ ପ୍ରଶାସକ ବ୍ରହ୍ମାନନ୍ଦ ସ୍ୱାଇଁ, ହିନ୍ଦୋଳ ବିକାଶ ମଞ୍ଚ ଆବାହକ ହେମନ୍ତ ଭରଦ୍ୱାଜ, ସାହିତ୍ୟକ ହୋଲୋକ ବିହାରୀ ପଲାଇ, ସମାଜସେବୀ ଡ. ସୁନାକର ବେହେରା, କୁମାର ଉତ୍ସବ ସମିତି ସଭାପତି ବିମଳ ମହାପାତ୍ର, ଅଧ୍ୟାପକ ଅଭୟ ମହାରଣା, ସାହିତ୍ୟକ ଶ୍ୱେତ କୁମାର ଜେନା, ସହ ସମ୍ପାଦିକା ସସ୍ମିତା ପାଣି ପ୍ରମୁଖ ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତି ସାହିତ୍ୟ ଓ କୁମାର ପୂର୍ଣ୍ଣମୀ ଉପରେ ଆଲୋକପାତ କରିଥିଲେ। ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ପ୍ରଶାନ୍ତ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତିଭା ଧର ବ୍ୟକ୍ତି ବିଶେଷ ଓ ନୃତ୍ୟ ଶିଳ୍ପୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ବାର୍ଷିକ ବିଶେଷାଙ୍କ 'ରତ୍ନପର୍ଣ୍ଣା' ଓ ଆଦିବାସୀ ସଂସ୍କୃତି ଉପରେ ଲେଖିକା କବିତା ମୁର୍ମୁଙ୍କ ଦ୍ୱାରା ରଚିତ ପୁସ୍ତକ 'କାପୁରମୁଲୀ' ଉନ୍ମୋଚିତ ହୋଇଥିଲା। କବୟିତ୍ରୀ ସବିତା ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ନିତ୍ୟାନନ୍ଦ ନାୟକ, ନାରାୟଣ ନାୟକ, ବାସବ ନନ୍ଦ, ଅଧ୍ୟାପକ ପବିତ୍ର ନାୟକ, ପ୍ରଶାନ୍ତ ଦାସ, ପ୍ରଭାତ ପରିଜା, ଅଞ୍ଜନା ମହାନ୍ତିଙ୍କ ସମେତ ବହୁ କବି କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି ହେମନ୍ତ କୁମାର ନାୟକ ଧନ୍ୟବାଦ୍ ଦେଇଥିଲେ। ସାଇ ରତ୍ନପର୍ଣ୍ଣା, ପାୟଲ ଓ ଆଶିଷ ପରିଜା ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

ଜୀବନ ବୀମା ଅଭିକର୍ତ୍ତା ସଂଘର ନିର୍ବାଚନ

କୁଜଙ୍ଗ,୨୭।୧୦(ସମିସ): ଭାରତୀୟ ଜୀବନ ବୀମା ନିଗମ ପାରାଦୀପ ଶାଖାର ଅଭିକର୍ତ୍ତା ସଂଘର ନିର୍ବାଚନ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳରେ ଅନୁଷ୍ଠିତ ହୋଇଯାଇଛି। ଅଭିକର୍ତ୍ତା ସଂଘ ନିର୍ବାଚନ ସହ ଏହି ସାଧାରଣ ସଭାରେ କଟକ ମଣ୍ଡଳ ଅଭିକର୍ତ୍ତା ସଂଘର ସଭାପତି ଦେବେନ୍ଦ୍ର କୁମାର ମୁଦୁଲି, ସମ୍ପାଦକ ଜ୍ଞାନେନ୍ଦ୍ର ମିଶ୍ର, ଉପ ସଭାପତି ଜୟନ୍ତ କୁମାର ସାହୁ, ଫେଡେରାଲ୍ ସଭ୍ୟ ନାରାୟଣ ସାହୁ ଓ ପୂର୍ବ ମଧ୍ୟ ଜୋନ୍‌ର ସାଙ୍ଗଠନିକ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାନ୍ତି ତଥା ପାରାଦୀପ ଶାଖାର ପୂର୍ବତନ ସମ୍ପାଦକ ରବୀନ୍ଦ୍ର ନାଥ ନନ୍ଦ, ପାରାଦୀପ ଶାଖା ପରିଚାଳକ ବିଶ୍ୱ ରଞ୍ଜନ କର, ରାହାମା ଶାଖାର ପରିଚାଳକ ସୁରଜ୍ କୁମାର ପାତ୍ର ଯୋଗ ଦେଇଥିଲେ। ଏହି ସଭାକୁ ବରିଷ୍ଠ ଅଭିକର୍ତ୍ତା ଲୋକନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜୀବନ ବୀମା ନିଗମର ଏଜେଣ୍ଟ ମାନେ ସମାଜରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନ, ସେମାନଙ୍କ ମୌଳିକ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ନିର୍ବାଚନ ଅଧିକାରୀ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ପାରାଦୀପ ଶାଖା ତରଫରୁ ଅଭିକର୍ତ୍ତା ସଂଘ ନିର୍ବାଚନ କରାଯାଇଥିଲା। ନୂତନ ଭାବେ ଶ୍ରୀକାନ୍ତ ଲେଙ୍କା ସଭାପତି, ଲୋକନାଥ ସୂତାର ଓ ନିରଞ୍ଜନ ବେହେରା ଦୁଇ ଉପ ସଭାପତି, ରବି ନାରାୟଣ ସାହୁ ସମ୍ପାଦକ, ଶୁଭାଶିଷ ଜେନା ଓ ସଜୟ କୁମାର ଷଡ଼ଙ୍ଗୀ ସହ ସମ୍ପାଦକ, ପ୍ରଦୀପ୍ତ କୁମାର ସାହୁ କୋଷାଧ୍ୟକ୍ଷ, ବିନୋଦ ବିହାରୀ ମହାନ୍ତି ସହ କୋଷାଧ୍ୟକ୍ଷ, ତାପସ କୁମାର ଦାଶ ଓ ପ୍ରଶାନ୍ତ କୁମାର ନାୟକ ସାଂଗଠନିକ ସମ୍ପାଦକ, ଉପଦେଷ୍ଟା ମଣ୍ଡଳୀରେ ଉମାକାନ୍ତ ଦାସ, ନିରଞ୍ଜନ ସାହୁ, ଲୋକନାଥ ସାହୁ, ଆର୍ତ୍ତତ୍ରାଣ ସାହୁ, ରବୀନ୍ଦ୍ର ନାଥ ନନ୍ଦ, ବିକ୍ରମ କିଶୋର ବରାଳଙ୍କୁ ନିର୍ବାଚିତ କରାଗଲା। ଶେଷରେ ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଓ ପରେ ଜାତୀୟ ସଙ୍ଗୀତ ଗାନ ସହ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

ଜନ୍ମଦିନ ପାଳନ ଅବସରରେ ବୃକ୍ଷରୋପଣ

ଜଗତସିଂହପୁର,୨୭।୧୦(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଯାହାନପୁର ଗ୍ରାମରେ ମା' ବୁଢ଼ୀ ତରଡେଇ ମନ୍ଦିର ପରିସରରେ ନିଆରା ଢଙ୍ଗରେ ଜନ୍ମଦିନ ପାଳିତ ହୋଇଯାଇଛି। ମା' ବୁଢ଼ୀ ତରଡେଇ ଚାରିଟେବୁଲ ଟ୍ରଷ୍ଟର ଉପଦେଷ୍ଟା ଓ ବୃନ୍ଦାବନ ପ୍ରଭାବତୀ ୱେଲଫେୟାର ଟ୍ରଷ୍ଟର ଉପଦେଷ୍ଟା ବରଦା ପ୍ରସନ୍ନ ରାମ ତାଙ୍କ ନାତୁଣୀ ପ୍ରକୃତି ପ୍ରାଞ୍ଜଳିନୀ (ଗୁଡୁନା)ର ପଞ୍ଚମ ଏବଂ ଝିଅାରୀ ସ୍ୱସ୍ତି ପ୍ରଜ୍ଞା (ତିତିଲି)ର ନବମ ବାର୍ଷିକ ଜନ୍ମୋତ୍ସବ ନିରାଡମ୍ବର ସହକାରେ ପାଳନ କରାଯିବା ସହ ମା' ବୁଢ଼ୀ ତରଡେଇ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିଛନ୍ତି। ସେହିପରି ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତିରେ ବୃକ୍ଷର ମାହାତ୍ମ୍ୟ, ଶରୀର ଦାନ, ଅଙ୍ଗଦାନ, ରକ୍ତଦାନ, ଯୋଗାଭ୍ୟାସ, ବିପର୍ଯ୍ୟୟ ପରିଚାଳନା, କନ୍ୟା ସନ୍ତାନ ସମୃଦ୍ଧି ଓ ପରିବେଶ ସୁରକ୍ଷା ସଂକ୍ରାନ୍ତିୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମା' ବୁଢ଼ୀ ତରଡେଇ ଚାରି ଟେବୁଲ ଟ୍ରଷ୍ଟର ଉପଦେଷ୍ଟା ବରଦା ପ୍ରସନ୍ନ ରାମଙ୍କ ଦ୍ୱାରା ଆୟୋଜିତ ଏହି ଆଲୋଚନାଚକ୍ରରେ ଶିକ୍ଷାବିତ ଶରତ କୁମାର ବାରିକଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ, ପୂର୍ବତନ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ନନ୍ଦ, ପ୍ରଧାନ ଶିକ୍ଷକ ତଥା ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ତ୍ରିଲୋଚନ ସାହୁ, ଜଗତସିଂହପୁର ମଣ୍ଡଳ ଜୁନିୟର ରେଡକ୍ରସ୍ ସଂଯୋଜକ ଚନ୍ଦନ ବେହେରା, ମା' ବୁଢ଼ୀ ତରଡେଇ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ବୀରବର ଭୋଇ ଯୋଗ ଦେଇଥିଲେ। ଆଲୋଚନା ଚକ୍ରରେ ସୁଭାଷ ଚନ୍ଦ୍ର ଦାସ, କେଦାର ଚନ୍ଦ୍ର ଦାସ, ସମରେନ୍ଦ୍ର ଦାସ, ସରୋଜ କୁମାର ଦାସ, ପ୍ରତାପ କୁମାର ରାମ, ନିରଞ୍ଜନ ଦାସ (ଜଟିଆ ଭାଇ), ପ୍ରମୋଦ କୁମାର ସ୍ୱାଇଁ, ପ୍ରଦିପ୍ତ କୁମାର ଦାସ, ପ୍ରଦିପ୍ତ କୁମାର ତ୍ରିପାଠୀ, ସୁଶାନ୍ତ କୁମାର ଦାସ, ପ୍ରେମାନନ୍ଦ ରାମ, ସହଦେବ ଦାସ, ସୁଧାଂଶୁ ଶେଖର ରାମ, ଅମିତ୍, ବଣ୍ଟି,ସୋନୁ, ବାବୁଲା, ସିପୁନ, କପିଳା, ଭୀମା, ବିପିନ, ଅତି,ମିଲୁ, ବନି ମିଥୁନ, ଚିକୁନ, ପୁପୁନ ପ୍ରମୁଖ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ। ବୃନ୍ଦାବନ ପ୍ରଭାବତୀ ୱେଲଫେୟାର ଟ୍ରଷ୍ଟର ଚେୟାର ପର୍ସନ ବୈଶାଖୀ ପ୍ରିୟଦର୍ଶିନୀ ଏବଂ ସଦସ୍ୟ ସବିତା ବାଳା ନାୟକ, ସୁଜାତା ଦାସ, ଗୀତାଞ୍ଜଳି ଦାସ, ମିତା,ରୀତା, ରିଙ୍କି, ଲୀଜା ପ୍ରମୁଖ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ ଭଜନ ମଣ୍ଡଳୀ, ଜାହାନପୁର ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

କୁଶିଆପାଳରେ ପଞ୍ଚାୟତସ୍ତରୀୟ ଶୁଣାଣି ଶିବିର

ଡେରାବିଶ,୨୭।୧୦(ସମିସ): ଡେରାବିଶ ବ୍ଲକ୍ ଅଧୀନ କୁଶିଆପାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡେରାବିଶ ବିଡିଓ ନମିତା ବାରିକ ଉପସ୍ଥିତ ରହି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଆସିଥିବା ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରେ ମୁଖ୍ୟତଃ ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଯେଉଁ ହିତାଧିକାରୀ ବ୍ୟାଙ୍କ ମାଧ୍ୟମରେ ଭତ୍ତା ପାଉଛନ୍ତି, ସେମାନଙ୍କ ମଧ୍ୟରୁ ଅନେକଙ୍କ ଭତ୍ତା ଆକାଉଣ୍ଟକୁ ସଠିକ୍ ସମୟରେ ଆସୁ ନ ଥିବା ଅଭିଯୋଗ କରିଥିଲେ। ଅନ୍ୟ ଅଭିଯୋଗ ମଧ୍ୟରେ ଆବାସ, ରାସନ କାର୍ଡ ଇତ୍ୟାଦି ଥିଲା। କୁଶିପାଳ ସରପଞ୍ଚ ଦୟାନିଧି ଦାସଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ଏବିଡିଓ ମୃଣ୍ମୟ ରାଉତ, ସମିତିସଭ୍ୟ ସୁବାସ ସାହୁ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଯନ୍ତ୍ରୀ ଏଲିନା ମହାପାତ୍ର, ବିପିଏ ଶିବପ୍ରସାଦ ରାଉତରାୟ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମନସ୍ୱିତା କାହୁ, ଡିଇଓ ତାପସ ଜେନା, ସୌଭାଗ୍ୟ ରାଉତ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଶୁଭଶ୍ରୀ ନାଲି ପ୍ରମୁଖ ଯୋଗ ଦେଇଥିଲେ। ଶିବିରକୁ ଅନୀଲ ସେଠୀ, ୱାର୍ଡସଭ୍ୟ ରାମଚନ୍ଦ୍ର ବାରିକଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ କର୍ମଚାରୀ ପରିଚାଳନା କରିଥିଲେ।

ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ

ଜଗତସିଂହପୁର,୨୭।୧୦(ସମିସ): ଜଗତସିଂହପୁର ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଶପଥ ପାଠ ସଭା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ମାନଙ୍କୁ ସଚ୍ଚୋଟତା ଓ ନିଷ୍ଠା ସହିତ କାର୍ଯ୍ୟ ପାଳନ ନିମନ୍ତେ ଶପଥ ପାଠ କରାଇଥିଲେ।ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଡିଏସପି, ଦୁର୍ନୀତି ନିବାରଣ ବିଭାଗ ଅନୁପମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ଏଥି ସହିତ ଜିଲ୍ଲାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟ, ବ୍ଲକ୍ ଓ ତହସିଲରେ ମଧ୍ୟ ଅଧିକାରୀ ଓ କର୍ମଚାରୀ ମାନେ ସାଧୁତା ର ଶପଥ ପାଠ କରିଥିଲେ। ପ୍ରକାଶ ଥାଉ କି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୧ ତାରିଖ ପର୍ଯ୍ୟନ୍ତ ଚାଲିବ।

ବ୍ରଜସୁନ୍ଦର ଜେନାଙ୍କ ବିୟୋଗରେ ଶୋକସଭା

କେନ୍ଦ୍ରାପଡା ୨୭।୧୦(ସମିସ): ଆଦର୍ଶ ଶିକ୍ଷକ ବ୍ରଜସୁନ୍ଦର ଜେନାଙ୍କ ଆକସ୍ମିକ ବିୟୋଗରେ ଭାବଗ୍ରାହୀ କଳା ନିକେତନ ଓ ରେଡିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଅକ୍ଷୟ ମହାନ୍ତି କକ୍ଷରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବ୍ରଜସୁନ୍ଦରଙ୍କ ସମୁଦି ତଥା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ମୁଖ୍ୟଅତିଥି ଭାବେ ଫୋରଡ ବାୟା ଆଶ୍ରମର ମହନ୍ତ ହୃଷିକେଶ ଦାସମହାରାଜ, ମୁଖ୍ୟବକ୍ତା ଭାବେ ପଣ୍ଡିତ ପଦ୍ମନାଭ ଦାଶ ଓ ସମ୍ମାନିତ ଅତିଥି ଭାବେ ସତୀର୍ଥ ସଭାପତି କବି ଅମର ରାଉତ, ଶିକ୍ଷକ ଅଜୟ ସ୍ୱାଇଁ, ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ନାଟ୍ୟକାର ଭୀମସେନ ପ୍ରଧାନ, ଗାୟକ ସୁରେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ବ୍ରଜସୁନ୍ଦରଙ୍କ ଅମର ଆତ୍ମାର ସଦଗତି କାମନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ହେନାଞ୍ଜଳି ଜେନା, ପାୟଲ ଦାସ, ଅଙ୍କିତା ପରିଡ଼ା, ରତ୍ନମଞ୍ଜରୀ ପରିଡ଼ା ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଓ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ଭଜନ ଓଲଟ ବୃକ୍ଷେ ଖେଳୁଛି ପରିବେଷଣ କରିଥିଲେ। ଗୀତିକାର ବିମଳ ପରିଡ଼ା ଦିବଂଗତ ବ୍ରଜସୁନ୍ଦରଙ୍କୁ ଜଣେ ସରଳ, ଅମାୟିକ, ମିଷ୍ଟଭାଷୀ ଓ ଆଦର୍ଶ ଶିକ୍ଷକ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ସ୍ୱାଇଁ, ଉର୍ମିଳା ସୂତାର, ରେଣୁ ବାରିକ, ଚୈତନ୍ୟ ରାଉତ, ରଶ୍ମିରଞ୍ଜନ ଖୁଣ୍ଟିଆ, ଆଦ୍ୟାଶା ଖୁଣ୍ଟିଆ, ଅର୍ପିତା ଖୁଣ୍ଟିଆ, ସଙ୍ଗୀତା ନାୟକ, ସ୍ୱର୍ଣ୍ଣକାନ୍ତ ପରିଡ଼ା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରବଚକ ବିକ୍ରମ କେଶରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ପାରାଦୀପ ରିଫାଇନରୀରେ ସତର୍କତା ସଚେତନତା ସପ୍ତାହ

ପାରାଦୀପ,୨୭।୧୦(ସମିସ): ଇଣ୍ଡିଆନ ଅଏଲ୍ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ ସତର୍କତା ସଚେତନତା ସପ୍ତାହର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ବସୁ ପିଡିଆରିଆନ୍ସ ଏବଂ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ଯବାନମାନଙ୍କୁ "ନାଗରିକଙ୍କ ପାଇଁ ସତ୍ୟନିଷ୍ଠା ଶପଥ' ପାଠ କରାଯାଇଥିଲା। ଏଥିରେ ସିଆଇଏସଏଫର ମୁଖ୍ୟ ପଦାଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିଚାଳନା, ରକ୍ଷଣାବେକ୍ଷଣ, ଭେଣ୍ଡର୍ ପେମେଣ୍ଟ ଏବଂ ଟେଣ୍ଡର୍ ମୂଲ୍ୟାଙ୍କନ ଭଳି କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀ ସର୍ବୋଚ୍ଚ ସଚ୍ଚୋଟତା ଓ ନୈତିକତାର ମାନଦଣ୍ଡ ପାଳନ କରିବା ଆବଶ୍ୟକ। ଏଥିସହ ସେ ଏକ ନୈତିକତାଭିତ୍ତିକ କାର୍ଯ୍ୟସଂସ୍କୃତିର ପ୍ରସାର ପାଇଁ ଚାଲିଥିବା ଏହି ଅଭିଯାନରେ ସମସ୍ତଙ୍କୁ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ, ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ "ସତର୍କତା ରଥ'ର ଶୁଭାରମ୍ଭ କରିଥିଲେ। ଏହି ରଥ ସମଗ୍ର ସପ୍ତାହ ଧରି ନିକଟବର୍ତ୍ତୀ ଗ୍ରାମ ପଞ୍ଚାୟତଗୁଡ଼ିକରେ ପୋଷ୍ଟର୍, ବ୍ୟାନର୍, ସଚେତନତାମୂଳକ ଜିଙ୍ଗଲ୍ସ ଏବଂ ସତ୍ୟନିଷ୍ଠା ଶପଥ ମାଧ୍ୟମରେ ସଚେତନତା ସୃଷ୍ଟି କରିବ।

ବିରୁପା ନଦୀରୁ ବେଆଇନ ବାଲି ଚାଲାଣ
ବାଲି ଗାଡ଼ି ପାଇଁ ରାସ୍ତା ପାଲଟିଛି ମରଣଯନ୍ତା

ପଞ୍ଚୁପାଣ୍ଡବ,୨୭।୧୦(ସମିସ):

ଡେରାବିଶ ତହସିଲ ଅଧୀନରେ ଥିବା ବିରୂପା ନଦୀ ଘାଟରୁ ବେଆଇନ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା କଥା ମଙ୍ଗଳପୁର ବିରୂପା ନଦୀ ଘାଟରୁ ଦିନରାତି ଶତାଧିକ ହାଇୱାରେ ଏହି ରାସ୍ତା ଦେଇ ଚୋରା ବାଲି ଚାଲାଣ ହେଉଛି। ଛୋଟି ହାଟରୁ ଆରମ୍ଭ ହୋଇ ବେଲାରପୁର ଛକ ପର୍ଯ୍ୟନ୍ତ ରାସ୍ତା ସାରା ବାଲି ପଡ଼ିଥିବା ଦେଖିବାକୁ ମିଳୁଛି। ଦିନରାତି ହାଇୱା ଗାଡ଼ିରେ ଶହଶହ ବାଲିଗାଡି ବିଭିନ୍ନ ରାସ୍ତା ଦେଇ ଯିବାଆସିବା କରୁଥିବାରୁ ରାସ୍ତା ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳୁଛି। କେତେକ

ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାବେଳେ କେତେକ ସ୍ଥାନରେ ରାସ୍ତା ଦବିଯାଇଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଲୋକଙ୍କ ଯାତାୟାତରେ ଅସୁବିଧା ହେଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏମିତିକି ବିଦ୍ୟାଳୟକୁ ଯିବାଆସିବା କରୁଥିବା ଛାତ୍ରଛାତ୍ରୀ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ତହସିଲ ଅଧୀନରେ ଥିବା ବେଆଇନ ବାଲିଘାଟକୁ କିଛି ବାଲି ମାଫିଆ ଓ ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ବାଲିଘାଟ ଚାଲୁଥିବାବେଳେ ନିକଟସ୍ଥ ଥାନା କର୍ମଚାରୀଙ୍କ ଅବହେଳା ଯୋଗୁଁ ଦିନରାତି ବାଲି ଗାଡ଼ି ଚାଲୁଥିବାରୁ ରାସ୍ତାର ଅବସ୍ଥା ମରଣଯନ୍ତା ପାଲଟିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଅଞ୍ଚଳର ଲୋକେ ଅଭିଯୋଗ କଲେ ମଧ୍ୟ ପ୍ରଶାସନିକ ଅଧିକାରୀ ବାଲି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବେଆଇନ ବାଲିଘାଟ ବନ୍ଦ କରିବା ସହ ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ଆଜିର ରାଶିଫଳ

ମେଷ: ଦିନଟି ଚିନ୍ତାଜନକ ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ଅଫିସ୍ କାର୍ଯ୍ୟ ପ୍ରଭାବିତ ହେଲେ ବି ନୂତନ ଦାୟିତ୍ୱ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ନିବେଶ ଲାଗି ଅନୁକୂଳ ସମୟ ।

ବୃଷ: ଦିନଟି ଶୁଭଫଳ ପ୍ରଦାନ କରିବ । ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ପରିବାର ଓ ସାଙ୍ଗସାଥୀଙ୍କ ସହଯୋଗ ମିଳିବ । ଭାବିଚିନ୍ତି କାମ କରିବେ ।

ମିଥୁନ: ଦୂର ସ୍ଥାନକୁ ଯାତ୍ରା କରିବେ । ବ୍ୟବସାୟରେ ନୂଆ ନିବେଶ କରିବେ । ଜମିବାଡ଼ି କାର୍ଯ୍ୟରେ ସମସ୍ୟା ଆସିବ । ପ୍ରେମ ଜୀବନରେ ବାଧା ଆସିପାରେ ।

କର୍କଟ: ଘରେ ମାଙ୍ଗଳିକ କାର୍ଯ୍ୟ କରିବେ । ନୂତନ ଚାକିରି ଯୋଗ ଅଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ପରିବାର ସହିତ ସମୟ ଅତିବାହିତ କରିବେ ।

ସିଂହ: ଦିନଟି ମିଶ୍ରଫଳ ପ୍ରଦାନ କରିବେ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ବିଦେଶ ଭ୍ରମଣର ସୁଯୋଗ ମିଳିବ । ବନ୍ଧୁଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଆଇଟି କ୍ଷେତ୍ରରେ ନୂଆ ସୁଯୋଗ ମିଳିବ ।

କନ୍ୟା: ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ପାରିବାରିକ ସମସ୍ୟା ଦୂର ହେବ । ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ଦୂର ହେବ । ଅଫିସ୍‌ରେ ପଦୋନ୍ନତି ମିଳିବ ।

ତୁଳା: ପୈତୃକ ସମ୍ପତ୍ତିରେ ବିବାଦ ତୁଟିବ । ପ୍ରେମ ଜୀବନରେ ତିକ୍ତତା ଆସିବ । ବ୍ୟବସାୟ ଲାଗି ନୂଆ ଯୋଜନା କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ ।

ବିଛା: କୌଣସି ଖୁସି ଖବର ମିଳିବ । ପରିବାର ସହ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ଭାବିଚିନ୍ତି ନିବେଶ କରିବେ ।

ଧନୁ: ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । କୌଣସି ନୂଆ ବ୍ୟବସାୟ ଆରମ୍ଭ କରିବେ ।

ମକର: ଜମି କିଣାବିକାକୁ ନେଇ ସମସ୍ୟା ଦେଖା ଦେବ । ବନ୍ଧୁ ସମସ୍ୟାରେ ପକାଇ ପାରନ୍ତି । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ ।

କୁମ୍ଭ: ଦିନଟି ଶୁଭଫଳ ପ୍ରଦାନ କରିବ । ପାରିବାରିକ ଜୀବନ ସୁଖମୟ ହେବ । ଆୟର ନୂତନ ମାର୍ଗ ଉନ୍ମୁକ୍ତ ହେବ । ଚାକିରି ପାଇଁ ଦୂର ସ୍ଥାନକୁ ଯାତ୍ରା କରିବେ ।

ମୀନ: ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଚାକିରିରୁ ନେଇ ଚିନ୍ତାରେ ରହିବେ । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ ।

ଆଜିର ଇତିହାସ

- ୧୮୫୧- ବଙ୍ଗଳାରେ ବ୍ରିଟିଶ୍ ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରତିଷ୍ଠା ।
- ୧୮୬୭- ଭଗିନୀ ନିବେଦିତାଙ୍କ ଜନ୍ମ ।
- ୧୮୯୧- ଜାପାନରେ ଆସିଥିବା ଭୂମିକମ୍ପ ଯୋଗୁଁ ୭୩୦୦ ଲୋକଙ୍କ ମୃତ୍ୟୁ ।
- ୧୯୪୦- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଟାଲୀ ଗ୍ରୀସ୍ ଉପରେ ଆକ୍ରମଣ କଲା ।
- ୨୦୦୯ - ପାକିସ୍ତାନର ପେଶୱାର ସହରରେ ହୋଇଥିବା ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୧୭ ଲୋକଙ୍କ ମୃତ ଓ ୨୦୦ରୁ ଅଧିକ ଆହତ ।

୨୦୨୮ ରେ 'ରାମାୟଣ ପାର୍ଟ ୨'!

ନୀତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାମାୟଣ: ରାଇଜ୍ ଅଫ୍ ଏ ଲିଜେଣ୍ଡ'କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି । ଏହାକୁ ଭାରତୀୟ ସିନେମାର ସବୁଠାରୁ ବ୍ୟୟବହୁଳ ଚଳଚ୍ଚିତ୍ର କୁହାଯାଉଛି । ୪୦୦୦ କୋଟି ଟଙ୍କାରେ ନିର୍ମିତ ଏହି ଫିଲ୍ମ ଦୁଇଟି ପାର୍ଟରେ ଆସିବ । ପୂର୍ବ ଯୋଜନା ଅନୁସାରେ, ଏହାର ପ୍ରଥମ ଭାଗ 'ରାମାୟଣ ପାର୍ଟ ୧' ୨୦୨୬ ଦୀପାବଳିରେ ଏବଂ ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ଆସିବାର ଥିଲା । 'ରାମାୟଣ ପାର୍ଟ ୨'ର ରିଲିଜ୍ ତାରିଖକୁ ଆଗକୁ ବଢ଼ାଇ ଦିଆଯାଇପାରେ ବୋଲି ନିକଟରେ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି । 'ରାମାୟଣ ପାର୍ଟ ୧'ର ଟ୍ରେଲରକୁ ନେଇ ଦର୍ଶକଙ୍କଠାରୁ ମିଳିଥିବା ପ୍ରତିକ୍ରିୟା ପରେ ଏବେ ନୀତେଶ ଏହାର ଦ୍ୱିତୀୟ ଭାଗ ପାଇଁ ଅଧିକ ପ୍ରଡକ୍ସନ ସମୟ ନେବାକୁ ଚିନ୍ତା କରୁଛନ୍ତି । ଏହି ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ, ଦ୍ୱିତୀୟ ଭାଗରେ ମୁଖ୍ୟତଃ ଶ୍ରୀରାମ ଏବଂ ରାବଣଙ୍କ ମଧ୍ୟରେ ହେବାକୁ ଥିବା ଯୁଦ୍ଧ ସିନ୍ ରହିଛି, ଯାହାକୁ ବହୁତ ବଡ଼ ସ୍କେଲ୍‌ରେ ସୁଟ୍ କରାଯିବ । ହଲିଉଡ୍ ସ୍ତରର ଭିଜୁଆଲ୍ ଇଫେକ୍ଟସ୍ ପ୍ରସ୍ତୁତ କରିବା ପାଇଁ ଓସ୍କାର ବିଜେତା କମ୍ପାନି ଡିଏନ୍‌ଇଜିକୁ ଅଧିକ ସମୟ ଆବଶ୍ୟକ ହେଉଛି । ଅପରପକ୍ଷରେ ନିର୍ମାତା ଫିଲ୍ମକୁ ଏକଦମ ପରଫେକ୍ଟ କରିବାକୁ ଚାହୁଁଛନ୍ତି, ତେଣୁ ଏହା ଏବେ ଦୀପାବଳି ୨୦୨୮ ରେ ଆସିବାର ସମ୍ଭାବନା ଅଛି । ହେଲେ ଏପର୍ଯ୍ୟନ୍ତ ରିଲିଜ୍ ତାରିଖ ଘୁଞ୍ଚିବା ନେଇ ନିର୍ମାତାଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନାହିଁ । 'ରାମାୟଣ'ରେ ଭଗବାନ ରାମଙ୍କ ଭୂମିକାରେ ରଣବୀର କପୁର, ମାତା ସୀତାଙ୍କ ଭୂମିକାରେ ସାଇ ପଲ୍ଲବୀ ଏବଂ ରାବଣ ଭୂମିକାରେ କେଜିଏଫ୍ ଫେମ୍ ଯଶ ନଜର ଆସିବେ ।

ବାହାଘରରେ ବର-କନିଆ ନୁହେଁ, ଚର୍ଚ୍ଚାରେ କନ୍ୟାପିତା

ସାଧାରଣତଃ ବାହାଘର ମଣ୍ଡପରେ ସମସ୍ତଙ୍କ ନଜର ବର ଓ କନିଆଙ୍କ ଉପରେ ଥାଏ । ହେଲେ ଚୀନ୍‌ର ଗୁଆଙ୍ଗଡୋଙ୍ଗ୍ ପ୍ରଦେଶରେ ଘଟିଥିବା ଏକ ନିଆରା ବାହାଘର ଏବେ ଇଣ୍ଟରନେଟରେ ବେଶ୍ ହଲଚଲ ସୃଷ୍ଟି କରିଛି । ଏଠାରେ ସବୁ ଅତିଥିଙ୍କ ଧ୍ୟାନ ବର-କନିଆଙ୍କୁ ଛାଡ଼ି ୪୧ ବର୍ଷୀୟ କନ୍ୟାପିତାଙ୍କ ଉପରେ ଅଟକି ଯାଇଥିଲା । ନିଜର ୨୧ ବର୍ଷର ଝିଅ ସହିତ ଛିଡ଼ା ହୋଇଥିବା ପିତା ଏତେ ଫିଟ୍ ଏବଂ ଯୁବକ ଦେଖାଯାଉଥିଲେ ଯେ, ଲୋକେ ତାଙ୍କୁ କନିଆଙ୍କ ବଡ଼ ଭାଇ ବୋଲି ଭାବି ଭୁଲ୍ କରିବସିଲେ । ଏହି ବ୍ୟକ୍ତି ଜଣକ ହେଉଛନ୍ତି ଝେଙ୍ଗ । ଝେଙ୍ଗ ମାତ୍ର ୧୯ ବର୍ଷ ବୟସରେ ପିତା ହୋଇଥିଲେ, ଯେଉଁଥିପାଇଁ ତାଙ୍କର ଓ ତାଙ୍କ ଝିଅ ମଧ୍ୟରେ ବୟସର ବ୍ୟବଧାନ ମାତ୍ର ୨୦ ବର୍ଷ । ବାହାଘର ଦିନ ଝେଙ୍ଗ ଯେତେବେଳେ ଝିଅ ସହ ମଣ୍ଡପକୁ ଆସିଲେ, ସେତେବେଳେ ତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏପରିକି ପ୍ରଥମ ସାକ୍ଷାତରେ ତାଙ୍କ ଜ୍ୱାଇଁ ମଧ୍ୟ ତାଙ୍କୁ ଦେଖି ବିଶ୍ୱାସ କରିପାରି ନ ଥିଲେ । ଝେଙ୍ଗଙ୍କ କହିବା ଅନୁସାରେ, "ସେ ଯେତେବେଳେ ବି ଝିଅ ସହ ବାହାରକୁ ଯାଆନ୍ତି, ଲୋକେ ପ୍ରାୟତଃ ସେମାନଙ୍କୁ ଭାଇ-ଭଉଣୀ କିମ୍ବା ପ୍ରେମୀଯୁଗଳ ବୋଲି ଭାବିଥାନ୍ତି ।" ଯେତେବେଳେ ଝେଙ୍ଗଙ୍କୁ ତାଙ୍କର ଏହି ଯୌବନର ରହସ୍ୟ ପଚାରାଗଲା, ସେ କୌଣସି ଦାମୀ ସ୍କିନକେୟାର କିମ୍ବା ଡାଏଟ୍ ବିଷୟରେ କହିନଥିଲେ । ସେ ନିଜର ଦୈନନ୍ଦିନ ଜୀବନର ୩ଟି ସାଧାରଣ ଅଭ୍ୟାସ ବିଷୟରେ କହିଥିଲେ । ଝେଙ୍ଗଙ୍କ ମତରେ ରାଗ ଓ ମାନସିକ ଚାପ ହେଉଛି ସ୍ୱାସ୍ଥ୍ୟର ସବୁଠାରୁ ବଡ଼ ଶତ୍ରୁ । ସେ ସବୁ ପରିସ୍ଥିତିରେ ନିଜକୁ ଶାନ୍ତ ରଖନ୍ତି ଏବଂ କେବେହେଲେ ସହଜରେ ରାଗନ୍ତି ନାହିଁ । ଏହାବାଦ୍ ସେ ଦୈନିକ ପ୍ରାୟ ୧୦ ରୁ ୧୨ ଘଣ୍ଟା ଶୋଇଥାନ୍ତି । ଶରୀରକୁ ସମ୍ପୂର୍ଣ୍ଣ ଆରାମ ଦେବା ଦ୍ୱାରା ତ୍ୱଚାର ଚମକ ବଜାୟ ରହେ ବୋଲି ସେ ବିଶ୍ୱାସ କରନ୍ତି । ଫିଟ୍ ରହିବା ପାଇଁ ଝେଙ୍ଗ ସପ୍ତାହରେ ଅତି କମ୍‌ରେ ୩ ରୁ ୪ ଥର ବ୍ୟାଡମିଣ୍ଟନ ଖେଳିଥାନ୍ତି, ଯାହା ଏକ ପ୍ରକାରର କାର୍ଡିଓ ବ୍ୟାୟାମ । ଝେଙ୍ଗଙ୍କ ଏହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି ।

ନିଆରା ପରମ୍ପରା

ବାଇଗଣ ଅର୍ପଣ କଲେ ଭଲ ହୁଏ ରୋଗ

ଚିକିତ୍ସାକୁ ନେଇ ବିଭିନ୍ନ ସ୍ଥାନରେ ଭିନ୍ନ ପ୍ରଥା, ପରମ୍ପରା ଏବଂ ଉପଚାର ଆଦି ଦେଖିବାକୁ ମିଳିଥାଏ । ଏହି କ୍ରମରେ ମିଥିଳାଞ୍ଚଳ ମଧୁବନୀରେ କାହାରି ଭାତୁଡ଼ି ହୋଇଥିଲେ ମହାଦେବଙ୍କୁ ବାଇଗଣ ଚଢ଼ାଇବାର ପରମ୍ପରା ରହିଛି । ଯାହାକୁ ଲୋକେ ବର୍ଷ ବର୍ଷ ଧରି ପାଳନ କରି ଆସୁଛନ୍ତି । ତେବେ ଏହି ବାଇଗଣ ଭାର ଚଢ଼ାଇବା ପାଇଁ ବାଉଁଶ କିମ୍ବା ତୁଳସୀ କାଠି ନେଇ ଉଭୟ ମୁଣ୍ଡରେ ବାଇଗଣ ଲଗାଯାଏ । ତା'ପରେ, ବାଇଗଣରେ ଭର୍ତ୍ତି ଏହି କାଠକୁ ଉଠାଇ ଶିବ ମନ୍ଦିରରେ ଅର୍ପଣ କରାଯାଏ । ଏହା ଅର୍ପଣ କରିବା ଦ୍ୱାରା ଭାତୁଡ଼ି ରୋଗ ଦୂର ହୁଏ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି । ଏଥିପାଇଁ ପ୍ରଭୁଙ୍କ ପାଖରେ ପ୍ରଥମେ ମନୋସ୍କାମନା କରିବାକୁ ହୋଇଥାଏ । ଲୋକେ ପ୍ରଥମେ ପୂଜାପାଠ କରି ପ୍ରଭୁଙ୍କ ଆଗରେ ମାନସିକ କରିଥାନ୍ତି । ଏହା ପୂର୍ଣ୍ଣ ହେବାପରେ ବାଇଗଣ ଭାର ନେଇ ମହାଦେବଙ୍କୁ ଅର୍ପଣ କରିଥାନ୍ତି । ଏହି ପରମ୍ପରା ଶହ ଶହ ବର୍ଷ ଧରି ପ୍ରଚଳିତ ହୋଇଆସୁଛି । ସ୍ଥାନୀୟ ପୂଜକ ରାଧାକୃଷ୍ଣ ଠାକୁରଙ୍କ କହିବାନୁଯାୟୀ, ଯଦି କାହାରି ଦେହରେ ଭାତୁଡ଼ି ହୁଏ ପ୍ରଥମେ ସେ ମାନସିକ କରନ୍ତି । ମାନସିକ ପୂରଣ ହେବାପରେ ଲୋକେ ମହାଦେବଙ୍କୁ ବାଇଗଣ ଭାର ଅର୍ପଣ କରନ୍ତି ।

ସମ୍ଭାବନା

'ୟୁଟ୍ୟୁବ୍ ଆସ୍କ' ଫିଚର୍

ଏଆଇର ବଢ଼ୁଥିବା ବ୍ୟବହାରକୁ ଦେଖି ୟୁଟ୍ୟୁବ୍ ମଧ୍ୟ ଭିଡିଓ ଦେଖିବା ଏବଂ ତା'ସହିତ ଜଡ଼ିତ ତଥ୍ୟ ଖୋଜିବା ଉପାୟରେ ପରିବର୍ତ୍ତନ ଆଣିଛି । ତେଣୁ ଏହା ଅଲଗା ଏଆଇ ଫିଚର୍ ଉପରେ କାମ କରିବା ଆରମ୍ଭ କରିଛି । ତେବେ ଆସ୍କ ୟୁଟ୍ୟୁବ୍ ଟୁଲ୍ ବ୍ୟବହାରକାରୀଙ୍କ ସାଧାରଣ ସର୍ଚ୍ଚ ସ୍ଥାନରେ କଥାବାର୍ତ୍ତା ଶୈଳୀରେ ପ୍ରଶ୍ନ ପଚାରିବାର ସୁବିଧା ପ୍ରଦାନ କରେ । ଏଥିରେ ଭିଡିଓ ଖୋଜିବା ବେଳେ କେବଳ ଛୋଟ ଛୋଟ କିୱାର୍ଡ ଟାଇପ୍ କରିବା ପରିବର୍ତ୍ତେ ବ୍ୟବହାରକାରୀ ନିଜ ଆବଶ୍ୟକତାକୁ ବିସ୍ତୃତ ଭାବେ କହିପାରିବେ । ସୀମିତ ବ୍ୟବହାରକାରୀଙ୍କ ପାଇଁ ଏବେ ଏହି ଫିଚର୍ ଉପଲବ୍ଧ କରାଯାଇଛି । ଭାରତୀୟ ବ୍ୟବହାରକାରୀଙ୍କ ପାଇଁ ଏହି ଫିଚର୍‌କୁ ନେଇ କୌଣସି ବିଧିବଦ୍ଧ ଘୋଷଣା କରାଯାଇ ନାହିଁ ।

ଆସ୍କ ୟୁଟ୍ୟୁବ୍ ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ସିଧା ପ୍ରଶ୍ନ ପଚାରିପାରିବେ । ଆମେରିକା ବ୍ୟବହାରକାରୀଙ୍କ ପାଇଁ ଏହି ଫିଚର୍ ୱେବ୍, ମୋବାଇଲ, ଟିଭିରେ ଉପଲବ୍ଧ ହୋଇଗଲାଣି । ସେହିପରି ସ୍ମାର୍ଟଟିଭିରେ ବ୍ୟବହାରକାରୀ ରିମୋଟ୍‌ର ମାଇକ୍ରୋଫୋନ୍‌ରେ ପ୍ରଶ୍ନ ପଚାରିପାରିବେ । ତେବେ ୟୁଟ୍ୟୁବ୍‌ର ଯୋଜନା ଅଛି ଏହି ଫିଚର୍‌କୁ ଭିଡିଓର ୱାଚ୍ ପେଜ୍‌ରେ ଅଧିକ ଉପଯୋଗୀ କରିବା । ସେହିପରି ଦର୍ଶକେ ଖୁବ୍ ଶୀଘ୍ର ସର୍ଟସ ଓ ଲାଇଭ୍‌ଷ୍ଟ୍ରିମ ଦେଖିବା ବେଳେ ଏହି ଫିଚର୍ ମାଧ୍ୟମରେ ପ୍ରଶ୍ନ ପଚାରିପାରିବେ ।

ଅଫିସ୍‌ରେ କରନ୍ତୁନି ଏହି ଭୁଲ୍

କ୍ୟାରିୟର ଉନ୍ନତି ଦିଗରେ କାମ ସହିତ ବ୍ୟବହାର, କୌଶଳ, ଅପସ୍କିଲିଂ ଉପରେ ଧ୍ୟାନ ଦେବା ଜରୁରି । ଅନେକ ପ୍ରଫେସନାଲ ନିଜ ଜାଣତ ତଥା ଅଜାଣତରେ ଏମିତି କିଛି ଭୁଲ୍ କରି ବସନ୍ତି, ଯାହାକି ସେମାନଙ୍କ କ୍ୟାରିୟରକୁ ପ୍ରଭାବିତ କରିଥାଏ ।

ଯେତେବେଳେ କୌଣସି ଚାକିରିରେ ଭଲ ଦରମା ମିଳିଥାଏ, କାମ କରିବା ସହଜ ଲାଗେ ଲୋକେ ନିଜ କମଫର୍ଟ ଜୋନ୍‌କୁ ଚାଲିଯାଆନ୍ତି । ଫଳରେ ସେମାନେ ନୂଆ ଟେକ୍ନୋଲୋଜି, ନୂଆ ଟୁଲ୍ ଏବଂ ଇଣ୍ଡଷ୍ଟ୍ରିର ଟ୍ରେଣ୍ଡ ଶିଖିବା ବନ୍ଦ କରି ଦିଅନ୍ତି । ଏଆଇ ଏବଂ ଅଟୋମେସନ ଯୁଗରେ ନିଜକୁ ଅପଗ୍ରେଡ୍ ନ କଲେ ମାର୍କେଟରେ ଏଭଳି କର୍ମଚାରୀ ନିଜର ଚାହିଦା ହରାନ୍ତି । ତେଣୁ କିଛି ନୂଆ ଶିଖିବା ବି ଜରୁରି ।

- କର୍ପୋରେଟ୍ ଜଗତରେ କାମ ହିଁ ନିଜର ପରିଚୟ ଏହା ଯଥେଷ୍ଟ ନୁହେଁ । ଇଣ୍ଡଷ୍ଟ୍ରି ଲୋକଙ୍କ ସହିତ ଯୋଗାଯୋଗରେ ନ ରହିବା, ଲିଙ୍କଡଇନ୍‌ରେ ସକ୍ରିୟ ନ ରହିବା ଏବଂ ନିଜ କାମକୁ ଠିକ୍ ଭାବେ ଉପସ୍ଥାପନ କରିବା ଜାଣି ନ ଥିଲେ ନିଜ ଦକ୍ଷତା ହରାନ୍ତି । ଉତ୍ତମ ନେଟ୍‌ୱାର୍କ ହିଁ ବଡ଼ ସୁଯୋଗ ଦିଏ ।
- ଅଫିସ୍‌ରେ ଗସିପ୍ କରିବା, ମାଲିକ ଓ ସହକର୍ମୀଙ୍କ ନିନ୍ଦା କରିବା, ପ୍ରତ୍ୟେକ କଥାରେ ଅଭିଯୋଗ କରିବା ଦ୍ୱାରା ନିଜ ବ୍ୟକ୍ତିତ୍ୱ ଖରାପ ହୋଇଥାଏ । ତେବେ କମ୍ପାନି ପାଇଁ ସମସ୍ୟା ନ ହୋଇ ସମାଧାନ ପାଲଟିବା ଶିଖନ୍ତୁ ।
- ବରିଷ୍ଠ ଅଧିକାରୀ କିମ୍ବା ସହକର୍ମୀ ଯଦି କାମରୁ କୌଣସି ଭୁଲ୍ ବାହାର କରୁଛନ୍ତି, ତେବେ ଏହାକୁ ନିଜର ବ୍ୟକ୍ତିଗତ ଅପମାନ ଭାବିବା କ୍ୟାରିୟର ପାଇଁ ବିପଦଜନକ । ଯେଉଁମାନେ ଭୁଲ୍‌ରୁ ଶିଖିବା ପରିବର୍ତ୍ତେ ଯୁକ୍ତି କରନ୍ତି, ସେମାନଙ୍କ ପାଇଁ ଉନ୍ନତିର ଦ୍ୱାର ବନ୍ଦ ହୋଇଯାଏ ।
- କ୍ୟାରିୟର କରିବା ନିଶାରେ ପରିବାର, ନିଜ ସ୍ୱାସ୍ଥ୍ୟ ଓ ନିଦକୁ ଭୁଲିଯିବା ଆଦୌ ଠିକ୍ ନୁହେଁ । ଦୀର୍ଘ ସମୟ ଧରି ବିନା ବ୍ରେକ୍‌ରେ କାମ କରିବା ଦ୍ୱାରା ବର୍ଣ୍ଣଆଉଟ୍ ହୋଇଥାଏ । ଫଳରେ କାମ କରିବା କ୍ଷମତା ଓ ବିଚାରଧାରା ବାଧାପ୍ରାପ୍ତ ହୁଏ ।

କ୍ୟାରିୟର ଆର୍ମି ଡାକ୍ତର

ମେଡିକାଲ ଛାତ୍ରଛାତ୍ରୀ ଡାକ୍ତର ହେବା ସହ ଦେଶ ସେବାର ସ୍ୱପ୍ନ ଦେଖନ୍ତି । ଏଭଳି ଯୁବପିଢ଼ିଙ୍କ ପାଇଁ ଭାରତୀୟ ସେନାରେ ଡାକ୍ତର ହେବା ଏକ ବିଶେଷ କ୍ୟାରିୟର ବିକଳ୍ପ ହୋଇପାରେ । ଏଠାରେ ରୋଗୀର ଚିକିତ୍ସା ସହିତ ସେନା ଓ ଅଧିକାରୀଙ୍କୁ ଚିକିତ୍ସା ସେବା ଯୋଗାଇବାର ଅବସର ମିଳିଥାଏ ।

ଭାରତୀୟ ସେନାରେ ଡାକ୍ତର ହେବା ଲାଗି ଯୁକ୍ତ ଦୁଇରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ରଖିବା ଦରକାର । ଏହାପରେ ନିଟ୍-ୟୁଜି ପରୀକ୍ଷା ପାସ୍ କରିବା ଅନିବାର୍ଯ୍ୟ । ସେହିପରି ଭାରତୀୟ ସେନାରେ ଡାକ୍ତର ହେବା ପାଇଁ ପୁଣେ ସ୍ଥିତ ଆର୍ମଡ ଫୋର୍ସେସ୍ ମେଡିକାଲ କଲେଜ (ଏଏଫଏମ୍‌ସି) ହେଉଛି ଏକ ପ୍ରମୁଖ ବିକଳ୍ପ । ଏଏଫ୍‌ଏମ୍‌ସିରେ ଏମବିବିଏସ୍ ପଢ଼ିବା ବେଳେ ବିଦ୍ୟାର୍ଥୀଙ୍କୁ ମେଡିକାଲ ଶିକ୍ଷା ସହିତ ଅନୁଶାସନ ଏବଂ ସେନା ଜୀବନ ସହ ଜଡ଼ିତ ଟ୍ରେନିଂ ଦିଆଯାଏ । ନିଯୁକ୍ତି ପରେ ଡାକ୍ତର ଭାରତୀୟ ସେନା, ନୌସେନା, ବାୟୁସେନା, ହସ୍‌ପିଟାଲ, କମାଣ୍ଡ ହସ୍‌ପିଟାଲ, ଫିଲ୍ଡ ମେଡିକାଲ ୟୁନିଟ୍‌ରେ ସେବା ପ୍ରଦାନ କରିପାରିବେ । ସେମାନଙ୍କ ମୁଖ୍ୟ କାମ ସୈନିକଙ୍କ ଏବଂ ଅନ୍ୟ ଅଧିକୃତ ଲୋକଙ୍କ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ।

ଭାରତୀୟ ସେନାରେ ଡାକ୍ତରଙ୍କୁ ସେମାନଙ୍କ ପଦବି, ର୍‍ୟାଙ୍କ ଏବଂ ଲାଗୁ ବେତନ ନିୟମ ଆଧାରରେ ଦରମା ମିଳିଥାଏ । ଏହାବାଦ୍ ସରକାରୀ ଘର, ଏହା ସହ ଜଡ଼ିତ ଲାଭ, କ୍ୟାଣ୍ଟିନ ସୁବିଧା ଏବଂ ଅନ୍ୟ ସେବା ମିଳିପାରେ । ଆର୍ମି ଡାକ୍ତରଙ୍କ ଅବସର ବୟସ ସେବାର ପ୍ରକାର, ର୍‍ୟାଙ୍କ, ବିଶେଷଜ୍ଞତା, ଲାଗୁ ନିୟମ ଉପରେ ନିର୍ଭର କରେ । ଅବଶ୍ୟ ପେନସନ ଏବଂ ଅନ୍ୟ ସୁବିଧା ସେବାର ସର୍ତ୍ତ ଅନୁସାରେ ନିର୍ଦ୍ଧାରିତ ହୋଇଥାଏ ।

ବିଦ୍ୟାର୍ଥୀ କିଭଳି କରିବେ ସଞ୍ଚୟ

ବିଦ୍ୟାର୍ଥୀ ମଧ୍ୟ ଅର୍ଥ ସଞ୍ଚୟ କରିପାରିବେ । ଏଭଳି କରି ସେମାନେ ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ କରିପାରିବେ । ତେବେ କିଭଳି ସେମାନେ ଅର୍ଥ ସଞ୍ଚୟ କରିବେ, ସେ ସମ୍ପର୍କରେ ଜାଣି ରଖନ୍ତୁ ।

- ବିଦ୍ୟାର୍ଥୀ ନିଜ ମାସିକ ଖର୍ଚ୍ଚକୁ ଲେଖି ରଖନ୍ତୁ ଏବଂ ସଞ୍ଚୟ ପାଇଁ ଏକ ବଜେଟ୍ ପ୍ରସ୍ତୁତ କରନ୍ତୁ ।
- ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଯେଉଁ ଜିନିଷ ପ୍ରକୃତ ପକ୍ଷେ ଆବଶ୍ୟକ, ତାହା ଉପରେ ଖର୍ଚ୍ଚ କରନ୍ତୁ ।
- ନିଜର ଦୁଇଟି ବ୍ୟାଙ୍କ ଆକାଉଣ୍ଟ ରଖନ୍ତୁ । ପ୍ରଥମ ଆକାଉଣ୍ଟରେ ଖର୍ଚ୍ଚ ପାଇଁ ଟଙ୍କା ରଖନ୍ତୁ ଏବଂ ଅନ୍ୟ ଏକ ଆକାଉଣ୍ଟରେ ସଞ୍ଚୟ ପାଇଁ ଅର୍ଥ ରଖନ୍ତୁ ।
- କୌଣସି ଦୋକାନ ତଥା ରେସ୍ତୋରାଁରେ ରିହାତି ମିଳୁଥିଲେ, ତାହାର ଲାଭ ଉଠାନ୍ତୁ । ବାହାରକୁ ଯାଉଥିଲେ ଷ୍ଟୁଡେଣ୍ଟ ଆଇଡି ନେଇ ଯାଆନ୍ତୁ ।
- ଛାତ୍ରଛାତ୍ରୀ ପଢ଼ା ସହିତ ପାର୍ଟ ଟାଇମ୍ ଚାକିରି ମଧ୍ୟ କରିପାରିବେ । ଏ ଲାଗି ଖର୍ଚ୍ଚ ପାଇଁ ନିଜେ ରୋଜଗାର କରିପାରିବେ ।
- ଖର୍ଚ୍ଚ ପାଇଁ ଯେତିକି ଟଙ୍କା ମିଳୁଛି, ସେତିକିରେ ଖର୍ଚ୍ଚ କରନ୍ତୁ । ଟଙ୍କା ଉଧାର ଆଣି ଖର୍ଚ୍ଚ କରନ୍ତୁ ନାହିଁ ।

ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜ ଫାଇନାଲରେ ଶ୍ରୀଲଙ୍କା

ଲାହୋର, ୨୭ ।୧୦ (ଏଜେନ୍ସି): ପାକିସ୍ତାନରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଦଳ ଭାବରେ ଶ୍ରୀଲଙ୍କା ଫାଇନାଲରେ ସ୍ଥାନ ପକ୍କା କରିଛି। ମଙ୍ଗଳବାର ଅନୁଷ୍ଠିତ ରାଉଣ୍ଡ-ରବିନ ପର୍ଯ୍ୟାୟର ଏକ ମ୍ୟାଚରେ ଶ୍ରୀଲଙ୍କା ୮ ୱିକେଟରେ ଆୟୋଜକ ପାକିସ୍ତାନକୁ ପରାସ୍ତ କରିଥିଲା। ବାମହାତୀ ଦ୍ରୁତ ବୋଲର ଦିଲସାନ ମଦୁସନକା (୫/୩୪)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ପାକିସ୍ତାନ ୨୫.୩ ଓଭରରେ ମାତ୍ର ୧୧୦ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା। ଜବାବରେ ଓପନର୍ କାମିନ୍ଦୁ ମେଣ୍ଡିସ (୬୦ ବଲରେ ୬୨ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଶ୍ରୀଲଙ୍କା ୧୮.୧ ଓଭରରେ ମାତ୍ର ୨ଟି ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ତୃତୀୟ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ଶ୍ରୀଲଙ୍କା ୪ ପଏଣ୍ଟ ପାଇ ଟେବୁଲ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ହ୍ୟାଟ୍ରିକ ବିଜୟ ପରେ ପ୍ରଥମ ପରାଜୟବରଣ କରିଥିବା ପାକିସ୍ତାନ ପୂର୍ବରୁ ୬ ପଏଣ୍ଟ ସହ ଫାଇନାଲରେ ସ୍ଥାନ ସୁରକ୍ଷିତ କରିସାରିଛି। ଇଂଲଣ୍ଡ ପୂର୍ବରୁ ହ୍ୟାଟ୍ରିକ ପରାଜୟବରଣ କରି ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଛି।

ପରାଜୟରୁ ବର୍ତ୍ତିଗଲା ନ୍ୟୁଜିଲାଣ୍ଡ-ଏ

ଲିଙ୍କନ, ୨୭ ।୧୦ (ଏଜେନ୍ସି): ଭ୍ରମଣକାରୀ ଭାରତ-ଏ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଅନ୍ଅଫିସିଆଲ ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ-ଏ ଅଳ୍ପକେ ପରାଜୟରୁ ବର୍ତ୍ତିଯାଇଛି। ୩୧୩ ରନର ଟାର୍ଗେଟକୁ ପିଛା କରିଥିବା ଘରୋଇ ନ୍ୟୁଜିଲାଣ୍ଡ-ଏ ମଙ୍ଗଳବାର ଅନ୍ତିମ ତଥା ଚତୁର୍ଥ ଦିବସରେ ୯ ୱିକେଟ ହରାଇ ଦ୍ୱିତୀୟ ପାଳିରେ ୧୮୭ ରନ କରିଥିଲା। ଖରାପ ଆଲୋକ ଯୋଗୁ ଖେଳକୁ ଆଗୁଆ ବନ୍ଦ କରାଯିବା ଫଳରେ ଧ୍ରୁବ ଜୁରେଲଙ୍କ ନେତୃତ୍ୱାଧୀନ ଭାରତ-ଏ ଦଳ ଏକ ନିଶ୍ଚିତ ବିଜୟରୁ ବଞ୍ଚିତ ହୋଇଥିଲା। ପୂର୍ବରୁ ଭାରତ-ଏ'ର ୧୧୩ ରନ ଜବାବରେ ନ୍ୟୁଜିଲାଣ୍ଡ-ଏ ପ୍ରଥମ ପାଳିରେ ୩୧୭ ରନ କରିଥିଲା। ୨୦୪ ରନ ପଛରେ ଥାଇ ଦ୍ୱିତୀୟ ପାଳିରେ ଭାରତ-ଏ ୫୧୬ ରନର ବିଶାଳ ସ୍କୋର କରିଥିଲା। ଦେବଦତ୍ତ ପାଡ଼ିକଲ ୧୯୯ ରନ କରି ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ ହୋଇଥିଲେ। ଦ୍ୱିତୀୟ ଅନଅଫିସିଆଲ ଟେଷ୍ଟ ଅକ୍ଟୋବର ୩୧ରୁ ଖ୍ରୀଷ୍ଟଚର୍ଚ୍ଚରେ ଆରମ୍ଭ ହେବ।

ସାରାଂଶଙ୍କୁ ୧୩ ୱିକେଟ; ମଧ୍ୟପ୍ରଦେଶର ବଡ଼ ବିଜୟ

ଇନ୍ଦୋର, ୨୭ ।୧୦ (ଏଜେନ୍ସି): ସାରାଂଶ ଜୈନଙ୍କ ଦମ୍ଦାର ବୋଲିଂ ବଳରେ ଏଠାରେ ଅନୁଷ୍ଠିତ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଘରୋଇ ମଧ୍ୟପ୍ରଦେଶ ଏକ ପାଳି ଓ ୧୭୪ ରନରେ ବିହାରକୁ ପରାସ୍ତ କରିଛି। ଅଫ୍-ସ୍ପିନର ଉଭୟ ପାଳିରେ ଯଥାକ୍ରମେ ୭ ଓ ୬ଟି ସହ ମୋଟ୍ ୧୩ଟି ନେଇଥିଲେ।

ୱେଲିଂଟନରେ ଅଭିଷେକ-ବୈଭବ ଝଡ଼; ନ୍ୟୁଜିଲାଣ୍ଡର ହ୍ୟାଟ୍ରିକ ପରାଜୟ

ଆଗୁଆ ସିରିଜ୍ କବ୍ଜା କଲା ଭାରତ

ୱେଲିଂଟନ, ୨୭ ।୧୦ (ଏଜେନ୍ସି)

ଦୁଇ ଓପନର୍ ଅଭିଷେକ ଶର୍ମା ଓ ବୈଭବ ସୂର୍ଯ୍ୟବଂଶୀଙ୍କ ବିଧ୍ୱଂସୀ ବ୍ୟାଟିଂ ବଳରେ ୱେଲିଂଟନରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଟି-୨୦ ମ୍ୟାଚରେ ଭ୍ରମଣକାରୀ ଭାରତ ୬ ୱିକେଟ୍ ଓ ୪୦ ବଲ୍ ବଳକା ଥାଇ ନ୍ୟୁଜିଲାଣ୍ଡକୁ ହରାଇଦେଇଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ହାରିଥିବା ଘରୋଇ ନ୍ୟୁଜିଲାଣ୍ଡ ଏଥିସହ ହ୍ୟାଟ୍ରିକ ପରାଜୟବରଣ କରିଛି। ଅପରପକ୍ଷରେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଦୁଇଟି ମ୍ୟାଚ୍ ବଳକା ଥାଇ ୩-୦ରେ ଆଗୁଆ ସିରିଜ କବ୍ଜା କରିନେଇଛି। ମାତ୍ର ୩୫ଟି ବଲରେ କ୍ୟାରିୟରର ୪ର୍ଥ ଟି-୨୦ ଶତକ ହାସଲ କରିଥିବା ଅଭିଷେକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସିରିଜର ଶେଷ ଦୁଇଟି ଟି-୨୦ ଯଥାକ୍ରମେ ଶୁକ୍ରବାର ଓ ରବିବାର ଖେଳାଯିବ।

ମିଚେଲ ଲଢ଼ିଲେ

ତୃତୀୟ ଟି-୨୦ ମୁକାବିଲାରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଡାରୀଲ ମିଚେଲଙ୍କ ଲଢ଼ୁଆ ବ୍ୟାଟିଂ ବଳରେ ୩ ୱିକେଟରେ ୧୯୮ ରନର ସମ୍ମାନଜନକ ସ୍କୋର କରିଥିଲା। ମିଚେଲ ୫ଟି ଲେଖାଏ ଚୌକା ଓ ଛକା ବଳରେ ୫୨ ବଲରୁ ୮୯ ରନର ଅପରାଜିତ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିନ ଆଲେନ ୪୦, ବେଭନ ଜ୍ୟାକବ୍ସ ଅପରାଜିତ ୩୯, ଗ୍ଲେନ ଫିଲିପ୍ସ ୧୭ ଓ ଟିମ୍ ସେଇଫର୍ଟ ୨ ରନ କରିଥିଲେ। ଅର୍ଶଦୀପ୍ ସିଂହ, ଅକ୍ଷର ପଟେଲ ଓ ନୀତୀଶ ରେଡ୍ଡୀ ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ।

୩୦ ବଲରେ ଶତକୀୟ ଭାଗୀଦାରି

୧୯୯ ରନର ଚ୍ୟାଲେଞ୍ଜିଂ ସ୍କୋରକୁ ପିଛା କରିଥିବା ଭାରତ ପାଇଁ ଦୁଇ ଓପନର୍ ସୂର୍ଯ୍ୟବଂଶୀ ଓ ଅଭିଷେକ ବିସ୍ଫୋରକ ଆରମ୍ଭ କରିଥିଲେ। ଏହି ଦୁଇ ଓପନର୍ ୧୪ଟି ବଲରେ ଅର୍ଦ୍ଧଶତକ ଓ ୩୦ ବଲରେ ରେକର୍ଡ ଶତକୀୟ ଭାଗୀଦାରି ଗଢ଼ି ବିଜୟପଥ ପରିଷ୍କାର କରିଦେଇଥିଲେ। ଚାରୋଟି ଲେଖାଏ ଚୌକା ଓ ଛକା ବଳରେ ୧୯ ବଲରୁ ୪୫ ରନ କରିଥିବା ବୈଭବଙ୍କୁ ଆଉଟ୍ କରି ମାଥ୍ୟୁ ଫ୍ରିଜର ନ୍ୟୁଜିଲାଣ୍ଡକୁ ବଡ଼ ବ୍ରେକ୍ଥ୍ରୁ ଦେଇଥିଲେ। ଆଉଟ୍ ହେବା ପୂର୍ବରୁ ଅଭିଷେକଙ୍କ ସହ ବୈଭବ ୪୩ ବଲରେ ୧୩୩ ରନର ଭାଗୀଦାରି ଗଢ଼ିଥିଲେ। ପରେ ଅଭିଷେକଙ୍କ ଶତକ ବଳରେ ଭାରତ ୧୩.୨ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୧୧ ଛକା ଓ ୯ ଚୌକା ବଳରେ ଅଭିଷେକ ୩୮ ବଲରୁ ୧୧୩ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ନଂ-୩ରେ ଆସିଥିବା ସଞ୍ଜୁ ସାମସନ ୧୮, ଅଧିନାୟକ ଆୟର ୫, ତିଳକ ବର୍ମା ୧* ଓ ନମନ ଧୀର ୪* ରନ କରିଥିଲେ।

ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ: ୧୯୮/୩, ୨୦ ଓଭର (ମିଚେଲ- ୮୯*, ଆଲେନ- ୪୦, ଜ୍ୟାକବ୍ସ-୩୯*, ଅର୍ଶଦୀପ୍- ୧/୩୩)।
ଭାରତ: ୧୯୯/୪, ୧୩.୨ ଓଭର (ଅଭିଷେକ- ୧୧୩, ସୂର୍ଯ୍ୟବଂଶୀ- ୪୫, ସାମସନ- ୧୮, ଆୟର- ୫, କାଏଲ ଜେମିସନ- ୨/୪୫)।

ସଂକ୍ଷେପରେ କୀର୍ତ୍ତିମାନ

୧୪ ବଲ୍: ଭାରତୀୟ ଦଳ ୧୪ଟି ବଲରେ ୫୦ ରନ ପୂରଣ କରିଥିଲା। ଅନ୍ତର୍ଜାତୀୟ ଟି-୨୦ରେ ଦଳଗତ ସ୍କୋର ଭାବରେ ଦ୍ରୁତତମ ଅର୍ଦ୍ଧଶତକ ହେବାରେ ଏହା ବିଶ୍ୱରେକର୍ଡ ସମକକ୍ଷ ହୋଇଛି।
୩୦ ବଲ୍: ଭାରତର ଦଳୀୟ ସ୍କୋର ୩୦ ବଲରେ ଶହେ ଛୁଇଁଥିଲା। ଯାହାକି ଟି-୨୦ରେ ଶହେ ରନ କରିବାରେ ଦ୍ରୁତତମ ଦଳଗତ ସ୍କୋର ହେବାର ବିଶ୍ୱରେକର୍ଡ ହୋଇଛି। ପୂର୍ବରୁ ରୋମାନିଆ ୩୨ ବଲରେ ଶହେ ରନ କରିଥିଲା।
୧୧୮ ରନ: ଟି-୨୦ରେ ପାୱାର ପ୍ଲେ (୬ ଓଭର)ରେ ଏହା ସର୍ବାଧିକ ଦଳଗତ ସ୍କୋର ହେବାର ମଧ୍ୟ ରେକର୍ଡ ହୋଇଛି।
୨୬ ରନ: ଭାରତ ପାଳିରେ ପ୍ରଥମ ଓଭର ବୋଲିଂ କରିଥିବା ଜାକବ ଡଫି ୨୬ ରନ ବ୍ୟୟ କରିଥିଲେ। ଯାହାକି ଟି-୨୦ରେ ସବୁଠୁ ଯୁଗ୍ମ ବ୍ୟୟବହୁଳ ପ୍ରଥମ ଓଭର ହୋଇଛି।
୩୫ ବଲ: ଆଇସିସି ପୂର୍ଣ୍ଣ ସଦସ୍ୟତା ମାନ୍ୟତାପ୍ରାପ୍ତ ଦେଶଙ୍କ ମଧ୍ୟରେ ଅଭିଷେକ ଟି-୨୦ରେ ୩ୟ ଯୁଗ୍ମ ଦ୍ରୁତତମ ଶତକ ହାସଲକାରୀ ହୋଇଛନ୍ତି।
୧୨୮: ଚଳିତ ବର୍ଷ ଓଭରଅଲ୍ ଟି-୨୦ ଫର୍ମାଟ୍ରେ ଅଭିଷେକ ୧୨୮ଟି ଛକା ମାରିସାରିଛନ୍ତି। ଗୋଟିଏ ବର୍ଷରେ ଟି-୨୦ରେ ସର୍ବାଧିକ ଛକା ମାରିବାରେ ନିକୋଲସ ପୁରନ (୧୭୦ଟି, ୨୦୨୫) ଓ କ୍ରିସ୍ ଗେଲ୍ (୧୩୫ଟି, ୨୦୧୫ରେ)ଙ୍କ ପଛକୁ ସେ ୩ୟ ସ୍ଥାନରେ ରହିଛନ୍ତି।

ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି: ଭାରତର ବିଜୟ ଅଭିଯାନ

ଜଳନ୍ଧର, ୨୭ ।୧୦ (ଏଜେନ୍ସି): ପୁରୁଷ ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିର ୯ମ ସଂସ୍କରଣ ମଙ୍ଗଳବାର ପଞ୍ଜାବରେ ଉଦ୍‌ଘାଟିତ ହୋଇଯାଇଛି। ଡିଫେଣ୍ଡିଂ ତଥା ରେକର୍ଡ ପାଞ୍ଚଥରର ବିଜେତା ଭାରତୀୟ ଦଳ ବିରାଟ ବିଜୟରୁ ଅଭିଯାନ ଆରମ୍ଭ କରିଛି। ମନଦୀପ୍ ସିଂହଙ୍କ ହ୍ୟାଟ୍ରିକ୍ ବଳରେ ଭାରତ ପ୍ରଥମ ମ୍ୟାଚରେ ୧୩-୦ ଗୋଲରେ ଦୁର୍ବଳ ବାଂଲାଦେଶକୁ ହରାଇଦେଇଛି। ବିଜୟ ସହ ଭାରତ ୩ ପଏଣ୍ଟ ପାଇ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଗୁରୁବାର ଚାଇନାକୁ ଭେଟିବ। ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ଅନ୍ୟ ଦୁଇଟି ମ୍ୟାଚରେ ମାଲେସିଆ ୫-୪ ଗୋଲରେ ଚାଇନାକୁ ଓ ଜାପାନ ୩-୨ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଉଲ୍ଲେଖଯୋଗ୍ୟ ଏହି ୬ ଦଳୀୟ ପ୍ରତିଯୋଗିତାର ଶ୍ରେଷ୍ଠ-୪ଟି ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ଭାରତ ଏହି ସମ୍ମାନଜନକ ପ୍ରତିଯୋଗିତାର ୨୦୧୧, ୨୦୧୬, ୨୦୨୩ ଓ ୨୦୨୪ ସଂସ୍କରଣରେ ଚାମ୍ପିଅନ ହୋଇଥିଲା। ବର୍ଷା ଲାଗି ୨୦୧୮ ଫାଇନାଲ ଧୋଇଯିବା ଯୋଗୁ ପାକିସ୍ତାନ ସହ ଭାରତ ଯୁଗ୍ମ ବିଜେତା ରହିଥିଲା। ତେଣୁ ଭାରତ ଏଥର କ୍ରମାଗତ ୩ୟ ଓ ମୋଟ୍ ଉପରେ ଷଷ୍ଠ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛି।

ଓଡ଼ିଶା-ସର୍ଭିସେସ୍ ରଣଜୀ ଲଢ଼େଇରେ 'ଅର୍ଣ୍ଣବ'ର ପ୍ରକୋପ

ଭୁବନେଶ୍ୱର, ୨୭ ।୧୦ (ସମିସ): ଘରୋଇ ଓଡ଼ିଶା ଓ ସର୍ଭିସେସ ମଧ୍ୟରେ ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ଲଢ଼େଇର ଦ୍ୱିତୀୟ ଦିବସ ଖେଳ ବର୍ଷା ଲାଗି ବାଧାପ୍ରାପ୍ତ ହୋଇଛି। ବାତ୍ୟା 'ଅର୍ଣ୍ଣବ'ର ପ୍ରକୋପ ଯୋଗୁ ମଙ୍ଗଳବାର ଦିନସାରା ରାଜଧାନୀ ଭୁବନେଶ୍ୱରରେ ବର୍ଷା ଲାଗି ରହିଥିଲା। ଫଳରେ ବର୍ଷା ଯୋଗୁଁ ଏହି ରଣଜୀ ଲଢ଼େଇର ଦ୍ୱିତୀୟ ଦିବସ ଖେଳ ସମ୍ପୂର୍ଣ୍ଣ ଧୋଇଯାଇଛି। ଗୋଟିଏ ମଧ୍ୟ ବଲ୍ ପଡ଼ିବା ସମ୍ଭବପର ହୋଇପାରି ନ ଥିଲା। ପୂର୍ବରୁ ପ୍ରଥମ ଦିବସରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୮୨.୩ ଓଭରରେ ମାତ୍ର ୧୯୪ ରନ କରି ପ୍ରଥମ ପାଳିରେ ଅଲ୍ଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ସର୍ଭିସେସ ପକ୍ଷରୁ ସ୍ପିନର ପୁଲକିତ୍ ନାରଙ୍ଗ ୬ଟି ୱିକେଟ ନେଇ ଓଡ଼ିଶାର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଜବାବରେ ସର୍ଭିସେସ ପ୍ରଥମ ପାଳିରେ ୫ ଓଭର ଖେଳି କୌଣସି ୱିକେଟ ନ ହରାଇ ୧୩ ରନ କରିଛି।

ବାତ୍ୟାର ପ୍ରକୋପରେ ବର୍ଷା ଆଗାମୀ ଦୁଇଦିନ ଜାରି ରହିବାର ସମ୍ଭାବନା ରହିଛି। ତେଣୁ ମ୍ୟାଚର ତୃତୀୟ (ବୁଧବାର) ଓ ଶେଷଦିନ (ଗୁରୁବାର) ମଧ୍ୟ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି।

ସିଏସ୍‌କେ କୋଚିଂ ଟିମ୍‌ରେ ମୋର୍କେଲ, ମୋହିତ୍ ସାମିଲ

ଚେନ୍ନଇ, ୨୭ ।୧୦ (ଏଜେନ୍ସି): ଆଇପିଏଲର ଆଗାମୀ ୨୦ତମ ସଂସ୍କରଣ ଲାଗି ଆଲବି ମୋର୍କେଲ ଓ ମୋହିତ୍ ଶର୍ମା ଚେନ୍ନଇ ସୁପର୍ କିଙ୍ଗ୍ସ (ସିଏସକେ)ର କୋଚିଂ ଟିମରେ ସାମିଲ ହୋଇଛନ୍ତି। ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର ମୋର୍କେଲଙ୍କୁ ସିଏସକେ'ର ସହାୟକ କୋଚ୍ ନିଯୁକ୍ତ କରାଯାଇଛି। ୪୫ ବର୍ଷୀୟ ମୋର୍କେଲ ୨୦୧୦ ଓ ୨୦୧୧ରେ ଆଇପିଏଲ୍ ଚାମ୍ପିଅନ ହୋଇଥିବା ସିଏସକେ' ଦଳର ଅନ୍ୟତମ ପ୍ରମୁଖ ସଦସ୍ୟ ରହିଥିଲେ। ଏବେ ସେ ପ୍ରଶିକ୍ଷକ ଭାବେ ଦଳ ସହ କାର୍ଯ୍ୟ କରିବେ। ସେହିଭଳି ମୋହିତଙ୍କୁ ସିଏସକେ'ର ବୋଲିଂ କୋଚ୍ ଦାୟିତ୍ୱ ମିଳିଛି। ମୋହିତ୍ ମଧ୍ୟ ପୂର୍ବରୁ ଖେଳାଳି ଭାବରେ ୨୦୧୪, ୨୦୧୫ ଓ ୨୦୧୯ ସିଜନରେ ଚେନ୍ନଇ ପାଇଁ ଖେଳିଥିଲେ।

● ସିକେ ନାଇଡୁ ଟ୍ରଫି

ଗୋଆ ବିପକ୍ଷରେ ଓଡ଼ିଶା ୧୯୯ରେ ସୀମିତ

ଭୁବନେଶ୍ୱର, ୨୭ ।୧୦ (ସମିସ): ଘରୋଇ ଗୋଆ ବିପକ୍ଷରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ପ୍ରଥମ ପାଳିରେ ଦୟନୀୟ ବ୍ୟାଟିଂ ପ୍ରଦର୍ଶନ କରିଛି। ଗୋଆର କୁଶଭାଟି ଜିଲ୍ଲା ସାଙ୍ଗୁଏମ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଚାରିଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୫୯.୨ ଓଭରରେ ମାତ୍ର ୧୯୯ ରନ କରି ପ୍ରଥମ ପାଳିରେ ସୀମିତ ରହିଛି। ଦଳ ପକ୍ଷରୁ ପାନକଳ ଶଶାଙ୍କ ୫୩ ଓ ଆୟୁଷ ସୁତାର ୩୯ ରନ କରିଥିଲେ। ଗୋଆ ପକ୍ଷରୁ ଅଫ୍-ସ୍ପିନର ଦୀପ୍ କାଶଭାଙ୍କର ୩୬ ରନ ବ୍ୟୟରେ ୬ଟି ୱିକେଟ ନେଇ ଓଡ଼ିଶାର ସର୍ବାଧିକ କ୍ଷତି ପହଞ୍ଚାଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଗୋଆ ମଙ୍ଗଳବାର ଷ୍ଟମ୍ପ ସୁଦ୍ଧା ୨୭ ଓଭର ଖେଳି ଗୋଟିଏ ୱିକେଟରେ ୬୫ ରନ କରିଛି। ପ୍ରଥମ ପାଳିର ୯ଟି ୱିକେଟ ବଳକା ଥାଇ ଗୋଆ ଆହୁରି ୧୩୪ ରନ ପଛରେ ରହିଛି।

ଜାତୀୟ ଜୁନିଅର ଉଷୁରେ ଭାଗନେବ ୩୪ ଜଣିଆ ଓଡ଼ିଶା ଦଳ

ଭୁବନେଶ୍ୱର, ୨୭ ।୧୦ (ସମିସ): ଜାତୀୟ ଜୁନିଅର ଉଷୁ ଚାମ୍ପିଅନସିପର ୨୫ତମ ସଂସ୍କରଣ ଅକ୍ଟୋବର ୨୮ ତାରିଖରୁ ଚେନ୍ନଇର ଜେପିଆର ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବ। ଏଥିରେ ଭାଗନେବା ଲାଗି ୩୪ ଜଣିଆ ଓଡ଼ିଶା ଉଷୁ ଦଳ ଗତକାଲି ତାମିଲନାଡୁ ଅଭିମୁଖେ ଯାତ୍ରା କରିଛି। ଦଳରେ ୨୮ ଜଣ ଖେଳାଳି ରହିଥିବାବେଳେ ୪ଜଣ ଅଫିସିଆଲ ଓ ୨ଜଣ ଟେକନିକାଲ ଅଫିସିଆଲ ସାମିଲ ରହିଛନ୍ତି। ପ୍ରଦ୍ୟୁମ୍ନ ବେହେରା ଓ ସୁଶାନ୍ତ ନାଏକ ଜଜ୍ ଭାବରେ ଦାୟିତ୍ୱ ତୁଲାଇବେ। ସେହିଭଳି ପଙ୍କଜ ମହାନ୍ତ ଓ ଯୁଧିଷ୍ଠିର ଗୁରୁହଣ୍ଡି କୋଚ୍ ଭାବରେ ଦଳ ସହ ଯାତ୍ରା କରିଛନ୍ତି। ଏହି ଅବସରରେ ଓଡ଼ିଶା ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ସମ୍ପାଦକ ଯୁବରାଜ ହରିଚନ୍ଦନ ରାଜ୍ୟ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ସିନିଅର ନ୍ୟାସନାଲ ଆକ୍ୱାଟିକ

ଓଡ଼ିଶା ମହିଳା ରିଲେ ଦଳକୁ ସ୍ୱର୍ଣ୍ଣିମ ସଫଳତା

ଭୁବନେଶ୍ୱର, ୨୭ ।୧୦ (ସମିସ): ଅହମ୍ମଦାବାଦରେ ଚାଲିଥିବା ସର୍ଟ କୋର୍ସ ସିନିଅର ନ୍ୟାସନାଲ ଆକ୍ୱାଟିକ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଆଉ ଏକ ସ୍ୱର୍ଣ୍ଣ ପଦକ ମିଳିଛି।

ମଙ୍ଗଳବାର ଅନୁଷ୍ଠିତ ମହିଳା ୪ ଗୁଣା ୧୦୦ ମିଟର ମିଡ୍‌ଲେ ରିଲେରେ ଓଡ଼ିଶା ଦଳ ଏହି ସଫଳତା ପାଇଛି। ପ୍ରତ୍ୟାଶା ରାୟ, ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ସ୍ରିଷ୍ଟି ଉପାଧ୍ୟାୟ ଓ ସୋନିଆ ପଟେଲଙ୍କୁ ନେଇ ଗଠିତ ଓଡ଼ିଶା ରିଲେ ଦଳ ୪ ମିନିଟ୍ ୨୨.୩୨ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା। ୪ ମିନିଟ୍ ୨୭.୨୧ ସେକେଣ୍ଡ ଟାଇମିଂ ସହ କର୍ଣ୍ଣାଟକ ମହିଳା ଦଳ ରୌପ୍ୟ ପଦକ ହାସଲ କରିଥିଲା। ଉଲ୍ଲେଖଯୋଗ୍ୟ ଏଥିପୂର୍ବରୁ ପ୍ରଥମ ଦୁଇଦିନରେ ପ୍ରତ୍ୟାଶା ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଫଳରେ ଏହା ତାଙ୍କ ଲାଗି ତୃତୀୟ ସ୍ୱର୍ଣ୍ଣିମ ସଫଳତା ହୋଇଛି।

● ଜାତୀୟ ବିଦ୍ୟାଳୟ କ୍ରୀଡ଼ା

ଏହେସାସ୍‌ଙ୍କୁ ରେଫରୀ ଦାୟିତ୍ୱ

ଭୁବନେଶ୍ୱର, ୨୭ ।୧୦ (ସମିସ): ଜମ୍ମୁ-କାଶ୍ମୀରରେ ଆୟୋଜିତ ୭୦ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ାରେ ଓଡ଼ିଶାର ଏହେସାସ ହୋତା ରେଫରୀ ଭାବରେ ମ୍ୟାଚ୍ ପରିଚାଳନା କରିଛନ୍ତି। ଗାନ୍ଦରବଲ୍‌ସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଏହେସାସଙ୍କୁ ୧୭ ବର୍ଷରୁ କମ୍ (ବାଳକ ଓ ବାଳିକା) ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ପରିଚାଳନା ପାଇଁ ରେଫରୀ ଦାୟିତ୍ୱ ଦିଆଯାଇଥିଲା। ଏହେସାସ୍ ଏଥିଲାଗି ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ ଓ ସ୍କୁଲ ଗେମ୍ସ ଫେଡେରେସନ ଅଫ ଇଣ୍ଡିଆକୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରଥମଥର ବାଲନ୍ ଡି'ଓର ପୁରସ୍କାର ଜିତିଲେ କେନ୍

ଲଣ୍ଡନ, ୨୭ ।୧୦ (ଏଜେନ୍ସି)

ଇଂଲଣ୍ଡ ଫୁଟବଲ ଦଳର ଅଧିନାୟକ ହ୍ୟାରୀ କେନ୍ କ୍ୟାରିୟରରେ ପ୍ରଥମଥର ଲାଗି 'ବାଲନ ଡି'ଓର୍' ପୁରସ୍କାର ଜିତିଛନ୍ତି। ବିଶ୍ୱ ଫୁଟବଲର ଏହି ସର୍ବୋଚ୍ଚ ପୁରସ୍କାରର ୭୦ତମ ବାର୍ଷିକ ଉତ୍ସବ ଗତକାଲି ରାତିରେ ଲଣ୍ଡନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବର୍ଷର ଶ୍ରେଷ୍ଠ ପୁରୁଷ ଫୁଟବଲର୍ ଭାବରେ କେନ୍ ବାଲନ୍ ଡି'ଓର ପୁରସ୍କାର ଜିତିଛନ୍ତି। ଗତ ୨୫ ବର୍ଷ ମଧ୍ୟରେ କେନ୍ ପ୍ରଥମ ଇଂଲିଶ ପୁରୁଷ ଫୁଟବଲର୍ ଭାବେ ଏହି ସର୍ବୋଚ୍ଚ ପୁରସ୍କାର ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଶେଷ ଇଂଲିଶ ଫୁଟବଲର୍ ଭାବରେ ୨୦୦୧ ମସିହାରେ ମାଇକେଲ ଓୱେନ ଏହି ପୁରସ୍କାର ଜିତିଥିଲେ। ଭୋଟିଂରେ ଫ୍ରାନ୍ସ ସୁପରଷ୍ଟାର୍ କିଲିଆନ୍ ଏମ୍‌ବାପ୍ପେ, ବିଶ୍ୱକପ୍ ବିଜେତା ସ୍ପେନର ଲାମିନେ ୟମାଲଙ୍କୁ ପଛରେ ପକାଇ କେନ୍ ଏହି ଟ୍ରଫି ବାଜିମାତ୍ କରିନେଇଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ଫିଫା ବିଶ୍ୱକପରେ କେନ୍‌ଙ୍କ ନେତୃତ୍ୱରେ ଇଂଲଣ୍ଡ ଦଳ କାଂସ୍ୟ ପଦକ ହାସଲ କରିଥିଲା।

ଅପରପକ୍ଷରେ ସ୍ପାନିଶ ମିଡ୍‌ଫିଲ୍ଡର ଆଲେକ୍ସିଆ ପୁଟେଲାସ ବର୍ଷର ଶ୍ରେଷ୍ଠ ମହିଳା ଫୁଟବଲର୍ ବିବେଚିତ ହୋଇଛନ୍ତି। ୩୨ ବର୍ଷୀୟା ଆଲେକ୍ସିଆ ତାଙ୍କ କ୍ୟାରିୟରରେ ତୃତୀୟଥର ଲାଗି ବାଲନ୍ ଡି'ଓର୍ ପୁରସ୍କାର ହାସଲ କରିଛନ୍ତି। ଏଥିପୂର୍ବରୁ ସେ ୨୦୨୧ ଓ ୨୦୨୨ରେ କ୍ରମାଗତ ଦୁଇବର୍ଷ ଧରି 'ବାଲନ ଡି'ଓର ଫେମିନି' ପୁରସ୍କାର ହାସଲ କରିଥିଲେ। ଏହି ପୁରସ୍କାରକୁ ୩ଥର ଜିତିବାରେ ଆଲେକ୍ସିଆ ସାଥୀ ସ୍ପାନିଶ ଖେଳାଳି ଆଇତାନା ବୋନମାତିଙ୍କ ସହ ସମକକ୍ଷ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଫ୍ରାନ୍ସଭିତ୍ତିକ ଏହି ପୁରସ୍କାର ପ୍ରଥମଥର ଲାଗି ଫ୍ରାନ୍ସ ଓ ସୁଇଜରଲାଣ୍ଡ ବାହାରେ ଆୟୋଜିତ ହୋଇଥିଲା। ଯେଉଁଥିରେ ବିଶ୍ୱ ଚାମ୍ପିଅନ ସ୍ପେନର ଆଧିପତ୍ୟ ଦେଖିବାକୁ ମିଳିଥିଲା।

୨୦୨୬ ବାଲନ ଡି'ଓର ପୁରସ୍କାର ତାଲିକା

ଶ୍ରେଷ୍ଠ ପୁରୁଷ ଫୁଟବଲର୍: ହ୍ୟାରୀ କେନ୍ (ଇଂଲଣ୍ଡ)
ଶ୍ରେଷ୍ଠ ମହିଳା ଫୁଟବଲର୍: ଆଲେକ୍ସିଆ ପୁଟେଲାସ (ସ୍ପେନ)
ଶ୍ରେଷ୍ଠ ପୁରୁଷ ଷ୍ଟ୍ରାଇକର: ହ୍ୟାରୀ କେନ୍ (ଇଂଲଣ୍ଡ)
ଶ୍ରେଷ୍ଠ ମହିଳା ଷ୍ଟ୍ରାଇକର: ଚାର୍ଲିନ କୋରାଲ (ମେକ୍ସିକୋ)
ଶ୍ରେଷ୍ଠ ପୁରୁଷ ଗୋଲକିପର: ଉନାଇ ସିମନ (ସ୍ପେନ)
ଶ୍ରେଷ୍ଠ ମହିଳା ଗୋଲକିପର: କାଟା କୋଲା (ସ୍ପେନ)
ଶ୍ରେଷ୍ଠ ପୁରୁଷ ପ୍ରଶିକ୍ଷକ: ଲୁଇସ ଡି ଲା ଫୁଏଣ୍ଟେ (ସ୍ପେନ)
ଶ୍ରେଷ୍ଠ ମହିଳା ପ୍ରଶିକ୍ଷକ: ପେରେ ରୋମେଉ (ସ୍ପେନ)
ଶ୍ରେଷ୍ଠ ଯୁବ ଖେଳାଳି: ଲାମିନେ ୟମାଲ (ସ୍ପେନ)

ବିଡବ୍ଲ୍ୟୁଏଫ୍ ର୍‍ୟାଙ୍କିଙ୍ଗରେ ୮ମକୁ ଉଠିଲେ ସିନ୍ଧୁ

ନୂଆଦିଲ୍ଲୀ, ୨୭ ।୧୦ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁଙ୍କ ବିଶ୍ୱ ମାନ୍ୟତାରେ ଉନ୍ନତି ଘଟିଛି। ମଙ୍ଗଳବାର ସଦ୍ୟପ୍ରକାଶିତ ବିଡବ୍ଲ୍ୟୁଏଫ୍ ର୍‍ୟାଙ୍କିଙ୍ଗର ମହିଳା ସିଙ୍ଗଲ୍ସରେ ସିନ୍ଧୁ ଟପ୍-୧୦ରେ ପ୍ରବେଶ କରିଛନ୍ତି। ସିନ୍ଧୁ ୩ଟି ପାହାଚ ଉପରକୁ ଉଠି ୮ମ ସ୍ଥାନରେ ରହିଛନ୍ତି। ଶେଷ ହୋଇଥିବା ଫ୍ରେଞ୍ଚ ଓପନ୍‌ରେ ସିନ୍ଧୁ ଦମ୍‌ଦାର ପ୍ରଦର୍ଶନ କରି ରନର୍ସଅପ୍ ରହିଥିଲେ। ଫାଇନାଲରେ ସେ ବିଶ୍ୱର ଅଲିମ୍ପିକ ଓ ବିଶ୍ୱ ଚାମ୍ପିଅନ ଦକ୍ଷିଣ କୋରିଆର ଆନ୍ ସି ୟଙ୍ଗ୍‌ଙ୍କ ନିକଟରୁ ହାରିଯାଇଥିଲେ। ସିନ୍ଧୁଙ୍କୁ ହରାଇ ଫ୍ରେଞ୍ଚ ଓପନ୍ ଟାଇଟଲ୍ ଜିତିଥିବା ୟଙ୍ଗ ପୂର୍ବଭଳି ମାନ୍ୟତାର ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ସେହିଭଳି ଅନ୍ୟତମ ଭାରତୀୟ ମହିଳା ଖେଳାଳି ଅସ୍ମିତା ଚଲିହା ୩୬ରୁ ୩୦ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି।

ଫିବା ପ୍ରୋ ବିଚ୍ ଭଲିବଲ୍‌ରେ ଓଡ଼ିଶାରୁ ୩ ଅଫିସିଆଲ୍



ଭୁବନେଶ୍ୱର, ୨୭ ।୧୦ (ସମିସ): ଫିବା ପ୍ରୋ ବିଚ୍ ଭଲିବଲ୍ ପ୍ରତିଯୋଗିତା ନଭେମ୍ବର ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ହେବ। ଏଥିରେ ୪ଜଣିଆ ଭାରତୀୟ ପୁରୁଷ ଓ ମହିଳା ବିଚ୍ ଭଲିବଲ୍ ଦଳ ଅଂଶଗ୍ରହଣ କରିବ। ଭରତ ସୋନୁ ଓ ରାଜେଶ ବିନୟଗୋଥୀ ପୁରୁଷ ଦଳରେ ଏବଂ ପବିତ୍ରା ସୁଡଲାଇକାଶି ଏବଂ ଦୀପିକା କନ୍ଦାସ୍ୱାମୀ ମହିଳା ଦଳର ସଦସ୍ୟ ରହିଛନ୍ତି। ଓଡ଼ିଶାରୁ ୩ଜଣ ଅଫିସିଆଲ ଭାବେ ଭାରତୀୟ ଦଳ ସହ ନ୍ୟୁଜିଲାଣ୍ଡ ଯାତ୍ରା କରିବାକୁ ମନୋନୀତ ହୋଇଛନ୍ତି। ଲୋତକବିନ୍ଦୁ ଦାସ ମ୍ୟାନେଜର ଏବଂ ରମେଶ ଓଝା ଓ ଝିଲ୍ଲୀଲତା ସେନ ଯଥାକ୍ରମେ ପୁରୁଷ ଓ ମହିଳା ଦଳର ସହାୟକ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ଭାରତର ଉଭୟ ପୁରୁଷ ଓ ମହିଳା ଦଳ ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟରେ ଥିବା ଫିବା ଇଣ୍ଟରନ୍ୟାସନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଅଭ୍ୟାସ ଜାରି ରଖିଛନ୍ତି। ଏହି ଅବସରରେ ପ୍ରଫେସର ଅଚ୍ୟୁତ ସାମନ୍ତ ମନୋନୀତ ଖେଳାଳି ଓ ଅଫିସିଆଲଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY